# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ପୃଷ୍ଠା–୧୨+୮

ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୧/୨୦୨୬ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 21/2026 Page 20 ₹ 7.00

୫୨ଶ ଭାଗ ୮୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 89 ମୂଲ୍ୟ ₹୭/-





ଭାରତ–ଆମେରିକା ବାଣିଜ୍ୟ ଚୁକ୍ତିକୁ ବିରୋଧ କରି ନୂଆଦିଲ୍ଲୀ ଭାରତ ମଣ୍ଡପମ୍‌ଠାରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍‌ସ୍ଥଳରେ ଶୁକ୍ରବାର କଂଗ୍ରେସ ଯୁବ କର୍ମୀଙ୍କ ଶାର୍ଟ ଖୋଲି ବିକ୍ଷୋଭ।

## ଟ୍ରମ୍ପ୍‌ଙ୍କୁ ଧକ୍କା, ଟାରିଫ୍‌କୁ ବେଆଇନ କହିଲେ ଆମେରିକା ସୁପ୍ରିମକୋର୍ଟ

ୱାଶିଂଟନ୍,୨୦।୨

ଟାରିଫ୍ ନୀତିକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଶୁକ୍ରବାର ଶକ୍ତ ଧକ୍କା ଲାଗିଛି। ସୁପ୍ରିମକୋର୍ଟ ଟ୍ରମ୍ପ୍‌ଙ୍କ ଟାରିଫ୍ ଲାଗୁ କରିବା ଅଧିକାରକୁ ବେଆଇନ କହିବା ସହିତ ଏହାକୁ ରଦ୍ଦ କରିଦେଇଛନ୍ତି। ଦେଶର ଅର୍ଥନୀତିକୁ ତ୍ୱରାନ୍ୱିତ କରିବା ଲାଗି ରାଷ୍ଟ୍ରପତି ଟ୍ରମ୍ପ୍ ଆମେରିକାର ସବୁ ବାଣିଜ୍ୟ ଅଂଶୀଦାର ରାଷ୍ଟ୍ରଙ୍କ ଉପରେ ଯେଉଁଭଳି ଟାରିଫ୍ ଲଗାଇଛନ୍ତି , ତାହା ତାଙ୍କ ଅଧିକାର ବାହାରେ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଆମେରିକାର ଇଣ୍ଟରନ୍ୟାଶନାଲ ଇମର୍ଜେନ୍ସି ଇକୋନୋମିକ୍ ପାୱାର୍ସ ଆକ୍ଟ(ଆଇଇଇପିଏ),୧୯୭୭କୁ ଆଧାର କରି ଟ୍ରମ୍ପ୍ ବିଭିନ୍ନ ରାଷ୍ଟ୍ର ଉପରେ ଟାରିଫ୍ ଲାଗୁ କରିଛନ୍ତି। କିନ୍ତୁ ଏହି ଆଇନ ଅନୁସାରେ ଟାରିଫ୍ ଲାଗୁ କରିବା ଅଧିକାର ରାଷ୍ଟ୍ରପତିଙ୍କ ନାହିଁ ବୋଲି ପ୍ରଧାନ ବିଚାରପତି ଜଷ୍ଟିସ୍ ଜନ୍ ରବର୍ଟସ୍ କହିଛନ୍ତି। ସୁପ୍ରିମକୋର୍ଟର ଏକ ପୂର୍ବ ରୁଲିଂକୁ ଭିତ୍ତିକରି ଜଷ୍ଟିସ୍ ରବର୍ଟସ୍ କହିଛନ୍ତି, ବୈଶ୍ୱିକ ଅର୍ଥନୀତିକୁ ପ୍ରଭାବିତ କରିବା ଭଳି ଟ୍ରମ୍ପଙ୍କ ଟାରିଫ୍ ନିଷ୍ପତ୍ତି ବିବାଦୀୟ। ରାଷ୍ଟ୍ରପତି ଏଭଳି କୌଣସି ନିଷ୍ପତ୍ତି ନେବା ପୂର୍ବରୁ କଂଗ୍ରେସରେ ଆଲୋଚନା କରି ଅନୁମତି ନେବା କଥା। କିନ୍ତୁ ଟ୍ରମ୍ପ୍ ସେଭଳି ନ କରି ନିଜର ଅତିରିକ୍ତ କ୍ଷମତା ପ୍ରୟୋଗରେ ନିଜେ ନିଷ୍ପତ୍ତି ନେଇଛନ୍ତି। ଆଇଇଇପିଏ ତାଙ୍କୁ ଏହି ଅଧିକାର ଦେଇ ନାହିଁ ବୋଲି ପ୍ରଧାନ ବିଚାରପତି ଜଷ୍ଟିସ୍ ରବର୍ଟସ୍ କହିଛନ୍ତି। ପୂର୍ବରୁ ଟ୍ରମ୍ପଙ୍କ ଟାରିଫ୍ ନୀତିକୁ ଚ୍ୟାଲେଞ୍ଜ କରି ତଳ କୋର୍ଟରେ ମାମଲା ରୁଜୁ ହୋଇଥିଲା ବେଳେ କୋର୍ଟ ଏହାକୁ ଖାରଜ୍ କରିଦେଇଥିଲେ। ସୁପ୍ରିମକୋର୍ଟ ତଳ କୋର୍ଟଙ୍କ ରାୟ କାଏମ ରଖିବା ସହିତ ଟ୍ରମ୍ପଙ୍କ ଟାରିଫ୍ ଅଧିକାରକୁ ଖାରଜ କରିଛନ୍ତି। ଏହି ରାୟ ବିରୋଧରେ ୩ ବିଚାରପତି ମତ ଦେଇଥିଲା ବେଳେ ପ୍ରଧାନ ବିଚାରପତିଙ୍କ ସମେତ ୬ ବିଚାରପତି ସପକ୍ଷରେ ମତ ଦେଇଥିଲେ। ଫଳରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ସୁପ୍ରିମକୋର୍ଟଙ୍କ ଏହି ଐତିହାସିକ ରାୟକୁ ନେଇ ଅନ୍ତର୍ଜାତୀୟ ପୁଞ୍ଜି ବଜାର ମଧ୍ୟ ବହୁମାତ୍ରାର ପ୍ରଭାବିତ ହେବାର ଆଶଙ୍କା ବଢ଼ାଇଛି।

ଅନ୍ୟପକ୍ଷରେ ଭାରତ ସମେତ ଯେଉଁସବୁ ରାଷ୍ଟ୍ର ଉପରେ ଟ୍ରମ୍ପ୍ ପ୍ରଶାସନ ଟାରିଫ୍ ଲାଗୁ କରିଛି, ସେଗୁଡ଼ିକର ସ୍ଥିତି ଏବେ କ'ଣ ହେବ ବୋଲି ପ୍ରଶ୍ନ ଉଠିଛି। ଟ୍ରମ୍ପ୍ ବିଭିନ୍ନ ରାଷ୍ଟ୍ର ଉପରେ ଜବାବୀ ଟାରିଫ୍ ଏବଂ ଦଣ୍ଡାତ୍ମକ ଟାରିଫ୍ ଲଗାଇଥିଲେ। ଭାରତ ଉପରେ ୨୫% ଦଣ୍ଡାତ୍ମକ ଟାରିଫ୍‌କୁ ପ୍ରତ୍ୟାହାର କରି ନିଆଯାଇଥିଲା ବେଳେ ୧୮% ଟାରିଫ୍ ଲାଗୁ କରାଯାଇଥିଲା। କିନ୍ତୁ ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ଟାରିଫ୍ ଅବୈଧ ହୋଇଯାଇଛି। ତେଣୁ ଟାରିଫ୍‌କୁ ନେଇ ଭାରତ ସମେତ ଅନ୍ୟ ଦେଶର ସ୍ଥିତି ଏବେ କ'ଣ ହେବ ତାହା ଚର୍ଚ୍ଚା ପରିସରକୁ ଆସିଛି।

## ଫୁଟ୍‌ବଲ ଖେଳକୁ କେନ୍ଦ୍ରକରି ରେଭେନ୍‌ଶାରେ ଗୋଷ୍ଠୀ ସଂଘର୍ଷ

■ ଇଷ୍ଟ ହଷ୍ଟେଲ, ନିୟୁ ହଷ୍ଟେଲର ଛାତ୍ର ଆହତ

■ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ

କଟକ,୨୦।୨(କୁମାରଶ୍ରୀ)

ଫୁଟ୍‌ବଲ ଖେଳକୁ କେନ୍ଦ୍ର କରି ଶୁକ୍ରବାର ରାତିରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଦୁଇ ହଷ୍ଟେଲର ଅନ୍ତେବାସୀଙ୍କ ମଧ୍ୟରେ ଗଣ୍ଡଗୋଳ ଯୋଗୁ ବିଶ୍ୱବିଦ୍ୟାଳୟ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଏଥିରେ ଉଭୟ ହଷ୍ଟେଲର କେତେଜଣ ଛାତ୍ର ଆହତ ହୋଇଥିବା ଜଣାପଡ଼ିଛି। ସେମାନଙ୍କୁ ଚିକିତ୍ସା ନିମନ୍ତେ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଚାପା ଉତ୍ତେଜନା ଲାଗି ରହିଥିବାରୁ ମାଲଗୋଦାମ ଥାନା ପୋଲିସ ପକ୍ଷରୁ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।

ମିଳିଥିବା ସୂଚନା ମୁତାବକ, ରେଭେନ୍‌ଶାରେ ଆନ୍ତଃ ହଷ୍ଟେଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଜାରି ରହିଛି। ଶୁକ୍ରବାର ଇଷ୍ଟ ହଷ୍ଟେଲ ଏବଂ ନିୟୁ ହଷ୍ଟେଲ ମଧ୍ୟରେ ଏକ ମ୍ୟାଚ ଖେଳାଯାଇଥିଲା। ☞ପୃଷ୍ଠା–୬

## ନ୍ୟାୟିକ ଅଧିକାରୀ ନିଯୁକ୍ତ କର: ସୁପ୍ରିମକୋର୍ଟ

**ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ଗତ କିଛି ମାସ ଧରି ବିଭିନ୍ନ ରାଜ୍ୟରେ ବିବାଦୀୟ ସ୍ଥିତି ଉପୁଜିଛି। ନିର୍ବାଚନ କମିଶନ (ଇସି)ଙ୍କ ସହ ପଶ୍ଚିମବଙ୍ଗ ସରକାର ଏହି ପ୍ରସଙ୍ଗରେ ବାରମ୍ବାର ମୁହାଁମୁହିଁ ହେଉଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ଶୁକ୍ରବାର ପ୍ରଧାନ ବିଚାରପତି(ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଖଣ୍ଡପୀଠ ସମାଧାନର ବାଟ ଦେଖାଇଛନ୍ତି। ପଶ୍ଚିମବଙ୍ଗରେ ଇସି ଓ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଏସ୍‌ଆଇଆର୍ କାର୍ଯ୍ୟରେ ସହଯୋଗ କରିବା ଲାଗି କାର୍ଯ୍ୟରତ କିମ୍ବା ପୂର୍ବତନ ଜଜ୍‌ମାନଙ୍କୁ ନିୟୋଜିତ କରିବାକୁ ସର୍ବୋଚ୍ଚ ଅଦାଲତ କଲିକତା ହାଇକୋର୍ଟଙ୍କୁ ପରାମର୍ଶ ଦେଇଛନ୍ତି।**

ନୂଆଦିଲ୍ଲୀ,୨୦।୨(ପି.ଟି.)

ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ବିବାଦ ଦେଖାଦେଇଥିବାବେଳେ ନିର୍ବାଚନ କମିଶନ (ଇସି)ଙ୍କୁ ସହାୟତା କରିବା ଲାଗି କାର୍ଯ୍ୟରତ ଏବଂ ପୂର୍ବତନ ଜିଲା ଜଜ୍‌ମାନଙ୍କୁ ନିୟୋଜିତ କରିବାକୁ ସୁପ୍ରିମକୋର୍ଟ

### ପଶ୍ଚିମବଙ୍ଗ ଏସ୍‌ଆଇଆର୍ ବିବାଦ

ଶୁକ୍ରବାର କଲିକତା ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଇସି ଏବଂ ତୃଣମୂଳ କଂଗ୍ରେସ ନେତୃତ୍ୱାଧୀନ ସରକାରଙ୍କ ☞ପୃଷ୍ଠା–୬






ରମ୍‌ଜାନ୍ ମାସ ଅବସରରେ ଶୁକ୍ରବାର ଜମ୍ମୁ-କଶ୍ମୀରର ଶ୍ରୀନଗରସ୍ଥିତ ଏକ ମଦ୍ରାସାରେ ପିଲାମାନେ ପବିତ୍ର କୋରାନ ଆବୃତ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି।

# ଭାରତ-ଆମେରିକା ପାକ୍ସ ସିଲିକା ଚୁକ୍ତି ସ୍ୱାକ୍ଷରିତ

ନୂଆଦିଲ୍ଲୀ,୨୦।୨

ଆମେରିକା ଓ ଭାରତ ମଧ୍ୟରେ ଗତ ମାସରେ ଅନ୍ତରୀଣ ବାଣିଜ୍ୟ ବୁଝାମଣା(ଟ୍ରେଡ୍ ଡିଲ୍) ପରେ ଶୁକ୍ରବାର ‘ପାକ୍ସ ସିଲିକା’ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଦିଲ୍ଲୀରେ ଚାଲିଥିବା ଭାରତ ଏଆଇ ଇମ୍ପାକ୍ଟ ସମିଟ୍ ଅବସରରେ ଭାରତରେ ଅବସ୍ଥାପିତ ଆମେରିକୀୟ ରାଷ୍ଟ୍ରଦୂତ ସର୍ଜିଓ ଗୋରଙ୍କ ଉପସ୍ଥିତିରେ କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଆମେରିକାର ଅର୍ଥନୈତିକ ବ୍ୟାପାର ଉପ ସଚିବ ଜ୍ୟାକବ୍ ହାଲବର୍ଗ ଏହି ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ଆଗାମୀ ଦିନରେ ଦୁଇ ଦେଶ ମଧ୍ୟରେ ବୈଷୟିକ ସୁରକ୍ଷା,ଯୋଗାଣ ଶୃଙ୍ଖଳ, ପରବର୍ତ୍ତୀ ପିଢ଼ି ଶିଳ୍ପୋଦ୍ୟୋଗ ଏବଂ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଭିତ୍ତିଭୂମି ବିକାଶ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି।

ଉଲ୍ଲେଖଯୋଗ୍ୟ, ଆମେରିକା ନେତୃତ୍ୱରେ ଆରମ୍ଭ ହୋଇଥିବା ‘ପାକ୍ସ ସିଲିକା’ ବୁଝାମଣା ଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ ଏଆଇ ଓ ଅତ୍ୟାଧୁନିକ ବୈଷୟିକ ପ୍ରଯୁକ୍ତି କ୍ଷେତ୍ର ସହ ଜଡ଼ିତ ଯୋଗାଣ ଶୃଙ୍ଖଳକୁ ନିଶ୍ଚିତ କରାଯିବା ଲାଗି ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ସହମତ ହୋଇଥିବା ରାଷ୍ଟ୍ରଗୁଡିକ ମଧ୍ୟରେ ଉତ୍ତମ ସମନ୍ୱୟ ରଖାଯାଇ କ୍ରିଟିକାଲ୍ ମିନେରାଲ୍,ସେମିକଣ୍ଡକ୍ଟର୍, ଉର୍ଜା, ଏଆଇ ଭିତ୍ତିଭୂମି, ମାନୁଫାକ୍‌ଚରିଂ ସିଷ୍ଟମ୍ ଏବଂ ଲଜିଷ୍ଟିକ୍ ନେଟ୍‌ୱର୍କକୁ ନିଶ୍ଚିତ କରାଯିବ।

# ଏପ୍ରିଲ ୧ରୁ ନଗଦବିହୀନ ହୋଇପାରେ ଏନ୍ଏଚ୍ ଟୋଲ୍ ପ୍ଲାଜା

ନୂଆଦିଲ୍ଲୀ,୨୦।୨(ପି.ଟି.)

ଆଗାମୀ ଏପ୍ରିଲ ୧ରୁ ରାଜପଥରେ ଥିବା ଟୋଲ୍ ପ୍ଲାଜାଗୁଡ଼ିକରେ ନଗଦ କାରବାର ବନ୍ଦ କରିବାକୁ ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ) ବିଚାର କରୁଛନ୍ତି। ଟୋଲ୍ ପୈଠ ପାଇଁ ଗାଡ଼ିଚାଳକମାନେ ଫାଷ୍ଟାଗ୍ କିମ୍ବା ୟୁପିଆଇ ଭଳି ଡିଜିଟାଲ ମୋଡ୍ ବ୍ୟବହାର କରିବେ। ନିୟମ କାର୍ଯ୍ୟକାରୀ ହେବା ପରେ ଜାତୀୟ ରାଜପଥଗୁଡ଼ିକରେ ଥିବା ସମସ୍ତ ଟୋଲ୍ ପ୍ଲାଜା ନଗଦବିହୀନ ହେବ, ଅର୍ଥାତ୍ ଗାଡ଼ିଚାଳକମାନେ ନଗଦ ଅର୍ଥ ପୈଠ କରିବା ବଦଳରେ କେବଳ ଫାଷ୍ଟାଗ୍ ଏବଂ ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ ଜରିଆରେ ଦେୟ ପୈଠ କରିବେ। ଟୋଲ୍ ସଂଗ୍ରହକୁ ସୁରକ୍ଷିତ କରିବା ସହ ଜାତୀୟ ରାଜପଥ ଟୋଲ୍ ପ୍ଲାଜାଗୁଡ଼କର ସାମର୍ଥ୍ୟ ଓ ବିଶ୍ୱସନୀୟତା ବଢ଼ାଇବା ଏହାର ଲକ୍ଷ୍ୟ। ଏହା ଜାତୀୟ ରାଜପଥରେ ଯାତାୟାତକୁ ସହଜ କରିବା ସହ ଟୋଲ୍ ପ୍ଲାଜାରେ ଗହଳି ହ୍ରାସ କରିବ ଏବଂ ସ୍ୱଚ୍ଛତା ବଢ଼ାଇବ ବୋଲି ଏନ୍ଏଚ୍ଏଆଇ ପକ୍ଷରୁ କୁହାଯାଇଛି।

# ୨୫୦ ବିଲିୟନ ଡଲାର ନିବେଶ ପ୍ରତିଶ୍ରୁତି

## ଏଆଇ ସମିଟ୍: ଦିଲ୍ଲୀ ଘୋଷଣାନାମାରେ ୭୦ ରାଷ୍ଟ୍ରର ସ୍ୱାକ୍ଷର

ନୂଆଦିଲ୍ଲୀ,୨୦।୨(ପି.ଟି.)

ଭାରତରେ ଅନୁଷ୍ଠିତ ଏଆଇ ଇମ୍ପାକ୍ଟ ସମିଟ୍ ଅବସରରେ ଭିତ୍ତିଭୂମି ସେକ୍ଟରରେ ୨୫୦ ବିଲିୟନ ଡଲାରରୁ ଉର୍ଦ୍ଧ୍ୱ ପୁଞ୍ଜିନିବେଶ ପ୍ରତିଶ୍ରୁତି ମିଳିଛି। ପ୍ରସ୍ତାବିତ ଦିଲ୍ଲୀ ଘୋଷଣାନାମାକୁ ୭୦ଟି ଦେଶର ସମର୍ଥନ ମିଳିଥିବାବେଳେ ଶନିବାର ସୁଦ୍ଧା ସ୍ୱାକ୍ଷରକାରୀ ଦେଶ ସଂଖ୍ୟା ୮୦ ଟପିଯିବା ଆଶା କରାଯାଉଛି ବୋଲି କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୁକ୍ରବାର କହିଛନ୍ତି। ସମିଟ୍ ଶେଷ ହେବା ପରେ ସବିଶେଷ ଘୋଷଣାନାମା ପ୍ରକାଶ କରାଯିବ। ଏଆଇ ସମିଟ୍‌କୁ ବଡ଼ ସଫଳତା ମିଳିଛି। ୫ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏଥିରେ ଭାଗ ନେଇଥିବାରୁ ଭାରତର ଏଆଇ ପ୍ରୟାସରେ ଘରୋଇ ଏବଂ ବୈଶ୍ୱିକ ସ୍ତରରେ ସକ୍ରିୟ ଅଂଶଗ୍ରହଣ ପ୍ରତିଫଳିତ ହୋଇଥିବା ଅଶ୍ୱିନୀ କହିଛନ୍ତି। ତେବେ ସମିଟ୍‌କୁ ଭଣ୍ଡୁର କରିବା ଲାଗି କଂଗ୍ରେସର ଉଦ୍ୟମକୁ ଅଶ୍ୱିନୀ ସମାଲୋଚନା କରିଛନ୍ତି। କାର୍ଯ୍ୟକ୍ରମକୁ ସାରା ଦେଶରୁ ବିପୁଳ ସମର୍ଥନ ମିଳିଥିବାବେଳେ ବିରୋଧୀ ଦଳର ହୀନ ଉଦ୍ୟମକୁ ଯୁବବର୍ଗ ପ୍ରତ୍ୟାଖ୍ୟାନ କରିଛନ୍ତି। କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପରେ ଅନୁଷ୍ଠିତ ଶିଖର ସମ୍ମିଳନୀ ସାରା ବିଶ୍ୱରୁ ନୀତି ନିର୍ଦ୍ଧାରଣକାରୀ, ଶିଳ୍ପପତି, ପ୍ରଯୁକ୍ତି ବିଶେଷଜ୍ଞଙ୍କୁ ଏକାଠି କରିଥିବାବେଳେ ଏଆଇ ଭିତ୍ତିଭୂମି ବିକାଶକୁ ଆଗେଇନେବାରେ ଭାରତ ପ୍ରମୁଖ ଭୂମିକାରେ ଉଭା ହୋଇଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି।



ଅଶ୍ୱିନୀ ବୈଷ୍ଣବ

## ଖୋଲା ଦେହରେ ଯୁବ କଂଗ୍ରେସର ବିକ୍ଷୋଭ

ଦିଲ୍ଲୀ ଭାରତ ମଣ୍ଡପମ୍‌ଠାରେ ଚାଲିଥିବା ଇଣ୍ଡିଆ ଏଆଇ ସମିଟ୍ ସ୍ଥଳରେ ଶୁକ୍ରବାର ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଇଛି। ଶନିବାର ଏହି ସମିଟ୍‌ର ଶେଷ ଦିବସ ରହିଥିଲା ବେଳେ ଏହାର ଦିନକ ପୂର୍ବରୁ ବହୁ ଯୁବ କଂଗ୍ରେସ କର୍ମୀ ହଲ୍ ନମ୍ବର ୫ରେ ପ୍ରବେଶକରି କେନ୍ଦ୍ର ସରକାର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ନାରାବାଜି କରିଛନ୍ତି। ଭାରତ ମଣ୍ଡପମ୍‌ରେ ଏଆଇ ସମିଟ୍‌କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ସହିତ ଭାରତ ଏବଂ ଆମେରିକା ମଧ୍ୟରେ ପାକ୍ସ ସିଲିକା ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ସମୟରେ ବିକ୍ଷୋଭକାରୀମାନେ ସଭାସ୍ଥଳରେ ପ୍ରବେଶକରି ସେମାନଙ୍କ ଶାର୍ଟ ଖୋଲି ପ୍ରଧାନମନ୍ତ୍ରୀ ମୋଦିଙ୍କ ବିରୋଧରେ ସ୍ଲୋଗାନ୍ ଦେଇଥିଲେ। ଭାରତ-ଆମେରିକା ଟ୍ରେଡ୍ ଡିଲ୍‌କୁ ନେଇ ମୋଦି ଆମେରିକା ସହିତ ସାଲିସ୍ କରିଛନ୍ତି ବୋଲି ସେମାନେ ନାରାବାଜି କରିବା ସହିତ ଏପ୍‌ଷ୍ଟିନ୍ ଫାଇଲ୍ କଥା ମଧ୍ୟ ଉଠାଇଥିଲେ। କଂଗ୍ରେସ କର୍ମୀଙ୍କ ଏତାଦୃଶ ଆଚରଣକୁ ଭାଜପା ଦୃଢ଼ ନିନ୍ଦା କରିଛି। କଂଗ୍ରେସର ଏଭଳି ବିକ୍ଷୋଭ ଦଳର ଚରିତ୍ର, ମୂର୍ଖତା ଏବଂ ଭାବହୀନତାର ପ୍ରମାଣ ଦେଇଛି ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଭାଜପା କର୍ମୀ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ଏହି ଘଟଣାରେ ଦିଲ୍ଲୀ ପୋଲିସ ୧୦ରୁ ଅଧିକ କଂଗ୍ରେସ ଯୁବକର୍ମୀଙ୍କୁ ଅଟକ ରଖିଛି।

# ୩୩ ପିଲାଙ୍କୁ ଯୌନ ନିର୍ଯାତନା ମାମଲା: ଦମ୍ପତିଙ୍କୁ ମୃତ୍ୟୁ ଦଣ୍ଡାଦେଶ

ନୂଆଦିଲ୍ଲୀ,୨୦।୨(ପି.ଟି.)

ଉତ୍ତରପ୍ରଦେଶରେ ୩୩ ଶିଶୁଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗରେ ଦୋଷୀସାବ୍ୟସ୍ତ ଦମ୍ପତିଙ୍କୁ ସେଠାର ଏକ ଅଦାଲତ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ୟୁପିର ଏକ ସ୍ୱତନ୍ତ୍ର ଅଦାଲତ ପୋକ୍ସୋ ଆଇନ ବଳରେ ଅଭିଯୁକ୍ତ ରମ୍ଭାୱନ ଏବଂ ସ୍ତ୍ରୀ ଦୁର୍ଗାବତୀଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ସେମାନଙ୍କ ବିରୋଧରେ ଅପ୍ରାକୃତ ଯୌନ ଅପରାଧ, ଶିଶୁଙ୍କ ଉପରେ ଅଶ୍ଳୀଳ ଚଳଚ୍ଚିତ୍ର ଏବଂ ଆପରାଧିକ ଷଡ଼ଯନ୍ତ୍ର ଆଦି ମାମଲା ଲାଗିଥିଲା। ପ୍ରତି ପୀଡ଼ିତଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ଅଦାଲତ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ଅଭିଯୁକ୍ତଙ୍କ ଘରୁ ଯଦି କୌଣସି ଅର୍ଥ ଜବତ ହୋଇଥାଏ, ତେବେ ତାହାକୁ ପୀଡ଼ିତଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟିଦେବାକୁ କୋର୍ଟ ପରାମର୍ଶ ଦେଇଛନ୍ତି। ୨୦୨୦ ଅକ୍ଟୋବରରେ ସିବିଆଇ ରମ୍ଭାୱନ ଏବଂ ଦୁର୍ଗାବତୀଙ୍କ ବିରୋଧରେ ଦାଏର ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ଏସ୍ଆଇଆର୍: ଗୁଜରାଟ, ଲାକ୍ଷାଦ୍ୱୀପ, ପଣ୍ଡିଚେରୀରେ ଭୋଟର ସଂଖ୍ୟା ୬୯ ଲକ୍ଷ କମିଛି

ନୂଆଦିଲ୍ଲୀ,୨୦।୨(ପି.ଟି.)

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ପରେ ଗୁଜରାଟ, ଲାକ୍ଷାଦ୍ୱୀପ ଏବଂ ପଣ୍ଡିଚେରୀରେ ମତଦାତା ସଂଖ୍ୟା ହ୍ରାସ ପାଇଛି। ଉପରୋକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍ଆଇଆର୍ ଶେଷ ହେବା ପରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଥିଲା। ଗତବର୍ଷ ଅକ୍ଟୋବରରେ ଏସ୍ଆଇଆର୍ ଘୋଷଣା ହେବା ପୂର୍ବରୁ ଗୁଜରାଟ, ଲାକ୍ଷାଦ୍ୱୀପ ଓ ପଣ୍ଡିଚେରୀରେ ମୋଟ ଭୋଟର ସଂଖ୍ୟା ୫.୧୯ କୋଟି ଥିଲା। ଚୂଡ଼ାନ୍ତ ତାଲିକାରେ ତାହା ୪.୫୦ କୋଟିକୁ ହ୍ରାସ ପାଇଛି ଅର୍ଥାତ୍ ୬୮.୯ ଲକ୍ଷ ଭୋଟରଙ୍କ ନାଁ କଟିଥିବା ଇସିଙ୍କ ତଥ୍ୟରୁ ଜଣାପଡ଼ିଛି।

# ଏପ୍ରିଲରୁ କାର୍ଯ୍ୟକାରୀ ହୋଇପାରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା

ନୂଆଦିଲ୍ଲୀ,୨୦।୨(ପି.ଟି.)

ଭାରତ ଏବଂ ଆମେରିକା ମଧ୍ୟରେ ଅନ୍ତରୀଣ ବାଣିଜ୍ୟ ଚୁକ୍ତିନାମା ମାର୍ଚ୍ଚରେ ସ୍ୱାକ୍ଷର ହେବାକୁ ଥିବାବେଳେ ଏପ୍ରିଲରୁ ଏହା କାର୍ଯ୍ୟକାରୀ ହୋଇପାରେ ବୋଲି ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ ଶୁକ୍ରବାର କହିଛନ୍ତି। ଅନ୍ତରୀଣ ବାଣିଜ୍ୟ ଚୁକ୍ତିନାମା ନେଇ ଚଳିତ ମାସ ଆରମ୍ଭରେ ଉଭୟ ଦେଶ ମିଳିତ ବିବୃତି ଜରିଆରେ ରୂପରେଖ ଘୋଷଣା କରିଥିଲେ।

ଦ୍ୱିପାକ୍ଷିକ ଚୁକ୍ତିନାମାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଚୂଡ଼ାନ୍ତ କରିବା ପାଇଁ ଆସନ୍ତା ସପ୍ତାହରେ ଦୁଇ ଦେଶର ମୁଖ୍ୟ ବୁଝାମଣାକାରୀଙ୍କ ବୈଠକ ବସିବାକୁ ଯାଉଛି। ୨୩ ତାରିଖରୁ ଏହି ୩ ଦିନିଆ ବୈଠକ ବସିବ ବୋଲି ଗୋୟଲ ଖବରଦାତାମାନଙ୍କୁ କହିଛନ୍ତି। ଚୁକ୍ତିନାମା ସ୍ୱାକ୍ଷର ପାଇଁ ଆମେରିକା ବାଣିଜ୍ୟ ପ୍ରତିନିଧି ଜାମିଏଶନ୍ ଗ୍ରୀର୍ ମାର୍ଚ୍ଚରେ ଭାରତ ଗସ୍ତରେ ଆସିବେ। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ଖୁବ୍‌ଶୀଘ୍ର ସ୍ୱାକ୍ଷର ହେବାକୁ ଯାଉଥିବା ନୂଆଦିଲ୍ଲୀରେ ଏଆଇ ଇମ୍ପାକ୍ଟ ସମିଟ୍ ଅବସରରେ ଆମେରିକା ରାଷ୍ଟ୍ରଦୂତ ସେର୍ଗିଓ ଗୋର୍ କହିଛନ୍ତି।

ଭାରତୀୟ ସାମଗ୍ରୀ ଉପରେ ଲାଗିଥିବା ଜବାବୀ ଶୁଳ୍କକୁ ଆମେରିକା ୨୫ ପ୍ରତିଶତରୁ ୧୮ ପ୍ରତିଶତକୁ କମାଇବା ସହ ରୁଷିଆରୁ ତୈଳ କିଣା ପାଇଁ ଲଗାଯାଇଥିବା ଅତିରିକ୍ତ ୨୫ ପ୍ରତିଶତ ଦଣ୍ଡାତ୍ମକ ଶୁଳ୍କକୁ ସମ୍ପୂର୍ଣ୍ଣ ହଟାଇଦେବ ବୋଲି ଘୋଷଣା କରିଥିଲା। ଫଳରେ ୫୦ ପ୍ରତିଶତ ଆମେରିକା ଟାରିଫ୍‌ର ସମ୍ମୁଖୀନ ହୋଇଥିବା ଘରୋଇ ଶିଳ୍ପଗୁଡ଼ିକୁ ଆଶ୍ୱସ୍ତି ମିଳିଥିଲା।



ପୀୟୂଷ ଗୋୟଲ

# ମଣିପୁର ହିଂସାରେ ଆହତ ବିଧାୟକଙ୍କ ମୃତ୍ୟୁ

ଗୁଆହାଟୀ,୨୦।୨

ମଣିପୁରରେ ରକ୍ତାକ୍ତ ଜାତିଆଣ ହିଂସାରେ ଗୁରୁତର ଆହତ ହୋଇ ଗୁରୁଗ୍ରାମର ମେଦାନ୍ତା ହସ୍ପିଟାଲରେ ଚିକିତ୍ସିତ ହେଉଥିବା କୁକି-ଜୋ ବିଧାୟକ ଭୁଙ୍ଗ୍‌ଜାଗିନ ଭାଲ୍ଟେଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ୬୧ ବର୍ଷୀୟ ଭାଲ୍ଟେ ଚୁରାଚାନ୍ଦପୁର ଜିଲା ଥାନଲୋନ ନିର୍ବାଚନମଣ୍ଡଳୀରୁ ୩ ଥର ବିଧାୟକ ହୋଇଥିଲେ। ୨୦୨୩ ମେ’ ୨୪ରେ ମେଇତି ଏବଂ କୁକି-ଜୋ ସମ୍ପ୍ରଦାୟ ମଧ୍ୟରେ ହିଂସାକାଣ୍ଡ ବେଳେ ରାଜଧାନୀ ଇମ୍ଫାଲରେ ଉତ୍ତ୍ୟକ୍ତ ଲୋକେ ଭାଲ୍ଟେଙ୍କୁ ଆକ୍ରମଣ କରିଥିଲେ। ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ବିମାନ ଯୋଗେ ଦିଲ୍ଲୀ ନିଆଯାଇଥିଲା। ୨ ବର୍ଷର ଚିକିତ୍ସା ପରେ ଗତବର୍ଷ ଏପ୍ରିଲରେ ସେ ଘରକୁ ଫେରିଥିଲେ। ତେବେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବା ବଳଦରେ ଅଧିକ ଖରାପ ହେବାରୁ ଗତ ୭ ତାରିଖରେ ଚୁରାଚାନ୍ଦପୁର ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଦିଲ୍ଲୀ ନିଆଯାଇଥିଲା।

# ବିଏଲ୍ଏ କବଳରେ ପାକ୍ ସୈନିକ କାନ୍ଦୁଛନ୍ତି

କ୍ୱେଟା,୨୦।୨

ବଲୁଚ୍ ବିଦ୍ରୋହୀମାନେ ପାକିସ୍ତାନର ୨୦ରୁ ଅଧିକ ପାକିସ୍ତାନ ସୈନ୍ୟଙ୍କୁ ବନ୍ଧକ ରଖିଥିଲେ। ପରେ ୧୨ ଜଣଙ୍କୁ ମୁକ୍ତ କରିଥିଲେ ମଧ୍ୟ ବେଲୁଚିସ୍ତାନ ଲିବରେସନ ଆର୍ମି(ବିଏଲ୍ଏ) କବଳରେ ୯ ସୈନ୍ୟ ରହିଛନ୍ତି। ଏହି ସୈନ୍ୟଙ୍କୁ ମୁକ୍ତ କରିବା ଲାଗି ଧାର୍ଯ୍ୟ ସମୟ ଭିତରେ ପାକିସ୍ତାନ ବନ୍ଧକ ରଖିଥିବା ବଲୁଚ୍ ସଦସ୍ୟଙ୍କୁ ମୁକ୍ତ କରିବାକୁ ପଡ଼ିବ ବୋଲି ବିଏଲଏ ସର୍ତ୍ତ ରଖିଛି। ଗୋଟିଏ ପଟେ ପାକ୍ ସେନା ଏହି ସୈନ୍ୟମାନଙ୍କୁ ନିଜର ବୋଲି ଅସ୍ୱୀକାର କରୁଥିବାବେଳେ ଅନ୍ୟପଟେ ବିଏଲ୍ଏ ଦେଇଥିବା ସମୟ ଅବଧି ଶେଷ ହେବାକୁ ଯାଉଛି। ଏଭଳି ସ୍ଥିତିରେ ନିଜର ବିପଦାପନ୍ନ ଜୀବନକୁ ନେଇ ବନ୍ଧକ ଥିବା ସୈନ୍ୟମାନେ କାନ୍ଦିବା ସହିତ ସେମାନଙ୍କୁ ରକ୍ଷା କରିବାକୁ ଅନୁରୋଧ କରିଛନ୍ତି।

# ମଧ୍ୟପ୍ରଦେଶ, ଆନ୍ଧ୍ର, କର୍ଣାଟକରେ ସାମ୍ପ୍ରଦାୟିକ ଉତ୍ତେଜନା

ନୂଆଦିଲ୍ଲୀ,୨୦।୨

ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ ଓ କର୍ଣାଟକରେ ଗୁରୁବାର ବିଭିନ୍ନ ଧର୍ମୀୟ ଉତ୍ସବ ବେଳେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ହୋଇଛି। ମଧ୍ୟପ୍ରଦେଶର ଜବଲପୁରରେ ଏକ ଦୁର୍ଗାମନ୍ଦିର କମ୍ପ୍ଲେକ୍ସରେ ଗୁରୁବାର ରାତିରେ ଭଙ୍ଗାରୁଜା ହେବା ସହ ୨ ଗୋଷ୍ଠୀ ମଧ୍ୟରେ ଟେକାମାଡ଼ ଓ ସଂଘର୍ଷ ଘଟିଛି। ମନ୍ଦିରରେ ସନ୍ଧ୍ୟା ଆରତି ଏବଂ ମସ୍‌ଜିଦରେ ନମାଜପାଠ ଏକ ସମୟରେ ହେବାକୁ ନେଇ ଉତ୍ତେଜନା ଦେଖାଦେଇଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସେହିପରି ହାଇଦ୍ରାବାଦ ଏବଂ କର୍ଣାଟକର ବାଗଲକୋଟରେ ଶିବାଜୀ ଜୟନ୍ତୀ ଶୋଭାଯାତ୍ରା ବେଳେ ଉତ୍ତେଜନା ଓ ଢେଲାମାଡ଼ ହୋଇଛି।

## ଜବଲପୁରରେ ଦୁର୍ଗାମନ୍ଦିର କମ୍ପ୍ଲେକ୍ସ ଭଙ୍ଗାରୁଜା

ବାଗଲପୁରରେ ଶିବାଜୀ ଜୟନ୍ତୀ ଶୋଭାଯାତ୍ରା ଶାନ୍ତିଶୃଙ୍ଖଳାର ସହ ଆରମ୍ଭ ହୋଇଥିବାବେଳେ ଏକ ମସ୍‌ଜିଦ ସମ୍ମୁଖ ଦେଇ ଗଲାବେଳେ ଟେକାମାଡ଼ ହେବାରୁ ସାମ୍ପ୍ରଦାୟିକ ଉତ୍ତେଜନା ଦେଖାଦେଇଥିଲା। ଫଳରେ ପୋଲିସ ପ୍ରଶାସନ ସେଠାରେ ୧୪୪ ଧାରା ଜାରି କରିଛି। ହାଇଦ୍ରାବାଦରେ ରମଜାନ ନମାଜପାଠ ବେଳେ ଉତ୍ତେଜନା ଓ ଅଶାନ୍ତ ସ୍ଥିତି ସୃଷ୍ଟି ହୋଇଛି। ତେବେ ୩ଟି ଘଟଣାରେ କେହି ମୃତାହତ ହୋଇ ନ ଥିବାବେଳେ ପୋଲିସର ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବାରେ ସହାୟକ ହୋଇଥିଲା।

# କୁନୋ ଜାତୀୟ ଉଦ୍ୟାନରେ ଚିତା ସଂଖ୍ୟା ୩୮



## ପୁଣି ୩ ଶାବକ ଜନ୍ମଦେଲା ଗାମିନୀ

ନୂଆଦିଲ୍ଲୀ,୨୦।୨

ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ଚିତାବାଘଙ୍କ ସଂଖ୍ୟା ୩୮କୁ ବୃଦ୍ଧି ପାଇବା ସହିତ ଭାରତରେ ମୋଟ ଚିତାଙ୍କ ସଂଖ୍ୟା ମଧ୍ୟ ବଢ଼ିଛି ବୋଲି କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦର ଯାଦବ କହିଛନ୍ତି। ପ୍ରାୟ ୩ ବର୍ଷ ତଳେ ଭାରତ ସରକାର ଆଫ୍ରିକୀୟ ଦେଶରୁ ଚିତାବାଘ ଆଣି କୁନୋ ଜାତୀୟ ଉଦ୍ୟାନରେ ‘ଚିତା’ ପ୍ରକଳ୍ପ ଆରମ୍ଭ କରିଥିଲେ। କିନ୍ତୁ ଆଫ୍ରିକା ମହାଦେଶରୁ ଅଣାଯାଇଥିବା ଚିତାଙ୍କ ମଧ୍ୟରୁ ବିଭିନ୍ନ କାରଣକୁ ନେଇ ଅନେକ ଚିତାଙ୍କ ମୃତ୍ୟୁ ହୋଇଥିଲା। ୨୦୨୬ ପ୍ରାରମ୍ଭ ସୁଦ୍ଧା ଶାବକ ସମେତ ୨୧ ଚିତାଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ଭାରତୀୟ ପରିବେଶରେ ଚିତାଙ୍କ ଅସ୍ତିତ୍ୱକୁ ନେଇ ପ୍ରଶ୍ନ ଉଠିଥିଲେ ହେଁ ଗାମିନୀ ନାମ୍ନୀ ଚିତା ଏବେ ୩ଟି ଶାବକ ପ୍ରସବ କରିଛି। ଏହାପୂର୍ବରୁ ମଧ୍ୟ ଗାମିନୀ ୩ଟି ଚିତା ପ୍ରସବ କରିଥିଲା ଏବଂ ସେମାନେ ସୁସ୍ଥ ଅଛନ୍ତି।

# ଝିଅର ଟିକ୍‌ଟକ୍ ନିଶା, ୫୧ ଲକ୍ଷର ବିଲ୍ ଗଣିଲେ ବାପା

ଲଣ୍ଡନ,୨୦।୨

ମୋବାଇଲ ଫୋନ୍‌ରେ ଟିକ୍‌ଟକ୍ ଦେଖିବାକୁ ୫୧ ଲକ୍ଷ ଟଙ୍କାର ବିଲ୍ ଭରିବା କଥା ଶୁଣିଲେ ଯେକେହି ଆଶ୍ଚର୍ଯ୍ୟ ହେବେ। ଏଭଳି କଥା ଆଶ୍ଚର୍ଯ୍ୟ ଲାଗୁ ଥିଲେ ମଧ୍ୟ ଏକ ବ୍ରିଟିଶ ଦମ୍ପତିଙ୍କ କ୍ଷେତ୍ରରେ ଏହା ଘଟିଛି। ଝିଅର ଟିକ୍‌ଟକ୍ ନିଶା ପାଇଁ ଏହି ଦମ୍ପତି ୪୨,୦୦୦ ପାଉଣ୍ଡ( ପ୍ରାୟ ୫୧ ଲକ୍ଷ ଟଙ୍କା) ମୋବାଇଲ ବିଲ୍ ଗଣିଛନ୍ତି। ବ୍ରିଟେନର ଆଣ୍ଡ୍ରୁ ଅଲ୍‌ଟି ନାମକ ଜଣେ ବ୍ୟକ୍ତି କପଡ଼ା ବ୍ୟବସାୟ କରନ୍ତି। ସେ ନିକଟରେ ନିଜ ପରିବାର ସହିତ ମରକ୍କୋ ବୁଲିବାକୁ ଯାଇଥିଲେ। ସେଠାରେ ସେ ପ୍ରାୟ ୮ ଦିନ ରହି ସ୍ୱଦେଶ ଫେରିବା ସମୟରେ ତାଙ୍କ ନିକଟକୁ ୪୨,୦୦୦ ପାଉଣ୍ଡର ମୋବାଇଲ ବିଲ୍ ଆସିଥିଲା। ଏହି ବିଲ୍ ଦେଖି ଆଣ୍ଡ୍ରୁ ଘାବରାଇ ଯାଇଥିଲେ ମଧ୍ୟ ଏହା ଭୁଲ୍‌ବଶତଃ ତାଙ୍କ ନିକଟକୁ ଆସିଛି ବୋଲି ଧରି ନେଇଥିଲେ। କିନ୍ତୁ ବିଲ୍ ଭରଣା କରିବାକୁ କମ୍ପାନୀ ନିକଟରୁ ବାରମ୍ବାର ଫୋନ୍ ଆସିବା ପରେ ସେ ଅସଲ କାରଣ ଜାଣିବାକୁ ପାଇଥିଲେ। ଭୁଲ୍ କିମ୍ବା ଅନ୍ୟ କାହାର ବିଲ୍ ନୁହେଁ, ବରଂ ନିଜ ଝିଅର ଟିକ୍‌ଟକ୍ ନିଶା ପାଇଁ ତାଙ୍କ ନିକଟକୁ ଏହି ପରିମାଣର ବିଲ୍ ଆସିଥିବା ଜାଣିବାକୁ ପାଇଥିଲେ। ଆଣ୍ଡ୍ରୁ ପରିବାର ସହିତ ବିଦେଶ ବୁଲିବାକୁ ଟ୍ରାଭେଲ୍ ଏଜେନ୍ସି ସହିତ ଯେଉଁ ଚୁକ୍ତି କରିଥିଲେ ସେଥିରେ ୟୁରୋପ ବାହାରେ ଡାଟା ରୋମିଂ ସାମିଲ ନଥିଲା। କିନ୍ତୁ ବିଦେଶ ଭ୍ରମଣର ଶେଷ ଦିନରେ ଆଣ୍ଡ୍ରୁଙ୍କ ଝିଅ ଦିନକୁ ୮ ଘଣ୍ଟା କେବଳ ଟିକ୍‌ଟକ୍ ଦେଖିଥିଲେ। ଏଥିପାଇଁ ଘଣ୍ଟା ବିଲ୍ ପରିମାଣ ଥିଲା ୫,୦୦୦ ପାଉଣ୍ଡରୁ ଅଧିକ। ସେହି ଅନୁସାରେ ଆଣ୍ଡ୍ରୁଙ୍କ ନିକଟକୁ ମୋଟ ୪୨,୦୦୦ ପାଉଣ୍ଡର ବିଲ୍ ଆସିଥିଲା।



ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୧/୨୦୨୬ | Bhubaneswar, Saturday, February 21/2026 | ପୃଷ୍ଠା-୧



## ରାଧା ଯାଦବଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ

ମହିଳା ରାଇଜିଂ ଷ୍ଟାର୍ସ ଟି୨୦ ଏସିଆ କପ୍‌ରେ ରାଧା ଯାଦବଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଶ୍ରୀଲଙ୍କା 'ଏ'କୁ ପରାସ୍ତ କରିଛି ଭାରତ 'ଏ'।

୧୦

୦୨

## ସ୍ୱାମୀ ହେବ ତ ଏମିତି

ପ୍ରିୟଙ୍କା ଚୋପ୍ରାଙ୍କ ଆଗାମୀ ଫିଲ୍ମ 'ଦ ବ୍ଲଫ୍'ର ପ୍ରମୋଶନରେ ତାଙ୍କ ସ୍ୱାମୀ ନିକ୍ ଜୋନାସ୍ ବାହାରିଥିବାରୁ ଅନେକ ପ୍ରଶଂସକ ତାଙ୍କୁ ସମର୍ଥନ କରି ଏଭଳି କହୁଛନ୍ତି।



# ଗାଁ ବିକାଶ, ଶିକ୍ଷା, ମହିଳାଙ୍କୁ ପ୍ରାଧାନ୍ୟ

**ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ରାଜ୍ୟ ବଜେଟ ଉପସ୍ଥାପନ କରିଛନ୍ତି। ୨୦୨୫-୨୬ ବର୍ଷଠାରୁ ନୂଆ ବଜେଟରେ ୨୦,୦୦୦ କୋଟି ଟଙ୍କା ଅଧିକ ବ୍ୟୟବରାଦ କରାଯାଇଛି। ଏଥିରେ ଗ୍ରାମୀଣ ବିକାଶ, ଶିକ୍ଷା ଓ ମହିଳାଙ୍କୁ ଅଗ୍ରପ୍ରାଧାନ୍ୟ ଦିଆଯାଇଛି। ୪ଟି ନୂଆ ବିଶ୍ୱବିଦ୍ୟାଳୟ, ବିକଶିତ ଭାରତ-ଜି ରାମ ଜି, ସମୃଦ୍ଧ ଅଙ୍ଗନୱାଡି ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳଠାରୁ ଆରମ୍ଭ କରି ରେଆର ଆର୍ଥ କରିଡର, ପୁରୀରେ ଶ୍ରୀଜଗନ୍ନାଥ ବ୍ୟାଖ୍ୟା କେନ୍ଦ୍ର ଓ ଫିଟ୍ ଓଡ଼ିଶା ମିଶନ ଭଳି ନୂଆ ପଦକ୍ଷେପ ନିଆଯାଇ ରାଜ୍ୟକୁ ସଶକ୍ତ ଓ ସମୃଦ୍ଧ କରିବାର ଆଶା ସଞ୍ଚାର କରାଇଛନ୍ତି ମୁଖ୍ୟମନ୍ତ୍ରୀ।**



**୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ**

ଭୁବନେଶ୍ୱର, ୨୦।୨(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ଗୃହରେ ଆଗତ କରିଛନ୍ତି। ଚଳିତ ବଜେଟରେ ମୁଖ୍ୟତଃ ସରକାର ୬ଟି ଦିଗ ଉପରେ ବିଶେଷ ଗୁରୁତ୍ୱ ଦେଇଥିବା ବେଳେ ଗ୍ରାମୀଣ ସଶକ୍ତୀକରଣ ଉପରେ ବିଶେଷ ଫୋକସ୍ କରାଯାଇଛି। ବିକଶିତ ଭାରତ-ରୋଜଗାର ଏବଂ ଆଜୀବିକା ମିଶନ(ଗ୍ରାମୀଣ) ଭିବିଜି ରାମ ଜି ଯୋଜନାରେ ୫୫୭୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଏହିପରି ଗ୍ରାମୀଣ ବିକାଶକୁ ଗୁରୁତ୍ୱ ଦେଇ ମୋଟ୍ ୪୪,୩୦୯ କୋଟି ଟଙ୍କାର ବଜେଟ ଅଟକଳ କରାଯାଇଛି। ଏହାସହ ନାଗରିକଙ୍କୁ ପ୍ରାଥମିକତା, ସମସ୍ତଙ୍କ ସମୃଦ୍ଧି, ଆମ ପରମ୍ପରା ଆମ ସ୍ୱାଭିମାନ, ପଥ ପ୍ରଦର୍ଶନକାରୀ ପ୍ରଯୁକ୍ତି ଏବଂ ଲୋକ କୈନ୍ଦ୍ରିକ ଶାସନ ଉପରେ ଗୁରୁତ୍ୱ ଦିଆଯାଇଛି। ବଜେଟରେ ପ୍ରଶାସନିକ ଖର୍ଚ୍ଚ ପାଇଁ ୧,୧୪,୦୦୦ କୋଟି ଟଙ୍କା ରଖାଯାଇଛି। ସେହିପରି କାର୍ଯ୍ୟକ୍ରମ ଖର୍ଚ୍ଚ ବାବଦକୁ ୧,୮୦,୦୦୦ କୋଟି ଟଙ୍କା, ବିପର୍ଯ୍ୟୟ ବିପଦ ପରିଚାଳନା ପାଣ୍ଠିରେ ୫୩୭୫ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ହସ୍ତାନ୍ତର ୧୦,୬୨୫ କୋଟି ଟଙ୍କା ରଖାଯାଇଛି। କାର୍ଯ୍ୟକ୍ରମ ବାବଦ ବ୍ୟୟବରାଦ ବଜେଟ ଆକାରର ୫୮%ରୁ ଅଧିକ। ୨୦୨୬-୨୭ର ପୁଞ୍ଜି ବ୍ୟୟ ଅଟକଳ ୭୨,୧୦୦ କୋଟି ଟଙ୍କା ଅଟେ ଯାହା ଜିଏସ୍‌ଡିପିର ୬.୫% ଏବଂ ରାଜ୍ୟ ବଜେଟ୍ ଆକଳନର ୨୩.୩% ରହିଛି। ଓଡିଶାର ପୁଞ୍ଜି ବ୍ୟୟର ଅନୁପାତ ଦେଶର ସମସ୍ତ ପ୍ରମୁଖ ରାଜ୍ୟ ମଧ୍ୟରେ ସର୍ବାଧିକ ବୋଲି ମୁଖ୍ୟମନ୍ତ୍ରୀ ବଜେଟ ଉପସ୍ଥାପନା ସମୟରେ କହିଛନ୍ତି।

ବିଧାନସଭାର ୪ର୍ଥ ଦିନ ଅପରାହ୍ନ ୪ଟାରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ସମୟରେ ବିରୋଧୀ ଦଳ ଏବଂ କଂଗ୍ରେସ ସଦସ୍ୟମାନେ ଗୃହରେ ଉପସ୍ଥିତ ନ ଥିଲେ। ବାଚସ୍ପତି ସରକାରୀ ଦଳ ମୁଖ୍ୟ ସଚେତକ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କୁ ବିରୋଧୀଙ୍କୁ ଗୃହକୁ ଡାକି ଆଣିବା ଲାଗି କହିବା ସହ ୪ଟା ୨ରୁ ୪ଟା ୧୫ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଏହାପରେ ସବୁ ଦଳର ସଦସ୍ୟ ଗୃହକୁ ଆସିବା ପରେ ବାଚସ୍ପତି ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶା ୬ଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିସ ଉପରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଉପସ୍ଥାପିତ କରିବାକୁ କହିଥିଲେ। ମୁଖ୍ୟମନ୍ତ୍ରୀ ଏହି ରିପୋର୍ଟ ଉପସ୍ଥାପନ କରିବା ପରେ ବାଚସ୍ପତି ତାଙ୍କୁ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ ଆଗତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏକ ପେଡ଼ି ଭିତରୁ ବଜେଟ ବାହାରକରି ଗୃହରେ ଏହା ଉପରେ ମତ ରଖି କହିଥିଲେ, ରାଜ୍ୟ ସରକାର କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୪୨,୪୯୨ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି, ଯାହା ପୂର୍ବ ବର୍ଷ ତୁଳନାରେ ୧୨.୩% ଅଧିକ। ରାଜସ୍ୱ ବଳକା ଜିଏସ୍‌ଡିପିର ୩% ହେବ ବୋଲି ଆକଳନ କରାଯାଇଛି ଯାହା ବିତ୍ତୀୟ ନିଅଣ୍ଟ ଜିଏସ୍‌ଡିପିର ୩.୨% ରହିବ ବୋଲି ଆକଳନ କରାଯାଇଛି। ବର୍ଷ ଶେଷ ଋଣ ଭାର ଜିଏସ୍‌ଡିପିର ୧୪.୧% ରହିବ। ୧ ହଜାର କୋଟି ଟଙ୍କା ବ୍ୟୟରେ ପୁରୀରେ ଶ୍ରୀଜଗନ୍ନାଥଙ୍କ ଇଣ୍ଟରପ୍ରିଟେଶନ ସେଣ୍ଟର ଏବଂ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର ପ୍ରତିଷ୍ଠା ହେବ। ଶ୍ରୀମନ୍ଦିର ପାଇଁ ଅନ୍‌ଲାଇନ ଦାନ ପ୍ଲାଟ୍‌ଫର୍ମ 'ଡିଜିଟାଲ ହୁଣ୍ଡି-ସମର୍ପଣ' ହେବ। ମଧୁବାବୁ ପେନ୍‌ସନ ଯୋଜନା ଅଧୀନରେ ୬ ଲକ୍ଷ ହିତାଧିକାରୀଙ୍କୁ ଅତିରିକ୍ତ କଭରେଜ ମିଳିବ। ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଅଧୀନରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ପରିବାରରେ ଜନ୍ମହୋଇଥିବା ଝିଅଙ୍କ ନାମରେ ୨୦ ହଜାର ଟଙ୍କାର ସଞ୍ଚୟ ଏବଂ ସ୍ନାତକ ସମାପ୍ତ ପରେ ସେମାନଙ୍କୁ ୧ ଲକ୍ଷ ୧ ଟଙ୍କା ମିଳିବ। କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ ଏବଂ ଝାରସୁଗୁଡ଼ା ଜିଲା ମୁଖ୍ୟାଳୟରେ ୪ଟି ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବ। ପାରାଦୀପ ଏବଂ ବଲାଙ୍ଗୀରରେ ଦୁଇଟି ନୂତନ ☞ପୃଷ୍ଠା-୨




## ସଂକ୍ଷେପରେ ବଜେଟ ୨୦୨୬-୨୭

ବଜେଟ ଆକାର: ୩.୧୦ ଲକ୍ଷ କୋଟି ଟଙ୍କା
ରାଜ୍ୟ ସକଳ ଘରୋଇ ଉତ୍ପାଦର ୨୮%

କାର୍ଯ୍ୟକ୍ରମ ବ୍ୟୟ: ୧.୮୦ ଲକ୍ଷ କୋଟି ଟଙ୍କା
ମୋଟ ବଜେଟ ଅଟକଳର ୫୮.୧%

ପୁଞ୍ଜି ବିନିଯୋଗ: ୭୨,୧୦୦ କୋଟି ଟଙ୍କା
ରାଜ୍ୟ ସକଳ ଘରୋଇ ଉତ୍ପାଦର ୬.୫%

ସାମାଜିକ କ୍ଷେତ୍ର: ୧,୨୫,୫୮୩ କୋଟି ଟଙ୍କା
ମୋଟ ବଜେଟ ଅଟକଳର ୪୦.୫%

ଆର୍ଥିକ କ୍ଷେତ୍ର: ୧,୦୨,୪୫୫ କୋଟି ଟଙ୍କା
ମୋଟ ବଜେଟ ଅଟକଳର ୩୩.୧%

ଉନ୍ନୟନମୂଳକ ବ୍ୟୟ: ୨,୨୮,୦୩୮ କୋଟି ଟଙ୍କା
ମୋଟ ବଜେଟ ଅଟକଳର ୭୩.୬%

ରାଜସ୍ୱ ବଳକା: ୩୩,୦୦୦ କୋଟି ଟଙ୍କା
ରାଜ୍ୟ ସକଳ ଘରୋଇ ଉତ୍ପାଦର ୩.୦%

ବିତ୍ତୀୟ ନିଅଣ୍ଟ: ୩୮,୮୦୦ କୋଟି ଟଙ୍କା (ଏସ୍‌ଏଏସ୍‌ସିଆଇ ଋଣ ସମେତ)
ରାଜ୍ୟ ସକଳ ଘରୋଇ ଉତ୍ପାଦର ୩.୫%

ବିତ୍ତୀୟ ନିଅଣ୍ଟ: ୨୯,୮୦୦ କୋଟି ଟଙ୍କା (ଏସ୍‌ଏଏସ୍‌ସିଆଇ ଋଣ ବ୍ୟତୀତ)
ରାଜ୍ୟ ସକଳ ଘରୋଇ ଉତ୍ପାଦର ୨.୭%

ଋଣ ଭାର: ୧,୫୫,୭୧୦ କୋଟି ଟଙ୍କା
ରାଜ୍ୟ ସକଳ ଘରୋଇ ଉତ୍ପାଦର ୧୪.୧%

## ୩୧ ପଇସା ଖସିଲା ଟଙ୍କା

ମୁମ୍ବାଇ,୨୦।୨(ପି.ଟି.)

ଆମେରିକୀୟ ଡଲାର ତୁଳନାରେ ଟଙ୍କା ଶୁକ୍ରବାର ୩୧ ପଇସା ହ୍ରାସ ପାଇ ୯୦.୯୯ରେ ସ୍ଥିର ରହିଛି। ଅର୍ଥାତ୍ ୧ ଡଲାର ୯୦ ଟଙ୍କା ୯୯ ପଇସାରେ ପହଞ୍ଚିଛି। ଆମେରିକୀୟ ମୁଦ୍ରାର ଅଧିକ ଚାହିଦା ଏବଂ ଇରାନରେ ଉତ୍ତେଜନା ବୃଦ୍ଧିକୁ ନେଇ ଅଶୋଧିତ ତୈଳ ଦର ବୃଦ୍ଧି ପାଇଥିବାରୁ ଟଙ୍କା ମୂଲ୍ୟ ହ୍ରାସ ପାଇଛି। ଘରୋଇ ଶେୟାର ବଜାରରେ ସକାରାତ୍ମକ ଗତିଶୀଳତା ଭାରତୀୟଙ୍କୁ ସହାୟକ ହେବାରେ ବିଫଳ ହୋଇଥିବା ଫରେକ୍ସ ବିଶେଷଜ୍ଞମାନେ କହିଛନ୍ତି।

ତେହରାନ ଆଣବିକ କାର୍ଯ୍ୟକ୍ରମ ବନ୍ଦ କରିବାକୁ ନେଇ ଚାଲିଥିବା ଆଲୋଚନା ବିଫଳ ହେଲେ ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ଲାଗିଯିବା ନେଇ ଉଭୟ ସଙ୍କେତ ଦେଇଥିବାରୁ ଅଶୋଧିତ ତୈଳ ମୂଲ୍ୟରେ ଅସ୍ଥିରତା ଦେଖାଦେଇଛି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ କାରବାର ଆରମ୍ଭରେ ୯୦.୯୪ ଥିବାବେଳେ ମଧ୍ୟବର୍ତ୍ତୀ ସମୟରେ ଏହା ୯୧.୦୪ରେ ପହଞ୍ଚି କାରବାର ଶେଷ ବେଳକୁ ୯୦.୯୯ରେ ସ୍ଥିର ରହିଛି।

**ଆଜିର ସମ୍ପାଦକୀୟ**
ଡିଜିପି ନିଯୁକ୍ତିରେ ବିଳମ୍ବ

## ବଜେଟରେ ନୂତନ ପଦକ୍ଷେପ

୧ ବିକଶିତ ଭାରତ- ଜି ରାମ ଜି:୫୫୭୫ କୋଟି ଟଙ୍କା
୨ ସମୃଦ୍ଧ ଅଙ୍ଗନୱାଡି ଯୋଜନା: ୬୩୫ କୋଟି ଟଙ୍କା
୩ ୧୦୦ଟି ସ୍ମାର୍ଟ ଫାର୍ମ ବଜାର (ମଡେଲ ମଣ୍ଡି): ୧୦୦ କୋଟି ଟଙ୍କା
୪ ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା
୫ ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ : ୧୦୦ କୋଟି ଟଙ୍କା
୬ ବିଶ୍ୱର ସର୍ବବୃହତ୍ ଶସ୍ୟ ସଂରକ୍ଷଣ ଯୋଜନା : ୨୪୦ କୋଟି ଟଙ୍କା
୭ ରେଆର ଆର୍ଥ କରିଡର : ୧୦ କୋଟି ଟଙ୍କା
୮ ରାଜ୍ୟ ରୂପାନ୍ତରମୂଳକ ପଦକ୍ଷେପ ପ୍ରତିଷ୍ଠାନ(ଏସ୍‌ଆଇଟିଆଇ-ଓଡ଼ିଶା)
୯ ସଂଯୋଗହୀନ ବାସସ୍ଥାନ ସହିତ ସଂଯୋଗୀକରଣ:୯୧୦୦୦ କୋଟି ଟଙ୍କା
୧୦ ପୁରୀରେ ଶ୍ରୀଜଗନ୍ନାଥଙ୍କ ୧୦ ବ୍ୟାଖ୍ୟା କେନ୍ଦ୍ର
୧୧ ପୁରୀରେ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର
୧୨ ରାଜ୍ୟ ଏଆଇ ମିଶନ: ୨୩ କୋଟି ଟଙ୍କା
୧୩ ପର୍ଯ୍ୟଟନ ଭୂମି ବ୍ୟାଙ୍କ ଯୋଜନା: ୧୫୦ କୋଟି ଟଙ୍କା
୧୪ ଡାଲଖାଇ ଯୋଜନା: ୨୨୦ କୋଟି ଟଙ୍କା
୧୫ ମୁଖ୍ୟମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ
୧୬ ଫିଟ୍ ଓଡ଼ିଶା ମିଶନ: ୧୦ କୋଟି ଟଙ୍କା



**ଆଜିର ମନ୍ତବ୍ୟ**

"ରୁଷିଆରୁ କୌଣସି ଦେଶ ତେଲ କିଣୁ ଏହା ଆମେରିକା ଚାହେଁ ନାହିଁ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହା ସ୍ପଷ୍ଟ କରିଦେଇଛନ୍ତି। ଭେନେଜୁଏଲାରୁ ଅଶୋଧିତ ତୈଳ ଆମଦାନୀ ନେଇ ଆମେରିକା ଓ ଭାରତ ମଧ୍ୟରେ ଆଲୋଚନା ଜାରି ରହିଛି। **–ସେର୍ଗିଓ ଗୋର୍, ଭାରତରେ ଆମେରିକା ରାଷ୍ଟ୍ରଦୂତ**



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଏକକ କଳା ପ୍ରଦର୍ଶନୀ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଲୋହିଆ ଏକାଡେମୀ ପକ୍ଷରୁ 'ଓଡ଼ିଶାରେ ମାତୃଭାଷାରେ ଶିକ୍ଷାଦାନରେ ସଙ୍କଟ' ଶୀର୍ଷକ ଆଲୋଚନା ସଭା, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ବୁଲେଟିନ ଚାରିଟେବଲ ଟ୍ରଷ୍ଟ ଏବଂ ମାସିକ ଖବରକାଗଜ 'ମୁଗୁପୁର ସମାଚାର' ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ପାଳନ ଓ ଆଲୋଚନାଚକ୍ର, ସ୍ଥାନ: ଗୋଦାବରିଶ ସାହିତ୍ୟ ସଂସଦ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ତର୍ଜାତୀୟ ମାତୃଭାଷା ଦିବସ, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଇଣ୍ଡଷ୍ଟ୍ରି କନ୍‌କ୍ଲେଭ୍, ସ୍ଥାନ: ଆର୍‌ସିଏମ୍ କଲେଜ ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା।
- ଅଭିଲେଖ ସପ୍ତାହ ପାଳନ ଉତ୍ସବ, ସ୍ଥାନ: ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଭୁବନେଶ୍ୱର ଜିଲା ଦାବିରେ ଦସ୍ତଖତ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ସମ୍ମୁଖ, ସମୟ: ଅପରାହ୍ନ ୪ଟା।
- ସଂଭାବନା ପକ୍ଷରୁ 'ଆମ ମାତୃଭାଷା ଓ ଆମ ଭାଗବତ' ଶୀର୍ଷକ ଆଲୋଚନା ଏବଂ ଭାଗବତ ପାଠ ପ୍ରତିଯୋଗିତା, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଝୁମୁକା ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ 'ମାତୃଭାଷାରେ ବିଜ୍ଞାନ ଶିକ୍ଷା: ସମସ୍ୟା ଓ ସମ୍ଭାବନା' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ:ରେଡକ୍ରସ ଭବନ, ସମୟ: ଅପରାହ୍ନ ୫ଟା।
- ଶତାବ୍ଦୀର କଳାକାର ପକ୍ଷରୁ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।
- ଜାତୀୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା 'ଝୁରମା', ସ୍ଥାନ: ଅଷ୍ଟା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କଟକ

- ପଥ ପ୍ରାନ୍ତର ପଥିକଟିଏ ମୁଁ ପୁସ୍ତକର ଉନ୍ମୋଚନ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ଆନ୍ତର୍ଜାତିକ ମାତୃଭାଷା ଦିବସ, ସ୍ଥାନ: ହରଚଣ୍ଡୀ ସାହି ଶିଶୁ ମନ୍ଦିର, ସମୟ: ସକାଳ ୮ଟା୧୫।
- ଆଚାର୍ଯ୍ୟ ହରିହର ଜୟନ୍ତୀ ଉତ୍ସବ, ସ୍ଥାନ: ଆଚାର୍ଯ୍ୟ ହରିହର ଛକ, ସମୟ: ସକାଳ ୮ଟା ୩୦।
- ପୁରୀ ସହରବାସୀଙ୍କ ଶ୍ରୀମନ୍ଦିର ପ୍ରବେଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସମ୍ପର୍କିତ ବୈଠକ, ସ୍ଥାନ: ଭକ୍ତ ସାଲବେଗ ପୀଠ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଅବସରପ୍ରାପ୍ତ ଶିକ୍ଷକଙ୍କ ସାଧାରଣ ବୈଠକ, ସ୍ଥାନ: ଭୁବନେଶ୍ୱରୀ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପ୍ରିୟପତ୍ର ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ପାଳନ, ସ୍ଥାନ: ଭକ୍ତ ସାଲବେଗ ପୀଠ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ଉତ୍କଳ ସମ୍ମିଳନୀ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ, ସ୍ଥାନ: ବଡ଼ତୋଟା ବେଲପଡ଼ା ସରକାରୀ ବିଦ୍ୟାଳୟ, ସମୟ: ସକାଳ ୯ଟା।

## ବାଲେଶ୍ୱର

- ଏଫ୍‌ଏମ୍‌ୟୁ ପକ୍ଷରୁ ଗ୍ରାମୀଣ ଶିବିର, ସ୍ଥାନ: କୁମ୍ଭକ୍ଷେତ୍ର, ସିଆଡ଼ିମାଳ, ନୀଳଗିରି, ସମୟ: ସକାଳ ୮ଟା।
- ଆନ୍ତର୍ଜାତୀୟ ମାତୃଭାଷା ଦିବସ 'ଉତ୍କଳ ସମ୍ମିଳନୀ', ସ୍ଥାନ: ଭଞ୍ଜଭବନ, ନୂଆବଜାର, ଜଳେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ଅଟଳ ବିହାରୀ ବାଜପେୟୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ,ସ୍ଥାନ:ବୋଡ଼କ ଖେଳ ପଡ଼ିଆ, ଆରଡ଼ି,ସମୟ:ପୂର୍ବାହ୍ନ ୧୧ଟା୩୦।
- ଭାଜପା କର୍ମୀ ସମ୍ମିଳନୀ, ସ୍ଥାନ: ବଡ଼ଓସ୍ତିଆ, ଚାନ୍ଦବାଲି, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଶ୍ରୀମଦ୍ଭାଗବତ କଥା ଜ୍ଞାନ ଯଜ୍ଞ, ସ୍ଥାନ: ବିକାଶ ମହଲ, ବଡ଼ବିଲ, ସମୟ : ଅପରାହ୍ନ ୩ ଟା

## ମୟୂରଭଞ୍ଜ

- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜାଗରମେଳା, ସ୍ଥାନ:ମାଣତ୍ରୀ, ବଡ଼ସାହି,ସମୟ: ସକାଳ ୮ଟା।
- ସିଦ୍ଧି ବିନାୟକ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅବସରରେ ରୁଦ୍ରାଭିଷେକ, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଗୋଶାଳା କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଗୋଶାଳା ପଡ଼ିଆ, ତୁଳସୀଚଉରା, ବାରିପଦା,ସମୟ: ଅପରାହ୍ନ ୨ଟା।ନ୍
- ରାସେଶ୍ୱରୀ ଦେବୀ ଜୀଙ୍କ ପ୍ରବଚନ,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ସନ୍ଧ୍ୟା ୬ଟା।

## କନ୍ଧମାଳ

- ଆମେ ପଢ଼ିବା ଆମ ଭାଷାରେ, ସ୍ଥାନ: ଫୁଲବାଣୀ ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ୧୦ ଟା ୩୦।

## ଢେଙ୍କାନାଳ

- ଜିଲା ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ସଦ୍‌ଭାବନା ହଲ, ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଅନୁଗୋଳ

- ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ, ସ୍ଥାନ : ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଚତୁର୍ଥ କ୍ୱାର୍ଟର ଫାଇନାଲ ଫୁଟ୍‌ବଲ ମ୍ୟାଚ, ସ୍ଥାନ: ଅନୁଗୋଳ ପିଟିସି ପଡ଼ିଆ, ସମୟ: ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା

- ରାଜସ୍ୱ ମାମଲା ସମ୍ପର୍କୀୟ ଜନଶୁଣାଣି ଶିବିର, ସ୍ଥାନ: ତହସିଲ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଭିନ୍ନକ୍ଷମ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଡିଏମ୍‌ଏଫ୍ ଯୋଜନାରେ ଡାକ୍ତର ନିଯୁକ୍ତି ପାଇଁ ୱାକ-ଇନ-ଇଣ୍ଟରଭ୍ୟୁ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା୩୦।
- ବିଭିନ୍ନ ପ୍ରକଳ୍ପର ଜମି ଅଧିଗ୍ରହଣ ସଂକ୍ରାନ୍ତରେ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ମହିଳାଙ୍କ ସୁରକ୍ଷା ଓ ସଶକ୍ତୀକରଣ ପାଇଁ ଆଇନଗତ ବ୍ୟବସ୍ଥା ଉପରେ କର୍ମଶାଳା, ସ୍ଥାନ: ନୟାଗଡ଼ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଅଂଶୁଘାତ ମୁକାବିଲା ପାଇଁ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ, ସ୍ଥାନ: ନୟାଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା୩୦।

## ରାୟଗଡ଼ା

- ଶ୍ରୀ ମାଙ୍କ ଜନ୍ମ ଦିବସ ପାଳନ, ସ୍ଥାନ: ଅରୋଶ୍ରୀ ବିହାର, ଏସ୍‌ପିଗୁଡା,ଗୁଣପୁର, ସମୟ: ସକାଳ ୯ଟା ୩୦।

## ନବରଙ୍ଗପୁର

- ଜିଲାପରିଷଦ ଉନ୍ନୟନ କାର୍ଯ୍ୟ ସମୀକ୍ଷା ବୈଠକ, ସ୍ଥାନ: ନବରଙ୍ଗପୁର ଜିଲାପରିଷଦ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ

- ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ପଦଯାତ୍ରା, ସ୍ଥାନ: ଦଶମନ୍ତପୁର, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର

- ଏବିଭିପିର ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ।
- ବନାଗ୍ନି ନିୟନ୍ତ୍ରଣ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ଉପଖଣ୍ଡ ବନ ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା।

## ରାଉରକେଲା

- ବିଶ୍ୱ ମାତୃଭାଷା ଦିବସ ପାଳନ, ସ୍ଥାନ: ସେକ୍ଟର-୧୯ ଆମ୍ବାଗାନ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବରଗଡ଼

- ସୁଭଦ୍ରା ଶକ୍ତି ମେଳା, ସ୍ଥାନ:ଆର୍‌ଏମ୍‌ସି ମାର୍କେଟ ୟାର୍ଡ ପଡ଼ିଆ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ମଧୁମେହ ସଚେତନତା ପାଇଁ ଗଣଦୌଡ଼, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ସକାଳ ୭ଟା।
- ଭିଜିଲାନ୍ସ ଏସ୍‌ପିଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ଭିଜିଲାନ୍ସ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- କେନ୍ଦୁପତ୍ର ସାମୟିକ କର୍ମଚାରୀଙ୍କ ବିକ୍ଷୋଭ,ସ୍ଥାନ: ଅମରପାଲିସ୍ଥିତ କେନ୍ଦୁପତ୍ର ରେଞ୍ଜ କାର୍ଯ୍ୟାଳୟ, ବୀରମହାରାଜପୁର ବ୍ଲକ,ସମୟ: ପୂର୍ବାହ୍ନ ୧୧ ଟା।

# ପଣ୍ଡିତ ଧର୍ମ ଅଧିକାରୀଙ୍କ ପରଲୋକ

**ଟେନ୍‌ସା,୨୦।୨(ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା ଟେନ୍‌ସା ଧରିତ୍ରୀ ପ୍ରତିନିଧି ସମୀରକୁମାର ପାଢ଼ୀଙ୍କ ପିତା ଜଗବନ୍ଧୁ ପାଢ଼ୀଙ୍କ ଗତ ଗୁରୁବାର ରାତି ୧୨ଟା ୧୫ରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୭୯ ବର୍ଷ ହୋଇଥିଲା। ଯାଜପୁର ଜିଲା ସାହାସପୁର ଗ୍ରାମରେ ଥିବା ଈଶାନେଶ୍ୱର ମନ୍ଦିର ନିକଟ ଶ୍ମଶାନଘାଟରେ ସ୍ୱର୍ଗତ ପଣ୍ଡିତ ଧର୍ମ ଅଧିକାରୀ ଜଗବନ୍ଧୁଙ୍କ ମରଶରୀର ପଞ୍ଚଭୂତରେ ଲୀନ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ। ବଡ଼ ପୁଅ ସମୀର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଜଗବନ୍ଧୁ କର୍ମକାଣ୍ଡରେ ପାରଦର୍ଶିତା ଲାଭ କରିଥିଲେ। ପଣ୍ଡିତ ଭାବେ ସେ ବେଶ୍ ସୁନାମ ଅର୍ଜନ କରିଥିଲେ ଏବଂ ଧର୍ମ ଅଧିକାରୀ ଉପାଧିପ୍ରାପ୍ତ ହୋଇ ଧର୍ମମାର୍ଗରେ ସମସ୍ତେ ପରିଚାଳିତ ହେବା ପାଇଁ ଉପଦେଶ ଦେଉଥିଲେ। ଜଗବନ୍ଧୁଙ୍କ ମୃତ୍ୟୁରେ ସମଗ୍ର ଜିଲାରେ ଶୋକର ଛାୟା ଖେଳିଯାଇଛି। ଶେଷଦର୍ଶନ ନିମନ୍ତେ ସ୍ୱର୍ଗତ ପାଢ଼ୀଙ୍କ ବାସଭବନରେ ଅନେକ ଲୋକଙ୍କ ଭିଡ଼ ଜମିଥିଲା। ଏକ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ଗ୍ରାମ ଗ୍ରାମ ବୁଲାଇବା ପରେ ଈଶାନେଶ୍ୱର ଶ୍ମଶାନଘାଟରେ ଦାହ କରାଯାଇଥିଲା।


ଜଗବନ୍ଧୁ ପାଢ଼ୀ

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଣା କହେ ଦୋହରାରେ**
**ଦେଖ ଖଲିଆ ଚାଲିକି,**
**ତୁ ମୁଁ ଦିହେଁ ସାଙ୍ଗ ହେଲେ**
**ଗୋସେଇଁ ଖାଇବା କାଲିକି।**

ସାଧାରଣତଃ କଣା ବଳଦ ଓ ଖଲିଆ ବଳଦ କୌଣସି କାମରେ ଲାଗନ୍ତି ନାହିଁ। ଏଭଳି ବଳଦ ନିଜ ମାଲିକଙ୍କ ଉପରେ ବୋଝ ହୋଇଥିବା ଜଣାଯାଇଥାଏ। ତେଣୁ ଏଭଳି ବଳଦ ପାଇଁ ମାଲିକ ବିଚରା ହନ୍ତସନ୍ତ ହେବା ହିଁ ସାର ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**କହି ଜାଣିଲେ**
**ବାର ହାତ କାକୁଡ଼ିର ତେର ହାତ ମଞ୍ଜି।**

ଜଣେ ଯଦି ଭଲ କଥା କହିପାରେ, ତା'ହେଲେ ସେ ଖରାପ ଜିନିଷକୁ ମଧ୍ୟ ଖୁବ୍‌ଶୀଘ୍ର ଉପଯୁକ୍ତ ମୂଲ୍ୟରେ ବିକ୍ରି କରିଦେଇପାରେ। ବ୍ୟବସାୟରେ ସଫଳତା ପାଇଁ ମଧୁର ବଚନ ଓ ଉତ୍ତମ ବ୍ୟବହାରର ଅଧିକ ଗୁରୁତ୍ୱ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ଶୁକ୍ରବାର ଅପରାହ୍ନ ୪ଟାରେ ମହାକାଶରୁ ଉଠାଯାଇଥିବା ପାଣିପାଗର ଚିତ୍ର।

# ବୋହୂ, ନାତୁଣୀଙ୍କ ମୃତ୍ୟୁ ପରେ ଶାଶୁ ମୃତ

**ଜଗତପୁର ମହାଜନପୁରରେ ବାଣ ବିସ୍ଫୋରଣ ଘଟଣା**

**ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି**

**ମଙ୍ଗୁଳି-ଜଗତପୁର,୨୦।୨ (ମାନସ ସାମଲ)**

କଟକ ଜିଲା ଜଗତପୁର ଥାନା ଅଧୀନ ମହାଜନପୁର ପଞ୍ଚାୟତ ନାୟକସାହିରେ ଗୁରୁବାର ରାତିରେ ବାଣ ବିସ୍ଫୋରଣରେ ଗୋବିନ୍ଦ ନାୟକଙ୍କ ବୋହୂ ଓ ୩ବର୍ଷର ନାତୁଣୀଙ୍କ ଜୀବନ ଯାଇଥିଲା। ଶୁକ୍ରବାର ସକାଳେ ଗୋବିନ୍ଦଙ୍କ ସ୍ତ୍ରୀ ପ୍ରଭାତୀ ନାୟକ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିବା ପରେ ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି ପାଇଛି। ଘଟଣାକୁ ୨୪ଘଣ୍ଟା ବିତି ଯାଇଥିଲେ ସୁଦ୍ଧା ଘଟଣାସ୍ଥଳରେ ଗୁରୁବାର ରାତିରୁ କେବଳ ୨ କନ୍‌ଷ୍ଟେବଲ ମୁତୟନ କରାଯାଇଛି। ପୋଲିସ ଗଣମାଧ୍ୟମ ସାମ୍ନାକୁ ନ ଆସିବା ପାଇଁ ଉଚ୍ଚପଦସ୍ଥ ଅଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁନାହାନ୍ତି ବୋଲି ଚର୍ଚ୍ଚା ହେଉଛି। ସୂଚନା ମୁତାବକ, ଗୁରୁବାର ରାତି ପ୍ରାୟ ୭ଟାରେ ନାୟକସାହିରେ ହଠାତ୍ ଏକ ପ୍ରଚଣ୍ଡ ଶବ୍ଦ ହେବା ସହ କିଛି ସମୟ ସମ୍ପୃକ୍ତ ଅଞ୍ଚଳ ଧୂଆଁମୟ ହୋଇପଡ଼ିଥିଲା। କେତେଜଣଙ୍କ ଚିତ୍କାର ଶୁଭିଥିଲା। ସ୍ଥାନୀୟ ଲୋକେ ଦୌଡ଼ିଯାଇ ଦେଖିଥିଲେ ଯେ, ଜଣେ ଶିଶୁ ସମେତ ୩ଜଣ ଅର୍ଦ୍ଧଦଗ୍ଧ ଅବସ୍ଥାରେ ତଳେ ପଡ଼ିଛନ୍ତି। ଲୋକେ ସେମାନଙ୍କୁ ଉଦ୍ଧାର କରିବା ସହ ପୋଲିସକୁ ଖବର ଦେଇଥିଲେ। ପରେ ଲୋକେ ଗୁରୁତରମାନଙ୍କୁ ପିସିଆର୍ ଯୋଗେ ଏସ୍‌ସିବି ମେଡିକାଲକୁ ପଠାଇଥିଲେ। ସେଠାରେ ରାତି ପ୍ରାୟ ୧୧ଟାରେ ବୋହୂ ଜୁଲି ଓ ତାଙ୍କ କୁନିଝିଅଙ୍କ ଜୀବନ ଚାଲିଯାଇଥିଲା। ଏ ନେଇ ଜଗତପୁର ଥାନା ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା ଫୋନ ଉଠାଇ ନ ଥିଲେ।

# ସ୍ୱାମୀ ହେବ ତ ଏମିତି

**ମୁମ୍ବାଇ:** ବଲିଉଡ୍‌ରୁ ହଲିଉଡ୍ ଯାଏ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବଂ ତାଙ୍କ ସ୍ୱାମୀ ନିକ୍ ଜୋନାସ୍‌ଙ୍କ ଯୋଡ଼ିକୁ ପ୍ରଶଂସକମାନେ ଖୁବ୍ ପସନ୍ଦ କରନ୍ତି। କାରଣ ଉଭୟ ପରସ୍ପରକୁ ସର୍ବଦା ସମର୍ଥନ କରୁଥିବା ଦେଖାଯାଏ। ବର୍ତ୍ତମାନ ପ୍ରିୟଙ୍କାଙ୍କ ଆଗାମୀ ଫିଲ୍ମ 'ଦ ବ୍ଲଫ୍'କୁ ନେଇ ଚର୍ଚ୍ଚା ହେଉଥିବା ବେଳେ ନିକ୍ ମଧ୍ୟ ଏହାର ପ୍ରମୋଶନରେ ବାହାରିଛନ୍ତି। ଯାହାକୁ ଦେଖି ଅନେକେ 'ସ୍ୱାମୀ ହେବ ତ ଏମିତି' ବୋଲି କହୁଥିବା ନଜର ଆସୁଛି।

ସମ୍ପୂର୍ଣ୍ଣ କଥାଟି ଏମିତି। ନିକଟରେ ନିକ୍ ନିଜର ସୋସିଆଲ ମିଡିଆ ଆକାଉଣ୍ଟରେ ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ସେ ପ୍ରିୟଙ୍କାଙ୍କ ଫିଲ୍ମର ଚରିତ୍ରରୁ ଅନୁପ୍ରାଣିତ ହୋଇ ଏକ କକ୍‌ଟେଲ୍ ପ୍ରସ୍ତୁତ କରୁଛନ୍ତି। ଫିଲ୍ମରେ ପ୍ରିୟଙ୍କାଙ୍କ ଚରିତ୍ରର ନାମ 'ବ୍ଲଡି ମେରୀ' ହୋଇଥିବାରୁ, ନିକ୍ ଏହି ନାମରେ ଏକ ଡ୍ରିଙ୍କ ପ୍ରସ୍ତୁତ କରିଛନ୍ତି। ଏହି ସମୟରେ ସେ କହୁଛନ୍ତି, ଆମାଜନ ପ୍ରାଇମ୍‌ରେ ପ୍ରିୟଙ୍କାଙ୍କ ଫିଲ୍ମର ପ୍ରିମିୟର ହେବାକୁ ଯାଉଛି। ମୁଁ ଏହାକୁ ଦୁଇଥର ଦେଖିସାରିଛି ଏବଂ ଏହା ଚମତ୍କାର ହୋଇଛି।"

ତେବେ ଏହି ଭିଡିଓରେ ନିକ୍‌ଙ୍କ ପ୍ରମୋଶନଠାରୁ ଅଧିକ ଦୃଷ୍ଟି ଆକର୍ଷଣ କରିଛି ତାଙ୍କ ହାତରେ ଥିବା 'ମଙ୍ଗଳସୂତ୍ର ବ୍ରେସଲେଟ୍'। ଭାରତୀୟ ସଂସ୍କୃତି ପ୍ରତି ତାଙ୍କର ଏହି ଭଲପାଇବା ଦେଖି ପ୍ରଶଂସକମାନେ ତାଙ୍କୁ 'ଶ୍ରେଷ୍ଠ ଜ୍ୱାଇଁ' ଏବଂ ଉତ୍ତମ ଜୀବନସାଥୀ ବୋଲି କହୁଛନ୍ତି। ନିକ୍ ପ୍ରଥମେ ନିଜେ ସେହି ଡ୍ରିଙ୍କକୁ ଚାଖିବା ପରେ ପ୍ରିୟଙ୍କାଙ୍କୁ ଚଖାଇଥିଲେ, ଯାହା ଅଭିନେତ୍ରୀଙ୍କୁ ଖୁବ୍ ପସନ୍ଦ ଆସିଥିଲା। ନିକ୍ ଏବଂ ପ୍ରିୟଙ୍କାଙ୍କ ବୈବାହିକ ଜୀବନ ଦେଖିଲେ ସେ ୨୦୧୮ ଡିସେମ୍ବରରେ ଯୋଧପୁରରେ ବିବାହ କରିଥିଲେ। ସରୋଗେସୀ ମାଧ୍ୟମରେ ତାଙ୍କର ଏକ କନ୍ୟା ସନ୍ତାନ ଅଛି, ତାଙ୍କ ନାମ ଦୁହେଁ ମାଲତି ମେରୀ ଚୋପ୍ରା ଜୋନାସ ରଖିଛନ୍ତି।


ନିକ୍ ଜୋନାସ୍

**ପ୍ରଥମ ପୃଷ୍ଠାରୁ...**

## ଗାଁ ବିକାଶ, ଶିକ୍ଷା, ...

ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ହେବ। ମୟୂରଭଞ୍ଜ ଏବଂ ବଲାଙ୍ଗୀରରେ ନୂତନ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ହେବ। ଚିପିଲିମାରେ ନୂତନ ପ୍ରାଣୀ ଚିକିତ୍ସା ମହାବିଦ୍ୟାଳୟ ଏବଂ ସୋନପୁରରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ହେବ। ଗଜପତି, ମାଲକାନଗିରି ଏବଂ ରାୟଗଡ଼ାରେ ୩ଟି ନୂତନ ଆୟୁର୍ବେଦିକ ମେଡିକାଲ କଲେଜ ହେବ। ନୟାଗଡ଼ ଏବଂ ନୂଆପଡ଼ାରେ ୨ଟି ନୂତନ ହୋମିଓପାଥି ମେଡିକାଲ କଲେଜ ପ୍ରତିଷ୍ଠା ହେବ। ଦକ୍ଷିଣ ଓଡ଼ିଶା ବିକାଶ ଯୋଜନା ଅଧୀନରେ ୩ ବର୍ଷରେ ୨୪୦ କୋଟି ଟଙ୍କା ଦିଆଯିବ। ରେଆର୍ ଆର୍ଥ କରିଡର ପାଇଁ ୧୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ୨୩ କୋଟି ଟଙ୍କାର ବ୍ୟୟ ବରାଦ ସହ ଓଡ଼ିଶା ଏଆଇ ମିଶନ କରାଯିବ। ୧୦୦ କୋଟି ଟଙ୍କା ବ୍ୟବସ୍ଥା ସହ ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ ହେବ। ସଂଯୋଗ ହୋଇ ନ ଥିବା ଜନବସତିକୁ ସଂଯୋଗ ସୁନିଶ୍ଚିତ କରାଯିବ। ଏଥିଲାଗି ୧୦୦୦ କୋଟି ଟଙ୍କା ଆବଣ୍ଟିତ ହୋଇଛି। ସବୁ ଅସମ୍ପୂର୍ଣ୍ଣ ଅଙ୍ଗନୱାଡି କେନ୍ଦ୍ରକୁ ସମ୍ପୂର୍ଣ୍ଣ କରିବା ଲାଗି ୬୩୫ କୋଟି ଟଙ୍କା ଆବଣ୍ଟିତ ହୋଇଛି। ଔଦ୍ୟୋଗିକ ଭିତ୍ତିଭୂମି ରକ୍ଷଣାବେକ୍ଷଣ ପାଣ୍ଠି ପାଇଁ ୩୨୦ କୋଟି ରଖାଯାଇଛି। ପର୍ଯ୍ୟଟନ ଭିତ୍ତିଭୂମିରେ ଲ୍ୟାଣ୍ଡ ବ୍ୟାଙ୍କ ସୃଷ୍ଟି ଲାଗି ୧୫୦ କୋଟି ରଖାଯାଇଛି। ବାରିପଦାଠାରେ ' ମୟୂରଭଞ୍ଜ ଛଉ ଏକାଡେମୀ' ପ୍ରତିଷ୍ଠା ହେବ। ରାଜ୍ୟରେ ୩ଟି ନୂତନ ଏକ୍ସପ୍ରେସ୍ ୱେ କରାଯିବ। କୋରାପୁଟ ଜିଲାର ଜୟପୁର ସହରକୁ ଉପକୂଳବର୍ତ୍ତୀ ସହର ବ୍ରହ୍ମପୁର ସହ ସଂଯୋଗ କରିବା ପାଇଁ ପ୍ରାୟ ୯ ହଜାର କୋଟି ଟଙ୍କାର ପ୍ରକଳ୍ପ ମୂଲ୍ୟରେ ୨୮୭ କି.ମି. ରାସ୍ତା ବିକଶିତ ହେବ। ନମୋ ଏକ୍ସପ୍ରେସ୍ ୱେ ପୂର୍ବ-ପଶ୍ଚିମ କରିଡର ଭାବେ ଗଜପତି ଜିଲାର ପାରଳାଖେମୁଣ୍ଡିକୁ ବରଗଡ଼ ଜିଲାର ଅମ୍ବାଭୋନା ସହ ସଂଯୋଗ କରିବ। ଅଟଳ ଏକ୍ସପ୍ରେସ୍ ୱେ ଜରିଆରେ ୯୬୯ କି.ମି. ବିଶିଷ୍ଟ ଉତ୍ତର-ଦକ୍ଷିଣ କରିଡର ଭାବେ ମାଲକାନଗିରି ଜିଲାର ମୋଟୁକୁ ମୟୂରଭଞ୍ଜ ଜିଲାର ତିରିଂ ସହ ସଂଯୋଗ କରିବ। ସେହିପରି ଭୁବନେଶ୍ୱର-କଟକ-ପାରାଦୀପ ଅର୍ଥନୈତିକ କ୍ଷେତ୍ରକୁ ମଡେଲ ପ୍ରୋଜେକ୍ଟ ଭାବେ ଗ୍ରହଣ କରାଯିବ। ବରଗଡ଼-ଝାରସୁଗୁଡ଼ା-ସମ୍ବଲପୁର, ବ୍ରହ୍ମପୁର-ଛତ୍ରପୁର-ଗୋପାଳପୁର ଏବଂ ଜୟପୁର-କୋରାପୁଟ-ସୁନାବେଡ଼ାକୁ ଅର୍ଥନୈତିକ କ୍ଲଷ୍ଟର ଭାବେ ପରିଗଣିତ କରାଯିବ। ୨୦୩୬ ସୁଦ୍ଧା ଓଡ଼ିଶାକୁ ୫ ଶହ ବିଲିୟନ ଆମେରିକିୟ ଡଲାର ଅର୍ଥନୀତିରେ ରୂପାନ୍ତରିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଭୁବନେଶ୍ୱରଠାରେ ଅତିଥି ଗୃହ ନିର୍ମାଣ ହେବ, ଯାହା ବିଭିନ୍ନ ଜିଲାରୁ ରାଜଧାନୀକୁ ଆସୁଥିବା ଲୋକଙ୍କ ଆବଶ୍ୟକତା ପୂରଣ କରିବ। ନୂତନ ରାଜ୍ୟ ବିଧାନସଭା ସୌଧ, ନୂତନ ସଚିବାଳୟ ଭବନ, ବିଶ୍ୱସ୍ତରୀୟ ଏକ ନୂତନ ସଂଗ୍ରହାଳୟ, ଓଡ଼ିଶା ମଣ୍ଡପ ସମ୍ମିଳନୀ କେନ୍ଦ୍ର ପ୍ରତିଷ୍ଠା ହେବ। ସମୃଦ୍ଧ କୃଷକ ଯୋଜନା ଅଧୀନରେ ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦିଆଯାଉଛି। ଚାଷୀଙ୍କୁ ସମୟୋଚିତ ପୈଠ ଏବଂ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନରେ ୫ ହଜାର କୋଟି ଟଙ୍କାର ଏକ ଆବର୍ତ୍ତନ ପାଣ୍ଠି ଗଠନ ହେବ। ଆସନ୍ତା ୩ ବର୍ଷରେ ୧୧ ଲକ୍ଷ ମେଟ୍ରିକ ଟନ୍ ବିଶିଷ୍ଟ ଆଧୁନିକ ଗୋଦାମ ନିର୍ମାଣ କରିବାର ପ୍ରସ୍ତାବ ରହିଛି। ଚାଷୀ, ଜମି ମାଲିକ, ଭୂମିହୀନ ଏବଂ ସମ୍ବେଦନଶୀଳ ଜନଜାତି ପାଖରେ ଅତିରିକ୍ତ ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀ କିଷାନ ଯୋଜନା ଏବଂ ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ୨୦୩୦ କୋଟି ଟଙ୍କା ରଖାଯାଇଛି। ଶ୍ରୀଅନ୍ନ ଅଭିଯାନ ପାଇଁ ୪ଶହ କୋଟି ଟଙ୍କା ରଖାଯାଇଛି। ଚିଙ୍ଗୁଡ଼ି ରପ୍ତାନିକୁ ବାର୍ଷିକ ୨ ଲକ୍ଷ ଟନ୍ ବୃଦ୍ଧିକରି ୧୨ ହଜାର କୋଟି ଟଙ୍କାର ଆୟ ଏବଂ ୨ ଲକ୍ଷରୁ ଅଧିକ ଚାଷୀଙ୍କ ନିଯୁକ୍ତି, ତାଲିମ ଓ ଉଚ୍ଚ ଆୟ ଲାଗି ଓଡ଼ିଶା ଚିଙ୍ଗୁଡ଼ି ମିଶନର ଶୁଭାରମ୍ଭ କରାଯାଇଛି। ସରକାର ସ୍ୱାସ୍ଥ୍ୟ କ୍ଷେତ୍ର ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦେଇ ଚଳିତ ବଜେଟରେ ୨୩,୧୮୧ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନରେ ୫୦୦୮ କୋଟି, ନିର୍ମଳ ଯୋଜନାରେ ୯୮୬ କୋଟି, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ୬୩୦୯ କୋଟି, ଜାତୀୟ ସ୍ୱାସ୍ଥ୍ୟ ମିଶନରେ ୧୯୫୮ କୋଟି, ନିରାମୟ ଯୋଜନାରେ ୭୮୬ କୋଟି, ନିଦାନ ପାଇଁ ୩୭୧ କୋଟି ଟଙ୍କା ରଖାଯାଇଛି। ଗୃହ ବିଭାଗ ଲାଗି ୧୧,୦୨୮ କୋଟି, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଲାଗି ୩୪,୧୬୬ କୋଟି, ଜଳ ସମ୍ପଦ ବିଭାଗ ଲାଗି ୧୬,୪୮୮ କୋଟି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଲାଗି ୩୧,୯୯୭ କୋଟି, ମହିଳା ଓ ଶିଶୁ ବିକାଶ ବିଭାଗ ଲାଗି ମୋଟ୍ ୧୬୧୫୨ କୋଟି ଟଙ୍କା ରଖାଯାଇଛି। ନଗର ଉନ୍ନୟନ ବିଭାଗ ଲାଗି ୧୦,୭୩୮ କୋଟି ଟଙ୍କା ରହିଛି। ଏହାସହ ଚିଲିକାର ପୁନରୁଦ୍ଧାର ପାଇଁ ବଜେଟରେ ବ୍ୟବସ୍ଥା କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ରାଶ୍ୟାଧିପତି ଦଶମ ସ୍ଥାନରେ ଆପଣଙ୍କୁ କର୍ମୋନ୍ନତି ଓ ବକେୟା ଅର୍ଥ, ସାମାଜିକ ସମ୍ମାନ ପ୍ରଦାନ କରିବେ। ଚତୁର୍ଥାଧିପତି ଶନିଙ୍କ ସହ ଦୁଃସ୍ଥାନରେ ଥିବାରୁ ପରିବାରରେ ମତାନ୍ତର ସୃଷ୍ଟି ହେବ। ଯାତ୍ରାକାଳୀନ ଅଜଣା ଲୋକଟିକୁ ସାହାଯ୍ୟ କରିବାକୁ ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ବୃଷ** ରାଶ୍ୟାଧିପତିଙ୍କ ଏକାଧିକ ଗ୍ରହ ସମ୍ପର୍କଜନିତ ଟେନ୍‌ସନ ବୃଦ୍ଧି କରିବ। କାମ ଚାପରେ ସାମାନ୍ୟ ବିଶ୍ରାମ କରିବାର ସୁଯୋଗ ପାଇବା କଷ୍ଟକର ହୋଇପାରେ। ଛୋଟ କଥାକୁ ବଡ଼ ଆକାରରେ ଚିନ୍ତାକରି ପରିବାରରେ କଳହ ଲାଗିପାରେ । ଚେଷ୍ଟା କରୁଥିବା ବ୍ୟକ୍ତିଗତ କାମରେ ସଫଳତା ପାଇବା ସହ ବୈଷୟିକ ଅଭିବୃଦ୍ଧି ଘଟିବ।

**ମିଥୁନ** ପାପଗ୍ରହ କବଳରେ କବଳିତ ରାଶ୍ୟାଧିପ ବିଭିନ୍ନ ସମସ୍ୟା ଜାଲରେ ଛନ୍ଦି ହୋଇପାରନ୍ତି। ସମ୍ପର୍କୀୟଙ୍କ ଦ୍ୱାରା ପ୍ରତିବନ୍ଧକ କାରଣରୁ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ। ଜନକଲ୍ୟାଣ କାମ କରି ଆଦୃତ ହେବେ। ନିର୍ମାଣାଧୀନ କାମ, ଯାନ୍ତ୍ରିକ ଜିନିଷର ମରାମତି ଏବଂ ବୈବାହିକ ସମ୍ବନ୍ଧରେ ଫଳପ୍ରଦ ଆଲୋଚନା କରିପାରନ୍ତି।

**କର୍କଟ** କେନ୍ଦ୍ରକୋଣାଧିପଙ୍କ ଦୃଷ୍ଟିଜନିତ କର୍ମକ୍ଷେତ୍ରରେ ବହୁତ ଦିନର ଆଶା ଓ ଅଭିଳାଷ ପୂରଣ ହେବ। ବ୍ୟକ୍ତିଗତ କାର୍ଯ୍ୟରେ ଅନିମନ୍ତ୍ରିତ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ଯାତ୍ରାକାଳରେ ଯାନବାହନ ଚାଳନାରେ ସତର୍କ ରୁହନ୍ତୁ। ପାରିବାରିକ କ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ସେପରି କିଛି ହେବନି।

**ସିଂହ** ସ୍ୱରାଶିସ୍ଥ ଚନ୍ଦ୍ର ଆପଣଙ୍କୁ ଖର୍ଚ୍ଚାନ୍ତ କରାଇ ଅସ୍ଥିରତା ମଧ୍ୟରେ ସମୟ କଟାଇବେ। ବିଶେଷ ଭ୍ରମଣ ହେତୁ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ବିବାଦୀୟ ଘଟଣାରେ ଆତ୍ମୀୟମାନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ଇଚ୍ଛା ନ ଥାଇ ମଧ୍ୟ ଘର ଅପେକ୍ଷା ବାହାରେ ବେଶି ସମୟ କଟାଇବାକୁ ପଡ଼ିବ।

**କନ୍ୟା** କର୍ମାଧିପତି ଶନି ଗୃହରେ ଅବସ୍ଥାନ କରିଥିବାରୁ ସାମାନ୍ୟ ବିଳମ୍ବରେ କାମ ହାସଲ କରିବେ। ସାମାଜିକ ସ୍ତରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କହିବାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ସ୍ୱାର୍ଥହାନିର ଆଳ ଦେଖାଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**ତୁଳା** ମଙ୍ଗଳ ଓ ରାହୁଙ୍କ ସ୍ଥାନ ପ୍ରଭାବରେ କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ପ୍ରଶଂସିତ ହେବେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ । ବନ୍ଧୁଙ୍କ ନିକଟରୁ ଦ୍ରବ୍ୟଲାଭରୁ ଖୁସି ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ସୁପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ ଆତ୍ମତୃପ୍ତି ଲଭିବେ। ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବିଛା** କର୍ମସ୍ଥାନସ୍ଥ ଭାଗ୍ୟାଧିପତି ହେତୁ ମନ ଚାହିଁଲା ଭଳି କାମ କରିବା ସହ ଆଶା ପୂରଣ ହେବ। ଆଜି ଯାହା କରନ୍ତୁନା କାହିଁକି, ସହଯୋଗର ଅଭାବ ରହିବ ନାହିଁ। କିନ୍ତୁ ଏକଥା ସତ୍ୟ ଯେ, ପରିସ୍ଥିତିକୁ ସମ୍ଭାଳିବାକୁ ଯାଇ ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ। ସବୁ ଭଲ ହେଲେ ମଧ୍ୟ ଘରୋଇ କଳହକୁ ନେଇ ଅଶାନ୍ତି ଦେଖାଦେଇପାରେ।

**ଧନୁ** ଆଜିର ଗ୍ରହସ୍ଥିତି ଅନୁସାରେ କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ନିଜ ନିଜର ସ୍ୱାର୍ଥସାଧନ ମାନସରେ ନିଜ ଲୋକମାନେ ଦାଉ ସାଧିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ।

**ମକର** ଗ୍ରହସ୍ଥିତିର ଅନୁକୂଳତା ପ୍ରତ୍ୟେକ କାମ ସକାଶେ ସୁଫଳଦାୟୀ ରହିବ। ଯାହା ଚାହୁଁଛନ୍ତି ବନ୍ଧୁଙ୍କୁ ନିଃସଙ୍କୋଚରେ ନ କହିଲେ ସୁଯୋଗକୁ ଭବିଷ୍ୟତରେ ପାଇବେ ନାହିଁ। ସ୍ଥଗିତ କାମକୁ ପୂରା ଦମରେ କରିବାର ନିଷ୍ପତ୍ତି ନେଇ କୃତକାର୍ଯ୍ୟ ହେବେ। ମାନସିକ ଅସ୍ଥିରତା ମଧ୍ୟରେ ଭୋଗବିଳାସ, ବନ୍ଧୁଦର୍ଶନ, ଦ୍ରବ୍ୟଲାଭରୁ ଖୁସି ହୋଇପାରନ୍ତି।

**କୁମ୍ଭ** ଆନୁଷ୍ଠାନିକ କ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାର ସୁଯୋଗ ପାଇ ଖୁସି ହେବେ। ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବାରୁ ମନ ଭଲ ରହିବ । ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ଇଚ୍ଛା ନ ଥିଲେ ମଧ୍ୟ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି।

**ମୀନ** ପରିବାର ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ କରି ବିବାଦୀୟ ହୋଇପାରନ୍ତି। କେତେକ ଘଟଣାରେ ପିଲାଙ୍କ କାର୍ଯ୍ୟକଳାପ ପସନ୍ଦଯୋଗ୍ୟ ହୋଇ ନ ପାରେ। ବନ୍ଧୁଗହଣରେ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ। ରାଜନୀତି, କଳା, ସାହିତ୍ୟ, ସଭାସମିତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇଯିବେ।

ଆଜି ଫେବୃଆରୀ ୨୧ ତାରିଖ, ବିଶ୍ୱ ମାତୃଭାଷା ଦିବସ, ଫାଲ୍‌ଗୁନ ଶୁକ୍ଳ ଚତୁର୍ଥୀ ଯୁକ୍ତ ୫ମୀ, ଶନିବାର, ରାଶିନକ୍ଷତ୍ର-ରେବତୀ/ମୀନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଏବଂ ୫ମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୪ ଗତେ ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୦୮ ଗତେ ଘ.୧୦।୩୪ ମଧ୍ୟେ ରାହୁ କାଳ।

# ଡିଜିପି ନିଯୁକ୍ତିରେ ବିଳମ୍ବ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସୁପ୍ରିମକୋର୍ଟ 'କାର୍ଯ୍ୟକାରୀ ଡିଜିପି' ସଂସ୍କୃତିକୁ ଏକ ଗୁରୁତର ସାଙ୍ଗଠନିକ ତ୍ରୁଟି ଭାବରେ ସୂଚିତ କରିବା ପରେ ବି ପଞ୍ଜାବ ଏବେ ନିୟମିତ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ନିଯୁକ୍ତ କରିବାରେ ବିଳମ୍ବ କରୁଛି। ୩ ବର୍ଷରୁ ଅଧିକ ସମୟ ଧରି ଗୌରବ ଯାଦବ ଜଣେ କାର୍ଯ୍ୟକାରୀ ଡିଜିପି ଭାବେ ପଞ୍ଜାବ ପୋଲିସକୁ ନିୟନ୍ତ୍ରଣ କରୁଛନ୍ତି। ସେହି ବ୍ୟବସ୍ଥାକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ, କାରଣ ଏହା ପ୍ରକାଶ ସିଂହ ରାୟର ମୂଳତତ୍ତ୍ୱ ବିରୋଧରେ ଯାଏ, ଯାହା ପୋଲିସ ନେତୃତ୍ୱକୁ ରାଜନୈତିକ ସୁବିଧାରୁ ଦୂରେଇ ରଖିବାକୁ ଚେଷ୍ଟା କରିଥିଲା। ରାଜ୍ୟ ସରକାରଙ୍କ ସରକାରୀ ନୀତି ବା ଦୃଷ୍ଟିକୋଣରୁ ମନେହେଉଛି ଯେ ସେମାନେ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ୟୁପିଏସ୍‌ସିକୁ ଅପେକ୍ଷା କରିଛନ୍ତି। ଏହା ରଣନୀତି ବ୍ୟତୀତ ଅଧିକ ସମୟ ନେବାର କୌଶଳ ଭଳି ମନେହେଉଛି। ତେବେ କୋର୍ଟଙ୍କ ନିର୍ଦ୍ଦେଶ ସ୍ପଷ୍ଟ ଭାବରେ ୟୁପିଏସ୍‌ସିକୁ ମଧ୍ୟସ୍ଥ ଭାବରେ କାର୍ଯ୍ୟ ନ କରି ଅନୁପାଳନ ପାଇଁ ଚାପ ପକାଇବାକୁ କ୍ଷମତା ଦିଏ। ଆଶ୍ଚର୍ଯ୍ୟଜନକ କଥା ନିଯୁକ୍ତିରେ ବିଳମ୍ବ ଏକ ଗମ୍ଭୀର ସମସ୍ୟା ସୃଷ୍ଟିକରୁଛି। 'କାର୍ଯ୍ୟକାରୀ' ବ୍ୟବସ୍ଥା ଉପରେ ଗୋଟିଏ ରାଜ୍ୟ ଯେତେ ଅଧିକ ବିଳମ୍ବ କରିବ ତାହା ସେହି ବ୍ୟବସ୍ଥାର ମୂଳଦୁଆକୁ ସେତେ ଦୁର୍ବଳ କରିଦେବ। ଯୁକ୍ତି କରାଯାଇପାରେ ଯେ, କେବଳ ପଞ୍ଜାବ ନୁହେଁ, ଅନେକ ରାଜ୍ୟ ନିୟମିତ ନିଯୁକ୍ତି ବଦଳରେ କାର୍ଯ୍ୟକାରୀ ମୁଖ୍ୟଙ୍କୁ ନେଇ ଚଞ୍ଚକତା କରିଛନ୍ତି। କିନ୍ତୁ ଯେତେବେଳେ ସୁପ୍ରିମକୋର୍ଟ ସଙ୍କେତ ଦେଇଛନ୍ତି ଯେ ଏହା ସାଧାରଣ ପ୍ରଶାସନିକ ଧାରା ବା ପ୍ରକ୍ରିୟା ହେବା ଉଚିତ ନୁହେଁ ସେତେବେଳେ ବୁଝିବାକୁ ହେବ ଯେ, ଏହା ସମସ୍ତଙ୍କ ପାଇଁ କୁହାଯାଇଛି। ଯଦି ପଞ୍ଜାବ ସରକାର ବିଶ୍ୱସନୀୟ ଭାବରେ ଦାବି କରିବାକୁ ଚାହୁଁଛନ୍ତି ଯେ ଏହା ନିୟମଭିତ୍ତିକ ଶାସନକୁ ଗମ୍ଭୀରତାର ସହ ନେଉଛନ୍ତି, ତେବେ କେବଳ କହିବା ବ୍ୟତୀତ କାମରେ ଦେଖାଇବା ଦରକାର। ପ୍ରାର୍ଥୀମାନଙ୍କ ଏକ ଉପଯୁକ୍ତ ପ୍ୟାନେଲ ପଠାଇବା ଆବଶ୍ୟକ। ୟୁପିଏସ୍‌ସିକୁ ତା'ର କାମ କରିବାକୁ ଦେଇ ଜଣେ ପୂର୍ଣ୍ଣକାଳୀନ ଡିଜିପି ନିଯୁକ୍ତ କରନ୍ତୁ।

### ୩୦୦୦ ପଦବୀ ଖାଲି

ଅନେକ ବର୍ଷ ଧରି ଆମକୁ କୁହାଯାଇଛି ଯେ ଭାରତର ଅମଲାତନ୍ତ୍ରକୁ ପୁନର୍ଗଠନ କରାଯାଉଛି, ଯାହା ଏକବିଂଶ ଶତାବ୍ଦୀ ପାଇଁ ଅଧିକ କର୍ମଚଞ୍ଚଳ, ଅଧିକ ସ୍ୱତନ୍ତ୍ର ଏବଂ ଏକ ଜଟିଳ ସ୍ଥିତି ପାଇଁ ଅଧିକ ଉପଯୁକ୍ତ ହେବା ଦରକାର। କିନ୍ତୁ ରାଜ୍ୟ ସଭାରେ କୁହାଯାଇଛି, ସବୁ ସ୍ତରରେ ମୋଟ ୩୦୦୦ ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫ୍ଏସ୍ ପଦବୀ ଖାଲି ପଡ଼ିଛି। କେବଳ ୧୩୦୦ରୁ ଅଧିକ ଆଇଏଏସ୍ ଅଧିକାରୀଙ୍କ ଅଭାବ ରହିଛି। ଆଇଏଫ୍ଏସ୍ ଅଧିକାରୀଙ୍କ ପଦବୀ ମଧ୍ୟ ଖାଲି ରହିଛି। ଏହା କର୍ମଚାରୀଙ୍କ ସହ ଜଡ଼ିତ ଏକ ତ୍ରୁଟି ନୁହେଁ, ବରଂ ଏହା ସମ୍ପୂର୍ଣ୍ଣ ବ୍ୟବସ୍ଥାଗତ ତ୍ରୁଟି। ଏବେ ଲାଟେରାଲ ଏଣ୍ଟ୍ରି ବିଷୟକୁ ଆସିବା। ଏହା ଅମଲାତନ୍ତ୍ରରେ ବାଧା ଉପୁଜାଇବ ବୋଲି ମନେକରାଯାଉଥିଲା। ହେଲେ ୨୦୧୮ରେ ଏହା ଆରମ୍ଭ ହେବା ପରଠାରୁ ମନ୍ତ୍ରଣାଳୟଗୁଡ଼ିକରେ ୭ବର୍ଷରେ ମାତ୍ର ୬୩ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଏଣୁ ଏହା ବାଧା ନୁହେଁ; ବରଂ ଏହା ଏକ ବଡ଼ ତ୍ରୁଟି। ତେବେ ପ୍ରଶ୍ନ ଉଠୁଛି, ଲାଟେରାଲ ଏଣ୍ଟ୍ରି ପ୍ରତିଭା ଅଭାବକୁ ଦୂରକରିବା ପାଇଁ ଥିଲା ନା କେବଳ ସଂସ୍କାରକୁ ସୂଚିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା ? ନୀତି ନିର୍ଦ୍ଧାରଣରେ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞତାକୁ ପ୍ରବେଶ କରାଇବା ଲକ୍ଷ୍ୟ ଥିଲେ ମଧ୍ୟ ଏହା ବିଫଳ ହୋଇଛି, ଯାହା ନିଯୁକ୍ତି ସଂଖ୍ୟା ଦର୍ଶାଉଛି। ଯଦି ୟୁପିଏସ୍‌ସି ପ୍ରକ୍ରିୟା ମାଧ୍ୟମରେ ହ୍ରାସ ପାଉଥିବା ନିଯୁକ୍ତିକୁ ସୁଧାରିବା ଲକ୍ଷ୍ୟ ଥିଲା, ତେବେ ତାହା ହୋଇ ନ ଥିବା ସ୍ପଷ୍ଟ ହୋଇଛି। ଏହି ସମୟରେ, ନିଯୁକ୍ତିରେ ବାଧା ପାଇଁ ଶାସନ ବ୍ୟବସ୍ଥା ଅଟକିନାହିଁ। କର୍ମଚାରୀ ଅଭାବ ଥିବା ଏକ ଅମଲାତନ୍ତ୍ର ଅଧିକାରୀଙ୍କୁ ଦୁର୍ବଳ କରେ । ପଦବୀ ଖାଲି ପଡ଼ିବା ବଡ଼ ସମସ୍ୟା ନୁହେଁ। ସରକାର କ୍ୟାଡର ଶକ୍ତିକୁ ପୁନର୍ଗଠନ କରିବା ଦରକାର ଏବଂ କରିପାରିବେ ମଧ୍ୟ। ତେବେ ସମସ୍ୟା ହେଉଛି ଏହା କରିବାରେ ବିଳମ୍ବ ଏବଂ ମହତ୍ତ୍ୱାକାଂକ୍ଷା ଏବଂ କାର୍ଯ୍ୟାନ୍ୱୟନ ମଧ୍ୟରେ ଥିବା ବ୍ୟବଧାନ।

### ବଡ଼ ସଙ୍କେତ

ବରିଷ୍ଠ ଅଧିକାରୀମାନଙ୍କୁ ସାଂସଦଙ୍କ ପତ୍ରଗୁଡ଼ିକର ଶୀଘ୍ର ଉତ୍ତର ଦେବାକୁ କେନ୍ଦ୍ର ସ୍ପଷ୍ଟ ଭାବରେ କହିଛି। ଏବକାର ଏକ ନୂଆ ଚିଠି ଅଧିକାରୀମାନଙ୍କୁ ଗମ୍ଭୀରତାର ସହ ମନେପକାଇ ଦେଇଛି ଯେ ନିର୍ବାଚିତ ପ୍ରତିନିଧିମାନେ ଆମର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରନ୍ତି। କେହି ଭାବିପାରିବେ ଯେ ଏହି ଧାଡ଼ିଟି ସିଧାସଳଖ ଏକ ଗମ୍ଭୀର ବାର୍ତ୍ତା ଦେଇଛି। ତେବେ ସାଂସଦମାନେ କେବଳ ଚିଠି ଲେଖି ତାହାର ସ୍ୱୀକୃତିକୁ ଅପେକ୍ଷା କରିବାକୁ ନାହାନ୍ତି, ବରଂ ଲକ୍ଷ ଲକ୍ଷ ନାଗରିକଙ୍କ ପ୍ରତିନିଧିତ୍ୱକରି ସେମାନଙ୍କ କଥା ବୁଝିବାକୁ ଅଛନ୍ତି। ସେମାନଙ୍କ ଚିଠି ଅବାଞ୍ଛିତ ବାର୍ତ୍ତା ନୁହେଁ। ଏହି ଅମଲାତନ୍ତ୍ର ଜାଗରଣ କ'ଣ ପାଇଁ ଆରମ୍ଭ ହେଲା ? କେହି କହୁନାହାନ୍ତି। ସତ କହିବାକୁ ଗଲେ, ଏହି ଜାଗରଣ ଫାଇଲଗୁଡ଼ିକୁ ଗତିଶୀଳ ରଖେ ଏବଂ ଭାଷାକୁ ସମାନ ରଖେ। କିନ୍ତୁ ଯେତେବେଳେ ପ୍ରତ୍ୟେକ ପ୍ରତିକ୍ରିୟା ସାମଗ୍ରିକ ଭାବେ କିଛି ବିରକ୍ତି ଭାବେ ପ୍ରକାଶ କରେ, ସେତେବେଳେ ଏହା ବିଚ୍ଛିନ୍ନତା ତଥା ପ୍ରଭେଦତାର ଏକ ଗଭୀର ସଙ୍କେତ ଦିଏ। ଚିଠିଗୁଡ଼ିକ ଅଦୃଶ୍ୟ ହୋଇଯାଏ କି ନାହିଁ ତାହା ପ୍ରକୃତରେ ଅନୁଧ୍ୟାନର ବିଷୟ ନୁହେଁ, ବରଂ ଉତ୍ତରଗୁଡ଼ିକ ଚିନ୍ତାଧାରା, ନିର୍ଦ୍ଦିଷ୍ଟତା, ଦାୟିତ୍ୱ କିମ୍ବା ଏକ ସମୟସୀମାକୁ ଦର୍ଶାଉଛି କି ନାହିଁ ତାହା ଦେଖିବା କଥା।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | 6 | | 4 | | | | | 9 |
| 7 | | | 5 | 9 | | | | |
| 2 | | 5 | 1 | 3 | | 4 | | 6 |
| 6 | 8 | 4 | 3 | | | 7 | | |
| | 1 | | | 5 | | 6 | | |
| | 3 | 7 | | | 9 | | 2 | 1 |
| 4 | | | | | | | | |
| 8 | 5 | 9 | | | 4 | | 6 | 7 |
| | | 6 | 9 | 8 | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 7 | 2 | 4 | 3 | 5 | 9 | 8 |
| 9 | 3 | 2 | 5 | 8 | 6 | 7 | 4 | 1 |
| 4 | 8 | 5 | 9 | 1 | 7 | 6 | 3 | 2 |
| 7 | 4 | 9 | 3 | 2 | 1 | 8 | 6 | 5 |
| 8 | 5 | 1 | 4 | 6 | 9 | 3 | 2 | 7 |
| 3 | 2 | 6 | 8 | 7 | 5 | 4 | 1 | 9 |
| 2 | 7 | 8 | 1 | 3 | 4 | 9 | 5 | 6 |
| 1 | 9 | 3 | 6 | 5 | 8 | 2 | 7 | 4 |
| 5 | 6 | 4 | 7 | 9 | 2 | 1 | 8 | 3 |

ଗତକାଲିର ଉତ୍ତର

# ମାତୃଭାଷା ଓ ସାମଗ୍ରିକ ପ୍ରଗତି



ଦେବେନ୍ଦ୍ର ନାଥ ରାଉତ

ଜଗତୀକରଣ, ପ୍ରଯୁକ୍ତି ବିପ୍ଳବ ଓ ଆର୍ଥିକ ପ୍ରତିଦ୍ୱନ୍ଦ୍ୱିତାର ଏହି ଯୁଗରେ ଭାଷା ପ୍ରଶ୍ନ ପୁଣିଥରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଉଠିଛି। ସରକାରଙ୍କ ଶିକ୍ଷାନୀତି, ଶିକ୍ଷିତ ଅଭିଭାବକଙ୍କ ଏଥିପ୍ରତି ଅନାଶକ୍ତି, ବିଶେଷଜ୍ଞଙ୍କ ଦମ୍ଭୋକ୍ତି ତଥା ଭୋଟ ରାଜନୀତିରେ ଭାଷା ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛି। ବିଗତ କେତେ ଦଶନ୍ଧି ଧରି ଅନେକଙ୍କ ମନରେ ଏକ ଭ୍ରମ ଧାରଣା ଗଢ଼ିଉଠିଛି ଯେ ଉନ୍ନତି ପାଇଁ ମାତୃଭାଷାକୁ ପଛକୁ ରଖି ଅନ୍ତର୍ଜାତୀୟ ଭାଷାକୁ ଅଙ୍ଗୀକାର କରିବା ଦରକାର। ଅଭିଭାବକମାନେ ଶିଶୁମାନଙ୍କୁ ବିଦେଶୀ ଭାଷା ମାଧ୍ୟମରେ ପଢ଼ାଇବାକୁ ଭବିଷ୍ୟତ ସଫଳତାର ଏକମାତ୍ର ଉପାୟ ବୋଲି ଭାବୁଛନ୍ତି। କିନ୍ତୁ ଶିକ୍ଷା ମନୋବିଜ୍ଞାନ ଓ ବିଶ୍ୱ ଅନୁଭବ କହୁଛି, ଏହି ଧାରଣା ଏକ ଅର୍ଦ୍ଧସତ୍ୟ। ଉନ୍ନତିର ମୂଳ ଅନୁକରଣରେ ନୁହେଁ; ଏହା ଗଭୀର ବୁଝାମଣାରେ ନିହିତ ରହିଥାଏ। ଏବଂ ସେହି ବୁଝାମଣାର ଆରମ୍ଭ ହୁଏ ମାତୃଭାଷାରୁ।

ଶିଶୁ ଯେଉଁ ଭାଷାରେ ପ୍ରଥମେ ଜଗତକୁ ଚିହ୍ନିଥାଏ, ମା'ର ସ୍ନେହକୁ ଅନୁଭବ କରିଥାଏ, ଗପ ଶୁଣେ ଓ ଚାରିପାଖର ଜୀବନକୁ ବୁଝେ ; ସେହି ଭାଷା ତା'ର ଚିନ୍ତନର ଭିତ୍ତି। ଯଦି ପ୍ରାଥମିକ ଶିକ୍ଷା ଏହି ଭାଷାରେ ଦିଆଯାଏ, ତେବେ ଧାରଣାଗତ ସ୍ପଷ୍ଟତା ବଢ଼େ, ସମାଲୋଚନାତ୍ମକ ଚିନ୍ତନ ଶକ୍ତି ବିକଶିତ ହୁଏ ଓ ଆତ୍ମବିଶ୍ୱାସ ଦୃଢ଼ ହୁଏ। ଯଦି ଶିଶୁମାନଙ୍କୁ ଅଜଣା ଭାଷାରେ ଗଣିତ କିମ୍ବା ବିଜ୍ଞାନ ପଢ଼ାଯାଏ, ସେମାନେ ପ୍ରଥମେ ଭାଷାକୁ ବୁଝିବାରେ ଶକ୍ତି ବ୍ୟୟ କରନ୍ତି, ପରେ ବିଷୟକୁ ବୁଝିବାରେ ସାମର୍ଥ୍ୟ ବିନିଯୋଗ କରିଥାନ୍ତି। ଏହାଦ୍ୱାରା ଶିକ୍ଷାର ଗଭୀରତା ବୃଦ୍ଧି ପାଏ ନାହିଁ, ବରଂ କେବଳ ପାଠ୍ୟାନୁସ୍ମୃତି ହୋଇରହିଯାଏ। କିନ୍ତୁ ମାତୃଭାଷାରେ ଶିକ୍ଷା ପ୍ରଦାନ କରାଗଲେ ଶିଶୁ ସିଧାସଳଖ ବିଷୟକୁ ବୁଝେ ; ପ୍ରଶ୍ନ କରିବାରେ ସଙ୍କୋଚ କରେନାହିଁ; ନିଜର ଚିନ୍ତାକୁ ପ୍ରକାଶ କରିବାରେ ଭୟଭୀତ ହୁଏନାହିଁ। ଏହା ତାଙ୍କର ବୁଦ୍ଧିମତ୍ତାର ଦୃଢ଼ ଆଧାର ସୃଷ୍ଟି କରେ।

ମାତୃଭାଷା କେବଳ ଶିକ୍ଷାର ମାଧ୍ୟମ ନୁହେଁ, ଏହା ଭାବନାର ଭିତ୍ତି। ଶିଶୁ ଯେଉଁ ଭାଷାରେ ଘରେ ଆଲୋଚନା କରେ, ଗୀତ ଶୁଣେ, ଲୋକକଥା ଶୁଣେ, ସେହି ଭାଷା ତାଙ୍କର ମନୋବଳକୁ ସୁଦୃଢ଼ କରେ। ଯଦି ବିଦ୍ୟାଳୟରେ ସେହି ଭାଷାକୁ ସ୍ଥାନ ମିଳେନାହିଁ, ଶିଶୁ ଘର ଓ ପାଠଶାଳା ମଧ୍ୟରେ ଏକ ଦୂରତ୍ୱ ଅନୁଭବ କରେ। ଏହି ଦୂରତ୍ୱ ଆତ୍ମବିଶ୍ୱାସକୁ କ୍ଷୀଣ କରେ। ତେଣୁ ମାତୃଭାଷା ଆଧାରିତ ଶିକ୍ଷା ଭାବନାତ୍ମକ ସ୍ଥିରତା ଓ ସାମାଜିକ ସମାନତାକୁ ମଜଭୁତ କରେ। ଏହା ଶିଶୁଙ୍କୁ ନେତୃତ୍ୱ ଓ ସାମାଜିକ ଦାୟିତ୍ୱର ପଥରେ ଆଗକୁ ବଢ଼ାଏ।




ବିଶ୍ୱର ଉନ୍ନତ ଦେଶଗୁଡ଼ିକ ଅନୁଭବ ଏହାକୁ ସ୍ପଷ୍ଟ କରେ। ଫିନ୍‌ଲାଣ୍ଡ ତାହାର ମାତୃଭାଷାକୁ ଆଧାର କରି ଶିକ୍ଷା ପ୍ରଣାଳୀକୁ ଶକ୍ତିଶାଳୀ କରିଛି ଏବଂ ଶିକ୍ଷାରେ ବିଶ୍ୱରେ ଶୀର୍ଷ ସ୍ଥାନ ଅଧିକାର କରିଛି। ଜାପାନ ଜାପାନୀ ଭାଷାରେ ବିଜ୍ଞାନ ଓ ପ୍ରଯୁକ୍ତିକୁ ଉନ୍ନତ କରି ଶିଳ୍ପୀକରଣରେ ଅଗ୍ରଗାମୀ ହୋଇଛି। ଚାଇନା ମାନ୍ଦାରିନ ଭାଷାକୁ ଆଧାର କରି ଅର୍ଥନୈତିକ ଶକ୍ତିରେ ପରିଣତ ହୋଇଛି। ଦକ୍ଷିଣ କୋରିଆ ଓ ଇସ୍ରାଏଲ ମଧ୍ୟ ନିଜ ଭାଷାରେ ଶିକ୍ଷା ଓ ଗବେଷଣାକୁ ଅଗ୍ରସର କରି ବିଶ୍ୱସ୍ତରରେ ପ୍ରଗତି କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛନ୍ତି। ରୁଷିଆ ନିଜ ମାତୃଭାଷାକୁ ସମସ୍ତ ଶିକ୍ଷାର ମାଧ୍ୟମ କରି ବିଶ୍ୱରେ ଉନ୍ନତିର ଶିଖରରେ ପହଞ୍ଚିଛି। ଯୁକ୍ତରାଷ୍ଟ୍ର ଆମେରିକା ଓ ଇଂଲଣ୍ଡ ନିଜ ମାତୃଭାଷା ଇଂଲିଶକୁ ଆଧାର କରି ସମସ୍ତ କାର୍ଯ୍ୟ ପରିଚାଳନା କରି ବିଶ୍ୱର ଉନ୍ନତ ରାଷ୍ଟ୍ର ଭାବରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି। ସେମାନେ ଉନ୍ନତି ପାଇଁ ନିଜ ଭାଷାକୁ ଛାଡ଼ିନାହାନ୍ତି ; ବରଂ ନିଜ ଭାଷାରେ ଆତ୍ମବିଶ୍ୱାସ ବୃଦ୍ଧି କରିଛନ୍ତି।

ମାତୃଭାଷାର ବ୍ୟବହାର ଓ ସାମଗ୍ରିକ ପ୍ରଗତି କ୍ଷେତ୍ରରେ ଭାରତର ଅଭିଜ୍ଞତା ମଧ୍ୟ ଏହି ତଥ୍ୟକୁ ସମର୍ଥନ କରେ। କେରଳ ମାଲୟାଲମ ଭାଷାକୁ ଶିକ୍ଷାର ଆଧାର କରି ଉଚ୍ଚ ସାକ୍ଷରତା ଓ ମାନବ ସମ୍ବଳ ବିକାଶ କ୍ଷେତ୍ରରେ ପ୍ରଭୂତ ଉନ୍ନତି ହାସଲ କରିଛି। କର୍ଣ୍ଣାଟକ କନ୍ନଡ ଭାଷାକୁ ପ୍ରାଧାନ୍ୟ ଦେଇ ବିଶ୍ୱ ଆଇଟି ମାନଚିତ୍ରରେ ଶକ୍ତିଶାଳୀ ସ୍ଥାନ ନେଇଛି। ପଶ୍ଚିମବଙ୍ଗ ବଙ୍ଗଳା ଭାଷାକୁ ଆଧାର କରି ସାହିତ୍ୟ ଓ ବୁଦ୍ଧିଜୀବୀ ପରମ୍ପରାକୁ ଜୀବନ୍ତ ରଖିଛି। ଏହି ଉଦାହରଣଗୁଡ଼ିକ ପ୍ରମାଣ କରେ ଯେ ଆଞ୍ଚଳିକ ଭାଷା ଓ ଆର୍ଥିକ ଅଗ୍ରଗତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ।

ଆର୍ଥିକ ଉନ୍ନତିର ଏକମାତ୍ର ମାଧ୍ୟମ ଭାବେ ଇଂଲିଶକୁ ଦେଖିବା ଏକ ମାନସିକ ଭ୍ରାନ୍ତି। ଆର୍ଥିକ ସଫଳତାର ମୂଳ ହେଉଛି ସୃଜନଶୀଳତା, ନୂତନ ଚିନ୍ତନ ଓ ଗଭୀର ବୁଝାମଣା। ଏହି ଗୁଣଗୁଡ଼ିକ ମାତୃଭାଷାର ବ୍ୟବହାର ଦ୍ୱାରା ଦୃଢ଼ ଭାବରେ ଉନ୍ନତି କରେ। ମାତୃଭାଷା ଆଧାରିତ ଶିକ୍ଷା ଛାତ୍ରୀଛାତ୍ରଙ୍କ ଅନୁପସ୍ଥିତି ହାର କମାଏ, ସମାବେଶୀ ଶିକ୍ଷାକୁ ପ୍ରୋତ୍ସାହନ ଦିଏ ଓ ଦକ୍ଷ ମାନବ ସମ୍ବଳ ବିକାଶରେ ସହାୟକ ହୁଏ। ଏହା ଦେଶର ଆର୍ଥିକ ଭିତ୍ତିକୁ ମଜଭୁତ କରେ। ଏଥିସହିତ ଭାଷା ସାଂସ୍କୃତିକ ଓ ନୈତିକ ମୂଲ୍ୟର ଭଣ୍ଡାର। ଲୋକକଥା, ପ୍ରବଚନ, ଐତିହ୍ୟ, ଧାର୍ମିକ ଓ ସାମାଜିକ ଆଦର୍ଶ, ସବୁ ମାତୃଭାଷାରେ ସଞ୍ଚରିତ ହୋଇଥାଏ। ଯଦି ଏହି ମାତୃଭାଷାକୁ ଶିକ୍ଷାରୁ ବାଦ ଦିଆଯାଏ, ସମାଜର ସାଂସ୍କୃତିକ ସତ୍ତା ଦୁର୍ବଳ ହୋଇଯାଏ। ତେଣୁ ମାତୃଭାଷା ରକ୍ଷା କରିବା ଅର୍ଥ ସଂସ୍କୃତି ଓ ନୈତିକ ଭିତ୍ତିକୁ ରକ୍ଷା କରିବା ବୁଝାଯାଏ ।

ଏହା ମନେ ରଖିବା ଆବଶ୍ୟକ ଯେ ମାତୃଭାଷାକୁ ସୁଦୃଢ଼ କରିବାର ଅର୍ଥ ଅନ୍ତର୍ଜାତୀୟ ଭାଷାକୁ ବାଦ ଦେବା ନୁହେଁ। ପ୍ରଥମେ ମାତୃଭାଷାରେ ଦୃଢ଼ ଭିତ୍ତିଭୂମି ଗଢ଼ି, ପରେ ଅନ୍ୟ ଭାଷାକୁ ଶିଖିବା ହେଉଛି ଠିକ ପଥ। ଏହା ଶିଶୁଙ୍କୁ ଦୁଇଟି ଲାଭ ଦିଏ; ନିଜର ମୌଳିକ ବିଶ୍ୱାସ ସହିତ ନିବିଡ଼ତା ଓ ବିଶ୍ୱ ସହିତ ଉତ୍ତମ ସଂଯୋଗ।

ବିଶ୍ୱ ଓ ଭାରତୀୟ ଅନୁଭବର ତୁଳନାତ୍ମକ ବିଶ୍ଳେଷଣରୁ ଏହା ସ୍ପଷ୍ଟ ଯେ ; ମାତୃଭାଷା ହେଉଛି ସମଗ୍ର ଉନ୍ନତିର ମୂଳ ଆଧାର। ମାତୃଭାଷା ବ୍ୟକ୍ତିର ବୁଦ୍ଧିମତ୍ତାକୁ ସ୍ୱାଧୀନ ଓ ସୃଜନଶୀଳ କରେ ; ଏହା ଚିନ୍ତନ ଶକ୍ତିରେ ଆତ୍ମନିର୍ଭରତା ପ୍ରଦାନ କରେ । ଏହା ଭାବନାତ୍ମକ ସହନଶୀଳତା ବଢ଼ାଇ ସମାଜରେ ଏକତା ଓ ସାମ୍ବିଧାନିକ ସମ୍ମାନବୋଧକୁ ସୁଦୃଢ଼ କରେ। ମାତୃଭାଷା ସାଂସ୍କୃତିକ ଅଖଣ୍ଡତାକୁ ସୁଦୃଢ଼ କରି ମୂଳ ସହିତ ସଂଯୋଗକୁ ଜୀବନ୍ତ ରଖେ ଏବଂ ନୈତିକ ପରିପକ୍ୱତାକୁ ପୋଷଣ ପ୍ରଦାନ କରେ। ଏହା କେବେ ମଧ୍ୟ ଆର୍ଥିକ ଆଧୁନିକୀକରଣରେ ବାଧା ସୃଷ୍ଟି କରେନାହିଁ; ବରଂ ଦୃଢ଼ ମୌଳିକଭିତ୍ତି ଉପରେ ଦଣ୍ଡାୟମାନ ଥିବା ବ୍ୟକ୍ତିକୁ ବିଶ୍ୱମାନବ ଭାବେ ଗଢ଼ିତୋଳେ। ମାତୃଭାଷା ଆଧାରିତ ଶିକ୍ଷା ଆତ୍ମବିଶ୍ୱାସୀ ତଥା ବହୁଭାଷୀତ୍ୱକୁ ସମ୍ଭବ କରେ, ଯେଉଁଠାରେ ଜଣେ ନିଜ ମୂଳକୁ ଅକ୍ଷୁର୍ଣ୍ଣ ରଖି ଅନ୍ୟ ଭାଷାରେ ନିଜର ଆଧିପତ୍ୟ ବିସ୍ତାର କରିପାରେ। ଯେଉଁ ପ୍ରଗତି ପଥ ମାତୃଭାଷାକୁ ଅବହେଳା କରେ, ତାହା ମନୋବୈଜ୍ଞାନିକ ସୁରକ୍ଷା ଓ ସାଂସ୍କୃତିକ ଅବିଚ୍ଛିନ୍ନତାକୁ ଦୁର୍ବଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ।

ଭାଷା କେବଳ ଶବ୍ଦର ମାଧ୍ୟମ ନୁହେଁ; ଏହା ଗଭୀର ଚିନ୍ତନର ଦ୍ୱାର, ସଂସ୍କୃତିର ଭିତ୍ତି ଓ ବ୍ୟକ୍ତିତ୍ୱର ଆଧାର। ଯଦି ଆମେ ଦେଶକୁ ସର୍ବକାଳୀନ ଭାବେ ଶକ୍ତିଶାଳୀ କରିବାକୁ ଚାହୁଁ, ତେବେ ମାତୃଭାଷାକୁ ଶିକ୍ଷା ଓ ନୀତିର କେନ୍ଦ୍ର ସ୍ଥାନରେ ରଖିବା ଦରକାର। ମୂଳ ସୁଦୃଢ଼ ହେଲେ ବୃକ୍ଷ ଆକାଶକୁ ସ୍ପର୍ଶ କରିବାର ସମ୍ଭାବନା ସୃଷ୍ଟି କରିଥାଏ। ତେଣୁ ଉନ୍ନତିର ପଥ ମାତୃଭାଷାରୁ ଆରମ୍ଭ ହୋଇ, ସ୍ଥାନୀୟ ଭିତ୍ତିରେ ଦୃଢ଼, ବିଶ୍ୱ ସହିତ ସଂଯୁକ୍ତ ହେଉ।

**ନୂଆଦିଲ୍ଲୀ, ମୋ: ୯୩୫୦୧୨୭୩୭୦**

## ଏଇ ଭାରତରେ

ଦିଲ୍ଲୀର ବିହାନ୍ ଓ ନାଭ୍ ଅଗ୍ରୱାଲ ଦେଶର ୧୪ଟି ସହରରେ ୧ ମିଲିୟନ (୧୦ ଲକ୍ଷ) କେ.ଜି. ବର୍ଜ୍ୟ ରିସାଇକେଲିଂ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଦିଲ୍ଲୀରେ ଲୋକମାନେ ବର୍ଜ୍ୟ ପୋଡ଼ିଦେଉଥିବା ଲକ୍ଷ୍ୟକରି ତାହାକୁ ବନ୍ଦ କରିବା ସକାଶେ ଏହି ଦୁଇଭାଇ ବର୍ଜ୍ୟ ସଂଗ୍ରହ ଆରମ୍ଭ କରିଥିଲେ। ୨୦୧୭ରେ ସେମାନେ ପ୍ରଥମେ ତାଙ୍କ ଘରୁ ଓ ପରେ ୧୫ଟି ପରିବାରରୁ ବର୍ଜ୍ୟ ସଂଗ୍ରହକରି ରିସାଇକେଲିଂ ପାଇଁ ପଠାଇଥିଲେ। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୨୦୧୮ରେ ସେମାନେ 'ୱାନ୍ ଷ୍ଟେପ୍ ଗ୍ରୀନର୍' ନାମକ ଏକ ଷ୍ଟାର୍ଟଅପ୍ ଗଠନ କରିଥିଲେ। ଏହି ଷ୍ଟାର୍ଟଅପ୍ ସହ ବହୁ ଯୁବ ସ୍ୱେଚ୍ଛାସେବୀ ଯୋଗଦେଇଛନ୍ତି। ଏବେ ଏହା ମାଧ୍ୟମରେ ୧୪ଟି ସହରରୁ ବର୍ଜ୍ୟ ସଂଗ୍ରହ ଚାଲିଛି। ଏହାସହ ସ୍କୁଲ ଓ କାର୍ଯ୍ୟାଳୟଗୁଡ଼ିକରୁ ମଧ୍ୟ ବର୍ଜ୍ୟ ସଂଗ୍ରହ କରାଯାଉଛି। ବିଶେଷକରି ପ୍ଲାଷ୍ଟିକ୍, କାର୍ଡବୋର୍ଡ, ଧାତୁ, ଗ୍ଲାସ୍ ଏବଂ ଇ-ବର୍ଜ୍ୟ ସଂଗ୍ରହକରି ରିସାଇକେଲିଂ କେନ୍ଦ୍ରକୁ ପଠାଯାଉଛି। ଏହି ଷ୍ଟାର୍ଟଅପ୍ ମଧ୍ୟ ୭୩,୦୦୦ରୁ ଅଧିକ ଗଛ ଲଗାଇବାରେ ସହଯୋଗ କରିଛି। ସଂଗୃହୀତ ବର୍ଜ୍ୟକୁ ଅଲଗା କରିବା କାମରେ ଅନେକ ହଜାର ମହିଳାଙ୍କୁ ରୋଜଗାର ମିଳୁଛି।

# ବୈଜ୍ଞାନିକ ଦୃଷ୍ଟିକୋଣ



ଡ. କମଳାକାନ୍ତ ଜେନା

ବିଜ୍ଞାନ ଯୁଗର ବୈଜ୍ଞାନିକମାନଙ୍କୁ ଦେଖିଲେ ଆମେ ବିଜ୍ଞାନଠାରୁ ଅନେକ ଦୂରରେ ରହିଲା ପରି ମନେହୁଏ। ଆମେ ଭାବୁ, ବିଜ୍ଞାନ କେବଳ ବୈଜ୍ଞାନିକର ସମ୍ପତ୍ତି। କାହିଁକି ନା ବିଜ୍ଞାନ ତା' ଜୀବନ। ଘଟଣା ପଛରେ ଲୁଚିଥିବା ରହସ୍ୟର ସେ ଅନୁସନ୍ଧାନ କରେ। ତା' ଭିତରେ ନୂତନ ସୃଷ୍ଟି କରିବାର ପ୍ରୟାସ ଭରି ରହିଥାଏ। ତା' ମନ ଭିତରେ ଅନ୍ଧବିଶ୍ୱାସରୁ ନିଷ୍କୃତିପ୍ରାପ୍ତିର ଆଭାସ ମିଳେ। ପାର୍ଥିବ ଦୁନିଆର ତେଲଲୁଣଠାରୁ ଊର୍ଦ୍ଧ୍ୱରେ ରହିଥିବା ଜିଜ୍ଞାସୁ ସିଏ। ଆଜନ୍ମ ଜ୍ଞାନର ପିପାସୁ ସିଏ। କିନ୍ତୁ ବୈଜ୍ଞାନିକମାନେ ମାଆ ପେଟରୁ ବୈଜ୍ଞାନିକ ହୋଇ ଆସନ୍ତି ନାହିଁ। ବରଂ ସେମାନଙ୍କର ବୈଜ୍ଞାନିକ ଦୃଷ୍ଟିକୋଣ ଓ କଠିନ ପରିଶ୍ରମ ସେମାନଙ୍କୁ ବିଶ୍ୱବିଖ୍ୟାତ ବୈଜ୍ଞାନିକର ଆସନ ଦିଏ। ଆମେ ଗଛରେ ପାଣି ଦେଉ। ପାଣି ଗଛକୁ ଖାଦ୍ୟ ଯୋଗାଇ ଦିଏ ବୋଲି ଆମେ ଜାଣୁ। କିନ୍ତୁ ପାଣି କିପରି ଗଛକୁ ଖାଦ୍ୟ ଯୋଗାଇବାରେ ସାହାଯ୍ୟ କରେ, ସେକଥା ଆମକୁ ଅଜଣା। ଏହା ଉପରେ ଗବେଷଣା କରୁଥିବା ବୈଜ୍ଞାନିକ ଏହାର ଭିତିରି କଥା ବୁଝିପାରେ। ପାଣି ପାଇପର ମୁଣ୍ଡକୁ ଚିପି ଧରିଲେ ପାଣିର ଧାର ବେଶି ଦୂରକୁ ଯାଇପାରେ ଓ ଛାଡିଦେଲେ ପାଖରେ ପଡେ। ପାଇପ୍ ମୁଣ୍ଡକୁ କେତେ ଚିପିଲେ ପାଣି କେତେବାଟ ଯିବ, ସେକଥା ଆମକୁ ଜଣା। କିନ୍ତୁ ଏକଥା ପଛରେ ଲୁଚି ରହିଥିବା କାରଣ ଆମକୁ ଜଣାନାହିଁ। ତେଣୁ ଆମେ ସମସ୍ତେ ବିଜ୍ଞାନ ସହିତ ଜଡିତ। ତେବେ ବୈଜ୍ଞାନିକ ହେବାର ସାମର୍ଥ୍ୟ ଆମ ପାଖରେ ଥିଲେ ବି ଗବେଷଣା କରିନାହୁଁ ବୋଲି ଆମକୁ ବୈଜ୍ଞାନିକର ଆଖ୍ୟା ମିଳେନାହିଁ।

ଚକ ବୁଲିଲେ ସାଇକେଲ ଆଗରେ ଲାଗିଥିବା ଡାଇନାମୋ ଦ୍ୱାରା ଆଲୁଅ ଜଳେ। ଡାଇନାମୋ ଉଦ୍ଭାବନ କରିଥିଲେ ମାଇକେଲ ଫାରାଡେ, ଯିଏକି ପିଲାଦିନେ ଭଲରେ ଓଳିଏ ଖାଇବାକୁ ପାଉ ନ ଥିଲେ। ବଞ୍ଚିବା ପାଇଁ ସେ ଖବରକାଗଜ ବିକିଛନ୍ତି ଓ ବହି ବନ୍ଧେଇ କରିଛନ୍ତି। କିନ୍ତୁ ବିଜ୍ଞାନ ପ୍ରତି ତାଙ୍କର ପ୍ରଗାଢ଼ ଅନୁରକ୍ତି ତାଙ୍କୁ ପ୍ରସିଦ୍ଧି ଆଣିଦେଇଛି। ଘଟଣାର ଗଭୀର ଅନୁଶୀଳନ କରି ତାକୁ ଏକ ସାଧାରଣ ସିଦ୍ଧାନ୍ତ ରୂପରେ ପରିବେଷଣ କରିବା ବୈଜ୍ଞାନିକର ମୌଳିକ ଲକ୍ଷଣ। ସଫଳ ବୈଜ୍ଞାନିକ ହେବା ପାଇଁ ଡାକ୍ତର ବା ଇଞ୍ଜିନିୟର ହେବା ଜରୁରୀ ନୁହେଁ, ବରଂ ଆଗ୍ରହ ଦରକାର ଓ ବୈଜ୍ଞାନିକ ଦୃଷ୍ଟିକୋଣ ଆବଶ୍ୟକ। ପଥର ଫିଙ୍ଗି ଆମ୍ବ ତୋଳିବା ସମୟରେ, ବଂଶୀ ବାଦନ ବେଳେ ଓ ଗିଟାର ବାଦନ ସମୟରେ ଆମେ ବୈଜ୍ଞାନିକ ପରି ବ୍ୟବହାର କରୁ। କିନ୍ତୁ ଆଗ୍ରହ ନ ଥିବାରୁ ଏସବୁ ପଛରେ ରହିଥିବା ବୈଜ୍ଞାନିକ କାରଣଠାରୁ ଦୂରରେ ରହୁ। ବିଜ୍ଞାନ ଅଲୌକିକ ପ୍ରତିଭାର ପରିଚୟ ଖୋଜେନାହିଁ।



ଖୋଜେ ବ୍ୟକ୍ତିର ଦୃଷ୍ଟିକୋଣରେ ସ୍ୱାତନ୍ତ୍ର୍ୟ।

ପ୍ରକୃତି ବିଜ୍ଞାନକୁ ଜନ୍ମ ଦେଇଛି। ପ୍ରକୃତିକୁ ବୁଝିବା ହିଁ ବିଜ୍ଞାନର ଉଦ୍ଦେଶ୍ୟ। ପ୍ରକୃତି ସହିତ ଅଭିନ୍ନ ମିତ୍ରତା ଆମର ଦୃଷ୍ଟିକୋଣକୁ ବିଜ୍ଞାନ ସମ୍ମତ କରେ। ଚନ୍ଦ୍ରଶେଖର ଭେଙ୍କଟ ରାମନ୍ ଥିଲେ ପ୍ରକୃତିପ୍ରେମୀ। ଆକାଶ ଓ ସମୁଦ୍ରର ସୁନ୍ଦର ନୀଳରଙ୍ଗ ତାଙ୍କୁ ବିଶେଷ ଆକର୍ଷିତ କରିଥିଲା। ସେହି ବିଷୟରେ ଅଧିକ ଜାଣିବା ପାଇଁ ସେ ଇଚ୍ଛା କଲେ। ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହି ରଙ୍ଗର ସୃଷ୍ଟି ବିଷୟରେ ସେ ବିଚାର କଲେ। ପ୍ରକୃତିର ସେହି ନୀଳ ରଙ୍ଗ ଉପରେ ଗବେଷଣା କରି ୧୯୩୦ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିଲେ। କାରଣ ଆଲୋକର ଅଦ୍ଭୁତ ବ୍ୟବହାର ସମ୍ପର୍କିତ ଏକ ସତ୍ୟକୁ ସେ ଆବିଷ୍କାର କଲେ, ଯାହାର ନାମ 'ରାମନ୍ ପ୍ରଭାବ'। ସେହି ସତ୍ୟ ହେଉଛି – ରଙ୍ଗିନ ଆଲୋକ ରଶ୍ମିଟିଏ ତରଳ ପଦାର୍ଥ ଦେଇ ଗତି କଲେ, ତାହାର ସାମାନ୍ୟ କିଛି ଅଂଶ ତରଳର ଅଣୁ ଦ୍ୱାରା ନୂତନ ଏକ ରଙ୍ଗରେ ବିଚ୍ଛୁରିତ ହୁଏ। ଏହା ଥିଲା ଏକ ମହାର୍ଘ୍ୟ ସତ୍ୟ। ଅଦ୍ୟାବଧି ଆମ ଭାରତ ପାଇଁ ଭେଙ୍କଟ ରାମନ୍‌ଙ୍କର ପୁରସ୍କାର ହେଉଛି ପଦାର୍ଥ ବିଜ୍ଞାନରେ ଏକମାତ୍ର ନୋବେଲ ପୁରସ୍କାର। ଭେଙ୍କଟ ରାମନ୍ ଯେଉଁ ଉପକରଣ ସହାୟତାରେ ଗବେଷଣା କରୁଥିଲେ, ତାହାର ମୂଲ୍ୟ ଥିଲା ମାତ୍ର ୨୦୦ ଟଙ୍କା। ସେ ପ୍ରମାଣ କରିଦେଲେ ଯେ, ବୈଜ୍ଞାନିକ ହେବା ପାଇଁ ବଡ ବଡ ଯନ୍ତ୍ରପାତି ଜରୁରୀ ନୁହେଁ। ବିଦେଶ ଯିବା ନିହାତି ଜରୁରୀ ନୁହେଁ। ବୈଜ୍ଞାନିକ ଦୃଷ୍ଟିକୋଣସମ୍ପନ୍ନ ଦୃଢ ମନୋବଳ ସାଙ୍ଗକୁ ଏକାଗ୍ରତା ହିଁ ବିଜ୍ଞାନ କ୍ଷେତ୍ରରେ ସିଦ୍ଧି ଆଣିଦିଏ।

ସମସ୍ତେ ସବୁ ଘଟଣା ଓ ପରିଘଟଣା ଦେଖନ୍ତି। କିନ୍ତୁ ସମସ୍ତେ ବୈଜ୍ଞାନିକର ଭାବ ନେଇ ସେସବୁ ଉପରେ ଚିନ୍ତା କରନ୍ତି ନାହିଁ। ଯେ କୌଣସି ପରିଘଟଣା ଉପରେ ବୈଜ୍ଞାନିକ ଦୃଷ୍ଟିକୋଣରୁ ଚିନ୍ତା କଲେ କିଛି ନା କିଛି ନୂଆ କଥା ଜାଣିହେବ। କିଛି କିଛି ନୂଆ କଥା ମିଶି ଦିନେ ତାହା ଏକ ସମ୍ପୂର୍ଣ୍ଣ ଆବିଷ୍କାରର ରୂପ ନେବ ଓ ଆମକୁ ବୈଜ୍ଞାନିକର ମାନ୍ୟତା ଦେଇପାରିବ। ଆମ ଦେଶର ଜୈବବିବିଧତା ସାରା ପୃଥିବୀରେ ଅନନ୍ୟ। ଭାରତ ଭଳି ଏକ ବିସ୍ତୃତ ପ୍ରାକୃତିକ ଗବେଷଣାଗାରରେ ଗବେଷଣା କରିବାର ଯଥେଷ୍ଟ ପାଥେୟ ରହିଛି। ଆମ ଭୂଖଣ୍ଡରେ ଘଟୁଥିବା ପ୍ରତ୍ୟେକ ପରିଘଟଣାକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କଲେ ଅମାପ ନୂତନ ସତ୍ୟର ସନ୍ଧାନ ମିଳିପାରିବ। ଆମର ଯୁକ୍ତିଯୁକ୍ତ ବିଚାର ତତ୍ ସମ୍ପର୍କିତ ବିଦ୍ୟମାନ ବିଜ୍ଞାନକୁ ଆହୁରି ବଳିଷ୍ଠ କରିବ। କେବଳ ସେତିକି ନୁହେଁ, ଭାରତୀୟ ମସ୍ତିଷ୍କ ଭିତରେ ଲୁଚି ରହିଥିବା ବୈଜ୍ଞାନିକ ନିଶ୍ଚୟ ସମାଜର ସ୍ୱୀକୃତି ଲାଭ କରିପାରିବ।

**ଓମ୍‌ଇଏସ୍. (ପଦାର୍ଥ ବିଜ୍ଞାନ),**
**ପରୀକ୍ଷା ନିୟନ୍ତ୍ରକ,**
**ଫକୀର ମୋହନ ବିଶ୍ୱବିଦ୍ୟାଳୟ,**
**ବାଲେଶ୍ୱର, ମୋ:୯୪୩୯୫୦୧୬୫୧**

## 50 ବର୍ଷ ତଳର ଧରିତ୍ରୀ

### ୨୧ ଫେବୃଆରୀ ୧୯୭୭

- ରେଲୱେ ମନ୍ତ୍ରଣାଳୟର ଉଦ୍ୟମ ଫଳରେ ଅଣଅନୁମୋଦିତ ରେଳ ଟିକେଟ ବିକ୍ରିକୁ ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ରାଜସ୍ଥାନ ଓ ଦିଲ୍ଲୀ ସରକାର ଭାରତ ରକ୍ଷା ଓ ଭାରତର ଆଭ୍ୟନ୍ତରୀଣ ନିରାପତ୍ତା ଆଇନଭୁକ୍ତ ଏକ ଅପରାଧ ବୋଲି ଘୋଷଣା କରିଛନ୍ତି।
- କେନ୍ଦ୍ର ଘରୋଇ ମନ୍ତ୍ରଣାଳୟ ଅଧୀନରେ ଥିବା ହିନ୍ଦୀ ପରାମର୍ଶଦାତା କମିଟିକୁ ପୁନର୍ଗଠନ କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଓଲା-ଉବର ଡ୍ରାଇଭର ଅତିରିକ୍ତ ଦେୟ ମାଗୁଛନ୍ତି

ମହାଶୟ,

ଟୁଇନ୍ ସିଟିରେ କ୍ୟାବ୍ ବୁକ୍ କରିବା ଚିନ୍ତାର କାରଣ ପାଲଟିଛି। ଯାତ୍ରା ୨୦ କି ୨ କି.ମି. ହେଉ। ଯାତ୍ରୀମାନେ ରିପୋର୍ଟ କରନ୍ତି ଯେ ଓଲା, ଉବର ରାପିଡୋ ଡ୍ରାଇଭରମାନେ 'ଅତିରିକ୍ତ ଟଙ୍କା'କୁ ଏକ ବେସରକାରୀ, ବାଧ୍ୟତାମୂଳକ ନିୟମ କରିଛନ୍ତି। ଡ୍ରାଇଭରମାନେ ପ୍ରାୟତଃ ଆପ୍ ଭଡ଼ା ଉପରେ ଅତିରିକ୍ତ ୫୦ରୁ ୧୦୦ ଟଙ୍କା ଦାବିକରି ଫୋନ୍ କରନ୍ତି, ଯାତ୍ରୀ ମନାକଲେ ବାତିଲ କରିବାକୁ ଧମକ ଦିଅନ୍ତି। କମ୍ ଦୂରତା ପାଇଁ ମଧ୍ୟ ଯେଉଁଠାରେ ଆପ୍ ଏକ ଉଚିତ ମୂଲ୍ୟ ଦେଖାଏ, ଡ୍ରାଇଭରମାନେ 'ଇନ୍ଧନ ରେଟ୍ ବୃଦ୍ଧି' କିମ୍ବା 'ଫେରସ୍ତ ଭଡ଼ା'ଫି ପାଇଁ ଜିଦ୍ ଧରି ରହନ୍ତି, ଯାହା ବିଲ୍‌ରେ ପ୍ରତିଫଳିତ ହୁଏ ନାହିଁ। ବୈଧ ରାଜ୍ୟ ଲାଇସେନ୍ସ ବିନା କାର୍ଯ୍ୟ କରିବା ପାଇଁ ଭୁବନେଶ୍ୱର ଆର୍‌ଟିଓ ଏଗ୍ରିଗେଟରଙ୍କ ବିରୋଧରେ ପୋଲିସ ଅଭିଯୋଗ ଦାଖଲ କରିବା ସତ୍ତ୍ୱେ ଅଧିକ ଚାର୍ଜିଂ ଜାରି ରହିଛି। ଓଡ଼ିଶା ଏଗ୍ରିଗେଟର ନୀତି ଭଡ଼ା ନିୟନ୍ତ୍ରଣ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ, ମୂଳରେ କାର୍ଯ୍ୟାନୁଷ୍ଠାନ ଶୂନ୍ୟ। ବିରକ୍ତ ନାଗରିକଙ୍କୁ ଏବେ ରାଜ୍ୟ ପରିବହନ ପ୍ରାଧିକରଣଙ୍କ ନିକଟରେ ୧୮୦୦-୩୪୫-୧୦୭୩ ନମ୍ବରରେ ଆନୁଷ୍ଠାନିକ ଅଭିଯୋଗ ପଞ୍ଜୀକରଣ କରିବାକୁ ଶୂନ୍ୟ-କମିଶନ ମଡେଲରେ କାର୍ଯ୍ୟ କରୁଥିବା ଓଡ଼ିଶା ଯାତ୍ରୀ ଆପ୍ ବ୍ୟବହାର କରିବାକୁ ଅନୁରୋଧ କରାଯାଉଛି।

**-ଅଭିଦତ୍ତ ବରାଳ, କୁସୁନପୁର, ଚାନ୍ଦୋଳ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମରମେ ମୋହର ଅମୃତ ଗଲା ବରଷି
ଶତ ଧାରେ
କିବା ଉତ୍ସବେ ଉଠିଲା ଏ ଦେହ ହରଷି
ବାରେ ବାରେ ।
-(ମନେ ନାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ରେଳ ପ୍ରକଳ୍ପଗୁଡ଼ିକ ପାଇଁ ୪୫୦ କୋଟି**

ଓଡ଼ିଶାର ରେଳ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ନିରନ୍ତର ଏବଂ ସକ୍ରିୟ ପଦକ୍ଷେପଗୁଡ଼ିକୁ ମୁଖ୍ୟମନ୍ତ୍ରୀ ବଜେଟରେ ଉପସ୍ଥାପନ କରିଛନ୍ତି। ଜୟପୁର-ମାଲକାନଗିରି, ଜୟପୁର-ନବରଙ୍ଗପୁର, ପୁରୀ-କୋଣାର୍କ, ବରଗଡ଼-ନୂଆପଡ଼ା ଏବଂ ଖୋର୍ଦ୍ଧା ରୋଡ-ବଲାଙ୍ଗୀର ଭଳି ପ୍ରମୁଖ ରେଳ ପ୍ରକଳ୍ପଗୁଡ଼ିକ ପାଇଁ ଜମି ଅଧିଗ୍ରହଣ ଏବଂ ରାଜ୍ୟର ପ୍ରତିଶ୍ରୁତିବଦ୍ଧ ଅଂଶଧନ ବାବଦରେ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ସେ ୪୫୦ କୋଟି ଟଙ୍କାର ବର୍ଦ୍ଧିତ ବ୍ୟୟବରାଦ କରିଛନ୍ତି।



## ସଂକ୍ଷେପରେ

### ନିଆଁ ଲାଗି ଜଳିଗଲା ୨ ବଖରା

ବାରଙ୍ଗ,୨୦।୨(ଲିଙ୍ଗରାଜ ରାଉତ)

ନରାଜ ଗ୍ରାମର ଆଦିବାସୀ ସାହିର ଗୟାଧର ନାୟକ ଓ ପିଣ୍ଟୁ ନାୟକଙ୍କ ଘରେ ନିଆଁ ଲାଗି ୨ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ସୂଚନାଯୋଗ୍ୟ, ଗୟାଧର ଓ ପିଣ୍ଟୁଙ୍କ ଚାଳଘରେ ଶୁକ୍ରବାର ସକାଳେ ଅଚାନକ ନିଆଁ ଲାଗି ଯାଇଥିଲା। ଏହି ସମୟରେ ଘରେ କୌଣସି ସଦସ୍ୟ ନ ଥିଲେ। ସାହିର ଲୋକମାନେ ନଳକୂପ ଓ ପୋଖରୀରୁ ପାଣି ଆଣି ନିଆଁକୁ ଆୟତ୍ତ କରିବାକୁ ବହୁ ଚେଷ୍ଟା କରିବା ସହିତ ଜରୁରିକାଳୀନ ସେବା ୧୧୨କୁ ଫୋନ୍ କରି ଜଣାଇଥିଲେ। କିଛି ସମୟ ପରେ ବାରଙ୍ଗ ଅଗ୍ନିଶମ ବିଭାଗର ଦମକଳ ଗାଡ଼ି ଆସିଲାବେଳକୁ ୨ ବଖରା ପୋଡ଼ି ପାଉଁଶ ହୋଇଯାଇଥିଲା। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ଘରେ ଥିବା ଆସବାବପତ୍ର, ଲୁଗାପଟା ସମେତ ନଗଦ ୧୦ ହଜାର ଟଙ୍କା ପୋଡ଼ି ଯାଇଥିବା ଜଣାପଡ଼ିଛି।

### ଶର୍ଟସର୍କିଟ୍ ଯୋଗୁ ପୋଡ଼ିଗଲା ଦୋକାନ

ବାରଙ୍ଗ,୨୦।୨(ଲିଙ୍ଗରାଜ ରାଉତ)

ଷଣ୍ଢପୁର ବଜାର ଉପରେ ଶର୍ଟସର୍କିଟ୍ ହେବାରୁ ଗୁରୁବାର ରାତିରେ ଏକ ଦୋକାନ ପୋଡ଼ି ପାଉଁଶ ହୋଇଯାଇଛି। ପ୍ରକାଶ ଯେ, ଷଣ୍ଢପୁର ଗ୍ରାମର କାବୁଲି ବେହେରା ବଜାର ଉପରେ ଏକ ପାନଦୋକାନ କରିଛନ୍ତି। ପ୍ରତିଦିନ ପରି ଗୁରୁବାର ରାତିରେ ଦୋକାନ ବନ୍ଦକରି ସେ ଘରକୁ ଯାଇଥିଲେ। ଶୁକ୍ରବାର ସକାଳୁ ଆସି ଦୋକାନ ଖୋଲିବା ପରେ ଶର୍ଟସର୍କିଟ ଯୋଗୁ ଦୋକାନ ଭିତରେ ନିଆଁଲାଗି ସମସ୍ତ ଆସବାବପତ୍ର, ଦୋକାନ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିବା ଦେଖିଥିଲେ। ଏହାପରେ କାବୁଲିଙ୍କଠାରୁ ଖବରପାଇ ଗୋଡ଼ିସାହି ବିଦ୍ୟୁତ୍ ବିଭାଗ କର୍ମଚାରୀ ଆସି ଦୋକାନକୁ ଦିଆଯାଇଥିବା ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଥିଲେ।

# ଝାରପଡ଼ା ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

## ଜେଲ ୱାର୍ଡରେ ଆତଙ୍କ କଲେଣି ମଶା

- ମ୍ୟାଲେରିଆରେ ସର୍ବାଧିକ କଏଦୀଙ୍କ ଯାଉଛି ଜୀବନ
- ୧୦ ବର୍ଷରେ ରାଜ୍ୟରେ ୫୭୨ କଏଦୀଙ୍କ ମୃତ୍ୟୁ ଘଟିଲାଣି

ଭୁବନେଶ୍ୱର,୨୦।୨(ତ୍ରିନାଥ ମହାନ୍ତି)

ରାଜ୍ୟର ବିଭିନ୍ନ ଜେଲରେ ରହୁଥିବା କଏଦୀଙ୍କ ଜୀବନ ଏବେ ବିପଦରେ ପଡ଼ିଛି। କାରଣ ପ୍ରତିବର୍ଷ ମ୍ୟାଲେରିଆ, ହୃଦ୍‌ରୋଗ ଏବଂ କିଡ୍‌ନୀ ରୋଗରେ କଏଦୀଙ୍କ ମୃତ୍ୟୁ ଘଟୁଛି। ଜେଲର ୱାର୍ଡ ଭିତରେ ସନ୍ଧ୍ୟା ହେଲେ ମଶାଙ୍କ ଉତ୍ପାତ ଦେଖିବାକୁ ମିଳୁଛି। ରାତିରେ କଏଦୀମାନେ ମଶାଙ୍କ ଉତ୍ପାତରେ ଶୋଇ ପାରୁନାହାନ୍ତି, ଯେଉଁଥିପାଇଁ ଜେଲରେ ରହୁଥିବା ଏକାଧିକ କଏଦୀଙ୍କ ମ୍ୟାଲେରିଆରେ ମୃତ୍ୟୁ ଘଟୁଛି। ଏହିଭଳି ଶୁକ୍ରବାର ଝାରପଡ଼ା ଜେଲରେ ରହୁଥିବା ଜଣେ ବିଚାରାଧୀନ କଏଦୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ଏମ୍‌ସରେ ମୃତ୍ୟୁ ଘଟିଛି। ମୃତ କଏଦୀ ହେଲେ ଢୁମୁଢୁମାର କାହ୍ନା ଦାସ(୨୮)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଖଣ୍ଡଗିରି ଥାନାର ଏକ ଚୋରି ମାମଲାରେ ଗତ ଏପ୍ରିଲ ମାସରେ କାହ୍ନା ଗିରଫ ହୋଇ ଝାରପଡ଼ା ଜେଲକୁ ଆସିଥିଲେ। ହେଲେ ଜେଲରେ ଗତ ୧୦ ତାରିଖରୁ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ିବାରେ ଲାଗିଥିଲା। ତାଙ୍କୁ ପ୍ରଥମେ ଜେଲ ମେଡିକାଲରେ ଚିକିତ୍ସା କରାଯାଇଥିବାବେଳେ ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସୁଧୁରି ନ ଥିଲା। ଶେଷରେ ତାଙ୍କୁ ଗତ ୧୪ ତାରିଖରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଗୁରୁତର ହେବାରୁ ଶୁକ୍ରବାର ତାଙ୍କୁ ଏମ୍‌ସରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି। କାହ୍ନାର ପରିବାର ଲୋକ ଜେଲ କର୍ତ୍ତୃପକ୍ଷଙ୍କୁ ଦୋଷ ଦେଇଛନ୍ତି। ଜେଲ ୱାର୍ଡରେ ମଶାରେ ଶୁଆଇଛନ୍ତି। ଯେଉଁଥି ପାଇଁ ତାଙ୍କୁ ମ୍ୟାଲେରିଆ ଜ୍ୱର ହେବାରୁ ତାର ମୃତ୍ୟୁ ଘଟିଛି। ଏହାର ନିରପେକ୍ଷ ତଦନ୍ତ ହେଉ ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି।

ମିଳିଥିବା ତଥ୍ୟ ଅନୁସାରେ, ୨୦୧୪ରୁ ୨୦୨୩ ମଧ୍ୟରେ ରାଜ୍ୟର ବିଭିନ୍ନ କାରାଗାରରେ ୫୭୨ ଜଣ ବିଚାରାଧୀନ କଏଦୀଙ୍କ ଜୀବନ ଯାଇଛି । କଏଦୀମାନେ ଜେଲରେ ରହିବା ଭିତରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କ ମୃତ୍ୟୁ ଘଟୁଛି। ଜେଲ କଏଦୀ ଯେଉଁଭଳି ସ୍ୱାସ୍ଥ୍ୟ ବ୍ୟବସ୍ଥା ମିଳିବା କଥା ମିଳିପାରୁନି। ଯେଉଁଥିପାଇଁ ରାଜ୍ୟର ବିଭିନ୍ନ ଜେଲରେ କଏଦୀଙ୍କ ରୋଗରୁ ମୃତ୍ୟୁ ଘଟୁଛି। ସବୁଠାରୁ ଅଧିକ ମୃତ୍ୟୁ ୨୦୧୪ରେ ହୋଇଥିଲା। ଏହି ବର୍ଷରେ ୮୭ ଜଣଙ୍କ ଜୀବନ ଯାଇଥିଲା। ଏହାପଛକୁ ୨୦୨୦ରେ ୭୫ଜଣ ଓ ୨୦୨୧ରେ ୬୦ ଜଣଙ୍କ ଜୀବନ ଯାଇଛି। ୨୦୧୫ରେ ସବୁଠୁ କମ୍ ୪୫ ବନ୍ଦୀଙ୍କ ମୃତ୍ୟୁ ହୋଇଥିଲା। ବିଭିନ୍ନ ରୋଗରେ ପୀଡ଼ିତ ହୋଇ ମୃତ୍ୟୁ ଘଟିବା ହାରକୁ ଦେଖି ଅଧିକ ମ୍ୟାଲେରିଆ, ହୃଦ୍‌ରୋଗ ଏବଂ କିଡ୍‌ନୀ ରୋଗରୁ ମୃତ୍ୟୁ ଘଟିଛି। ୨୪୩ ବନ୍ଦୀଙ୍କ ମ୍ୟାଲେରିଆରେ ଜୀବନ ଯାଇଥିବାବେଳେ ଏହା ପଛକୁ ହୃଦ୍‌ରୋଗରେ ୮୧, କିଡ୍‌ନୀ ରୋଗ ପାଇଁ ୪୦, କର୍କଟ ରୋଗରେ ୨୩, ଯକ୍ଷ୍ମା ରୋଗରେ ୧୮ ଓ ଫୁସ୍‌ଫୁସ ସଂକ୍ରମଣରେ ୧୫ ଜଣଙ୍କ ଜୀବନ ଯାଇଛି। ସେହିପରି ବ୍ରେନ୍‌ଷ୍ଟ୍ରୋକ ୧୪, ଯକୃତ ଜନିତ ରୋଗରେ ୧୧, ଏଡ୍ସରେ ୪ ଓ ଝାଡ଼ାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ଚିନ୍ତାଜନକ ବିଷୟ ହେଉଛି ମ୍ୟାଲେରିଆରେ ଏତେ ସଂଖ୍ୟକ ବନ୍ଦୀଙ୍କ ଜୀବନ ଯିବ। ଏଥିରୁ ଜଣାପଡୁଛି ଜେଲ ଭିତରେ ମଶାଙ୍କ ପ୍ରାଦୁର୍ଭାବ ରୋକିବାକୁ ବିଶେଷ କରି କିଛି ପଦକ୍ଷେପ ନିଆଯାଉନି। କଏଦୀମାନେ ବିଭିନ୍ନ ୱାର୍ଡରେ ମଶାମାନଙ୍କୁ ସାଙ୍ଗ କରି ଶୋଇବାକୁ ପଡୁଛି। କଏଦୀମାନଙ୍କୁ ୱାର୍ଡରେ ମଶାଧୂପ ନା ଲିକୁଇଡ୍ ଦିଆଯାଉନି। ସେମାନେ ମଶାରେ କମ୍ବଳ ଘୋଡ଼ାଇ ହୋଇ ଶୋଉଛନ୍ତି। ଅନେକ କଏଦୀ ମ୍ୟାଲେରିଆରେ ଆକ୍ରାନ୍ତ ହେଲା ପରେ ମଧ୍ୟ ତାଙ୍କୁ ଚିକିତ୍ସା କରାଯାଉ ନ ଥିବା ଅଭିଯୋଗ ହୋଇଛି।



ନୂଆଦିଲ୍ଲୀଠାରେ ଚାଲିଥିବା ଏଆଇ ଇମ୍ପାକ୍ଟ ସମିଟ୍‌ରେ ଏନ୍‌ଏସ୍‌ୟୁଆଇର ଅଭଦ୍ରାମି ଓ ଅନ୍ତର୍ଜାତୀୟ ସ୍ତରରେ ଦେଶର ଛବିକୁ ଖରାପ କରିବା ପାଇଁ ହୋଇଥିବା ଅପଚେଷ୍ଟାକୁ ବିରୋଧ କରି ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

# ଜୟଦେବ ବିହାର-ନନ୍ଦନକାନନ ରାସ୍ତାର ହେବ ଉନ୍ନତୀକରଣ

## ରାସ୍ତା, ସେତୁ ନିର୍ମାଣ ପାଇଁ ୭୫୦୦ କୋଟି

ଭୁବନେଶ୍ୱର,୨୦।୨(ସୁନିତ୍ ମିଶ୍ର)

ରାଜ୍ୟ ରାଜପଥ ଏବଂ ପ୍ରମୁଖ ଜିଲା ରାସ୍ତାଗୁଡ଼ିକର ଉନ୍ନତୀକରଣ, ପ୍ରମୁଖ ସେତୁ ନିର୍ମାଣ ଓ ସହରାଞ୍ଚଳରେ ସୁଗମ ଯାନ ଚଳାଚଳ ପାଇଁ ରାସ୍ତା ବିକାଶ କାର୍ଯ୍ୟକ୍ରମ ଅଧୀନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ବିଧାନସଭାରେ ବଜେଟରେ ୭,୫୦୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଏହି ଯୋଜନା ଅଧୀନରେ କେତେକ ପ୍ରମୁଖ ପ୍ରକଳ୍ପ ପାଇଁ ପର୍ଯ୍ୟାପ୍ତ ଅର୍ଥ ବ୍ୟବସ୍ଥା କରାଯାଇଛି। ସେହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ରହିଛି, ଜୟଦେବ ବିହାର-ନନ୍ଦନକାନନ ରାସ୍ତାର ଉନ୍ନତୀକରଣ, କାଠଯୋଡ଼ି ନଦୀ ଉପରେ ଦ୍ୱିତୀୟ ଉଚ୍ଚ ସ୍ତରୀୟ ସେତୁ (ସୁଭାଷ ବୋଷ ସେତୁ) ନିର୍ମାଣ, କେନ୍ଦୁଝର ବାଇପାସ ରାସ୍ତା ନିର୍ମାଣ, ଏନ୍‌ଏଚ୍-୫୩ ଏମ୍‌ସିଏଲ୍ ଛକରୁ ବୈଜାମୁଣ୍ଡା ଗ୍ରାମ ଛକ ପର୍ଯ୍ୟନ୍ତ ବୁର୍ଲା ରିଙ୍ଗରୋଡ୍ ନିର୍ମାଣ, ଭବାନୀପାଟଣା-ଖଡ଼ିଆଳ ରାସ୍ତା (ଏସ୍‌ଏଚ୍-୧୬)ର ପ୍ରଶସ୍ତୀକରଣ, ଫୁଲନଖରା-ନିଆଳି-ମାଧବ ରାସ୍ତାର ଉନ୍ନତୀକରଣ ଏବଂ ନରସିଂହପୁର ଓ ବାଲିପୁଟ ମଧ୍ୟରେ ମହାନଦୀ ଉପରେ ଏକ ଉଚ୍ଚ ସ୍ତରୀୟ ସେତୁ ନିର୍ମାଣ।





ଠିକାଦାରଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବର ପ୍ରତିବାଦ ଓ ନୂତନ ଟେଣ୍ଡର ସର୍କୁଲାର ରଦ୍ଦ ସହ ୮ ଦଫା ଦାବି ନେଇ ଓଡ଼ିଶା ଠିକାଦାର ମହାସଂଘ ମିଳିତ ମଞ୍ଚ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ। (ଫଟୋ- ମନୋରଞ୍ଜନ ମିଶ୍ର)

# ମହିଳାଙ୍କୁ ଗୋଡାଇ ହାଣିବା ଘଟଣା, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୦।୨(ତ୍ରିନାଥ ମହାନ୍ତି)

ସତ୍‌ସଙ୍ଗ ବିହାର ରାସ୍ତାରେ ଜଣେ ମହିଳାଙ୍କୁ ଗୋଡାଇ କଟୁରୀରେ ହାଣିବା ଘଟଣାରେ ଶୁକ୍ରବାର ସହିଦନଗର ଥାନା ପୋଲିସ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଲେ ବାଲିଆପାଟ ବସ୍ତିର ଜଗବନ୍ଧୁ ଦଳେଇ।

ସୂଚନାଯୋଗ୍ୟ ଯେ, କଟୁରୀ ଚୋଟରେ ଗୁରୁତର ଆହତ କନକଲତା ସାହୁ ଓ ଜଗବନ୍ଧୁଙ୍କ ପରିବାର ମଞ୍ଚେଶ୍ୱର ଥାନା ଅଧୀନସ୍ଥ ବାଲିଆପାଟ ବସ୍ତିରେ ପଡ଼ୋଶୀ ଭାବେ ରହୁଥିଲେ। ହାତ ଋଣ ଓ ସରକାରୀ ଜମି ଦଖଲକୁ ନେଇ ଦୀର୍ଘଦିନ ଧରି ଉଭୟ ପରିବାର ମଧ୍ୟରେ ବିବାଦ ଚାଲିଆସିଥିଲା। ଏନେଇ କନକଲତା ପୂର୍ବରୁ ଅଭିଯୁକ୍ତ ଓ ତାଙ୍କ ପରିବାରଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ୧୮ତାରିଖରେ ଜଗବନ୍ଧୁ ଦଳାଇ ଅଭିଯୋଗକାରିଣୀଙ୍କ ମକା ଦୋକାନକୁ ଯାଇ ତାଙ୍କୁ ସେଠାରେ ଖୋଜିଥିଲେ। ସେଠରେ ତାଙ୍କୁ ନ ପାଇବାରୁ ଗୁରୁତର ପରିଣାମ ଭୋଗିବାକୁ ଧମକ ଦେଇ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ସେ କନକଲତାଙ୍କ ବଡ଼ ପୁଅଙ୍କଠାରୁ ଜୋରଜବରଦସ୍ତି ଏକ ମୋବାଇଲ ଫୋନ ଓ ୩ ହଜାର ଟଙ୍କା ଛଡାଇ ନେଇଥିଲେ ଏବଂ ପୋଲିସ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ଘର ଛାଡ଼ି ଫେରାର ହୋଇଯାଇଥିଲେ। ଗତ ୧୯ରେ ଅଭିଯୋଗକାରିଣୀ କନକଲତାଙ୍କ ଦ୍ୱାରା ଦାଖଲ ହୋଇଥିବା ଅଭିଯୋଗ ସମ୍ପର୍କରେ ପଚରାଉଚରା ପାଇଁ ଅଭିଯୁକ୍ତଙ୍କ ପିତା ତ୍ରିଲୋଚନ ଦଳାଇଙ୍କୁ ମଞ୍ଚେଶ୍ୱର ଥାନାକୁ ଆଣାଯାଇଥିଲା। ଏହା ଜାଣିବା ପରେ ଉତ୍‌କ୍ଷିପ୍ତ ହୋଇ ଅଭିଯୁକ୍ତ ଜଗବନ୍ଧୁ ସତ୍‌ସଙ୍ଗ ବିହାର ଛକ ନିକଟରେ କନକଲତାଙ୍କ ମକା ଦୋକାନ ପାଖକୁ ଯାଇଥିଲେ। ଅଭିଯୁକ୍ତ ଜଗବନ୍ଧୁ, ତପନ ବେହେରା ଓ ତାଙ୍କ ସ୍ତ୍ରୀ ପଦି ବେହେରାଙ୍କ ମାଧ୍ୟମରେ ବିବାଦର ସମାଧାନ ଲାଗି ଅଭିଯୋଗକାରିଣୀଙ୍କୁ ଡକାଇଥିଲେ। କନକଲତା ତାଙ୍କର ଏକ ବର୍ଷର ଶିଶୁକୁ କୋଳରେ ନେଇ ସେମାନଙ୍କ ସହିତ ଯାଇଥିଲେ। ପରେ ଏକ ଅନ୍ଧାର ଓ ନିର୍ଜନ ସ୍ଥାନରେ ପହଞ୍ଚିବା ପରେ ସେ ଦେଖିଥିଲେ ଯେ, ଅଭିଯୁକ୍ତ ଜଗବନ୍ଧୁ କଟୁରୀ ଧରି ଲୁଚି ରହିଛନ୍ତି, ଯାହାର ଉଦ୍ଦେଶ୍ୟ ଥିଲା ତାଙ୍କୁ ଓ ତାଙ୍କ ଶିଶୁକୁ ହତ୍ୟା କରିବା। ହଠାତ ଅଭିଯୁକ୍ତ ତାଙ୍କ ଉପରେ ଆକ୍ରମଣ କରି କଟୁରୀରେ ବେକ, କାନ୍ଧ ଓ ହାତରେ ଆଘାତ କରିଥିଲେ, ଫଳରେ ସେ ଗୁରୁତର ଆହତ ହେବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା।

# ବାରଙ୍ଗରେ ଥଇଥାନ ହେବେ ବୁଲା ଗାଈଗୋରୁ

ତ୍ରିଶୁଳିଆ,୨୦।୨(ତୁଷାରକାନ୍ତ ବେହେରା)

ବାରଙ୍ଗ ଥାନା ଅନ୍ତର୍ଗତ ନରଣପୁରସ୍ଥିତ ତଅପୋଇ ମଣ୍ଡପରେ ଶୁକ୍ରବାର ପୂର୍ବାହ୍ନରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମାଜିକ ସଂଗଠନ 'ସମର୍ପଣ' ଫାଉଣ୍ଡେଶନ ଆଗାମୀ ଦିନରେ ବାଙ୍କୀ ତଥା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବହୁ ଜନହିତକର କାର୍ଯ୍ୟ କରିବାର ଲକ୍ଷ୍ୟ ରଖିଛି। ଫାଉଣ୍ଡେଶନର ପ୍ରତିଷ୍ଠାତା ଇଂ. ପ୍ରଭାତ କୁମାର ପ୍ରଧାନ ଏହି ଅବସରରେ ଅନୁଷ୍ଠାନ ଆଭିମୁଖ୍ୟ ଓ ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ନିକଟ ଭବିଷ୍ୟତରେ ଅନୁଷ୍ଠାନ ପକ୍ଷରୁ ବାରଙ୍ଗ ଅଞ୍ଚଳରେ ପ୍ରଥମ ପର୍ଯ୍ୟାୟରେ ଦୁଇଟି ଗୋଶାଳା ପ୍ରତିଷ୍ଠା କରାଯିବ ବୋଲି ସେ କହିଥିଲେ।

ଖବରଦାତା ସମ୍ମିଳନୀରେ ଆଞ୍ଚଳିକ ଶାନ୍ତି କମିଟିର ସମ୍ପାଦକ ସୁରେଶ କୁମାର ମହାନ୍ତି, ବାରଙ୍ଗ ଟ୍ରକ୍ ଆସୋସିଏଶନର ସଭାପତି ବିଜୟ କୁମାର ପଣ୍ଡା, ଆଇନଜୀବୀ ରାଜକିଶୋର ସ୍ୱାଇଁ ଓ ବାରଙ୍ଗ ଅଞ୍ଚଳର ବହୁ ପ୍ରତିଷ୍ଠିତ ଗଣମାଧ୍ୟମର ସାମ୍ବାଦିକ ଉପସ୍ଥିତ ଥିଲେ। ରାସ୍ତାରେ ବୁଲୁଥିବା ଗୋରୁମାନେ ଓଡ଼ିଶାର ଏକ ପ୍ରମୁଖ ସମସ୍ୟା, ଯେଉଁମାନେ ଖାଦ୍ୟ ଓ ଆଶ୍ରୟ ଅଭାବରୁ କଷ୍ଟ ପାଉଛନ୍ତି। ଏହି ଗାଈଗୋରୁମାନେ ସହର ଓ ଗ୍ରାମାଞ୍ଚଳରେ ଟ୍ରାଫିକ ସମସ୍ୟା, ଦୁର୍ଘଟଣା ଏବଂ ଚାଷ ଜମିରେ ଉତ୍ପାତ କରିବା ସହ ନିଜେ ମଧ୍ୟ ଅନାହାରରେ ମୃତ୍ୟୁବରଣ କରୁଛନ୍ତି। ସେମାନଙ୍କର ସୁରକ୍ଷା ନିମନ୍ତେ ସମର୍ପଣ ଫାଉଣ୍ଡେଶନ ପକ୍ଷରୁ ଗୋଶାଳା ପ୍ରତିଷ୍ଠା ନେଇ ଉଦ୍ୟମ ଜାରି ରହିଛି ବୋଲି ଫାଉଣ୍ଡେଶନର ପ୍ରତିଷ୍ଠାତା ପ୍ରଧାନ କହିଛନ୍ତି।



ରମ୍‌ଜାନ ମାସର ପ୍ରଥମ ଦିନ ଶୁକ୍ରବାର ଭୁବନେଶ୍ୱର ୟୁନିଟ୍-୪ ମସ୍‌ଜିଦ୍‌ରେ ମୁସଲିମ୍ ସମ୍ପ୍ରଦାୟର ଲୋକେ ନମାଜ ପାଠ କରୁଛନ୍ତି। (ଫଟୋ -ବିକାଶ ନାୟକ)

# ଓୟୋ ହୋଟେଲରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

## ପ୍ରେମିକାଙ୍କ ନାମରେ ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

## ବେଙ୍ଗାଲୁରୁରୁ ଆସି ହୋଟେଲରେ ପ୍ରେମିକାଙ୍କ ସହ ରହୁଥିଲେ

ଭୁବନେଶ୍ୱର,୨୦।୨(ତ୍ରିନାଥ ମହାନ୍ତି)

ଏୟାରପୋର୍ଟ ଥାନା ଅନ୍ତର୍ଗତ ପୋଖରୀପୁଟ ଅଞ୍ଚଳରେ ଥିବା ଏକ ଓୟୋ ହୋଟେଲର ରୁମ୍ ନମ୍ବର ୨୦୬ରୁ ସନ୍ଦେହଜନକ ଅବସ୍ଥାରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତକ ହେଲେ ପୁରୁଣା ଭୁବନେଶ୍ୱରରେ ରହୁଥିବା ନୟାଗଡ଼ର ବାବୁନା ପ୍ରଧାନ। ପୋଲିସ ତାଙ୍କ ମୃତଦେହ ଜବତକରି କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ବାବୁନାଙ୍କ ପରିବାର ଲୋକେ ତାଙ୍କ ପ୍ରେମିକାଙ୍କ ବିରୋଧରେ ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ରାତିରେ ଦୁହେଁ ଖାଇସାରିବା ପରେ ଗୋଟିଏ ରୁମ୍‌ରେ ଏକାଠି ଶୋଇଥିଲେ। ହେଲେ ହଠାତ୍ କିଭଳି ଜଣେ ମରିଯିବ ବୋଲି ପରିବାର ଲୋକେ ପ୍ରଶ୍ନ କରିବା ସହ ଯୁବତୀ ଜଣକ ଯୋଜନାକରି ତାଙ୍କୁ ହତ୍ୟା କରିଥିବା କହିଛନ୍ତି। ସମ୍ପୃକ୍ତ ପ୍ରେମିକା ଫେରାର ଥିବାରୁ ତାଙ୍କ ଉପରେ



ବାବୁନା ପ୍ରଧାନ

ପୋଲିସ ସନ୍ଦେହକରି ଖୋଜାଖୋଜି ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ବାବୁନାଙ୍କୁ ହତ୍ୟା କରାଯାଇଛି ନା ସେ ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟହେବ ବୋଲି ପୋଲିସ କହିଛି। ବାବୁନାଙ୍କ ଘର ନୟାଗଡ଼ ଜିଲା ଫତେଗଡ଼ ଅଞ୍ଚଳରେ ହୋଇଥିବା ବେଳେ ଯୁବତୀଙ୍କ ଘର ଦଶପଲ୍ଲାରେ। ଉଭୟଙ୍କ ମଧ୍ୟରେ ୬ ବର୍ଷ ହେବ ପ୍ରେମ ସମ୍ପର୍କ ଥିଲା। ସୋସିଆଲ ମିଡିଆରେ ପରସ୍ପରକୁ ଜାଣିବା ପରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ବାବୁନାଙ୍କ ପରିବାର ଲୋକେ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ରହୁଥିବା ବେଳେ ସେ ବେଙ୍ଗାଲୁରୁର ଏକ ସଫ୍ଟୱେର କମ୍ପାନୀରେ ଚାକିରି କରୁଥିଲେ। ଚାକିରିରୁ ତାଙ୍କୁ ବାହାର କରାଯିବା ପରେ ସେ ଭୁବନେଶ୍ୱର ଫେରି ଉକ୍ତ ଓୟୋ ହୋଟେଲରେ ପ୍ରେମିକାଙ୍କ ସହ ରହୁଥିଲେ ମଧ୍ୟ ପରିବାର ଲୋକେ ଜାଣି ନ ଥିଲେ। ଗୁରୁବାର ବିଳମ୍ବିତ ରାତିରେ ପ୍ରେମିକା ଜଣକ ବାବୁନାଙ୍କ ସମ୍ପର୍କୀୟ ଭଉଣୀଙ୍କୁ ଫୋନ କରିଥିଲେ। ବାବୁନା ଅସୁସ୍ଥ ହୋଇପଡିଥିବାରୁ ତୁରନ୍ତ ଆସିବାକୁ କହିଥିଲେ। ଏହାପରେ ପରିବାର ଲୋକେ ପୋଖରୀପୁଟସ୍ଥିତ ଉକ୍ତ ହୋଟେଲକୁ ଯାଇ ବାବୁନାଙ୍କୁ ଉଦ୍ଧାରକରି ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ସମୟରେ ବାବୁନାଙ୍କ ପ୍ରେମିକାଙ୍କ ସହ ୨ଜଣେ ପୁଅ ମଧ୍ୟ ହସ୍ପିଟାଲ ଯାଏ ଆସିଥିଲେ। ଆଉ ତା'ପରେ ମାମଲାରେ ଫସିବା ଆଶଙ୍କାକରି ସମସ୍ତେ ଗାଏବ ହୋଇଯାଇଥିଲେ।

ବାବୁନାଙ୍କ ବାପା କହିଛନ୍ତି, ପୁଅ ଭୁବନେଶ୍ୱର ଆସି ହୋଟେଲରେ ଜଣେ ଝିଅ ସହ ରହୁଛି ବୋଲି ଜାଣି ନ ଥିଲୁ। କିଭଳି ଜଣକ ଦେହ ଖରାପ ହେଲେ ମୃତ୍ୟୁ ଘଟିବ ? ପୁଣି ଯୁବତୀଙ୍କ ସହ ଥିବା ୨ଜଣ ପୁଅ କିଏ। ତେଣୁ ପୋଲିସ ହତ୍ୟା ମାମଲା କରି ତଦନ୍ତ କଲେ ସତ ପଦାକୁ ଆସିବ ବୋଲି ସେ କହିଛନ୍ତି। ଥାନାଧିକାରୀ ରବୀନ୍ଦ୍ରନାଥ ମେହେର କହିଛନ୍ତି, ଆମେ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛୁ ଯେ, ଯୁବତୀଙ୍କର ଅନ୍ୟତ୍ର ବିବାହ ଠିକ୍ ହେବାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ତେଣୁ ଏହି କାରଣ ପାଇଁ କିଛି ହୋଇଥାଇପାରେ। ଯୁବତୀ ଜଣକ ଥାନାରେ ହାଜର ହେଲେ ଗୁରୁବାର ରାତିରେ ଉଭୟଙ୍କ ମଧ୍ୟରେ କ'ଣ ଘଟିଥିଲା ସବୁ ଜଣାପଡ଼ିବ ବୋଲି ସେ କହିଛନ୍ତି।

# ଜେଲରୁ ବାହାରିବା ପରେ ସ୍ୱାଇଡ଼ରଙ୍କୁ ଉଠାଇ ନେଲା ମହାରାଷ୍ଟ୍ର ପୋଲିସ

ଭୁବନେଶ୍ୱର,୨୦।୨(ତ୍ରିନାଥ ମହାନ୍ତି)

କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ଅଭିଯୋଗରେ ଗିରଫ ହୋଇ ନିର୍ଦ୍ଦୋଷରେ ଖଲାସ ହୋଇଥିବା ସ୍ୱାଇଡ଼ର ସତୀଶଙ୍କୁ ପୁଣି ପୋଲିସ ଉଠାଇ ନେଇଛି। ଏଥର ଓଡ଼ିଶା ପୋଲିସ ନୁହେଁ ମହାରାଷ୍ଟ୍ର ପୋଲିସ ଏକ ବଡ଼ ଚୋରି ମାମଲାରେ ସ୍ୱାଇଡ଼ରଙ୍କୁ ଉଠାଇ ନେଇଥିବା ଜଣାପଡ଼ିଛି। କଂଗ୍ରେସ ନେତା ନିରଞ୍ଜନଙ୍କ ଘରୁ ଚୋରି ମାମଲାରେ ସେ ଜେଲ୍‌ରେ ଥିଲେ। କୋର୍ଟ ସ୍ୱାଇଡ଼ରଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ପରେ ଶୁକ୍ରବାର ସନ୍ଧ୍ୟାରେ ଜେଲରୁ ବାହାରୁଥିଲେ। ଜେଲରୁ ବାହାରିବା ମାତ୍ରେ ଜେଲ ଆଗରେ ଜଗିଥିବା ମହାରାଷ୍ଟ୍ର ପୋଲିସ ସ୍ୱାଇଡ଼ରଙ୍କୁ ଉଠାଇ ନେଇଛି। ମହାରାଷ୍ଟ୍ରରେ ଜଣେ ବଡ଼ ବ୍ୟବସାୟୀଙ୍କ ଘରେ ପଶି ସେ ଚୋରି କରିଥିଲେ। ଯାହାର ମାମଲା ଥାନାରେ ଗଡୁଥିଲା। ହେଲେ ସତୀଶ ନିର୍ଦ୍ଦୋଷରେ ଖଲାସ ହେବା କଥା ଜାଣିବା ପରେ କମିଶନରେଟ୍ ପୋଲିସ ମହାରାଷ୍ଟ୍ର ପୋଲିସ ସହ ଯୋଗାଯୋଗ କରିଥିଲେ।

# ମାଲ ପରିବହନରେ ପୂର୍ବତଟ ରେଳପଥର ଅଭିବୃଦ୍ଧି

## ବଢ଼ିଲା ସାର, ଖାଦ୍ୟଶସ୍ୟ ଲୋଡିଂ

ଭୁବନେଶ୍ୱର,୨୦।୨(ଅନୁରାଧା ମହାରଣା)

୨୦୨୫-୨୬ ଆର୍ଥିକ ବର୍ଷର ଏପ୍ରିଲରୁ ଜାନୁଆରୀ ମଧ୍ୟରେ ପୂର୍ବତଟ ରେଳପଥ ମାଲ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ୨୦୨୪-୨୫ର ସମାନ ସମୟରେ ୧୮୧.୨୪ ମିଲିଅନ ଟନ୍ ମାଲ ପରିବହନ କରାଯାଇଥିବାବେଳେ ଏବର୍ଷ ୧୯୯.୫୦ ମିଲିୟନ ଟନ ପ୍ରମୁଖ ସାମଗ୍ରୀ ପରିଚାଳନା କରିଛି। ସେହିପରି ଗତବର୍ଷ ସମାନ ସମୟରେ ୫.୮୨ ମିଲିଅନ ଟନ୍ ସାର କାରବାର ହୋଇଥିବାବେଳେ ଏବର୍ଷ ୮.୨୨ ମିଲିଅନ ଟନ୍‌କୁ ବୃଦ୍ଧି ପାଇଛି। ଏହି ଅଭିବୃଦ୍ଧି ମୁଖ୍ୟତଃ ଓଡ଼ିଶାର ପାରାଦୀପ ଏବଂ ଧାମରା ବନ୍ଦରରେ ଉନ୍ନତ ପରିଚାଳନା ଦ୍ୱାରା ସମ୍ଭବ ହୋଇପାରିଛି। ଆନ୍ଧ୍ର ପ୍ରଦେଶରେ ମଧ୍ୟ ଉଲ୍ଲେଖନୀୟ ବୃଦ୍ଧି ଦେଖାଯାଇଛି। ବିଶାଖାପାଟଣା ଓ ଗଙ୍ଗାବରମ ବନ୍ଦରରୁ କାର୍ଯ୍ୟକ୍ଷମ ପରିବହନ ବ୍ୟବସ୍ଥା ଫଳରେ ସାର ଲୋଡିଂ ୨.୧୧ ମିଲିଅନ ଟନ୍‌ରୁ ବଢ଼ି ୩.୭୧ ମିଲିଅନ ଟନ୍‌ରେ ପହଞ୍ଚିଛି। ଖାଦ୍ୟଶସ୍ୟ ଲୋଡିଂ ୨.୩୭ ମିଲିଅନ ଟନରୁ ବୃଦ୍ଧି ପାଇ ଚଳିତ ଆର୍ଥିକ ବର୍ଷରେ ୨.୭୩ ମିଲିଅନ ଟନ୍ ଛୁଇଁଛି। ଦେଶର ଖାଦ୍ୟଶସ୍ୟ ପରିବହନରେ ଓଡ଼ିଶା ୧.୮୨ ମିଲିଅନ ଟନ୍ ଯୋଗଦାନ କରିଥିବାବେଳେ ଆନ୍ଧ୍ର ପ୍ରଦେଶ ଏବଂ ଛତିଶଗଡ଼ ମଧ୍ୟ ଏ କ୍ଷେତ୍ରରେ ଉନ୍ନତି ଆଣିଛନ୍ତି। ସମୟୋଚିତ ରେକ୍ ପ୍ଲେସ୍‌ମେଣ୍ଟ, ଦ୍ରୁତ ୱାଗନ ଟର୍ନ ଆଉଣ୍ଡ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ପ୍ରାଥମିକତା ପରିଚାଳନା ଏହି ପ୍ରଦର୍ଶନରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛି। ସେହିପରି ସିମେଣ୍ଟ ଲୋଡିଂ ୦.୭୦ ଟନ୍‌ରୁ ୦.୮୯ ମିଲିଅନ ଟନ୍‌କୁ ବୃଦ୍ଧି ପାଇଛି। ପେଟ୍ରୋଲିୟମ, ତୈଳ ଏବଂ ଲୁବ୍ରିକେଣ୍ଟ ଲୋଡିଂ ମଧ୍ୟ ୨.୪୭ ମିଲିଅନ ଟନ୍‌ରୁ ୨.୭୦ ମିଲିଅନ ଟନ୍‌କୁ ବୃଦ୍ଧି ପାଇଛି। ବନ୍ଦର ଏବଂ ଟର୍ମିନାଲଗୁଡିକରେ ଦକ୍ଷ ପରିଚାଳନା ଇନ୍ଧନ ଉତ୍ପାଦଗୁଡ଼ିକର ସୁଗମ ଓ ନିରବଚ୍ଛିନ୍ନ ଗତିବିଧିକୁ ସୁନିଶ୍ଚିତ କରିଛି। ଫିନିସଡ୍ ଇସ୍ପାତ ଲୋଡିଂ ୧୭.୦୯ ମିଲିଅନ ଟନ୍‌ରୁ ୨୨.୩୧ ମିଲିଅନ ଟନ୍‌କୁ ବୃଦ୍ଧି ପାଇଛି। ଏହି ଅଭିବୃଦ୍ଧି ଓଡ଼ିଶା ଏବଂ ଛତିଶଗଡ଼ର ଇସ୍ପାତ କାରଖାନାରୁ ଉନ୍ନତ ଉତ୍ପାଦନ ଏବଂ ନିଷ୍କାସନକୁ ପ୍ରତିଫଳିତ କରୁଛି, ଯାହା ଇସ୍ପାତ ଶିଳ୍ପ ତଥା ସମ୍ପୃକ୍ତ କ୍ଷେତ୍ରଗୁଡ଼ିକୁ ସମର୍ଥନ କରିବାରେ ପୂର୍ବତଟ ରେଳପଥର ଭୂମିକାକୁ ଆହୁରି ମଜଭୁତ କରିଛି। ତାଳଚେର, ପାରାଦୀପ ଏବଂ ଧାମରା ବନ୍ଦରର ପ୍ରମୁଖ ଅବଦାନ ସହିତ କୋଇଲା ଲୋଡିଂ ଗତବର୍ଷ ୧୨୬.୬୪ ମିଲିଅନ ଟନ୍ ହୋଇଥିବାବେଳେ ଏବର୍ଷ ୧୩୧.୪୪ ମିଲିଅନ ଟନ୍ ହୋଇଛି। ଲୁହାପଥର ଲୋଡିଂ ମଧ୍ୟ ୨୬.୦୬ ମିଲିଅନ ଟନ୍‌ରୁ ୩୧.୨୨ ମିଲିଅନ ଟନ୍‌କୁ ବୃଦ୍ଧି ପାଇଛି।



ପୁରୀ କୋର୍ଟ ସ୍ଥାନାନ୍ତର ପ୍ରତିବାଦରେ ପୁରୀ ଓକିଲ ସଂଘ ପକ୍ଷରୁ ଶୁକ୍ରବାର ମାଳତୀପାଟପୁରଠାରେ ଜାତୀୟ ରାଜପଥ ଉପରେ ଧାରଣା ଦିଆଯାଇଛି।

## ଶଟ୍‌ସର୍କିଟ୍ ଯୋଗୁ ପୋଡ଼ିଗଲା ଦୋକାନ

ବାରଙ୍ଗ,(ଲିଙ୍ଗରାଜ ରାଉତ): ଷଣ୍ଢପୁର ବଜାର ଉପରେ ଶଟ୍‌ସର୍କିଟ୍ ହେବାରୁ ଗୁରୁବାର ରାତିରେ ଏକ ଦୋକାନ ପୋଡ଼ି ପାଉଁଶ ହୋଇଯାଇଛି। ପ୍ରକାଶ ଯେ, ଷଣ୍ଢପୁର ଗ୍ରାମର କାବୁଲି ବେହେରା ବଜାର ଉପରେ ଏକ ପାନଦୋକାନ କରିଛନ୍ତି। ପ୍ରତିଦିନ ପରି ଗୁରୁବାର ରାତିରେ ଦୋକାନ ବନ୍ଦକରି ସେ ଘରକୁ ଯାଇଥିଲେ। ଶୁକ୍ରବାର ସକାଳୁ ଆସି ଦୋକାନ ଖୋଲିବା ପରେ ଶଟ୍‌ସର୍କିଟ ଯୋଗୁ ଦୋକାନ ଭିତରେ ନିଆଁଲାଗି ସମସ୍ତ ଆସବାବପତ୍ର, ଦୋକାନ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିବା ଦେଖିଥିଲେ। ଏହାପରେ କାବୁଲିଙ୍କଠାରୁ ଖବରପାଇ ଗୋଡ଼ିସାହି ବିଦ୍ୟୁତ୍ ବିଭାଗ କର୍ମଚାରୀ ଆସି ଦୋକାନକୁ ଦିଆଯାଇଥିବା ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଥିଲେ।

**ସଂକ୍ଷେପରେ**

## ଜୁମା ନମାଜ ପାଠ

ଟିଗିରିଆ, ୨୦।୨ (ଜାଫର ଖାଁ)

ଟିଗିରିଆ ବ୍ଲକ୍ ଅନ୍ତର୍ଗତ ଜମାତ୍ ଅହମ୍ମଦିୟା ପଙ୍କାଳ ଜାମା ମସ୍‌ଜିଦ୍‌ଠାରେ ପବିତ୍ର ରମ୍‌ଜାନ ମାସର ପ୍ରଥମ ଶୁକ୍ରବାର ନମାଜ ଜୁମା ପାଠ କରାଯାଇଥିଲା। ମୌଲାନା ସେକ୍ ନାସିରୁଦ୍ଦିନ ସମବେତ ମହିଳା ଓ ପୁରୁଷଙ୍କୁ ଜୁମା ନମାଜ ପାଠ କରାଇବା ସହ ପବିତ୍ର ମାସରେ ଅଧିକରୁ ଅଧିକ ଦାନ କରିବା, ଧର୍ମ କାମରେ ସମୟ ଦେବା, ପରୋପକାର ଓ ରୋଜା(ଉପବାସ) ରଖିବା ଉପରେ ବକ୍ତବ୍ୟ ରଖିଥିଲେ।

## ମହିଳା ଆତ୍ମରକ୍ଷା ଶିବିର

ବାଙ୍କୀ, ୨୦।୨ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ରାଣୀ ଶୁକଦେଈ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଆତ୍ମରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧାପିକା ସୁଧାଂଶୁବାଳା ଦେବତା ଯୋଗଦେଇ ଛାତ୍ରୀମାନେ ସେମାନଙ୍କର ସୁରକ୍ଷା ପାଇଁ ପ୍ରଶିକ୍ଷଣ ନେବା ଜରୁରୀ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅଧାପିକା ଶାରଳା ସ୍ୱାଇଁ ଯୋଗଦେଇଥିବାବେଳେ ଏହାକୁ ପ୍ରୀତିମୟୀ ଦାସ ସଂଯୋଜନା କରିଥିଲେ। ପ୍ରଶିକ୍ଷକ ଭାବେ ଗୀତା ବେହେରା ଯୋଗଦେଇ ପିଲାମାନଙ୍କୁ ଆତ୍ମରକ୍ଷା। କୌଶଳ ଶିକ୍ଷା ଦେଇଥିଲେ।

## ମା' ମଙ୍ଗଳା ଦେବୀଙ୍କର ମନ୍ଦିର ପ୍ରତିଷ୍ଠା

ବାଙ୍କୀ, ୨୦।୦୨ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଦୁର୍ଗାପୁର ପଞ୍ଚାୟତ ଅନ୍ତର୍ଗତ ନୂଆସାହି ଗ୍ରାମରେ ମା' ମଙ୍ଗଳା ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା ଏବଂ ଅଗ୍ନିସ୍ଥାପନ ସହ ପୂର୍ଣ୍ଣାହୁତି ଦିଆଯାଇ ସମାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ସରପଞ୍ଚ ପ୍ରତିନିଧି ଲଳିତ ମୋହନ ମହାପାତ୍ର, ସାମାଜିକ କର୍ମୀ ରଞ୍ଜିତ କୁମାର ଦାସ, ରାମଚନ୍ଦ୍ରପୁର ସେବା ସମବାୟ ସମିତି ସଭାପତି ସମରେନ୍ଦ୍ର ମହାପାତ୍ର, ସମିତିସଭ୍ୟ ଶ୍ରୀକାନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରତିଷ୍ଠା ଉତ୍ସବରେ ବହୁ ଲୋକଙ୍କ ସମାଗମ ହୋଇଥିଲା।

## ବଡ଼େଇସାହି ଗଣେଶ ଜୀଉଙ୍କ ସମ୍ମୁଖରେ ଏକାଦଶୀ ମେଳଣ

କଟକ, ୨୦।୨ (କାର୍ତ୍ତିକ ସାହୁ)

୧୬ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ଦୋଳ ନବମୀ ମହାସଭା ସର୍ବାଧିକାରୀ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବଡ଼େଇସାହି ୭୨ ମଠ ପ୍ରାଙ୍ଗଣରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ଦୋଳଯାତ୍ରା ସୁଚାରୁ ରୂପେ ପାଳନ କରାଯିବା ସମ୍ବନ୍ଧରେ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ୧ମ ଦିନ ଏକାଦଶୀ ମେଳଣ ବଡ଼େଇସାହିସ୍ଥିତ ଗଣେଶ ଜୀଉଙ୍କ ସମ୍ମୁଖରେ ଅନୁଷ୍ଠିତ ହେବ। ୨ୟ ଦିନ ଦ୍ୱାଦଶୀରେ ବାଘମଙ୍ଗଳାଠାରେ ସମସ୍ତ ଠାକୁର ଏକାଠି ହୋଇ ରାଣୀହାଟ ଗୋପାଳ ସାହି ଆଖଡ଼ା ଘର ସମ୍ମୁଖରେ ମେଳଣ କାର୍ଯ୍ୟକ୍ରମ କରିବେ। ୩ୟ ଦିନ ତ୍ରୟୋଦଶୀରେ ମେରିଆ ବଜାର, ୪ର୍ଥ ଦିନ ଚତୁର୍ଦ୍ଦଶୀରେ ବାବା ବଳରାମ ଦାଶ ମଠ ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ମେଳଣ କାର୍ଯ୍ୟକ୍ରମ ହେବ। ହୋଲି ଦିନ ରାଣୀହାଟ ଗୋପାଳ ସାହି ଗଣେଶ ମନ୍ଦିର ସମ୍ମୁଖରେ ମେଳଣ ହେବ। ଚଳିତବର୍ଷ ପୂର୍ଣ୍ଣମୀ ଦିନ ଚନ୍ଦ୍ରଗ୍ରହଣ ହେଉଥିବାରୁ ରଜାଘର ଚାନ୍ଦିନୀଚୌକ ମେଳଣ ପୂର୍ଣ୍ଣମୀ ପରିବର୍ତ୍ତେ ଏକାଦଶୀ ଦିନ ଓ ୭୨ ସଂକୀର୍ତ୍ତନ ମଣ୍ଡଳୀ ପୂର୍ଣ୍ଣମୀ ପୂର୍ଣ୍ଣ ମେଳଣ ଚତୁର୍ଦ୍ଦଶୀ ଦିନ ସକାଳ ୯ ଘଟିକାରୁ ଦୋଳମୁଣ୍ଡାଇରୁ ବାହାରି ମୁଖ୍ୟ ରାସ୍ତା ବକ୍ସିବଜାର ରୋଡ, ମଙ୍ଗଳାବାଗ, ନୂଆପାଟଣା, ମଣିସାହୁ ଛକ, ପଲଟନ ମହାବୀର, ମାଛୁଆବଜାର ଦେଇ ୭୨ ମଠ ବଡ଼େଇସାହିରେ ପହଞ୍ଚି ମେଳଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ସମସ୍ତ ମେଳଣରେ ୧୬ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ସମସ୍ତ ଠାକୁରଜୀଉମାନେ ଯୋଗଦାନ କରି ସମସ୍ତ ମେଳଣଗୁଡ଼ିକୁ ସଫଳ କରିବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଛି। ୭୨ ସର୍ବକର୍ତ୍ତୁଆଳ ପ୍ରଦୀପ ସାହୁ, ସଭ୍ୟ ମୁରଲୀଧର ମହାରଣା, ଦୀପକ ମହାପାତ୍ର, ଜଗବନ୍ଧୁ ସାହୁ, ଅଧିକାରୀ ଅଶୋକ ଦାସ, କରୁଣାକର ମହାରଣା, ସୁବାସ ବେହେରା, ପ୍ରକାଶ ନାୟକ, ଭାସ୍କର ମହାରଣା, ପ୍ରକାଶ ତ୍ରିପାଠୀ, ଦିବାକର ମହାରଣା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କ୍ରାସ ବ୍ୟାରିୟର ପରିବର୍ତ୍ତେ ଲାଗିବ କଣ୍ଟାଜାତୀୟ ଫୁଲଗଛ

### ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ




ବୈଠକରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

କଟକ, ୨୦।୨ (କାର୍ତ୍ତିକ ସାହୁ)

କଟକ ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଜିଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱଜିତ ଦାଶ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକକୁ ପରିଚାଳନା କରିଥିଲେ। ଜିଲାପାଳ ଶିନ୍ଦେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଧାର୍ଯ୍ୟ କାର୍ଯ୍ୟାନୁଷ୍ଠାନ ଅନୁପାଳନ ଉପରେ ବିବୃତି ରଖିବାକୁ କହିବା ସହ ଅସମ୍ପୂର୍ଣ୍ଣ ଥିବା କାର୍ଯ୍ୟଗୁଡ଼ିକ ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଇତି ମଧ୍ୟରେ ମଙ୍ଗୁଳିଠାରେ ଦୁର୍ଘଟଣା ଏଡ଼ାଇବାକୁ ରାସ୍ତାରେ କ୍ରାସ ବ୍ୟାରିୟରର ଉଚ୍ଚତା ବୃଦ୍ଧି କରିବା ସହ କ୍ରାସ ବ୍ୟାରିୟର ପରିବର୍ତ୍ତେ କଣ୍ଟା ଜାତୀୟ ଫୁଲ ଗଛ ଲଗାଇବାକୁ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କଟକ ନେତାଜୀ ବସଷ୍ଟାଣ୍ଡ ନିକଟରେ ବସ୍ ରଖିବା ନିଷେଧ ବୋର୍ଡ ଲଗାଇବା ଏବଂ ନୂତନ ପାର୍କିଂ ସ୍ଥାନ ଚିହ୍ନଟ କରିବା ନେଇ ଆରକ୍ଷୀ ଅଧୀକ୍ଷକ ଟ୍ରାଫିକ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକ ସ୍ଥାନରେ ଜେବ୍ରା କ୍ରସିଂ ରଙ୍ଗ କରିବା ଓ ଅନଧିକୃତ ହମ୍ପସ, ରମ୍ବଲର୍ସ ଅପସାରଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖରାପ ଅବସ୍ଥାରେ ଥିବା ଟ୍ରାଫିକ ପୋଷ୍ଟଗୁଡ଼ିକର ନବୀକରଣ ଓ ଟ୍ରାଫିକ ନିକଟରେ ସ୍ଥାୟୀ ଶୌଚାଳୟ ନିର୍ମାଣ କରିବାକୁ ଆଲୋଚନା ହୋଇଥିଲା। ଅତ୍ୟଧିକ ବାଲି ବୋଝେଇ ଗାଡ଼ିଗୁଡ଼ିକୁ ୪୦ ହଜାର ଟଙ୍କାର ଜରିମାନା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ରାସ୍ତା ଅବରୋଧ କରୁଥିବା ବ୍ୟବସାୟୀଙ୍କୁ ଅପସାରଣ କରି ଦୁର୍ଘଟଣାକୁ ଆହୁରି ହ୍ରାସ କରାଯାଇପାରିବ ବୋଲି ମତପ୍ରକାଶ ପାଇଥିଲା। ଅମାନିଆ ଗାଡ଼ିଚାଳକ, ମଦ୍ୟପାନ କରି ଗାଡିଚଳାଉଥିବା ଚାଳକମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରପ୍ରାପ୍ତ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିୟମ ଭଙ୍ଗକାରୀ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ପୂର୍ବବର୍ଷ ଜାନୁଆରୀରେ ୨୭୯ ଥିବା ବେଳେ ଚଳିତବର୍ଷ ୪୦୦କୁ ବୃଦ୍ଧିପାଇଛି। ଏଥିସହ ଚଳିତବର୍ଷ ଜାନୁଆରୀରେ ୫ ଲକ୍ଷ ୯୦ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି। କଟକ ଜିଲା ବସ୍ ମାଲିକ ସଂଘ ଏବଂ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତାମାନେ ଆଲୋଚନାରେ ଅଂଶଗ୍ରହଣ ପୂର୍ବକ ସୁଚିନ୍ତିତ ମତାମତ ରଖିଥିଲେ। ଅତିରିକ୍ତ ଉପଆୟୁକ୍ତ ପୋଲିସ କମିଶନରେଟ ଅମରେନ୍ଦ୍ର ପଣ୍ଡା, ଅତିରିକ୍ତ ଜିଲାପାଳ (ଉନ୍ନୟନ) ଡ. ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ସହକାରୀ ଆୟୁକ୍ତ ଟ୍ରାଫିକ ଜୟନ୍ତ କୁମାରଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ କୃଷକ ସହଯୋଗୀ ମେଳା



ଆଠଗଡ, ୨୦।୨ (ସତ୍ୟ ପ୍ରସାଦ ରଥ)

ଶ୍ରୀ ଶ୍ରୀ ୟୁନିଭର୍ସିଟି ପକ୍ଷରୁ ଆଠଗଡ଼ ବ୍ଲକ୍ କନ୍ଦରପୁର ଗ୍ରାମରେ କୃଷକ ସହଯୋଗୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହିଉତ୍ସବରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଆଠଗଡ଼ ଉପଜିଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ଓ ଅନ୍ୟତମ ଅତିଥି ଭାବେ କନ୍ଦରପୁର ସରପଞ୍ଚ କଲ୍ୟାଣୀ ଖଟୁଆ ଉପସ୍ଥିତ ଥିଲେ। ଶ୍ରୀ ଶ୍ରୀ ୟୁନିଭର୍ସିଟି କୃଷି ବିଭାଗର ଡିନ୍ ପ୍ରଫେସର ଡ. କୁମାର ସ୍ୱାମୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ଷ୍ଟଲ କରାଯାଇ ଜୈବିକ ସାର ଠାରୁ ଆରମ୍ଭକରି ବିଭିନ୍ନ ଉପାୟର ଚାଷ ପଦ୍ଧତି, ଅମଳ ହେଉଥିବା ବିଭିନ୍ନ ସାମଗ୍ରୀରୁ ଉତ୍ପାଦିତ ବିଭିନ୍ନ ଖାଦ୍ୟପଦାର୍ଥ, ଚାଷ ପାଇଁ ବିଭିନ୍ନ ସରଞ୍ଜାମ ଆଦି ପ୍ରଦର୍ଶନ କରାଯାଇଥିଲା। ଡ. ମୈତ୍ରୀ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ଶୁଭ୍ରଜ୍ୟୋତି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଚାଷୀମାନେ କିଭଳି ଜୈବିକ ପଦ୍ଧତିରେ ଚାଷକରିବା ସହ ଅଧିକ ଉତ୍ପାଦନ କରିପାରିବେ ସେନେଇ ବିଭିନ୍ନ ଶୈଳୀ ଶ୍ରୀ ଶ୍ରୀ ୟୁନିଭର୍ସିଟିର ପିଲାମାନେ ଚାଷୀମାନଙ୍କୁ ସହ ୬ ମାସ ସହଯୋଗ କରିଥିଲେ।

# ଭତ୍ତା ଅର୍ଥ ଆତ୍ମସାତ୍, ଅନ୍ତ୍ୟୋଦୟ ଗୃହ ବଣ୍ଟନରେ ଅନିୟମିତତା ଅଭିଯୋଗ

### ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ହିତାଧିକାରୀଙ୍କ ଧାରଣା



ଆଠଗଡ, ୨୦।୨ (ସତ୍ୟ ପ୍ରସାଦ ରଥ)

ଆଠଗଡ଼ ବ୍ଲକ୍ ଅନ୍ତର୍ଗତ ଧାଇପୁର, ମହାକାଳବସ୍ତ, ସଠିଲୋ ଗ୍ରାମପଞ୍ଚାୟତରେ ଭତ୍ତା ଅର୍ଥ ଆତ୍ମସାତ୍ ହୋଇଥିବା ଅଭିଯୋଗ ହୋଇଛି। ସେହିପରି ସଠିଲୋ ଗ୍ରାମପଞ୍ଚାୟତରେ ଅନ୍ତ୍ୟୋଦୟ ଗୃହ ବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଫଳରେ ଉପରୋକ୍ତ ଗ୍ରାମପଞ୍ଚାୟତର ଶତାଧିକ ବୃଦ୍ଧାବୃଦ୍ଧ, ବିଧବା, ଅସହାୟ, ଦିବ୍ୟାଙ୍ଗ ୨ମାସ ହେବ ଭତ୍ତା ନ ପାଇ ହନ୍ତସନ୍ତ ହେଉଛନ୍ତି। ଏ ନେଇ ଆଠଗଡ଼ ବ୍ଲକ୍ ଉପାଧ୍ୟକ୍ଷ ସୁବାସ କୁମାର ମଲ୍ଲିକ, ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ସୁନୀଲ ପରିଡ଼ା, ପ୍ରଶାନ୍ତ କୁମାର ସାହୁ ଧାଇପୁର ସମିତି ସଭ୍ୟା ସୋନାଲି ଗୋଚ୍ଛାୟତ, ସଠିଲୋ ସରପଞ୍ଚ ବୀଣାପାଣି ପରିଡାଙ୍କ ନେତୃତ୍ୱରେ ଶତାଧିକ ହିତାଧିକାରୀ ଆଠଗଡ଼ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଆଠଗଡ଼ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ପ୍ରିୟବ୍ରତ ପଣ୍ଡା କହିଛନ୍ତି, ଦାୟିତ୍ୱରେ ଥିବା ନିର୍ବାହୀ ଅଧିକାରୀ ୮ ମାସ ହେବ ଭତ୍ତା ବାବଦକୁ ଅର୍ଥ ଉଠାଇଥିଲେ। ଅନିୟମିତତା ଅଭିଯୋଗ ପରେ ବ୍ଲକ୍ କାର୍ଯ୍ୟାଳୟ ପକ୍ଷରୁ ୨୦୨୫ ମେ'୧୭, ଜୁନ୍ ୬ ଏବଂ ୨୦୨୬ ଜାନୁଆରୀ ୮ରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଏହାପରେ ହିତାଧିକାରୀମାନଙ୍କୁ ଚଳିତ ମାସର ଭତ୍ତା ପ୍ରଦାନ ନିମନ୍ତେ ୨୦୨୬ ଫେବୃୟାରୀ ୧୬ ଅର୍ଥ ଯୋଗାଇ ଦିଆଯାଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇନାହିଁ। ଅଭିଯୋଗ ପାଇବା ପରେ ଆଠଗଡ ବିଡିଓ ଆକାଶ ପଣ୍ଡା ଉପସ୍ଥିତ ହିତାଧିକାରୀଙ୍କୁ ବୁଝାଶୁଝା କରିବା ସହ ସମ୍ପୃକ୍ତ ନିର୍ବାହୀ ଅଧିକାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଆଶ୍ୱାସନା ଦେଇଛନ୍ତି। ସେହିପରି ସଠିଲୋ ପଞ୍ଚାୟତ ତରଫରୁ ପ୍ରଦାନ କରାଯାଇଥିବା ସମସ୍ତ ୩୯ଜଣ ହିତାଧିକାରୀଙ୍କୁ ଅଯୋଗ୍ୟ ଘୋଷଣା ଘଟଣାରେ ୨୪ ଫେବୃଆରୀ ସୋମବାର ସୁଦ୍ଧା ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ହିତାଧିକାରୀମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସହକାରୀ ଜିଲାପାଳ ମାନସ ରଞ୍ଜନ ବେହେରାଙ୍କୁ ଭେଟି ଆପତ୍ତି ଜଣାଇବା ପରେ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମପଞ୍ଚାୟତରେ ଭତ୍ତା ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

## ନିଆଁ ଲାଗି ଜଳିଗଲା ୨ ବଖରା

ବାରଙ୍ଗ, ୨୦।୨ (ଲିଙ୍ଗରାଜ ରାଉତ)

ନରାଜ ଗ୍ରାମର ଆଦିବାସୀ ସାହିର ଗୟାଧର ନାୟକ ଓ ପିଣ୍ଟୁ ନାୟକଙ୍କ ଘରେ ନିଆଁ ଲାଗି ୨ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି।

ସୂଚନାଯୋଗ୍ୟ, ଗୟାଧର ଓ ପିଣ୍ଟୁଙ୍କ ଚାଳଘରେ ଶୁକ୍ରବାର ସକାଳେ ଅଚାନକ ନିଆଁ ଲାଗି ଯାଇଥିଲା। ଏହି ସମୟରେ ଘରେ କୌଣସି ସଦସ୍ୟ ନ ଥିଲେ। ସାହିର ଲୋକମାନେ ନଳକୂପ ଓ ପୋଖରୀରୁ ପାଣି ଆଣି ନିଆଁକୁ ଆୟତ୍ତ କରିବାକୁ ବହୁ ଚେଷ୍ଟା କରିବା ସହିତ ଜରୁରିକାଳୀନ ସେବା ୧୧୨କୁ ଫୋନ୍ କରି ଜଣାଇଥିଲେ। କିଛି ସମୟ ପରେ ବାରଙ୍ଗ ଅଗ୍ନିଶମ ବିଭାଗର ଦମକଳ ଗାଡ଼ି ଆସିଲାବେଳକୁ ୨ ବଖରା ପୋଡ଼ି ପାଉଁଶ ହୋଇଯାଇଥିଲା। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ଘରେ ଥିବା ଆସବାବପତ୍ର, ଲୁଗାପଟା ସମେତ ନଗଦ ୧୦ ହଜାର ଟଙ୍କା ପୋଡ଼ି ଯାଇଥିବା ଜଣାପଡ଼ିଛି।

# କୃଷି ବୈଜ୍ଞାନିକ ଡ. ଦେବବ୍ରତ ପାଣିଗ୍ରାହୀ ସମ୍ମାନିତ



ବ୍ରାହ୍ମଣଝରିଲୋ, ୨୦।୨

ଅଲ୍ ଓଡ଼ିଶା ରିଟାୟାର୍ଡ ଏମ୍ପ୍ଲୟିଜ ଆସୋସିଏଶନ ପକ୍ଷରୁ କୃଷି କ୍ଷେତ୍ରରେ ବୈଜ୍ଞାନିକ, ଶିକ୍ଷକ ଓ ଏକ୍ସଟେନ୍ସନ କର୍ମୀ ଭାବେ ଉଲ୍ଲେଖନୀୟ ଅବଦାନ ସହିତ ପରିବେଶ ସୁରକ୍ଷା, କୃଷି ଉନ୍ନୟନ ଓ ଓଡ଼ିଆ ସାହିତ୍ୟର ପ୍ରଚାର-ପ୍ରସାରରେ ଦୀର୍ଘଦିନ ଧରି କାର୍ଯ୍ୟରତ ଥିବା ବ୍ରାହ୍ମଣଝରିଲୋର ଡକ୍ଟର ଦେବବ୍ରତ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରିଟାୟାର୍ଡ ଗଭର୍ଣ୍ଣମେଣ୍ଟ ଏମ୍ପ୍ଲୟିଜ ଆସୋସିଏଶନ ଦ୍ୱାରା ଭୁବନେଶ୍ୱରଠାରେ ଆୟୋଜିତ ସମ୍ମାନ ସମାରୋହରେ ପୂର୍ବତନ ପୋଲିସ କମିଶନର ଡ. ସତ୍ୟଜିତ ମହାନ୍ତି, ପୂର୍ବତନ ଓଡ଼ିଶା ବିଧାନସଭା ସଚିବ ଦାଶରଥି ଶତପଥୀ ଓ ଡିଜି ସୂର୍ଯ୍ୟମଣି ତ୍ରିପାଠୀ ଉପସ୍ଥିତ ଥିଲେ। ଅତିଥିମାନେ ସମ୍ମାନିତ ବ୍ୟକ୍ତିଙ୍କ କୃଷି ଗବେଷଣା, ଶିକ୍ଷାଦାନ ଓ ଗ୍ରାମ୍ୟ ଉନ୍ନୟନ କ୍ଷେତ୍ରରେ ସ୍ମରଣୀୟ ଭୂମିକାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଅତିଥିବୃନ୍ଦ କହିଥିଲେ, ପରିବେଶ ସୁରକ୍ଷା ଓ ସ୍ଥାୟୀ କୃଷି ପ୍ରଣାଳୀ ପ୍ରଚାରରେ ତାଙ୍କ ଉଦ୍ୟମ ସମାଜ ପାଇଁ ପ୍ରେରଣାଦାୟକ। ସମାଜ ସେବା ଓ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ତାଙ୍କ ନିଷ୍ଠା ଏକ ଉଦାହରଣ ସୃଷ୍ଟି କରିଛି ବୋଲି ସେମାନେ ମତ ପ୍ରକାଶ କରିଥିଲେ। ସମ୍ମାନିତ ବ୍ୟକ୍ତି ଏହି ସମ୍ମାନ ପାଇଁ ସଙ୍ଗଠନ ଓ ସଭ୍ୟମାନଙ୍କୁ କୃତଜ୍ଞତା ଜଣାଇ ଆଗାମୀ ଦିନରେ ମଧ୍ୟ କୃଷି, ପରିବେଶ ଓ ସମାଜ ସେବା କ୍ଷେତ୍ରରେ ତାଙ୍କ କାର୍ଯ୍ୟ ଜାରି ରଖିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସଂଘର ଅନ୍ୟାନ୍ୟ ପଦାଧିକାରୀ ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଯୁକ୍ତ ୨ କଳାରେ ୪୯୭ ପରୀକ୍ଷାର୍ଥୀ

### ବାଙ୍କୀ ସ୍ୱୟଂଶାସିତ କଲେଜ

ବାଙ୍କୀ, ୨୦।୨ (ଜ୍ଞାନେନ୍ଦ୍ର ମୋହନ ମିଶ୍ର/ ଶୁଭେନ୍ଦୁ ମହାପାତ୍ର)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଶୁକ୍ରବାର ଯୁକ୍ତ ୨ କଳା ପରୀକ୍ଷା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବାଙ୍କୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ କଳାରେ ୪୯୭ ଜଣ ଛାତ୍ରୀଛାତ୍ର କଡ଼ା ସୁରକ୍ଷା ବଳୟ ମଧ୍ୟରେ ପରୀକ୍ଷା ଦେଇଛନ୍ତି। ପୋଲିସ ଓ କଲେଜ ପ୍ରଶାସକଙ୍କ ମିଳିତ ତନଖିରେ ଛାତ୍ରୀଛାତ୍ରମାନଙ୍କୁ ପରୀକ୍ଷା ହଲ୍‌ରେ ପ୍ରବେଶ କରାଯାଇଥିଲା। ପରୀକ୍ଷାର୍ଥୀମାନଙ୍କୁ ତନଖି ବେଳେ ପ୍ରଶାସନିକ ଅଧିକାରୀ ଡ.ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଡ. ନିରାକାର ସାମନ୍ତରାୟ, ଅଧ୍ୟାପକ ନରେଶ ବେହେରା ପ୍ରମୁଖ କଲେଜ ଫାଟକରେ ଉପସ୍ଥିତ ଥିଲେ। ପରୀକ୍ଷା ପରିଚାଳକ ଭାବେ ବରିଷ୍ଠ ପ୍ରାଧ୍ୟାପିକା ଗାୟତ୍ରୀ ନାୟକ ଓ ସହକାରୀ ପରିଚାଳକ ଭାବେ ଅଧ୍ୟାପକ ଯୁଗୋଳ କିଶୋର ମଣ୍ଡଳ ବିଭିନ୍ନ ପରୀକ୍ଷା ହଲ୍‌କୁ ଯାଇ ସୁଚାରୁ ରୂପେ ପରୀକ୍ଷା କରିଥିଲେ।

# ଓଡ଼ିଆ, ଇଂଲିଶ୍‌ରେ ଠିକ୍‌ଭାବେ ଡମପଡ଼ା ଲେଖ

### ବ୍ଲକ ନାମ ଠିକ୍‌ଭାବେ ଲେଖିବାକୁ ଦାବି

ତାଳବସ୍ତ, ୨୦।୨ (ସୁବ୍ରତ କୁମାର ନାୟକ)

ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ତରଫରୁ ୬ଟି ଜିଲାର ୧୨ ସ୍ଥାନ ଯଥା ବଡ଼ମ୍ବା, ବାଲେଶ୍ୱର, ନୀଳଗିରି, ଆଳି, କେନ୍ଦ୍ରାପଡ଼ା, ମହାକାଳପଡ଼ା, କେନ୍ଦୁଝର, ବଡ଼ବିଲ, କେନ୍ଦୁଝରଗଡ଼, ରେଢ଼ାଖୋଲ, ନୟାଗଡ଼, ଦଶପଲ୍ଲା ସ୍ଥାନର ଇଂରାଜୀ ବନାନ ସମ୍ପୂର୍ଣ୍ଣ ଓଡ଼ିଆରେ ସଂଶୋଧିତ ହୋଇ ଲେଖାହେବ ବୋଲି ଘୋଷଣା କରାଯାଇଛି। କଟକ ଜିଲାର ବାଙ୍କୀ ନିର୍ବାଚନମଣ୍ଡଳୀର ଡମପଡ଼ା ବ୍ଲକ୍‌ର ଇଂରାଜୀ ଅକ୍ଷର ବହୁବର୍ଷ ହେବ ସରକାରୀ କାଗଜପତ୍ରରେ ଭୁଲ୍ ଲେଖା ହୋଇଆସୁଛି। ଏହାକୁ ମଧ୍ୟ ସଂଶୋଧିତକରି ଲେଖିବାକୁ ବାଙ୍କୀର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଆମ ପରିବାରଚକ୍ରର ଆବାହକ କୁମାର ଅମିୟ, କବି ବିପ୍ଳବ, ଅଧାପିକା ମମତା ଜେନା, ସାମାଜିକ କର୍ମୀ ଅକ୍ଷୟ କୁମାର ସାମଲ, ଯୁବ ସଙ୍ଗଠକ ବିଶ୍ୱରଞ୍ଜନ ସ୍ୱାଇଁ ପ୍ରମୁଖ ତାଳବସ୍ତ ପଞ୍ଚାୟତ ଜନଶୁଣାଣି ଅଭିଯୋଗରେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନଙ୍କ କହିବାନୁସାରେ ଡମପଡ଼ାକୁ ଇଂଲିଶ୍‌ରେ ଡମ୍ପଡା, ଡମପରା କହି ଅବା ଲେଖି କଦର୍ଥ କରା ନ ଯାଉ। ଡମ ଏକ ଜାତି। ଏ ସ୍ଥାନର ପୂର୍ବର ଅଧିବାସୀଙ୍କ ସ୍ଥାନ ଥିବାରୁ ଡମମାନଙ୍କ ପଡ଼ା ବା ଅଞ୍ଚଳରୁ ଡମପଡ଼ା ହୋଇଛି। ସମୟକ୍ରମେ ରାଜରାଜୁଡ଼ା ଅମଳରୁ ଅନ୍ୟ ଜାତି ବିଶେଷ ଏଠାରେ ବସବାସ କରିବା ପରେ ମୂଳ ଅଧିବାସୀ ସଙ୍କୁଚିତ ହୋଇଗଲେ। ତେଣୁ ଏହାକୁ ଠିକ୍ ଭାବେ ଓଡ଼ିଆରେ ଏବଂ ଇଂଲିଶରେ ଡମପଡ଼ା ବୋଲି ଲେଖାଯାଉ । ଓଡ଼ିଆ ଅସ୍ମିତାର ଏହି ସଂଶୋଧନ କାର୍ଯ୍ୟକ୍ରମରେ ଡମପଡ଼ା ବ୍ଲକ୍ ନାମ ଖୁବ୍‌ଶୀଘ୍ର ସଂଶୋଧନ ପାଇଁ ବିଭାଗ ସହ ଯୋଗାଯୋଗ କରାଯିବ ବୋଲି ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ କହିଛନ୍ତି।

# ହଜରତ ମୁସ୍‌ଲେ ମଉଦ ଦିବସ




ହଜରତ ମୁସ୍‌ଲେ ମଉଦ ଦିବସରେ ଯୋଗଦେଇଥିବା ଅତିଥିମାନେ।

ଟିଗିରିଆ, ୨୦।୨ (ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ଜମାତ୍ ଅହମ୍ମଦିୟା ପଙ୍କାଳ ଜାମା ମସ୍‌ଜିଦ୍‌ଠାରେ ଶୁକ୍ରବାର ହଜରତ ମୁସ୍‌ଲେ ମଉଦ ଦିବସ ପାଳିତ ହୋଇଯାଇଛି। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମ୍ୟ କମିଟି ସଭାପତି ସାହାଦତ୍ ଖାଁ ସଭାପତିତ୍ୱ କରିଥିଲେ। ବୁରୁହାନ୍ ଖାଁ ପବିତ୍ର କୋରାନ୍ ଶ୍ଳୋକ ଆବୃତ୍ତି କରିଥିଲେ। ଅମ୍‌ଜାଦ ଖାଁ ଏବଂ ଓଡ଼ିଆ କବିତା ମଜିଦ ଖାଁ ଉର୍ଦ୍ଦୁ ନଜମ(କବିତା) ପାଠ କରିଥିଲେ। ହଜରତ ମୁସ୍‌ଲେ ମୌଦଙ୍କ ଜୀବନୀ ଉପରେ ଜୈନୁଲ ଆବେଦିନ୍ ଖାଁ, ଅବୁବକର ଖାଁ, ମୌଲାନା ମହମ୍ମଦ ଏକ୍ରାମ୍, ମୌଲାନା ସେକ୍ ସମ୍‌ସୁଲ ଓ ଜାମା ମସ୍‌ଜିଦ୍‌ର ଇମାମ୍ ମୌଲାନା ସେକ୍ ନାସିରୁଦ୍ଦିନ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଶେଷରେ ବିଶ୍ୱ ଶାନ୍ତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରୋଶନ୍ ଖାଁ, ମହମ୍ମଦ ଜାଫର ଅଲ୍ଲୀ, ଫର୍ଜନ ଅଲ୍ଲୀ ଖାଁ, ଅବଦୁଲ ଇସ୍‌ମାଇଲ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

# ନରସିଂହପୁରରେ ଅବକାରୀ ବିଭାଗ ଚଢ଼ାଉ: ୬ ଗିରଫ

**ଝାଡ଼ଖଣ୍ଡ ବେପାରୀଙ୍କ କଟକରେ ଅଫିମ ଚାଷ**

- ନଷ୍ଟ କରାଗଲା ୪୩ ହଜାର ୭୫୦ ଅଫିମ ଗଛ
- ୨୧ କୋଟି ୮୭ ଲକ୍ଷ ଟଙ୍କାର ଅଫିମ ନଷ୍ଟ



ଅବକାରୀ ଟିମ୍ ପକ୍ଷରୁ ଅଫିମ ଚାଷ ନଷ୍ଟ କରାଯାଉଛି।

କଟକ, ୨୦।୨ (କୁମାରଶ୍ରୀ)

ଝାଡଖଣ୍ଡର ନିଶା ବେପାରୀମାନେ ଏବେ କଟକ ଜିଲାର କେତେକ ଉପାନ୍ତ ଅଞ୍ଚଳକୁ ଟାର୍ଗେଟ କରିଛନ୍ତି। ଶୁକ୍ରବାର ନରସିଂହପୁରର ଜୟଦାମୋଦରପୁର ମୁଣ୍ଡାସାହିରେ ଅବକାରୀ ବିଭାଗ ଚଢ଼ାଉ କରି ୬ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ରାମ ପୂର୍ତ୍ତି, ତାଙ୍କ ପତ୍ନୀ ସାଗି ପୂର୍ତ୍ତି, କାଜୁରୁ ଟୁଟି, ଲୋଚନ ସୋଲେମନ, ସୁନୀତା ହାଁସଦା ଏବଂ ଟୁବା ଅଲତା। ଚଢ଼ାଉ ବେଳେ ୪୩ ହଜାର ୭୫୦ ଅଫିମ ଗଛ ନଷ୍ଟ କରାଯାଇଛି। ଯାହାର ସରକାରୀ ମୂଲ୍ୟ ୨୧ କୋଟି ୮୭ ଲକ୍ଷ ଟଙ୍କା ବୋଲି ଅବକାରୀ ବିଭାଗ ସ୍ପଷ୍ଟ କରିଛି। କିଛି ବର୍ଷର ବ୍ୟବଧାନ ପରେ କଟକ ଜିଲାରେ ଏଭଳି ବିପୁଳ ପରିମାଣରେ ଅଫିମ ଚାଷ ଦେଖିବାକୁ ମିଳିଛି।

ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ସୂଚନା ମୁତାବକ, ଏକ ଏକର ଜାଗାରେ ବିପୁଳ ପରିମାଣର ଅଫିମ ଚାଷ ହୋଇଥିଲା। ୨୦ରୁ ୨୫ଦିନ ପରେ ଏଥିରୁ ଅଫିମ ସଂଗ୍ରହ କରାଯାଇଥାନ୍ତା। ଚଢ଼ାଉ ପରେ ତିନିଟି ଏନ୍‌ଡିପିଏସ୍ ମାମଲା ରୁଜୁ କରାଯାଇ ମୋଟ ୬ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ପଚରାଉଚରା କରାଯିବା ପରେ ଝାଡଖଣ୍ଡ ବେପାରୀଙ୍କ ଲିଙ୍କ୍ ସାମ୍ନାକୁ ଆସିଛି। ଏଠାରେ ଚାଷ ହୋଇଥିବା ଅଫିମକୁ ଝାଡଖଣ୍ଡ ପଠାଯାଇଥାନ୍ତା। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଲୋକଙ୍କୁ ଭୁଆଁ ବୁଲାଇ ଏଭଳି ବେଆଇନ କାରବାରରେ ସମ୍ପୃକ୍ତ କରାଯାଉଛି। ତଥ୍ୟପ୍ରମାଣ ଯୋଗାଡ ଚାଲିଛି। ଅବକାରୀ ବିଭାଗ ପକ୍ଷରୁ ଖୁବଶୀଘ୍ର ଝାଡଖଣ୍ଡର ନିଶା ବେପାରୀଙ୍କୁ ଗିରଫ କରାଯିବ ବୋଲି ଅଧୀକ୍ଷକ କରୁଣା ଶଙ୍କର କହିଛନ୍ତି।

ନରସିଂହପୁରରେ ଅଫିମ ଚାଷ ହେଉଛି ବୋଲି ଅବକାରୀ ବିଭାଗକୁ କିଛି ମାସ ହେବ ଲଗାତାର ଭାବେ ଖବର ମିଳୁଥିଲା। ମାତ୍ର ଠିକ ଠିକଣା ଚିହ୍ନଟ ହୋଇ ପାରୁ ନ ଥିବାରୁ ଚଢ଼ଉ କରାଯାଇ ପାରୁ ନ ଥିଲା। ଅବକାରୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ ନରସିଂହପୁରର ଜୟଦାମୋଦରପୁରରେ ଚଢ଼ାଉ ହୋଇଥିଲା। ଚଢ଼ାଉରେ ସ୍ଥାନୀୟ ତହସିଲଦାର ଅମ୍ରିତା ସାହୁ, ରାଜସ୍ୱ ନିରୀକ୍ଷକ ପ୍ରସନ୍ନଜିତ ମହାନ୍ତି, ଅବକାରୀ ନିରୀକ୍ଷକ କମଳଲୋଚନ ପାଇକରାୟ, ରବି ନାରାୟଣ ପ୍ରଧାନ, ଭକ୍ତବତ୍ସଳ ବର୍ମା, ଉପନିରୀକ୍ଷକ ତରୁଣ କୁମାର ପାତ୍ର, ଅକ୍ଷୟ କୁମାର ଜେନା, ଅବକାରୀ ସହ ଉପନିରୀକ୍ଷକ ସୌମ୍ୟରଞ୍ଜନ ବେହେରା, ବିଷ୍ଣୁପ୍ରସାଦ ମାଝୀ, ସରୋଜ କୁମାର ସାହୁ, ରାଜେନ୍ଦ୍ର ଖେସ୍ ପ୍ରମୁଖ ସାମିଲ ହୋଇଥିଲେ।

# ୨ ଲୁଟେରା ଗିରଫ, ରୁପା ଅଳଙ୍କାର ସହ ଟଙ୍କା ଜବତ

## ଗୋଟିଏ ରାତିରେ ୮ ମନ୍ଦିରରୁ ଚୋରି ଘଟଣା

ବାଲୁଗାଁ,୨୦।୨(ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଅଞ୍ଚଳରେ ଗତ ଶୁକ୍ରବାର ରାତିରେ ୮ଟି ମନ୍ଦିରରୁ ଚୋରି ହୋଇଥିଲା। ଏହି ଘଟଣାରେ ବାଲୁଗାଁ ଥାନା ପୋଲିସ ଦୁଇଜଣ ଲୁଟେରାଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଗଞ୍ଜାମ ଜିଲ୍ଲା ରମ୍ଭା ଥାନା ପାଥରାସାହି ଗ୍ରାମର କୃଷ୍ଣଚନ୍ଦ୍ର ବେହେରା(୩୦) ଏବଂ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ପାଣ୍ଡବପାଟଣା ଗ୍ରାମର ବାଇଧର ପ୍ରଧାନ(୨୮)। ଏମାନଙ୍କଠାରୁ ଝୋଲାଗାଡ଼ା ୨୦୦ ଗ୍ରାମ ରୁପା, ଶ୍ରୀରାମ ଏବଂ ହନୁମାନଙ୍କ ଚିତ୍ର ଥିବା ଗୋଟିଏ ଧାତୁର ମୁଦ୍ରା, ୧୨ଶହ ଟଙ୍କା, ଚୋରିରେ ବ୍ୟବହୃତ ଲୁହାରଡ୍ ଏବଂ ଦୁଇଟି ଗ୍ଲୋଭ୍ସ ଜବତ ହୋଇଛି। ଏହି ଚୋରିରେ ସମ୍ପୃକ୍ତ ଅନ୍ୟ ୫ ଜଣଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

ସୂଚନାଥାଉ କି, ଗତ ଶୁକ୍ରବାର ବିଳମ୍ବିତ ରାତିରେ ବାଲୁଗାଁ ସାମନ୍ତରାପୁର ସାହିସ୍ଥିତ ଦଧିବାମନ ଦେବ, ଗୁପ୍ତେଶ୍ୱର ଦେବ, ହନୁମାନ ଦେବ, ମହାଲକ୍ଷ୍ମୀଙ୍କ ମନ୍ଦିର, ସରଳାପଦର ଛକସ୍ଥିତ ମା' ଉତ୍ତରାୟଣୀ ଦେବୀ, ମାଛ ମାର୍କେଟସ୍ଥିତ ମା' କାଳିଜାଇ ଦେବୀ, ବିଦ୍ୟାଧରପୁର ସାହିସ୍ଥିତ ଖିଲାମୁଣ୍ଡା ଦେବୀ ଏବଂ ଗାନ୍ଧୀନଗରସ୍ଥିତ ମା' ଭଗବତୀ ଗିରିଦୁର୍ଗାଙ୍କ ମନ୍ଦିର ଫାଟକ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଠାକୁରଙ୍କୁ ପିନ୍ଧା ଯାଇଥିବା ରୁପାର କିରିଟ, ଛତି, ବାହୁଟି, ବଂଶୀ ଏବଂ ସୁନାର ଚିତା, ମଙ୍ଗଳସୂତ୍ର ଆଦି ଅଳଙ୍କାର ସମେତ ଦାନବାକ୍ସରୁ ଲକ୍ଷାଧିକ ଟଙ୍କା ଚୋରିକରି ନେଇଥିଲେ। ଶନିବାର ସକାଳେ ସମସ୍ତ ମନ୍ଦିର କର୍ତ୍ତୃପକ୍ଷଙ୍କଠାରୁ ଅଭିଯୋଗ ପାଇବା ପରେ ବାଲୁଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏସ୍‌ପି ବିବେକାନନ୍ଦ ଶର୍ମା ପହଞ୍ଚି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ୪ଟି ଟିମ୍ ଗଠନ କରିଥିଲେ। ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ ଏବଂ ଆଇଆଇସି ଜୟ ପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ପୃଥକ୍ ଭାବେ ଏହି ଟିମ୍ ବାଲୁଗାଁ ଅଞ୍ଚଳରେ ଲାଗିଥିବା ବିଭିନ୍ନ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ଉପରୋକ୍ତ ଦୁଇ ଲୁଟେରାଙ୍କୁ ଗଞ୍ଜାମ ଜିଲ୍ଲା ରମ୍ଭା ଅଞ୍ଚଳରୁ ଗତ ବୁଧବାର ଗିରଫ କରିଥିଲେ। ରମ୍ଭା ଏବଂ ଖଲ୍ଲିକୋଟ ଥାନାରେ ଦୁଇ ଅଭିଯୁକ୍ତଙ୍କ ନାମରେ ଏକାଧିକ ଚୋରି ଓ ଆପରାଧିକ ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି। ଚୋରିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି, ଖୁବ୍‌ଶୀଘ୍ର ସେମାନଙ୍କ ଗିରଫ କରାଯିବ ବୋଲି ଆଇଆଇସି ପରିଡ଼ା କହିଛନ୍ତି।


ଗିରଫ ୨ ଅଭିଯୁକ୍ତ।


ଜବତ ହୋଇଥିବା ଟଙ୍କା, ଲୁହାରଡ୍ ଏବଂ ଗ୍ଲୋଭ୍ସ।

# ଝାରପଡ଼ା ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ଭୁବନେଶ୍ୱର,୨୦।୨(ତ୍ରିନାଥ ମହାନ୍ତି)

**ଜେଲ ୱାର୍ଡରେ ଆତଙ୍କ କଲେଣି ମଶା**

- ମ୍ୟାଲେରିଆରେ ସର୍ବାଧିକ କଏଦୀଙ୍କ ଯାଉଛି ଜୀବନ
- ୧୦ ବର୍ଷରେ ରାଜ୍ୟରେ ୫୭୨ କଏଦୀଙ୍କ ମୃତ୍ୟୁ ଘଟିଲାଣି

ରାଜ୍ୟର ବିଭିନ୍ନ ଜେଲରେ ରହୁଥିବା କଏଦୀଙ୍କ ଜୀବନ ଏବେ ବିପଦରେ ପଡ଼ିଛି। କାରଣ ପ୍ରତିବର୍ଷ ମ୍ୟାଲେରିଆ, ହୃଦ୍‌ରୋଗ ଏବଂ କିଡ୍‌ନୀ ରୋଗରେ କଏଦୀଙ୍କ ମୃତ୍ୟୁ ଘଟୁଛି। ଜେଲର ୱାର୍ଡ ଭିତରେ ସନ୍ଧ୍ୟା ହେଲେ ମଶାଙ୍କ ଉତ୍ପାତ ଦେଖିବାକୁ ମିଳୁଛି। ରାତିରେ କଏଦୀମାନେ ମଶାଙ୍କ ଉତ୍ପାତରେ ଶୋଇ ପାରୁନାହାନ୍ତି, ଯେଉଁଥିପାଇଁ ଜେଲରେ ରହୁଥିବା ଏକାଧିକ କଏଦୀଙ୍କ ମ୍ୟାଲେରିଆରେ ମୃତ୍ୟୁ ଘଟୁଛି। ଏହିଭଳି ଶୁକ୍ରବାର ଝାରପଡ଼ା ଜେଲରେ ରହୁଥିବା ଜଣେ ବିଚାରାଧୀନ କଏଦୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ଏମ୍‌ସରେ ମୃତ୍ୟୁ ଘଟିଛି। ମୃତ କଏଦୀ ହେଲେ ଢୁମୁଢୁମାର କାହ୍ନା ଦାସ(୨୮)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଖଣ୍ଡଗିରି ଥାନାର ଏକ ଚୋରି ମାମଲାରେ ଗତ ଏପ୍ରିଲ ମାସରେ କାହ୍ନା ଗିରଫ ହୋଇ ଝାରପଡ଼ା ଜେଲକୁ ଆସିଥିଲେ। ହେଲେ ଜେଲରେ ଗତ ୧୦ ତାରିଖରୁ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ିବାରେ ଲାଗିଥିଲା। ତାଙ୍କୁ ପ୍ରଥମେ ଜେଲ ମେଡିକାଲରେ ଚିକିତ୍ସା କରାଯାଇଥିବାବେଳେ ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସୁଧୁରି ନ ଥିଲା। ଶେଷରେ ତାଙ୍କୁ ଗତ ୧୪ ତାରିଖରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଗୁରୁତର ହେବାରୁ ଶୁକ୍ରବାର ତାଙ୍କୁ ଏମ୍‌ସରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି। କାହ୍ନାର ପରିବାର ଲୋକ ଜେଲ କର୍ତ୍ତୃପକ୍ଷଙ୍କୁ ଦୋଷ ଦେଇଛନ୍ତି। ଜେଲ ୱାର୍ଡରେ ମଶାରେ ଶୁଆଇଛନ୍ତି। ଯେଉଁଥି ପାଇଁ ତାଙ୍କୁ ମ୍ୟାଲେରିଆ ଜ୍ୱର ହେବାରୁ ତାର ମୃତ୍ୟୁ ଘଟିଛି। ଏହାର ନିରପେକ୍ଷ ତଦନ୍ତ ହେଉ ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି।

ମିଳିଥିବା ତଥ୍ୟ ଅନୁସାରେ, ୨୦୧୪ରୁ ୨୦୨୩ ମଧ୍ୟରେ ରାଜ୍ୟର ବିଭିନ୍ନ କାରାଗାରରେ ୫୭୨ ଜଣ ବିଚାରାଧୀନ କଏଦୀଙ୍କ ଜୀବନ ଯାଇଛି । କଏଦୀମାନେ ଜେଲରେ ରହିବା ଭିତରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କ ମୃତ୍ୟୁ ଘଟୁଛି। ଜେଲ କଏଦୀ ଯେଉଁଭଳି ସ୍ୱାସ୍ଥ୍ୟ ବ୍ୟବସ୍ଥା ମିଳିବା କଥା ମିଳିପାରୁନି। ଯେଉଁଥିପାଇଁ ରାଜ୍ୟର ବିଭିନ୍ନ ଜେଲରେ କଏଦୀଙ୍କ ରୋଗରୁ ମୃତ୍ୟୁ ଘଟୁଛି। ସବୁଠାରୁ ଅଧିକ ମୃତ୍ୟୁ ୨୦୧୪ ରେ ହୋଇଥିଲା। ଏହି ବର୍ଷରେ ୮୭ ଜଣଙ୍କ ଜୀବନ ଯାଇଥିଲା। ଏହାପଛକୁ ୨୦୨୦ରେ ୭୫ଜଣ ଓ ୨୦୨୧ରେ ୬୦ ଜଣଙ୍କ ଜୀବନ ଯାଇଛି। ୨୦୧୫ରେ ସବୁଠୁ କମ୍ ୪୫ ବନ୍ଦୀଙ୍କ ମୃତ୍ୟୁ ହୋଇଥିଲା। ବିଭିନ୍ନ ରୋଗରେ ପୀଡ଼ିତ ହେଇ ମୃତ୍ୟୁ ଘଟିବା ହାରକୁ ଦେଖି ଅଧିକ ମ୍ୟାଲେରିଆ, ହୃଦ୍‌ରୋଗ ଏବଂ କିଡ୍‌ନୀ ରୋଗରୁ ମୃତ୍ୟୁ ଘଟିଛି। ୨୪୩ ବନ୍ଦୀଙ୍କ ମ୍ୟାଲେରିଆରେ ଜୀବନ ଯାଇଥିବାବେଳେ ଏହା ପଛକୁ ହୃଦ୍‌ରୋଗରେ ୮୧, କିଡ୍‌ନୀ ରୋଗ ପାଇଁ ୪୦, କର୍କଟ ରୋଗରେ ୨୩, ଯକ୍ଷ୍ମା ରୋଗରେ ୧୮ ଓ ଫୁସ୍‌ଫୁସ ସଂକ୍ରମଣରେ ୧୫ ଜଣଙ୍କ ଜୀବନ ଯାଇଛି। ସେହିପରି ବ୍ରେନ୍ ଷ୍ଟ୍ରୋକ ୧୪, ଯକୃତ ଜନିତ ରୋଗରେ ୧୧, ଏଡ୍ସରେ ୪ ଓ ଝାଡ଼ାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ଚିନ୍ତାଜନକ ବିଷୟ ହେଉଛି ମ୍ୟାଲେରିଆରେ ଏତେ ସଂଖ୍ୟକ ବନ୍ଦୀଙ୍କ ଜୀବନ ଯିବ। ଏଥିରୁ ଜଣାପଡୁଛି ଜେଲ ଭିତରେ ମଶାଙ୍କ ପ୍ରାଦୁର୍ଭାବ ରୋକିବାକୁ ବିଶେଷ କରି କିଛ ପଦେକ୍ଷପ ନିଆଯାଉନି। କଏଦୀମାନେ ବିଭିନ୍ନ ୱାର୍ଡରେ ମଶାମାନଙ୍କୁ ସାଙ୍ଗ କରି ଶୋଇବାକୁ ପଡୁଛି। କଏଦୀମାନଙ୍କୁ ୱାର୍ଡରେ ମଶାଧୂପ ନା ଲିକୁଇଡ୍ ଦିଆଯାଉନି। ସେମାନେ ମଶାରେ କମ୍ବଳ ଘୋଡ଼ାଇ ହୋଇ ଶୋଉଛନ୍ତି। ଅନେକ କଏଦୀ ମ୍ୟାଲେରିଆରେ ଆକ୍ରାନ୍ତ ହେଲା ପରେ ମଧ୍ୟ ତାଙ୍କୁ ଚିକିତ୍ସା କରାଯାଉ ନ ଥିବା ଅଭିଯୋଗ ହୋଇଛି।

## ଚଳନ୍ତା ଟ୍ରେନ୍‌ରୁ ଖସି ଯୁବକଙ୍କ ମୃତ୍ୟୁ

ଟାଙ୍ଗୀ,୨୦।୨(ରଘୁନାଥ ସାହୁ)

ଖୋର୍ଦ୍ଧାରୋଡ୍ ରେଳ ଡିଭିଜନ ଅନ୍ତର୍ଗତ କାଲୁପଡ଼ାଘାଟ ଷ୍ଟେଶନ ନିକଟରେ ଏକ ଚଳନ୍ତା ଯାତ୍ରୀବାହୀ ଟ୍ରେନ୍‌ରୁ ଖସିପଡ଼ିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତେବେ ମୃତକଙ୍କ ପରିଚୟ ମିଳିପାରିନାହିଁ। ଏନେଇ ଷ୍ଟେଶନ ମାଷ୍ଟର ନିରାକାରପୁର ରେଲ୍‌ୱେ ପୋଲିସକୁ ଜଣାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ହାୱଡା ମେଲ୍ ଦ୍ରୁତଗାମୀ ଟ୍ରେନ୍ କାଲୁପଡ଼ାଘାଟ ଷ୍ଟେଶନର ୨ନମ୍ବର ପ୍ଲାଟ୍‌ଫର୍ମ ଦେଇ ଯାଉଥିବା ବେଳେ ଯୁବକ ଜଣଙ୍କ ଟ୍ରେନ୍‌ରୁ ଖସିପଡ଼ିଥିଲେ।

## ନୂତନ ପାଠ୍ୟପୁସ୍ତକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ନିରାକାରପୁର,୨୦।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ରାମେଶ୍ୱର ପଞ୍ଚାୟତସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜାତୀୟ ଶିକ୍ଷାନୀତି–୨୦୨୦ ଏବଂ ଓଡ଼ିଶା ବିଦ୍ୟାଳୟ ପାଠ୍ୟକ୍ରମ ରୂପରେଖ ବିଦ୍ୟାଳୟ ଶିକ୍ଷା–୨୦୨୫ ଅନୁଯାୟୀ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ପ୍ରଚଳନ ଓ ଶିକ୍ଷାଦାନ ସମ୍ପର୍କିତ ୪ର୍ଥ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଜାତୀୟ ଶିକ୍ଷାନୀତି–୨୦୨୦ର ମୁଖ୍ୟ ଲକ୍ଷ୍ୟ ହେଉଛି ଭଲ ମଣିଷ ତିଆରି କରିବା। ତେଣୁ ଏ ଦିଗରେ ଆଉ ଏକପାଦ ଆଗକୁ ଯାଇ ନୂତନ ପାଠ୍ୟକ୍ରମ ରୂପରେଖ ଭାରତୀୟ ଜ୍ଞାନ ପରମ୍ପରା, ଭାବଧାରା, ପ୍ରାଚୀନ ଶିକ୍ଷା ବ୍ୟବସ୍ଥା, ଗୁରୁକୁଳ ବୈଶିଷ୍ଟ୍ୟ, ନୂତନ ଦକ୍ଷତାଭିତ୍ତିକ ଶିକ୍ଷଣ, ପଞ୍ଚକୋଷଭିତ୍ତିକ ସମଗ୍ର ବିକାଶ, ପଞ୍ଚପଦୀ ଶିକ୍ଷଣ ଆଦି ଉପରେ ପର୍ଯ୍ୟବସିତ, ଯାହା ଶିକ୍ଷାର୍ଥୀମାନଙ୍କୁ ଭବିଷ୍ୟତରେ ଭଲ ମଣିଷଟିଏ କରି ଗଢ଼ିତୋଳିବାରେ ସାହାଯ୍ୟ କରିବ। ୫ ଦିନ ବ୍ୟାପୀ ଚାଲିଥିବା ଏହି ପ୍ରଶିକ୍ଷଣ ଶିବିରରେ ପ୍ରମୁଖ ସମ୍ବଳ ଶିକ୍ଷକ ଭାବେ ପ୍ରଶାନ୍ତ ମହାପାତ୍ର, ନୀଳାଦ୍ରି କୁମାର ସିଂହ, ବିଜୟ କୁମାର ସେଠୀ, ସମରେଶୁ ବେହେରା ଉପସ୍ଥିତ ଥିବା ବେଳେ ସହକାରୀ ଦାୟିତ୍ୱ ରାମେଶ୍ୱର ସିଆର୍‌ସିସି ସୁଶାନ୍ତ କୁମାର ମଲ୍ଲିକଙ୍କ ସହିତ ବ୍ଲକର ବିଭିନ୍ନ କ୍ଲଷ୍ଟରରୁ ୮୨ ଜଣ ପ୍ରଶିକ୍ଷାର୍ଥୀ ଯୋଗଦେଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦିବ୍ୟସିଂହ ତ୍ରିପାଠୀ, ସହ ଗୋଷ୍ଠୀ ଶିକ୍ଷାଧିକାରୀ ସଞ୍ଜୁଲତା ବେହେରା, ଅମ୍ଳାନ୍ ପ୍ରହରାଜ, ସମସ୍ତ ସମ୍ବଳ ଶିକ୍ଷକ ଅତିଥିଭାବେ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣରୁ ଗ୍ରହଣ କରିଥିବା ସମସ୍ତ ପାଠ୍ୟକ୍ରମକୁ ବିଦ୍ୟାଳୟସ୍ତରରେ କାର୍ଯ୍ୟକାରୀ କରାଇବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣର ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା । ସମ୍ବଳ ଶିକ୍ଷକ ନୀଳାଦ୍ରି କୁମାର ସିଂହ ସଂଯୋଜନା କରିଥିବା ବେଳେ ସୁଦର୍ଶନ ସାହୁ, ସୁଶାନ୍ତ ସ୍ୱାଇଁ, ମାଳତି ଦେଇ, ସତ୍ୟନାରାୟଣ ବ୍ରହ୍ମା ମହାପାତ୍ର, ପଞ୍ଚାନନ ଭୁଜବଳ, ତପନ ହାଲ୍‌ଦାର, ନରେନ୍ଦ୍ର ପାଇକରାୟ, ମମତା ବାହିନୀପତି ପ୍ରମୁଖ ସହଯୋଗ କରିଥିଲେ।


ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## 'ଜଳ ହିଁ ଜୀବନ' ଆଲୋଚନାଚକ୍ର

ଟାଙ୍ଗୀ,୨୦।୨(ରଘୁନାଥ ସାହୁ)

ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ 'ଜଳ ହିଁ ଜୀବନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସରପଞ୍ଚ ସୁଜିତ୍ କୁମାର ହାଲ୍‌ଦାର, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ପ୍ରଧାନ, ସ୍ୱାସ୍ଥ୍ୟକର୍ମୀ କାହ୍ନୁଚରଣ ପରିଡ଼ା, ପରିଚାଳନା କମିଟି ସଭ୍ୟା ରିତୁ ମଣ୍ଡଳ, ପଞ୍ଚସଖା ଶିକ୍ଷାସେତୁ ସଭାନେତ୍ରୀ ରାଜେଶ୍ୱରୀ ହାଲ୍‌ଦାର ପ୍ରମୁଖ ଯୋଗଦେଇ ଜଳସଙ୍କଟ ଦୂର କରିବାକୁ ହେଲେ ଏବେଠାରୁ ସଚେତନ ରହିବା ଆବଶ୍ୟକ। କମ୍ ଜଳ ବ୍ୟବହାର, ଜଳର ସଦୁପଯୋଗ ଏବଂ ଜଳ ପ୍ରଦୂଷଣ ରୋକିବା ଉପରେ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ରୂପାଲି ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମନୋରମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସରକାରଙ୍କ ପକ୍ଷରୁ ବିଦ୍ୟାଳୟ ପରିସରରେ ଏକ ନଳକୂପ ବସାଯାଇ ପାନୀୟଜଳ ସମସ୍ୟା ଦୂର କରାଯାଇଥିବାରୁ ବିଦ୍ୟାଳୟ ପକ୍ଷରୁ ବନ୍ଦାପନା ସହ ନଡ଼ିଆ ବାଡ଼େଇ ନଳକୂପର ଉଦ୍‌ଘାଟନ କରାଯିବା ସହ ବିଭାଗୀୟ ଅଧିକାରୀଙ୍କ ମାଧ୍ୟମରେ ସରକାରଙ୍କୁ କୃତଜ୍ଞତା ପତ୍ର ପ୍ରେରଣ କରାଯାଇଥିଲା।

## ତ୍ରିନାଥ ଦେବଙ୍କ ନୂତନ ବିଗ୍ରହ, ମନ୍ଦିର ପ୍ରତିଷ୍ଠା ଉତ୍ସବ

କଳାପଥର,୨୦।୨(ଗଙ୍ଗାଧର ସାହୁ)

କଳାପଥର ଦୁର୍ଗାବଜାରରେ ତ୍ରିନାଥ ଦେବଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଅଧିବାସ ଅଙ୍କୁରାରୋପଣ ଓ କଳସ ଯାତ୍ରା ହୋଇଥିବା ବେଳେ ଶୁକ୍ରବାର ହନୁମାନ ଚାଳିଶା ପାଠ ଏବଂ ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଥିଲା। କର୍ମାଚାର୍ଯ୍ୟ ପ୍ରମୋଦ କୁମାର ଷଡ଼ଙ୍ଗୀ, କର୍ତ୍ତାଭାବେ ବସନ୍ତ କୁମାର ସାହୁ, ବାସନ୍ତୀ ସାହୁ, ତ୍ରିନାଥ ପୂଜା କମିଟିର ସଭାପତି ମହାପ୍ରସାଦ ରତ୍ନ, ସମ୍ପାଦକ ପ୍ରମୋଦ କୁମାର ସାହୁ ଯୋଗଦେଇଥିଲେ। ଦିପୁ ସାହୁ, ଲୁନା, ସୋନୁ, ସାନୁ, ସରୋଜ, ସୀତାରାମ ନାୟକ, ରାଧେଶ୍ୟାମ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## କୃଷକ ନେତା ଦାଶରଥିଙ୍କ ପରଲୋକ

ବେଗୁନିଆ,୨୦।୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ଧଳାପଥର ପଞ୍ଚାୟତ ଅନ୍ତର୍ଗତ ଠଣାପଲ୍ଲୀ ଗ୍ରାମର କୃଷକ ନେତା ଦାଶରଥି ମହାପାତ୍ର (୭୪)ଙ୍କ ପରଲୋକ ହୋଇଯାଇଛି। ସେ ଭୂମିହୀନଙ୍କୁ ଦଖଲ ଜମିର ପଟ୍ଟା ପାଇଁ ଆନ୍ଦୋଳନ କରି ଜେଲ ଯାଇଥିଲେ। ସେ ବେଗୁନିଆ ଅଞ୍ଚଳରେ ଜଣେ ସାମାଜିକ କର୍ମୀ ଭାବେ ପରିଚିତ ଥିଲେ। ଏଥିସହ ସେ ଆଜୀବନ କମ୍ୟୁନିଷ୍ଟ ପାର୍ଟିର ସଭ୍ୟ ଥିଲେ। କମ୍ୟୁନିଷ୍ଟ ନେତା ବସନ୍ତ ପାଇକରାୟ, ଅକ୍ରୁର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ନିରଞ୍ଜନ ମହାପାତ୍ର ଏବଂ ରବୀନ୍ଦ୍ର ମୁଦୁଲି ପ୍ରମୁଖ ତାଙ୍କ ଘରେ ପହଞ୍ଚି ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ମାଲ ପରିବହନରେ ପୂର୍ବତଟ ରେଳପଥର ଅଭିବୃଦ୍ଧି

### ବଢ଼ିଲା ସାର, ଖାଦ୍ୟଶସ୍ୟ ଲୋଡିଂ

ଭୁବନେଶ୍ୱର,୨୦।୨(ଅନୁରାଧା ମହାରଣା)

୨୦୨୫–୨୬ ଆର୍ଥିକ ବର୍ଷର ଏପ୍ରିଲରୁ ଜାନୁଆରୀ ମଧ୍ୟରେ ପୂର୍ବତଟ ରେଳପଥ ମାଲ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ୨୦୨୪–୨୫ର ସମାନ ସମୟରେ ୧୮୧.୨୪ ମିଲିଅନ ଟନ୍ ମାଲ ପରିବହନ କରାଯାଇଥିବାବେଳେ ଏବର୍ଷ ୧୯୯.୫୦ ମିଲିୟନ ଟନ ପ୍ରମୁଖ ସାମଗ୍ରୀ ପରିଚାଳନା କରିଛି। ସେହିପରି ଗତବର୍ଷ ସମାନ ସମୟରେ ୫.୮୨ ମିଲିଅନ ଟନ୍ ସାର କାରବାର ହୋଇଥିବାବେଳେ ଏବର୍ଷ ୮.୨୨ ମିଲିଅନ ଟନ୍‌କୁ ବୃଦ୍ଧି ପାଇଛି। ଏହି ଅଭିବୃଦ୍ଧି ମୁଖ୍ୟତଃ ଓଡ଼ିଶାର ପାରାଦୀପ ଏବଂ ଧାମରା ବନ୍ଦରରେ ଉନ୍ନତ ପରିଚାଳନା ଦ୍ୱାରା ସମ୍ଭବ ହୋଇପାରିଛି। ଆନ୍ଧ୍ର ପ୍ରଦେଶରେ ମଧ୍ୟ ଉଲ୍ଲେଖନୀୟ ବୃଦ୍ଧି ଦେଖାଯାଇଛି। ବିଶାଖାପାଟଣା ଓ ଗଙ୍ଗାବରମ ବନ୍ଦରରୁ କାର୍ଯ୍ୟକ୍ଷମ ପରିବହନ ବ୍ୟବସ୍ଥା ଫଳରେ ସାର ଲୋଡିଂ ୨.୧୧ ମିଲିଅନ ଟନ୍‌ରୁ ବଢ଼ି ୩.୭୧ ମିଲିଅନ ଟନ୍‌ରେ ପହଞ୍ଚିଛି। ଖାଦ୍ୟଶସ୍ୟ ଲୋଡିଂ ୨.୩୭ ମିଲିଅନ ଟନରୁ ବୃଦ୍ଧି ପାଇ ଚଳିତ ଆର୍ଥିକ ବର୍ଷରେ ୨.୭୩ ମିଲିଅନ ଟନ୍ ଛୁଇଁଛି। ଦେଶର ଖାଦ୍ୟଶସ୍ୟ ପରିବହନରେ ଓଡ଼ିଶା ୧.୮୨ ମିଲିଅନ ଟନ୍ ଯୋଗଦାନ କରିଥିବାବେଳେ ଆନ୍ଧ୍ର ପ୍ରଦେଶ ଏବଂ ଛତିଶଗଡ଼ ମଧ୍ୟ ଏ କ୍ଷେତ୍ରରେ ଉନ୍ନତି ଆଣିଛନ୍ତି। ସମୟୋଚିତ ରେକ୍ ପ୍ଲେସ୍‌ମେଣ୍ଟ, ଦ୍ରୁତ ୱାଗନ ଟର୍ନ ଆଉଣ୍ଡ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ପ୍ରାଥମିକତା ପରିଚାଳନା ଏହି ପ୍ରଦର୍ଶନରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛି। ସେହିପରି ସିମେଣ୍ଟ ଲୋଡିଂ ୦.୭୦ ଟନ୍‌ରୁ ୦.୮୯ ମିଲିଅନ ଟନ୍‌କୁ ବୃଦ୍ଧି ପାଇଛି। ପେଟ୍ରୋଲିୟମ, ତୈଳ ଏବଂ ଲୁବ୍ରିକେଣ୍ଟ ଲୋଡିଂ ମଧ୍ୟ୨.୪୭ ମିଲିଅନ ଟନ୍‌ରୁ ୨.୭୦ ମିଲିଅନ ଟନ୍‌କୁ ବୃଦ୍ଧି ପାଇଛି। ବନ୍ଦର ଏବଂ ଟର୍ମିନାଲଗୁଡିକରେ ଦକ୍ଷ ପରିଚାଳନା ଇନ୍ଧନ ଉତ୍ପାଦଗୁଡ଼ିକର ସୁଗମ ଓ ନିରବଚ୍ଛିନ୍ନ ଗତିବିଧିକୁ ସୁନିଶ୍ଚିତ କରିଛି। ଫିନିସଡ୍ ଇସ୍ପାତ ଲୋଡିଂ ୧୭.୦୯ ମିଲିଅନ ଟନ୍‌ରୁ ୨୨.୩୧ ମିଲିଅନ ଟନ୍‌କୁ ବୃଦ୍ଧି ପାଇଛି। ଏହି ଅଭିବୃଦ୍ଧି ଓଡ଼ିଶା ଏବଂ ଛତିଶଗଡ଼ର ଇସ୍ପାତ କାରଖାନାରୁ ଉନ୍ନତ ଉତ୍ପାଦନ ଏବଂ ନିଷ୍କାସନକୁ ପ୍ରତିଫଳିତ କରୁଛି, ଯାହା ଇସ୍ପାତ ଶିଳ୍ପ ତଥା ସମ୍ପୃକ୍ତ କ୍ଷେତ୍ରଗୁଡ଼ିକୁ ସମର୍ଥନ କରିବାରେ ପୂର୍ବତଟ ରେଳପଥର ଭୂମିକାକୁ ଆହୁରି ମଜଭୁତ କରିଛି। ତାଳଚେର, ପାରାଦୀପ ଏବଂ ଧାମରା ବନ୍ଦରର ପ୍ରମୁଖ ଅବଦାନ ସହିତ କୋଇଲା ଲୋଡିଂ ଗତବର୍ଷ ୧୨୬.୬୪ ମିଲିଅନ ଟନ୍ ହୋଇଥିବାବେଳେ ଏବର୍ଷ ୧୩୧.୪୪ ମିଲିଅନ ଟନ୍ ହୋଇଛି। ଲୁହାପଥର ଲୋଡିଂ ମଧ୍ୟ ୨୬.୦୬ ମିଲିଅନ ଟନ୍‌ରୁ୩୧.୨୨ ମିଲିଅନଟନ୍‌କୁ ବୃଦ୍ଧିପାଇଛି।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ


ଅତିଥିଙ୍କଠାରୁ ଜଣେ ଛାତ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି।

କୃଷ୍ଣପ୍ରସାଦ,୨୦।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଡ଼ଖାଡ଼ ପଞ୍ଚାୟତର ସିପିଆ ଛକସ୍ଥିତ ଜେବିଏସ୍ ପବ୍ଲିକ ସ୍କୁଲର ପ୍ରଥମ ବାର୍ଷିକୀ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଅଧ୍ୟକ୍ଷ ସମ୍ବିତ କୁମାର ସୁନ୍ଦରାଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ମୁଖ୍ୟ ଅତିଥି ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନା, ସମ୍ମାନିତ ଅତିଥିଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ସୁଧାକର ପ୍ରଧାନ, ଶିକ୍ଷାନୁଷ୍ଠାନ ପରିଚାଳନା କମିଟି ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ରୁକ୍ମୁଣୀ ଦେବୀ ମହାବିଦ୍ୟାଳୟ ଅଧ୍ୟାପକ ସଂଗ୍ରାମ କେଶରୀ ଜେନା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ କ୍ରୀଡ଼ାଙ୍ଗନରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ସହକାରୀ ଶିକ୍ଷକ ପ୍ରମୋଦ ନାୟକ, ଶିକ୍ଷୟିତ୍ରୀ ଅମିତା ଜେନା, ଶୁଭଦର୍ଶିନୀ ଜେନା, ରୁବିରାଣୀ ତରେଇ, କାବେରୀ ଜେନା, ରୁବେଶ ବେହେରା, ସବିତା ଜେନା, ପ୍ରତିମା ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ୨୨ରେ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର

ନିରାକାରପୁର,୨୦।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ବଡ଼ପୋଖରିଆ ପଞ୍ଚାୟତ ଅନ୍ତର୍ଗତ ବୋଡ଼ଙ୍ଗରା ପାଟଣା ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ 'ବରଦାନୀ ଭବନ' ଏବଂ ନୀଳଗିରି ପାଟଣାର ନିଗମାନନ୍ଦ ସରସ୍ୱତୀ ଚିନ୍ତାମଣି ସେବାଶ୍ରମର ମିଳିତ ସହଯୋଗରେ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଆସନ୍ତା ୨୨ତାରିଖରେ ଅନୁଷ୍ଠିତ ହେବ। ଚିନ୍ତାମଣି ସେବାଶ୍ରମ ନୀଳଗିରି ପାଟଣାରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏହି ସ୍ୱାସ୍ଥ୍ୟସେବା ଶିବିର ଚାଲିବ। ଏହି ଶିବିରରେ ବିଭିନ୍ନ ବିଭାଗର ବରିଷ୍ଠ ବିଶେଷଜ୍ଞ ଡାକ୍ତରମାନେ ଯୋଗଦେବେ। ବଡ଼ପୋଖରିଆ ପଞ୍ଚାୟତ ଓ ଆଖପାଖ ଅଞ୍ଚଳର ଜନସାଧାରଣ ଏହି ଶିବିରରେ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଏବଂ ଚିନ୍ତାମଣୀ ସେବାଶ୍ରମ ପକ୍ଷରୁ ଅନୁରୋଧ କରାଯାଇଛି।

## ବାଙ୍କୀ ଆଥ୍‌ଲେଟିକ୍ ଆସୋସିଏଶନ ଫାଇନାଲରେ

ବାଘମାରୀ,୨୦।୨(ମିହିର ରଞ୍ଜନ ମହାପାତ୍ର)


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ କଣ୍ଟାମଳିମ ଜୟଦୁର୍ଗା ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଗ୍ରାମ ଖେଳପଡ଼ିଆରେ ଚାଲିଥିବା ୩୧ତମ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ଅରୁଗୁଲୁ ଗୋଲ୍ଡେନ କ୍ଲବ୍ ଏବଂ ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ମ୍ୟାଚ୍ ଅମୀମାଂସିତ ରହିବା ପରେ ରେଫରି ଟାଇବ୍ରେକରର ସହାୟତା ନେଇଥିଲେ। ଟାଇବ୍ରେକରରେ ୪–୩ ଗୋଲରେ ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ରାଜୁ ମହାନ୍ତି ରେଫରି, ବିଦେଶୀ ନାୟକ ଓ ପ୍ରଫୁଲ୍ଲ ବେହେରା ଲାଇନ୍‌ରେ ସହାୟତା କରିଥିଲେ। ୪ର୍ଥ ଅଫିସିଆଲ ଭାବେ ଅମଜାଦ୍ ଖାଁ ଏବଂ ମ୍ୟାଚ୍ କମିଶନର ଭାବେ ଦୟାନ୍ ଖାଁ ଦାୟିତ୍ୱ ତୁଲାଇଥିଲେ। ମିହିର ରଞ୍ଜନ ମହାପାତ୍ର ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଆନନ୍ଦ ଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ବାଙ୍କନିଧି ବାରିକ, ପୂର୍ବତନ ବ୍ଲକ କଂଗ୍ରେସ କମିଟି ସଭାପତି କାଳନ୍ଦୀ ଚରଣ ମହାପାତ୍ର, କୃଷକ ନେତା ମଦନ ମୋହନ ସାହୁ, ସାମାଜିକ କର୍ମୀ ଜ୍ଞାନ ରଞ୍ଜନ ମାନସିଂ, ସୁରେନ୍ଦ୍ର ଗଜେନ୍ଦ୍ର, ତୋଫାନ୍ ମାଝୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶନିବାର ଜଟଣୀ କୁସୁମାଟି ଫୁଟ୍‌ବଲ କ୍ଲବ୍ ଏବଂ ଖୋର୍ଦ୍ଧା ଜୟଦୁର୍ଗା କ୍ଲବ୍ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଗ୍ରାମ କମିଟି ସଭାପତି ଯଜ୍ଞେଶ୍ୱର ରାଉତରାୟ, ଉପସଭାପତି ଅଜୟ ମାର୍ଥା, ସମ୍ପାଦକ ଆର୍ତ୍ତବନ୍ଧୁ ମାଝୀ, କୋଷାଧ୍ୟକ୍ଷ ବାଉରିବନ୍ଧୁ ପାଇକରାୟ ପ୍ରମୁଖ ସହଯୋଗ କରିଥିଲେ।

## ଆଇଏଚ୍‌ଏମ୍ କ୍ୟାମ୍ପସ୍, ସାଇ ଏକ୍ସପର୍ଟ ବୁଲିଲେ ଅନ୍ତେବାସୀ

ଖୋର୍ଦ୍ଧା,୨୦।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାର ବିଭିନ୍ନ ଶିଶୁଯତ୍ନ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଖୋର୍ଦ୍ଧା ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଆଇଏଚ୍‌ଏମ୍ ଏବଂ ଜଟଣୀସ୍ଥିତ ସାଇ ଏକ୍ସପର୍ଟ ପରିଦର୍ଶନ କରିଛନ୍ତି। ଆଇଏଚ୍‌ଏମ୍‌ର ଅଧ୍ୟକ୍ଷା ସାରଦା ଘୋଷ୍ ପିଲାମାନଙ୍କୁ ସ୍ୱାଗତ କରିବା ସହ ଭବିଷ୍ୟତ ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। ହୋଟେଲ ମ୍ୟାନେଜ୍‌ମେଣ୍ଟ କୋର୍ସ କରି କିପରି ସ୍ୱାବଲମ୍ବୀ ହୋଇପାରିବ ଆଇଏଚ୍‌ଏମ୍‌ର ପରାମର୍ଶଦାତା ଅବିନାଶ ଦାଶ ଏବଂ ପରାମର୍ଶଦାତ୍ରୀ ଜ୍ୟୋତିର୍ମୟୀ ପଣ୍ଡା ସଚେତନ କରାଇଥିଲେ। ଏହି ପରିଦର୍ଶନ ସମୟରେ ଅତିରିକ୍ତ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ବାଗ୍ମିଶ୍ରୀ ଦାଶ, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଖୋର୍ଦ୍ଧାର ସାମାଜିକ କର୍ମୀ ରଞ୍ଜନ କୁମାର ଗୋଚ୍ଛାୟତ, ମନସ୍ୱିନୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ ପିଲାମାନ ଜଟଣୀସ୍ଥିତ ସାଇ ଏକ୍ସପର୍ଟ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ କାର୍ଯ୍ୟକ୍ରମରେ ମୋଟ ୨୨ ଜଣ ପିଲା ଯୋଗଦେଇଥିଲେ।

**ନୟାହାଟ ବାଳିକା ଉଚ୍ଚ ବିଦ୍ୟାଳୟରେ ଆତ୍ମରକ୍ଷା ଶିବିର**

ଯୋଗେଶ୍ୱରପୁର,(ରଶ୍ମିରଞ୍ଜନ ସାହୁ): ନୟାହାଟ ବାଳିକା ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଶିକ୍ଷାବିତ୍ ବିଚିତ୍ରାନନ୍ଦ ପାତ୍ର ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ରାଉତରାୟ, ଶିକ୍ଷକ ଧନଞ୍ଜୟ ମହାପାତ୍ର, ଦେବେନ୍ଦ୍ର ମହାନ୍ତି, ସବିତା ସିଂହ, ସଂଯୁକ୍ତା ମିଶ୍ର ପ୍ରମୁଖ ବାଳିକାମାନଙ୍କୁ ଆତ୍ମରକ୍ଷା ବିଷୟରେ ପ୍ରଶିକ୍ଷଣ ଦେବା ସହ ବିପଦ ସମୟରେ ନିଜକୁ ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ।

# ଶ୍ରୀକ୍ଷେତ୍ର ସଂସ୍କୃତି ସଂଗ୍ରହାଳୟ ନିର୍ମାଣ ଆଶା ଉଜ୍ଜ୍ୱଳ

**ପୁରୀ,୨୦।୨(ଅଜିତ୍ କୁମାର ମହାନ୍ତି)**

ରାଜ୍ୟ ସରକାର ଚଳିତବର୍ଷ ବଜେଟ୍‌ରେ ପୁରୀକୁ ଗୁରୁତ୍ୱ ଦେଇଛନ୍ତି। ବିଶେଷ କରି ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ସହ ବିକାଶ ପାଇଁ ୧ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହାକୁ ନେଇ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ସରକାରଙ୍କ ଘୋଷଣା ପରେ ଅଟକି ରହିଥିବା ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେବ ବୋଲି ଆଶା ଦେଖାଯାଇଛି। ଫଳରେ ୧୭ବର୍ଷ ଧରି ବିଶ୍ୱସ୍ତରୀୟ ଶ୍ରୀକ୍ଷେତ୍ର ସଂସ୍କୃତି ସଂଗ୍ରହାଳୟ କାର୍ଯ୍ୟକ୍ଷମ ହେବା ବୋଲି ଆଶା କରାଯାଉଛି।

ସୂଚନାଯୋଗ୍ୟ, ୧୭ ବର୍ଷ ହେବ ଶ୍ରୀକ୍ଷେତ୍ର ସଂସ୍କୃତି ସଂଗ୍ରହାଳୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲେ ମଧ୍ୟ ନିର୍ମାଣ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିଲା। ପୁରୀରେ ବିଶ୍ୱସ୍ତରୀୟ ସଂଗ୍ରହାଳୟ ହେଲେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ସହ ଗବେଷଣାରତ ସ୍କଲାର ବି ଏହାଦ୍ୱାରା ଲାଭବାନ ହୋଇପାରିବେ। ଏହି ଲକ୍ଷ୍ୟରେ ଶ୍ରୀକ୍ଷେତ୍ର ସଂସ୍କୃତି ସଂଗ୍ରହାଳୟର ସ୍ୱପ୍ନ ଦେଖାଇଥିଲେ ପୂର୍ବତନ ରାଜ୍ୟ ସରକାର। ପୁରୀ ବଳିଆପଣ୍ଡା ଅଞ୍ଚଳର ଓଡ଼ିଶା ଭବନ ନିକଟରେ ଏହି ପ୍ରକଳ୍ପ ପାଇଁ ୪ ଏକର ୬ ଡିସିମିଲ୍‌ର ଏକ ସରକାରୀ ଜାଗା ଚିହ୍ନଟ ହୋଇଥିଲା। ତେବେ ୧୭ ବର୍ଷ ତଳେ ପାଚେରି ଓ ଅନ୍ୟାନ୍ୟ ବାବଦକୁ ୨୫ ଲକ୍ଷ ଟଙ୍କାର ସରକାରୀ ଅର୍ଥ ଖର୍ଚ୍ଚ କରାଯାଇଥିଲା। ଏହି କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ପରେ କାର୍ଯ୍ୟ ଅଟକି ରହିଥିଲା। ଏହି ବିଶ୍ୱସ୍ତରୀୟ ସଂଗ୍ରହାଳୟ ୨୦୦୮ ଫେବୃଆରୀ ୨୯ରେ ତତ୍କାଳୀନ ବାଚସ୍ପତି ତଥା ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏହାର ଭିତ୍ତିପ୍ରସ୍ତର ପକାଇଥିଲେ। ଶ୍ରୀକ୍ଷେତ୍ରକୁ ଦେଶବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କୁ ଅତ୍ୟାଧୁନିକ ଶୈଳୀରେ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିର ଜ୍ଞାନ ପ୍ରଦାନ ସହ ଏହା ଉପରେ ଅଧିକ ଗବେଷଣା ଲକ୍ଷ୍ୟରେ ଶ୍ରୀକ୍ଷେତ୍ର ସଂସ୍କୃତି ସଂଗ୍ରହାଳୟର ପରିକଳ୍ପନା କରାଯାଇଥିଲା। ମାତ୍ର ତାହା ଆଜିପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନ ଥିଲା। ବର୍ତ୍ତମାନ ସରକାର ବଜେଟରେ ଶ୍ରୀଜଗନ୍ନାଥ ସଂସ୍କୃତିର ଉନ୍ନତି ଓ ପ୍ରଚାର ପ୍ରସାର ପାଇଁ ଅର୍ଥ ମଞ୍ଜୁର କରିଥିବା ହେତୁ ବିଶ୍ୱସ୍ତରୀୟ ଶ୍ରୀକ୍ଷେତ୍ର ସଂସ୍କୃତି ସଂଗ୍ରହାଳୟ କାର୍ଯ୍ୟକ୍ଷମ ହେବା ସହ ଭକ୍ତଙ୍କ କାର୍ଯ୍ୟରେ ଆସିବ ବୋଲି ମତପ୍ରକାଶ ପାଇଛି।



୧୭ ବର୍ଷ ତଳେ ଶ୍ରୀକ୍ଷେତ୍ର ସଂସ୍କୃତି ସଂଗ୍ରହାଳୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ସ୍ଥାନ।

ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ବିଧାନସଭାରେ ଶ୍ରୀଜଗନ୍ନାଥ ମନ୍ଦିର ସମ୍ପର୍କିତ ପ୍ରକଳ୍ପ ପାଇଁ ୧ ହଜାର କୋଟି ଟଙ୍କା ଘୋଷଣା କରିଛନ୍ତି। ଏହା ମଧ୍ୟରେ ଶ୍ରୀଗୁଣ୍ଡିଚା ମନ୍ଦିର ଚାରିପାଖର ଉନ୍ନତୀକରଣ, ଶ୍ରୀଜଗନ୍ନାଥବଲ୍ଲଭ ପ୍ରମୋଦ ଉଦ୍ୟାନର ଉନ୍ନତି, ଜେବିପିସି, ରଘୁନନ୍ଦନ ଲାଇବ୍ରେରୀ, ସାଂସ୍କୃତିକ କେନ୍ଦ୍ର, ଇଣ୍ଟର ପ୍ରିଟେସନ ସେଣ୍ଟର ଭକ୍ତମାନଙ୍କ ପାଇଁ ନୂତନ ଭାବେ ନିର୍ମାଣ କରାଯିବ। ରତ୍ନଭଣ୍ଡାର ସମ୍ପର୍କିତ କାର୍ଯ୍ୟ ପାଇଁ ୫କୋଟି ଟଙ୍କାର ଅନୁଦାନ ରଖାଯାଇଛି। ସମର୍ପଣ ଆପ୍‌ର ମଧ ଘୋଷଣା କରାଯାଇଛି। ଏହା ଖୁବ୍‌ଶୀଘ୍ର ଲୋକାର୍ପିତ ହେବ। ଏଟିଏମ୍ ମାଧ୍ୟମରେ ଭକ୍ତମାନେ ତାଙ୍କ ଇଚ୍ଛାରେ ମହାପ୍ରଭୁଙ୍କୁ ଯାହା ଦାନ କରିବା କଥା ସେମାନେ କରିବେ ସେ ନେଇ ବ୍ୟବସ୍ଥା କରାଯାଉଛି। ସେହିପରି ବଳିଆପଣ୍ଡାଠାରେ ଶ୍ରୀକ୍ଷେତ୍ର ସଂସ୍କୃତି ସଂଗ୍ରହାଳୟ ଓ ଲାଇବ୍ରେରୀ ନିର୍ମାଣ କରାଯିବ। ସମସ୍ତ ପ୍ରକଳ୍ପ କାର୍ଯ୍ୟ ଓବିସିସି କରିବ, ତେବେ ଶ୍ରୀମନ୍ଦିର ପ୍ରଶାସନ ସମସ୍ତ ସହଯୋଗ ଯୋଗାଇଦେବ ବୋଲି ଡ. ପାଢ଼ୀ ସୂଚନା ଦେଇଛନ୍ତି। ଏନେଇ ସାଂସ୍କୃତିକ ସଂଗଠକ ଶ୍ୟାମପ୍ରକାଶ ସେନାପତି କହିଛନ୍ତି, ଶ୍ରୀଜଗନ୍ନାଥ ସଂସ୍କୃତି ସଂଗ୍ରହାଳୟ ପାଇଁ ଯେଉଁ ସ୍ୱପ୍ନ ଥିଲା, ତାହା ପୂରଣ ହେବାକୁ ଯାଉଛି। ଏହାଦ୍ୱାରା କଳା, ସାହିତ୍ୟ, ସଂସ୍କୃତିର ଉନ୍ନତି ହେବା ସହ ଶ୍ରୀକ୍ଷେତ୍ରର ଉନ୍ନତି ହୋଇପାରିବ। ଏହି ସଂଗ୍ରହାଳୟ ହେବା ଦ୍ୱାରା ଶ୍ରୀଜଗନ୍ନାଥଙ୍କ ବେଶ ପ୍ରଦର୍ଶନୀ ହୋଇପାରିବ ବୋଲି ସେ କହିଥିଲେ।

**ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ୧ ହଜାର କୋଟି ଟଙ୍କା ଘୋଷଣା**

## ୬ ବେଆଇନ ଇଟାଭାଟି ଭଙ୍ଗାଗଲା

**ଗୋପ,୨୦।୨(ଭାରତୀ ଭୂଷଣ ଉପାଧ୍ୟାୟ)**

ଗୋପ ତହସିଲ ଅଧୀନରେ ଥିବା ନାଗପୁର ଅଞ୍ଚଳର ୬ଟି ବେଆଇନ୍ ଇଟାଭାଟିକୁ ଶୁକ୍ରବାର ପ୍ରଶାସନର ନିର୍ଦ୍ଦେଶକ୍ରମେ ବୁଲଡୋଜର ଦ୍ୱାରା ଭଙ୍ଗାଯାଇଛି। ଫଳରେ ଲକ୍ଷାଧିକ ଟଙ୍କାର ଇଟା ମାଟିରେ ମିଶିଛି। ଅନ୍ୟ ସ୍ଥାନରେ ଥିବା ବେଆଇନ ଇଟାଭାଟିଗୁଡ଼ିକୁ ମଧ୍ୟ ଭଙ୍ଗାଯିବା ସହ ସମ୍ପୃକ୍ତ ମାଲିକମାନଙ୍କୁ ଗିରଫ କରାଯିବ ବୋଲି ତହସିଲଦାର ସୂର୍ଯ୍ୟଶଙ୍କର ଦାଶ କହିଛନ୍ତି। କିଛିଦିନ ତଳେ ତହସିଲଦାର କୁସୁପୁର ଓ ଗଣେଶ୍ୱରପୁରର ଦୁଇଟି ବେଆଇନ ଇଟାଭାଟି ଭାଙ୍ଗିଥିଲେ। ସୂଚନାଯୋଗ୍ୟ, କିଛି ଦିନ ଧରି ନୟାହାଟ, ଗୋପ, ନାଗପୁର, ମଦରଙ୍ଗ, ଜାଉଁଳିପୋଖରୀ, ଛଇତନା, ପଲ୍ଲୀଛକ ସହିତ ଆଉ କେତେକ ସ୍ଥାନରେ ବେଆଇନ୍ ଇଟାଭାଟି ଥିବାବେଳେ ସମ୍ପୃକ୍ତ ମାଲିକମାନେ ସରକାରଙ୍କୁ ରାଜସ୍ୱ ଦେଉ ନ ଥିବା ଅଭିଯୋଗ ହେଉଥିଲା। ତହସିଲଦାର ସମସ୍ତ ରାଜସ୍ୱ ନିରୀକ୍ଷକଙ୍କୁ କାର୍ଯ୍ୟାନୁଷ୍ଠାନ ନେବା ସହ ରାଜସ୍ୱ ଆଦାୟ ଲାଗି ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା।

## ୩ ବେଆଇନ ମାଟି ବୋଝେଇ ଟ୍ରାକ୍ଟର ଜବତ

**ଗୋପ,୨୦।୨(ଭାରତୀ ଭୂଷଣ ଉପାଧ୍ୟାୟ)**

ଗୋପ ଅଞ୍ଚଳରେ ବେଆଇନ ବାଲି ଓ ମାଟି ବୋଝେଇ ଟ୍ରାକ୍ଟର ଏବଂ ହାଇୱା ଚଳାଚଳକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ତହସିଲଦାର ସୂର୍ଯ୍ୟଶଙ୍କର ଦାଶ ଶୁକ୍ରବାର ୩ଟି ବେଆଇନ ମାଟି ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି। ଆଗାମୀ ଦିନରେ ମଧ୍ୟ ଚଢ଼ାଉ ଜାରି ରହିବ ବୋଲି ତହସିଲଦାର ଦାଶ କହିଛନ୍ତି। ପ୍ରକାଶ ଯେ, ତହସିଲଦାର ସପ୍ତାହକ ତଳେ ବେଆଇନ ମାଟି ଓ ବାଲି ପରିବହନ କରୁଥିବା ଗାଡ଼ିଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଫଳରେ ଏହି ବେଆଇନ କାରବାର ବନ୍ଦ ରହିଥିଲା। ପୁଣି ଦୁଇଦିନ ହେବ ଗୋପ, ଡଭାର, ଶିଶୋ, ନାଗପୁର, ମଦରଙ୍ଗ ସହିତ ଅନେକ ସ୍ଥାନରେ ବେଆଇନ୍ ଭାବେ ମାଟି ବାଲି ପରିବହନ କରାଯାଉଥିବା ଅଭିଯୋଗ ହେଉଥିଲା। ଖଣି ବିଭାଗ, ରାଜସ୍ୱ ବିଭାଗ ଓ ସ୍ଥାନୀୟ ପୋଲିସ ପ୍ରଶାସନ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ଏପରି କାରବାର ହେଉଥିବା ଜଣାପଡ଼ିଥିଲା। ଗୁରୁବାର ଗୋପ ଅଞ୍ଚଳର ଏକ ସ୍ଥାନରୁ ବେଆଇନ ଭାବେ ମାଟି ବୋଝେଇ ଟ୍ରାକ୍ଟରଗୁଡ଼ିକ ରାସ୍ତାରେ ଚଳାଚଳ କରିବାରୁ ପୁରୀ–କୋଣାର୍କ ବୁଲିଯାଉଥିବା ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।

**ସଂକ୍ଷେପରେ**

### କାଢ଼ା ନାଳ ସ୍ଥିତି ଅନୁଧ୍ୟାନ କଲେ ଅଧିକାରୀ

**ଅସ୍ତରଙ୍ଗ/କାକଟପୁର,୨୦।୨(ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)**

ଅସ୍ତରଙ୍ଗ ବ୍ଲକର କୁଣ୍ଡେଶ୍ୱର, ଜିଓଳ, ସରିପୁର ଏବଂ ଉଦୟପୁର ଗ୍ରାମଦେଇ ଶ୍ରୀସୁଦର୍ଶନ ପାଣି ପଞ୍ଚାୟତ ଓ ହରପାର୍ବତୀ ପାଣି ପଞ୍ଚାୟତ ଦ୍ୱାରା କାଢାନାଳ ନିର୍ମାଣ କରାଯାଇଛି। ସେଚାଞ୍ଚଳ ଉନ୍ନୟନ କଟକ ପ୍ରକଳ୍ପ ନିର୍ଦ୍ଦେଶକ (ବୈଷୟିକ)ଙ୍କ ସମେତ ନିର୍ବାହୀ ଯନ୍ତ୍ରୀ କାଢା ଡିଭିଜନ, ଭୁବନେଶ୍ୱର, ସହକାରୀ ନିର୍ବାହୀ ଯନ୍ତ୍ରୀ ସେଚାଞ୍ଚଳ ଉନ୍ନୟନ ଉପବିଭାଜନ, ଭୁବନେଶ୍ୱର ଓ ସହକାରୀ ଯନ୍ତ୍ରୀ, କାଢା ସେକ୍ସନ କାକଟପୁର ଏହି ନାଳ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। କାଢା ନାଳ ଦ୍ୱାରା ଉପକୃତ ହେବା ସମ୍ପର୍କରେ ଉପସ୍ଥିତ ଚାଷୀମାନଙ୍କଠାରୁ ପଚାରି ବୁଝିଥିଲେ। କାଢା ନାଳ ଦ୍ୱାରା ଚାଷ କାର୍ଯ୍ୟ ସୁରୁଖୁରୁରେ କରୁଥିବା ଚାଷୀମାନେ କହିଥିଲେ।

### ୪୧୮ ପିଲା ମାଟ୍ରିକ ପରୀକ୍ଷା ଦେଲେ, ୩ ଅନୁପସ୍ଥିତ

**ଯୋଗେଶ୍ୱରପୁର,୨୦।୨(ରଶ୍ମିରଞ୍ଜନ ସାହୁ)**

ଗୋପ ବ୍ଲକ ନୟାହାଟ ଅଞ୍ଚଳର ପିଏମ୍‌ଶ୍ରୀ ବିଦ୍ୟାଳୟ ଓ ପଲ୍ଲିଛକସ୍ଥିତ ବାଲିଆ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ପ୍ରଥମ ଦିନ ମୋଟ ୪୧୮ ପିଲା ମାଟ୍ରିକ ପରୀକ୍ଷା ଦେଇଥିବାବେଳେ ୩ଜଣ ଅନୁପସ୍ଥିତ ଥିଲେ। ନୟାହାଟ ପରୀକ୍ଷା କେନ୍ଦ୍ରରେ ନୟାହାଟ ବାଲୁକା ଉଚ୍ଚ ବିଦ୍ୟାଳୟ, କାକଟପୁର ବାଳିକା ଉଚ୍ଚ ବିଦ୍ୟାଳୟ, ଦେଶବନ୍ଧୁ ଉଚ୍ଚ ବିଦ୍ୟାଳୟ କୋରୁଆଳ, ରାଧାଦାମୋଦର ବିଦ୍ୟାପୀଠ, ଗୋପୀକାନ୍ତପୁର ବିଦ୍ୟାଳୟର ମୋଟ ୨୩୫ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବାବେଳେ ୨୩୨ ଜଣ ପରୀକ୍ଷା ଦେଇଥିଲେ। ଗୋପୀକାନ୍ତପୁର ବିଦ୍ୟାଳୟର ଜଣେ ଓ କଦମ୍ବପାଟଣା ବିଦ୍ୟାଳୟର ଦୁଇଜଣ ପରୀକ୍ଷାର୍ଥୀ ପ୍ରଥମ ଦିନ ଅନୁପସ୍ଥିତ ରହିଥିବା ନୟାହାଟ ବିଦ୍ୟାଳୟର ପରୀକ୍ଷା ପରିଚାଳନା କରୁଥିବା ପ୍ରଫୁଲ୍ଲ କୁମାର ମିଶ୍ର କହିଛନ୍ତି। ସେହିପରି ବାଲିଆ ସ୍କୁଲରେ ନୟାହାଟ ଓ ଆରେଇ ଉଚ୍ଚ ବିଦ୍ୟାଳୟର ୧୮୬ ପିଲା ପରୀକ୍ଷା ଦେଇଥିବା ବାଲିଆ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନୀହାରିକା ପ୍ରଧାନ କହିଛନ୍ତି।

## ଠିକାଦାର ମହାସଂଘ ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା




ରାଜ୍ୟ ସରକାରଙ୍କ ନୀତିକୁ ବିରୋଧ କରି ଅଲ୍ ଓଡ଼ିଶା ଠିକାଦାର ମହସଂଘ ପକ୍ଷରୁ ଶ୍ରୀମନ୍ଦିର ସମ୍ମୁଖରେ ବିକ୍ଷୋଭ କରାଯାଉଛି।

**ପୁରୀ,୨୦।୨(ଅଜିତ୍ କୁମାର ମହାନ୍ତି)**

ସରକାରଙ୍କ ପକ୍ଷରୁ କରାଯାଇଥିବା ସରକାରୀ ଠିକାନୀତିକୁ ବିରୋଧ କରି ଗୁରୁବାର ଅଲ୍ ଓଡ଼ିଶା ଠିକାଦାର ମହସଂଘ ପକ୍ଷରୁ ଏକ ପ୍ରତିବାଦ ଶୋଭାଯାତ୍ରା କରାଯିବା ସହ ଶ୍ରୀମନ୍ଦିର ଠାରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଛି। ଶୋଭାଯାତ୍ରା ବଳଗଣ୍ଡିସ୍ଥିତ ମାଜଣା ଜାଗା ଠାରୁ ବାହାରି ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ୨୦୦ ଜଣ ଠିକାଦାର ଅଂଶଗ୍ରହଣ କରିଥିଲେ। ପୁରୀ ଜିଲା ଠିକାଦାର ମହାସଂଘର ସଭାପତି, ସମ୍ପାଦକ ଏବଂ ନିଖିଳ ଓଡ଼ିଶା ଠିକାଦାର ମହାସଂଘର ସଭାପତି, ସମ୍ପାଦକ ଓ ପ୍ରତିନିଧିମାନେ ଶୋଭାଯାତ୍ରାରେ ଉପସ୍ଥିତ ଥିଲେ।

ମହାସଂଘ ଅଭିଯୋଗରେ ଦର୍ଶାଇଛି, ଜାନୁଆରୀ ୩ରେ ଓଡ଼ିଶା ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଠିକାକାର୍ଯ୍ୟର ପୂର୍ବ ଟେଣ୍ଡର ନିୟମ, ପଦ୍ଧତି ପରିବର୍ତ୍ତନ କରି ନୂତନ ଢାଞ୍ଚାରେ ଅର୍ଥାତ୍ ୦ ଶତକଡ଼ାରୁ ଅନ୍‌ଲିମିଟେଡ୍ ଶତକଡ଼ା ପର୍ଯ୍ୟନ୍ତ ଠିକାଦାରମାନେ ଯେକୌଣସି କାର୍ଯ୍ୟ ପାଇଁ ଟେଣ୍ଡର ପକାଇପାରିବେ। ପୂର୍ବରୁ ତାହା ଏକ ନିର୍ଦ୍ଦିଷ୍ଟ ଅର୍ଥାତ୍ ୧୪.୯୯% ଥିବାସ୍ଥଳେ ଆମ୍ଭେମାନେ ଓଡ଼ିଶାର ସମୂହ ଠିକାଦାର ସରକାରଙ୍କୁ ଅନୁରୋଧ କରିଥିଲୁ। ୧୪.୯୯% ଲେସ୍ ପରିବର୍ତ୍ତେ ଏହାକୁ ସିଡୁଲ ଅଫ୍ ରେଟ୍ ସୀମିତ ରଖାଯାଉ, ଫଳରେ କାର୍ଯ୍ୟର ମାନ ଭଲ ହେବା ସହିତ କାର୍ଯ୍ୟଧାରା ଠିକ୍ ହେବ। ଓଡ଼ିଶାର ସମୂହ ଠିକାଦାର ୨୦ ତାରିଖ ଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସରକାରଙ୍କ ବୈମାତୃକ ମନୋଭାବ ପାଇଁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ଏବଂ ଲୋୟର ପିଏମ୍‌ଜି ଛକ ଠାରେ ସମସ୍ତ ଠିକାଦାର ଏକତ୍ରିତ ହୋଇ ଆଗାମୀ ଦିନର କାର୍ଯ୍ୟପନ୍ଥା ଗ୍ରହଣ ପୂର୍ବକ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ: ନାବାଳକ ଧରାପଡ଼ିଲେ

**ବଲଙ୍ଗା,୨୦।୨(କେଦାରେଶ୍ୱର ନନ୍ଦ)**

ବଲଙ୍ଗା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା (ନଂ.୫୫/୨୬) ରୁଜୁ କରିବା ସହ ଗୁରୁବାର ବିଳମ୍ବିତ ରାତିରେ ଅଭିଯୁକ୍ତ ନାବାଳକଙ୍କୁ ତାଙ୍କ ଘରୁ ଧରିବା ପରେ ବ୍ରହ୍ମପୁର ଜୁଭେନାଇଲ କୋର୍ଟରେ ହାଜର କରାଇଛି। ଅନ୍ୟପଟେ ପୋଲିସ ୧୬୪ ଧାରାରେ ସମ୍ପୃକ୍ତ ନାବାଳିକାଙ୍କ ବୟାନ ରେକର୍ଡ କରି ତଦନ୍ତ ଜାରି ରଖିଛି ବୋଲି ଥାନା ଆଇଆଇସି ସସ୍ମିତା ସାହୁ ସୂଚନା ଦେଇଛନ୍ତି। ଅଭିଯୋଗ ମୁତାବକ, ନାବାଳିକା ଗତ ୧୪ ତାରିଖ ସନ୍ଧ୍ୟାରେ ଗ୍ରାମର ଏକ ଦୋକାନକୁ ରାଶନ ସାମଗ୍ରୀ କିଣିବା ପାଇଁ ଯାଇଥିଲେ। ତେବେ ଦୋକାନ ବନ୍ଦ ଥିବାରୁ ସେ ଘରକୁ ଫେରୁଥିଲେ। ଏହି ସମୟରେ ଜଣେ ନାବାଳକ ପଛରୁ ଆସି ତାଙ୍କୁ ବଳପୂର୍ବକ ନିକଟସ୍ଥ ଏକ ନିର୍ଜନ ସ୍ଥାନକୁ ଟାଣିନେଇଥିଲେ। ସେଠାରେ ସେ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ତେବେ କୌଣସିମତେ ନାବାଳିକା ତାଙ୍କ କବଳରୁ ନିଜକୁ ରକ୍ଷାକରି ଖସି ପଳାଇ ଆସିଥିଲେ। ଘଟଣା ବିଷୟରେ ପରିବାରଲୋକେ ଜାଣିବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ଶସ୍ତାରେ ଗାଡ଼ି ଦେବାକୁ କହି ୧୫୫ ଜଣଙ୍କଠାରୁ ଠକେଇ

**କଣାସ,୨୦।୨(ବିଭୂତି ଭୂଷଣ ତ୍ରିପାଠୀ)**

ଶସ୍ତାରେ ଗାଡ଼ି ଯୋଗାଇଦେବାକୁ କହି କଣାସ ବ୍ଲକ କଳାପଦର, ଗୋପୀନାଥପୁର, ପାଇକାମରା, ସାନଓରା, ବଡ଼ଓରା, ଜାଗୁଲାଇ ପଦର, ସାହସପୁର ଓ କଉଡ଼ିଖାଣିଆ ଗ୍ରାମର ୧୫୫ ଜଣଙ୍କଠାରୁ ଜଣେ ବ୍ୟକ୍ତି ଲକ୍ଷାଧିକ ଟଙ୍କା ଠକିନେଇଛନ୍ତି। ଠକାମିର ଶିକାର ହୋଇଥିବା ଲୋକେ ଏ ନେଇ ଗଡ଼ିଶାଗୋଡା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତ ଜଣକ ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳର ହୋଇଥିବାରୁ ସମ୍ପୃକ୍ତ ଥାନାକୁ ଉକ୍ତ ମକଦ୍ଦମା ଟ୍ରାନ୍ସଫର କରାଯିବ ବୋଲି ଗଡ଼ିଶାଗୋଡା ଥାନା ଅଧିକାରୀ ଶାନ୍ତନୁ ପ୍ରଧାନ କହିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ନିରାକାରପୁର ଥାନା ଅଧୀନ ରେଙ୍ଗାଟି ମଳିସାହି ଗ୍ରାମର ନୀଳାଚଳ ସେଠୀ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଫାଇନାନ୍ସ ସଂସ୍ଥାରୁ ଶତକଡ଼ା ୨୮ ପ୍ରତିଶତ ରିହାତିରେ ଗାଡ଼ି ଯୋଗାଇଦେବା ପାଇଁ କହି ୧୫୫ ଜଣଙ୍କଠାରୁ ଟଙ୍କା ନେଇଥିଲେ। ସମ୍ପୃକ୍ତ ଲୋକମାନଙ୍କ ଆକାଉଣ୍ଟକୁ ସେଠୀ କେତୋଟି କିସ୍ତି ଟଙ୍କା ପଠାଇବା ପରେ ୩ ମାସ ହେଲା ଆଉ ଟଙ୍କା ପଠାଇନାହାନ୍ତି। ଫଳରେ ଗାଡ଼ି ଫାଇନାନ୍ସ କରିଥିବା ବ୍ୟାଙ୍କଗୁଡ଼ିକ ସମ୍ପୃକ୍ତ ଲୋକଙ୍କୁ କିସ୍ତି ଟଙ୍କା ଜମା କରିବାକୁ ନୋଟିସ କରିବା ସହ ଟଙ୍କା ଜମା ନ କଲେ ଗାଡ଼ି ନେଇଯିବାକୁ ଚିଠି ଲେଖିଛନ୍ତି। ଫଳରେ ଗାଡ଼ି ଆଣିଥିବା ଲୋକେ ଗଡ଼ିଶାଗୋଡା ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ଲୋକନାଥ–ବଳିଆପଣ୍ଡା ରାସ୍ତାରେ ନର୍ଦ୍ଦମା ପାଣି

**ପୁରୀ,୨୦।୨(ଅଜିତ୍ କୁମାର ମହାନ୍ତି)**

**ଯାତ୍ରୀ ହନ୍ତସନ୍ତ**

ପୁରୀରେ ଦିନକୁ ଦିନ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଯାହାକୁ ନେଇ ପୁରୀବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ପୁରୀ ଏକ ଧାର୍ମିକ ତଥା ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ପ୍ରତିଦିନ ମହାପ୍ରଭୁଙ୍କ ଦର୍ଶନ ସହ ସ୍ୱର୍ଣ୍ଣାଭ ବେଳାଭୂମିର ସୌନ୍ଦର୍ଯ୍ୟ ଉପଭୋଗ କରିବା ନିମନ୍ତେ ଶ୍ରଦ୍ଧାଳୁମାନେ ପୁରୀକୁ ବୁଲିବାକୁ ଆସିଥାନ୍ତି। ପୁରୀର ପରିମଳ ବ୍ୟବସ୍ଥାକୁ ନେଇ ଭକ୍ତ ଓ ପର୍ଯ୍ୟଟକମାନେ ନାଟ ଟେକୁଛନ୍ତି। ଗୁରୁବାର ଲୋକନାଥ–ବଳିଆପଣ୍ଡା ରାସ୍ତାରେ ସ୍ୱେରେଜ ନର୍ଦ୍ଦମା ପାଣି ଉଚ୍ଛୁଳି ଭାସୁଥିବା ଦେଖିବାକୁ ମିଳିଛି। ଫଳରେ ଏହି ରାସ୍ତାରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଏହାକୁ ନେଇ ସ୍ଥାନୀୟ ଲୋକ, ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକମାନେ ଏହି ରାସ୍ତାରେ ଯାତାୟାତ କରିବାକୁ ନାକ ଟେକୁଛନ୍ତି। ଲୋକନାଥ ପୀଠକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରେ ଏକ ନକାରାତ୍ମକ ଭାବନା ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ପୁରୀ ଲୋକନାଥ–ବଳିଆପଣ୍ଡା ରାସ୍ତାରେ ବର୍ଜ୍ୟଜଳ ନିଷ୍କାସନ ପାଇଁ ସ୍ୱେରେଜ ବ୍ୟବସ୍ଥା ନିର୍ମାଣ କରାଯାଇଛି। ଘର ଏବଂ ବିଭିନ୍ନ ହୋଟେଲଗୁଡ଼ିକର ବର୍ଜ୍ୟଜଳ ନିଷ୍କାସନ ପାଇଁ ଏହି ସ୍ୱେରେଜ ରହିଛି। ବର୍ତ୍ତମାନ ସମସ୍ତ ନର୍ଦ୍ଦମା ଜଳ ଏହି ସ୍ୱେରେଜରେ ଜମା ହେବା ଯୋଗୁ ନିଷ୍କାସନ ହୋଇ ନ ପାରି ଉବୁଟୁବୁ ହେଉଛି। ଏହି ଉଦ୍‌ବୃତ୍ତ ଜଳ ନିଷ୍କାସନ ହୋଇ ନ ପାରି ବର୍ତ୍ତମାନ ରାସ୍ତା ଉପରେ ଉଚ୍ଛୁଳିବାରେ ଲାଗିଛି। ଫଳରେ ଲୋକନାଥ–ବଳିଆପଣ୍ଡା ରାସ୍ତାରେ ନର୍ଦ୍ଦମା ଜଳ ଉଚ୍ଛୁଳି ସ୍ଥାନୀୟ ଲୋକଙ୍କ ସହ ଲୋକନାଥ ପୀଠକୁ ଯାଉଥିବା ଶ୍ରଦ୍ଧାଳୁଙ୍କ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଏହି ରାସ୍ତାରେ ନର୍ଦ୍ଦମା ଜଳ ଭାସିବା ଯୋଗୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏନେଇ ବିଭାଗୀୟ ଅଧିକାରୀ କହିଛନ୍ତି, ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ। କର୍ମଚାରୀମାନଙ୍କୁ ସମ୍ପୃକ୍ତ ଅଞ୍ଚଳକୁ ପଠାଯାଇଛି।

## ଗୋଠକୁ ଫେରିଲା ହାତୀ

**କଣାସ,୨୦।୨(ବିଭୂତି ଭୂଷଣ ତ୍ରିପାଠୀ)**

ଜଙ୍ଗଲ କ୍ଷୟ ଯୋଗୁ ବରୁଣେଇ ଓ ଚନ୍ଦକା ଜଙ୍ଗଲରୁ ପ୍ରତିବର୍ଷ ହାତୀପଲ କଣାସ ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତକୁ ଆସି ଫସଲ ନଷ୍ଟ ଓ ଧନ ଜୀବନ ନଷ୍ଟ କରିଥାନ୍ତି। ଦୁଇଦିନ ହେଲା ଏକ ଦନ୍ତାହାତୀ ନିଜ ଗୋଠ ଛାଡ଼ି କଣାସ ଅଞ୍ଚଳର ଜଙ୍ଘାର, ରୁଡ଼ିପୁର, ମାଡ଼ିପୁର, କୋଟକଣା ମୌଜାକୁ ଚାଲିଆସି ବ୍ୟାପକ ଧାନ ଫସଲ ନଷ୍ଟ କରିଥିଲା। ଶୁକ୍ରବାର ଭୋରୁ ହାତୀଟି ଡିମିରି ଗ୍ରାମରେ ପ୍ରବେଶ କରି ଦୟା ନଦୀ ପାର ହୋଇ ତରପଡ଼ା ଓ ବଡ଼ସାହି ଗ୍ରାମକୁ ଆସିଥିଲା। ସେଠାରେ କିଛି ଘଣ୍ଟା ବୁଲି ଫସଲ ଖାଇବା ପରେ ସନ୍ଧ୍ୟା ସୁଦ୍ଧା ତାପଙ୍ଗ ନିକଟରେ ପହଞ୍ଚିଥିବା ବନ ବିଭାଗ ସୂତ୍ରରୁ ସୂଚନା ମିଳିଛି। ଦୁଇଦିନ ହେଲା ବନ ବିଭାଗର ଅଧିକାରୀମାନେ ହାତୀକୁ ଜଗିରହିଥିଲେ।

## ଏସ୍‌ସିଏସ୍ ଛାତ୍ରୀଛାତ୍ରଙ୍କ ବିଶାଖାପାଟଣା ଶିଳ୍ପାନୁଷ୍ଠାନ ପରିଦର୍ଶନ

**ପୁରୀ,୨୦।୨(ଅଜିତ୍ କୁମାର ମହାନ୍ତି)**

ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍‌ବିଏ ଓ ଏମ୍‌ଏଫ୍‌ସି ବିଭାଗ ଛାତ୍ରୀଛାତ୍ରଙ୍କ ଶିଳ୍ପାନୁଷ୍ଠାନ ପରିଦର୍ଶନ କାର୍ଯ୍ୟକ୍ରମ ଗତ ୧୯ତାରିଖଠାରୁ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଛାତ୍ରୀଛାତ୍ର ଆନ୍ଧ୍ରପ୍ରଦେଶର ବିଶାଖାପାଟଣାସ୍ଥିତ ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ୍ ଓ ଭାରତ ହେଭି ଇଲେକ୍ଟ୍ରିକାଲ୍‌ସ ଲିମିଟେଡ୍ ଇତ୍ୟାଦି ଶିଳ୍ପାନୁଷ୍ଠାନ ପରିଦର୍ଶନ କରିବା ସହିତ ନିକଟବର୍ତ୍ତୀ ଐତିହାସିକ ଓ ଦର୍ଶନୀୟ ସ୍ଥାନ ପରିଭ୍ରମଣ କରିବାର ସୁଯୋଗ ଲାଭ କରିବେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମ୍ୟାନେଜ୍‌ମେଣ୍ଟ ଛାତ୍ରୀଛାତ୍ର ଶିଳ୍ପାନୁଷ୍ଠାନଗୁଡ଼ିକରେ ମାନବ ସମ୍ବଳର ପରିଚାଳନା, ବ୍ୟବସାୟିକ ଓ ବିତ୍ତୀୟ ପରିଚାଳନା ଏବଂ କର୍ପୋରେଟ୍ ସାମାଜିକ ଦାୟିତ୍ୱ ଅଧୀନରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଜ୍ଞାନ ଆହରଣ କରିପାରିବେ। ଅଧ୍ୟକ୍ଷ ପ୍ରଫେସର ଡ. ଚିତ୍ତରଞ୍ଜନ ଦ୍ୱିବେଦୀଙ୍କ ପ୍ରେରଣା ଓ ଏମ୍‌ବିଏ ବିଭାଗ ମୁଖ୍ୟ ଡ. ସତ୍ୟପ୍ରକାଶ ମିଶ୍ରଙ୍କ ସହଯୋଗିତାରେ ଅଧ୍ୟାପକ ପ୍ୟାରୀମୋହନ ଜେନା ଓ ଅଧ୍ୟାପିକା ସୌମ୍ୟା ମହାନ୍ତି ଛାତ୍ରୀଛାତ୍ରଙ୍କ ସାଙ୍ଗରେ ରହିଛନ୍ତି।

## ନୟାହାଟ ଫାଣ୍ଡି ପକ୍ଷରୁ ଆମ ପୋଲିସ କାର୍ଯ୍ୟକ୍ରମ

**ଯୋଗେଶ୍ୱରପୁର,୨୦।୨(ରଶ୍ମିରଞ୍ଜନ ସାହୁ)**

ନୟାହାଟ ଫାଣ୍ଡି ପରିସରରେ ଗୁରୁବାର ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ୨୪ଜଣ ନୂତନ ସଦସ୍ୟଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ସମ୍ପାଦକ କୈଳାସ ଚନ୍ଦ୍ର ଦାସ ପରିଚୟପତ୍ର ବଣ୍ଟନ କରିଥିଲେ। ନୟାହାଟ ଫାଣ୍ଡିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୨ଜଣ ସଭ୍ୟ ଯୋଗଦେଇଥିଲେ। ଅସହ୍ୟ ଦିବ୍ୟାଙ୍ଗ ମେଧାବୀ ଗରିବ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା ଦେବାପାଇଁ ଏକ ସେବାସଂସ୍ଥା ଗଠନ କରାଯାଇଥିଲା। ଏଥିରେ ଉପସଭାପତି ସୁରେନ୍ଦ୍ର ମୋହନ ବିଟି, କୃଷ୍ଣଚନ୍ଦ୍ର ବାରିକ, ଗୁରୁ ପ୍ରସାଦ ମହାନ୍ତି, ମାଧବାନନ୍ଦ ସାହୁ, କେଦାରନାଥ ସାହୁ, ମୀର୍ଜା ଆଲମ୍, ଶିକ୍ଷାବିତ୍ ବିଚିତ୍ରାନନ୍ଦ ପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ଗୋମାତା ବିଶ୍ୱଶାନ୍ତି ମହାଯଜ୍ଞରେ ଯୋଗଦେଲେ ସାଧୁସନ୍ଥ

**ପିପିଲି, ୨୦।୨(ଦୁର୍ଗାମାଧବ ମିଶ୍ର)**

ଦାଣ୍ଡମୁକୁନ୍ଦପୁରସ୍ଥିତ ମା' ବଗଳାମୁଖୀ ପୀଠରେ ସାତଦିନିଆ ୧୪୧ କୁଣ୍ଡୀୟ ଗାୟତ୍ରୀ ଗୋମାତା ବିଶ୍ୱଶାନ୍ତି ମହାଯଜ୍ଞ ଚାଲିଛି। ପ୍ରତିଦିନ ସନ୍ଧ୍ୟାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବେଶ ସହ ବିଭିନ୍ନ ଦେବଦେବୀଙ୍କୁ ଦର୍ଶନ କରିବା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ମିନାବଜାର, ମାଗଣା ସ୍ୱାସ୍ଥ୍ୟସେବା ଶିବିର ପାଇଁ ଲୋକଙ୍କ ଭିଡ଼ ଜମୁଛି। ଯଜ୍ଞର ପଞ୍ଚମ ଦିନରେ ଶୁକ୍ରବାର ପୁରୀ ଶ୍ରୀମନ୍ଦିର ଛତିଶ ନିଯୋଗର ମହାନାୟକ ଜନାର୍ଦ୍ଦନ ପାଟଯୋଶୀ, ମନ୍ଦିର ପରିଚାଳନା ସଭ୍ୟ ଜଗନ୍ନାଥ ପୂଜାପଣ୍ଡା, ଦଇତାପତି ମଧୁସୂଦନ ସିଂହାରୀ, ପଦ୍ମନାଭ ମହାସୁଆର, ନୀଳମଣି ଗୁରୁ, ଜନ୍ମେଶ୍ୱର ଖୁଣ୍ଟିଆ, ଚୂନରା ସେବକ ଡ. ଶରତ ମହାନ୍ତି, ଉତ୍ତର ପାର୍ଶ୍ୱ ମଠ ମହନ୍ତ, ସିଦ୍ଧ ବକୁଳ ମଠ ମହନ୍ତ, ମହିପ୍ରକାଶ ମଠ ମହନ୍ତ, ଶଙ୍କରାଚାର୍ଯ୍ୟ ମଠ ସେବକଙ୍କ ସମେତ ବହୁ ସାଧୁସନ୍ଥ ଯୋଗଦେଇ ମା' ବଗଳାମୁଖୀଙ୍କୁ ପତିତପାବନ ବାନା ଲଗାଇ ପୂଜାର୍ଚ୍ଚନା କରିଥିଲେ। ଯଜ୍ଞ ପରିସର ବୁଲି ସମସ୍ତ ବିଗ୍ରହ ଦର୍ଶନ କରିବା ସହ ଚତୁର୍ଦ୍ଧାବିଗ୍ରହଙ୍କୁ ପୂଜାର୍ଚ୍ଚନା କରିଥିଲେ। ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନି ଓ ବେଦ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ଏହି ଅବସରରେ ସମସ୍ତ ଅତିଥିଙ୍କୁ ପାଟବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।



ଗୋମାତା ବିଶ୍ୱଶାନ୍ତି ମହାଯଜ୍ଞ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସାଧୁସନ୍ଥ, ସେବାୟତ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତି।

## ତେଲଙ୍ଗାପଡ଼ା ପ୍ରିମିୟର ଲିଗ୍: ଅଜିତ ୱାରିୟର ଚାମ୍ପିୟନ

**କଣାସ,୨୦।୨(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକ ଅନ୍ତର୍ଗତ ଦେଇପୁର ପଞ୍ଚାୟତର ତେଲଙ୍ଗାପଡ଼ା ଯୁବ କ୍ଲବ ଆନୁକୂଲ୍ୟରେ ତେଲଙ୍ଗାପଡ଼ା ପ୍ରଥମ ପ୍ରିମିୟର ଲିଗ୍ ମ୍ୟାଚ ଗତ ୧୨ତାରିଖଠାରୁ ଚାଲିଥିବାବେଳେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୫ଟି ଦଳ ଭାଗନେଇଥିବାବେଳେ ଅଜିତ ୱାରିୟର ଚାମ୍ପିୟନ ହୋଇଛି।

ଅଜିତ ୱାରିୟର ତେଲଙ୍ଗାପଡ଼ା ଏବଂ ଫାଇଟର ଇଲେଭେନ ଆଳିପଡ଼ା ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଅଜିତ ୱାରିୟର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୪ ଉଇକେଟ ହରାଇ ୧୧୨ ରନ କରିଥିଲା। ଜବାବରେ ଫାଇଟର ଇଲେଭେନ ସମସ୍ତ ଉଇକେଟ ହରାଇ ୧୧୧ ରନ୍ କରି ହାରିଯାଇଥିଲା। ଫଳରେ ଅଜିତ ୱାରିୟର ମ୍ୟାଚ୍ ଜିତିବା ସହ ଚାମ୍ପିୟନ ହୋଇଛି। ଶିକ୍ଷାବିତ୍ ମକର ପ୍ରଧାନଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ମୋହନ ପରିଡ଼ା ଯୋଗଦେଇ ଖେଳ ଏକ ଭାଇଚାରା ସୃଷ୍ଟି କରେ ବୋଲି କହିଥିଲେ। ଦେଇପୁର ସରପଞ୍ଚ ପ୍ରତିନିଧି ଅଜୟ ପ୍ରଧାନ, ଦୁଷ୍ମନ୍ତ ପ୍ରଧାନ, ବିଶ୍ୱଭୂଷଣ ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଜେତା ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ଏବଂ ରନର୍ସଅପ୍ ଦଳକୁ ଟ୍ରଫି ସହ ୪ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମାନସ ରଞ୍ଜନ ମହାପାତ୍ର, ଟିକୁ କୁମାର ଓ କ୍ଲବର ସମସ୍ତ ସଦସ୍ୟ ଖେଳ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଟ୍ରଫି ସହ ଖେଳାଳିମାନେ।

# ଭାଷାର ପ୍ରଚାରପ୍ରସାର ସହ ସୁରକ୍ଷା ଜରୁରୀ

**ଖୋର୍ଦ୍ଧା,୨୦।୨(ପ୍ରଭାତ ପାଣିଗ୍ରାହୀ):**

**ଆଜି ଅନ୍ତର୍ଜାତୀୟ ମାତୃଭାଷା ଦିବସ**

ଜନନୀ ଓ ଜନ୍ମଭୂମି ସ୍ୱର୍ଗଠାରୁ ମହାନ୍ ବୋଲି କୁହାଯାଏ। ମାତୃଭାଷାରେ ମମତା, ପରସ୍ପର ପ୍ରତି ସ୍ନେହ, ସଦ୍‌ଭାବ ଜଡ଼ିତ ରହିଛି। ଭାଷା ଓ ସଂସ୍କୃତି ଦୁଇ ଦେଶ ମଧ୍ୟରେ ସମ୍ପର୍କର ସେତୁବନ୍ଧ ଭାବେ କାର୍ଯ୍ୟ କରିଥାଏ। ମାତୃଭାଷା ହେଉଛି ଗୋଟିଏ ଜାତିର ପରିଚୟ। ଭାଷାର ବିକାଶରେ ସମାଜ ବିକାଶ ନିହିତ ରହିଛି। ଗୋଟିଏ ଜାତି ତା'ର ମାତୃଭାଷାକୁ ନେଇ ଗର୍ବ ଅନୁଭବ କରେ। ଭାଷାର ବିକାଶରେ ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି। ଶନିବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ଉପଲକ୍ଷେ ଏକ ସ୍ୱତନ୍ତ୍ର ଉପସ୍ଥାପନା।



"ବିବିଧତାରେ ଭରା ଭାରତ ବର୍ଷରେ ବହୁ ଭାଷାଭାଷୀ ଲୋକ ରହୁଛନ୍ତି। ଏମାନଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ଭାଷା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଶିକ୍ଷା, ସଂସ୍କୃତି, ପରମ୍ପରା, ବିକାଶ ତଥା ରାଜନୈତିକ ଦିଗରୁ ପର୍ଯ୍ୟାଲୋଚନା କଲେ ଭାଷା ଏକ ମୁଖ୍ୟ ଦାୟିତ୍ୱ ବହନ କରିଥାଏ। ଓଡ଼ିଶାର ବିଭିନ୍ନ ଜିଲାରେ ଆଞ୍ଚଳିକ ଭାଷା ରହିଛି। ଏହାର ବିକାଶ ହେବା ଜରୁରୀ। ଭାଷା ବଞ୍ଚିଲେ, ସମାଜ ବଞ୍ଚିବ।

**–ନାରାୟଣ ରାଓ, ଅବସରପ୍ରାପ୍ତ ପ୍ରଫେସର**



"ମାତୃଭାଷା ଜୀବନପଥକୁ ଆଲୋକୀତ, ଉଜ୍ଜ୍ୱଳ କରିଥାଏ। ସମ୍ପ୍ରତି ଓଡ଼ିଆ ଭାଷାର ସୁରକ୍ଷା ଏକ ଜାତୀୟ ଆହ୍ୱାନ। ଓଡ଼ିଆ ହେଉଛି ଓଡ଼ିଶାର ଭାଷା। ଭାଷା ପ୍ରତି ପ୍ରତ୍ୟେକ ସ୍ତରରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଓଡ଼ିଶାରେ ମାତୃଭାଷା ପ୍ରତି ଯେଉଁଭଳି ଭାବେ ଅବହେଳା କରାଯାଇଛି, ସାରା ଭାରତରେ କୌଣସି ରାଜ୍ୟରେ ଏପରି ଘଟୁ ନାହିଁ। ପ୍ରତ୍ୟେକ ସ୍ୱାଭିମାନୀ ଓଡ଼ିଆ ନିଜ ମାତୃଭାଷା ସୁରକ୍ଷା, ବିକାଶ ପ୍ରତି ଯତ୍ନବାନ ହୁଅନ୍ତୁ।

**–ଡ. ସୁରେନ୍ଦ୍ର ମିଶ୍ର, ଐତିହ୍ୟ ବିଶାରଦ**

"ଓଡ଼ିଆ ଆମ ମାତୃଭାଷା। ଏହାକୁ ଭିତ୍ତିକରି ସ୍ୱତନ୍ତ୍ର ପ୍ରଦେଶ ଗଠନ ହୋଇଛି। ଓଡ଼ିଆ ଭାଷାକୁ ସରକାରୀ ଭାଷା ଭାବେ ୧୯୫୪ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଆଇନ ପ୍ରଣୟନ କରିଥିଲେ। ଏହା ଆଜି ସୁଦ୍ଧା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଅନ୍ୟ ରାଜ୍ୟରେ ମାତୃଭାଷାରେ ଗୁରୁତ୍ୱ ରହିଥିବା ବେଳେ ଓଡ଼ିଶାରେ ଏହାର ପ୍ରଭାବ ଶୂନ। ଏଥିପ୍ରତି ବ୍ୟାପକ ସଚେତନତା ଜରୁରୀ।



**–ଗଙ୍ଗାଧର ଦାଶ, ପୂର୍ବତନ ଅଧ୍ୟକ୍ଷ, କଣ୍ଟାବାଡ଼ ମହାବିଦ୍ୟାଳୟ**



"ଶିକ୍ଷିତ ବ୍ୟକ୍ତିମାନେ ଇଂଲିଶ୍‌ର ବହୁଳ ବ୍ୟବହାର କରୁଛନ୍ତି। ସହରୀ ଇଂଲିଶ୍ ଓ ହିନ୍ଦୀ ଭାଷା ପ୍ରଭାବ ବିସ୍ତାର କରିଚାଲିଛି। ଏହା ସତ୍ତ୍ୱେ ମାତୃଭାଷାକୁ ଗୁରୁତ୍ୱ ଦେବା ଉଚିତ୍। ଓଡ଼ିଆ ଭାଷା ହେଉଛି ଓଡ଼ିଆଙ୍କ ଅସ୍ମିତା। ୨ହଜାର ବର୍ଷ ତଳର ପ୍ରାଚୀନ ଭାଷା ମାନ୍ୟତା ପାଇଥିବା ସତ୍ତ୍ୱେ ଏହାକୁ ଅନାଦାର କରାଯାଉଛି। ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଭାଷାର ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ନିଜ ଭାଷାର ସୁରକ୍ଷା ଦିଗରେ ସମସ୍ତଙ୍କ ଦାୟିତ୍ୱ ରହିଛି।

**–ଡ. ଧୀରେନ୍ଦ୍ର ନନ୍ଦ, ଶିକ୍ଷାବିତ୍**

"ଶିଶୁଟିଏ ଭୂମିଷ୍ଠ ହେବା ପରେ ପ୍ରଥମେ ମା' ଶବ୍ଦ ବାହାରିଥାଏ। ଏହାରି ପଛରେ ଏକ ବାତ୍ସଲ୍ୟତା, ମମତା, କରୁଣାର ଭାବ ରହିଛି। ସେହିପରି ମାତୃଭାଷା ବ୍ୟକ୍ତି ମଧ୍ୟରେ ଏପରି ଏକ ଅନନ୍ୟ ଭାବ ପରିପ୍ରକାଶ କରିଥାଏ। ବିଦେଶରେ ରହୁଥିବା ଦୁଇ ଜଣ ବ୍ୟକ୍ତି ପରସ୍ପର ପରିଚୟ ପାଇଲେ, ଉଭୟଙ୍କ ମଧ୍ୟରେ ଭାଇଚାରା ଓ ଭ୍ରାତୃତ୍ୱ ତଥା ମାତୃପ୍ରୀତିର ଭାବ ଜାଗ୍ରତ ହୋଇଥାଏ। ତେଣୁ ମାତୃଭାଷା ମନୁଷ୍ୟକୁ ଏକ ଭାବର ଡୋରି ବାନ୍ଧି ରଖିଥାଏ।



**–ଗୋପାଳ କୃଷ୍ଣ ଦାସ, ଗବେଷକ**



"ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଲାଭ ପରେ ଜାତୀୟସ୍ତରରେ ଏହାର ଗୌରବ ବୃଦ୍ଧି ପାଇଛି। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ଏହାକୁ ସରକାରୀସ୍ତରରେ ବ୍ୟବହାର କରାଯାଇପାରିଲା ନାହିଁ। ଏବେ ମଧ୍ୟ ସରକାରୀ ନଥିପତ୍ର ଓଡ଼ିଆ ପରିବର୍ତ୍ତେ ଇଂଲିଶରେ ଲେଖାଯାଉଛି। ପ୍ରତିବର୍ଷ ବିଶ୍ୱ ମାତୃଭାଷା ଦିବସରେ ଉଚ୍ଚକୋଟୀର ଭାଷଣ ଦେଉ, ତା'ପରେ ତାହା ଭୁଲିଯାଉ। ଏହି ବର୍ଷ ଫେବୃଆରୀ ୨୧ ପରଠାରୁ ଓଡ଼ିଆ ଭାଷାକୁ କଡ଼ାକଡ଼ି ଭାବେ ପାଳନ କରାଯାଉ।

**–ଜ୍ଞାନରଞ୍ଜନ ଦାଶ, ବରିଷ୍ଠ ସାହିତ୍ୟିକ**



"ପିଲାଟିଏ ପ୍ରଥମ ବିଦ୍ୟାରମ୍ଭ ମାତୃଭାଷାରେ କରିଥାଏ। ଏହା ତାହାକୁ ବୁଝିବାରେ ସହଜ ହୋଇଥାଏ। ଶିଶୁ ଧୀରେ ଧୀରେ ବଡ଼ ହେବା ସହ ତାର ମାତୃଭାଷା ସମୃଦ୍ଧ ହୋଇଥାଏ। ପ୍ରାଥମିକ ସ୍ତରରେ ପିଲାଙ୍କୁ ମାତୃଭାଷା ପ୍ରତି ଆଗ୍ରହ ସୃଷ୍ଟି କରିବା ଉଚିତ। ଫଳରେ ଆଗକୁ ସେମାନଙ୍କ ହୃଦୟରେ ଭାଷା ପ୍ରତି ସମ୍ମାନ ରହିବ। ଭାଷା ହିଁ ଜଣେ ବ୍ୟକ୍ତିଙ୍କ ପରିଚୟ ବହନ କରିଥାଏ। ନିଜ ଭାଷାକୁ ସମ୍ମାନ ଦେବା ପ୍ରତ୍ୟେକଙ୍କ କର୍ତ୍ତବ୍ୟ ହେବା ଉଚିତ।

**–ଡ. ନିରଞ୍ଜନ ମହାନ୍ତି, ସଭାପତି, ଖୋରଧା ସାହିତ୍ୟ ସଂସଦ**



"ମାତୃଭାଷା ହେଉଛି ଗୋଟିଏ ଜାତିର ଅସ୍ମିତା। ତେଣୁ ମାତୃଭାଷା ହଜିଗଲେ, ସେହି ଜାତିର ସଂସ୍କୃତି ଓ ପରମ୍ପରା ମଧ୍ୟ ବିଲୁପ୍ତ ହୋଇଯିବ। ପ୍ରତ୍ୟେକ ବ୍ୟକ୍ତି ନିଜ ଭାଷାକୁ ନେଇ ଗର୍ବ କରେ। ଏହା ଦ୍ୱାରା ତା'ର ହୃଦୟରେ ରହିଥିବା ମାତୃପ୍ରୀତିର ଭାବ ଜାଗ୍ରତ ହୋଇଥାଏ। ଭାଷାର ବିକାଶ ଘଟିଲେ, ସେହି ଅଞ୍ଚଳର ଭୌଗୋଳିକ ବିକାଶ ଘଟିବ।

**–ବିମଳ ଷଡ଼ଙ୍ଗୀ, ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ ସଦସ୍ୟ**



"ଭାଷାଭିତ୍ତିରେ ଓଡ଼ିଶା ପ୍ରଦେଶ ଗଠନ ହୋଇଛି। ଏବେ ବି ଓଡ଼ିଶାରେ 'ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ, ଆନ୍ଦୋଳନ ଜାରି ରହିଛି। ଏପର୍ଯ୍ୟନ୍ତ ଓଡ଼ିଆ ଭାଷା ସରକାରୀ ସ୍ତରରେ ବ୍ୟବହାର ହୋଇପାରିଲା ନାହିଁ। ଭାଷା ହେଉଛି ଗୋଟିଏ ଜାତିର ପରିଚୟ। ଭାଷା ଗୁରୁତ୍ୱ ହରାଇଲେ, ସେହି ଜାତିର ଅସ୍ମିତା ମଧ୍ୟ ହଜିଯିବ।

**–ସତ୍ୟପ୍ରକାଶ ସାହୁ, ସାମାଜିକ କର୍ମୀ**



"ମାତୃଭାଷାର ବିକାଶ ପାଇଁ ସମସ୍ତଙ୍କ ସହଭାଗିତା ଜରୁରୀ। ନିଜକୁ ଓଡ଼ିଆ ବୋଲି ଗର୍ବ କରିବା ସହ ଦୈନନ୍ଦିନ ଜୀବନରେ ଏହାର ପ୍ରୟୋଗ କରନ୍ତୁ। ଭାଷା ହୃଦୟର କଥା କହିଥାଏ। ସମ୍ପର୍କରେ ନିବିଡ଼ତା ଆଣିଥାଏ। ଭାଷାର ବିକାଶ ପ୍ରତି ପ୍ରତ୍ୟେକସ୍ତରରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଭାଷାଭିତ୍ତିରେ ପ୍ରଦେଶ ଗଠନକୁ ଇତିମଧ୍ୟରେ ୯୦ବର୍ଷ ବିତିଲାଣି। ବାରମ୍ବାର ଦାବି ସତ୍ତ୍ୱେ ସରକାରୀ ସ୍ତରରେ ଏହାର ପ୍ରଚଳନ ହୋଇପାରିନାହିଁ।

**–ଶୋଭନ ଘୋଷ, ସଭାପତି, ପୁଷ୍ପିତା ସାହିତ୍ୟ ସଂସଦ**




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସରୋଜିନୀ



@ ସଜିକାନ୍ତ



@ ରବୀନ୍ଦ୍ର



@ ପ୍ରତିମା



@ ଦୀପ୍ତିରଞ୍ଜନ



@ ବାଦଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଫସଲ ନଷ୍ଟକଲେ ହାତୀ, ଚିନ୍ତାରେ ଚାଷୀ

**ବେଗୁନିଆ,୨୦।୨(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ନିକଟ ନାରଗୋଦା ଜଙ୍ଗଲରେ ରହୁଥିବା ହାତୀପଲ ଗୁରୁବାରେ ରାତିରେ ବିଭିନ୍ନ ସ୍ଥାନରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରିଛନ୍ତି। ଫଳରେ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ସୂଚନା ମୁତାବକ, ସିକୋ ପଞ୍ଚାୟତ ବେଲପଡ଼ା ଗ୍ରାମର ଏକଡ଼ାଳିଆ ମୌଜାରେ ଦାଶରଥି ନରେନ୍ଦ୍ର ୩ ଏକରରୁ ଉର୍ଦ୍ଧ୍ୱ ଜମିରେ ଖରାଟିଆ ଧାନ, ସୂର୍ଯ୍ୟମୁଖୀ, ଆଳୁ ଏବଂ ଜହ୍ନି ଚାଷ କରିଥିଲେ। ରାତିରେ ହାତୀପଲ ପଶି ଫସଲ ଖାଇବା ସହ ନଷ୍ଟ କରିଦେଇଛନ୍ତି। ବନ କର୍ମଚାରୀ ହାତୀ ଘଉଡ଼ାଇବା ପାଇଁ ଉଦ୍ୟମ କରୁଥିବାବେଳେ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ସେହିପରି ପ୍ରଶାନ୍ତ ବଳିୟାରସିଂହ ଫୁଲଚାଷ କରିଥିବା ବେଳେ ସେଗୁଡିକ ନଷ୍ଟ କରିଦେଇଛନ୍ତି। ସୁଶାନ୍ତ ରାଉତରାୟଙ୍କ କୁକୁଡ଼ାଫାର୍ମ ଭିତରେ ପଶି ହାତୀପଲ ନଡ଼ିଆଗଛ ନଷ୍ଟ କରିବା ସହିତ ପାଚେରି ଭାଙ୍ଗିଦେଇଛନ୍ତି।



ହାତୀ ନଷ୍ଟ କରିଥିବା ଫସଲ।

# ଜଙ୍ଗଲ ନିଆଁ ନିରାକରଣ, ସଚେତନତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

**କୃଷ୍ଣପ୍ରସାଦ,୨୦।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)**

କୃଷ୍ଣପ୍ରସାଦ ବ୍ଲକର ବ୍ରାହ୍ମଣଦେଓ ଉଚ୍ଚ ବିଦ୍ୟାଳୟ ପରିସରରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ସହଯୋଗରେ ଜଙ୍ଗଲ ନିଆଁ ନିରାକରଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିସରରୁ ଦକ୍ଷିଣେଶ୍ୱର ମନ୍ଦିର ପର୍ଯ୍ୟନ୍ତ ପରିବେଶ ସୁରକ୍ଷାର ନାରା ଦେଇ ପରିକ୍ରମା କରିଥିଲେ। ପରେ ବିଦ୍ୟାଳୟ ପରିସରରେ ବନାଞ୍ଚଳ ଅଧିକାରୀ ମାନସ ରଞ୍ଜନ ମହାପାତ୍ରଙ୍କ ପୌରୋହିତ୍ୟରେ ସଚେତନତା ସଭା ହୋଇଥିଲା। ବ୍ରାହ୍ମଣଦେଓ ଗ୍ରାମ୍ୟ କମିଟି ସଭାପତି ଦିଗମ୍ବର ବିଶ୍ୱାଳଙ୍କ ସଭାପତିତ୍ୱରେ ଏହି ବୈଠକରେ ମୁଖ୍ୟ ଅତିଥିଭାବେ ଡ. ମାୟାଧର ମାନସିଂହ ହାଇସ୍କୁଲର ବରିଷ୍ଠ ଶିକ୍ଷକ ବିଷ୍ଣୁଚରଣ ଦଳାଇ, ମୁଖ୍ୟବକ୍ତା ମାଲୁଦ ଅଗ୍ନିଶମ ଅଧିକାରୀ ପ୍ରଦୀପ କୁମାର ବେହେରା, ସମ୍ମାନିତ ଅତିଥିଭାବେ ପ୍ରଧାନଶିକ୍ଷକ ବିଜୟ କୁମାର ବିଶ୍ୱାଳ, ବନ ସୁରକ୍ଷା ସମିତି ସଭାପତି ସାମନ୍ତ କଲ୍ୟାଣ କୁମାର ରଣସିଂହ, ପରିବେଶବିତ୍ ସାମନ୍ତ ନିର୍ମଳ କୁମାର ରଣସିଂହ, ଲକ୍ଷ୍ମୀଧର ବିଶ୍ୱାଳ, ସୁରେନ୍ଦ୍ର କୁମାର ବିଶ୍ୱାଳ, ପିଟିଶାଳ ଗ୍ରାମ୍ୟ କମିଟି ସଭାପତି ନରୋତ୍ତମ ଦଳେଇ, ବନ ସୁରକ୍ଷା ସମିତି ସଭାପତି ପିଟିଶାଳ ତ୍ରିନାଥ ଚନ୍ଦ୍ର ପଳେଇ, ବ୍ରାହ୍ମଣଦେଓ ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରବୀର ଚନ୍ଦ୍ର ବିଶ୍ୱାଳ, ସହକାରୀ ଶିକ୍ଷକ ବିଭୁ ନାରାୟଣ ଜେନାଙ୍କ ସମେତ ରେଞ୍ଜ୍ ଅଧୀନରେ ଥିବା ବିଭିନ୍ନ ଗ୍ରାମର ବନ ସୁରକ୍ଷା ପରିଚାଳନା କମିଟି ସଭ୍ୟାସଭ୍ୟ ଯୋଗଦେଇଥିଲେ। ପ୍ରତିବର୍ଷ ବିଭିନ୍ନ କାରଣରୁ ଜଙ୍ଗଲରେ ନିଆଁ ଲାଗିଥାଏ। ନିଆଁ ଲାଗିବାର କାରଣ ଏବଂ ପ୍ରତିକାର ସମ୍ପର୍କରେ ସଚେତନ କରାଯାଇଥିଲା। ବନପାଳ ଦୁର୍ଗାଚରଣ ଟୁଡୁ, ବନପାଳ ବଳରାମ ସାହୁ, ବନପାଳ ଦିଲୀପ କୁମାର ସ୍ୱାଇଁଙ୍କ ସମେତ ବନାଞ୍ଚଳର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଲୋକକଳା ଦାସକାଠିଆ ମାଧ୍ୟମରେ ଜଙ୍ଗଲ ନିଆଁ ନିରାକରଣ ଦିଗରେ ସଚେତନ କରାଯାଇଥିଲା।

# ସ୍ୱାସ୍ଥ୍ୟସେବାରେ ନୈତିକତା ରକ୍ଷା ଜରୁରୀ: ଆଦ୍ୟାଶା

- କେୟାର ହସ୍ପିଟାଲରେ ଖୋଲିବ ଅଙ୍କୋଲୋଜି ୟୁନିଟ୍
- ଚିକିତ୍ସା ସେବା କ୍ଷେତ୍ରରେ ୧୦ବର୍ଷ

**ଭୁବନେଶ୍ୱର,୨୦।୨(ଅନୁରାଧା ମହାରଣା)**

ଚିକିତ୍ସା ସେବା କ୍ଷେତ୍ରରେ ୧୦ବର୍ଷର ଅଭିଜ୍ଞତା ସାଉଣ୍ଟିଛି କେୟାର ହସ୍ପିଟାଲ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଗ୍ରାଣ୍ଡ୍ ଲୁମ୍ବିନୀ କନ୍‌ଭେନଶନଠାରେ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା। ଓଡ଼ିଶୀ ନୃତ୍ୟରୁ ଆରମ୍ଭ ହୋଇଥିବା ଏହି ଉତ୍ସବରେ କେୟାର ହସ୍ପିଟାଲର ଜୋନାଲ ଚିଫ୍ ଅପରେଟିଂ ଅଫିସର କିଶଳୟ ଆନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ହସ୍ପିଟାଲର ୧୦ ବର୍ଷର ଯାତ୍ରା ସମ୍ପର୍କରେ ସୂଚନା ଦେଇ ଆନନ୍ଦ କହିଲେ, କମ୍ ଖର୍ଚ୍ଚରେ କେୟାର ହସ୍ପିଟାଲରେ ଅତ୍ୟାଧୁନିକ ଚିକିତ୍ସା ସେବା ପ୍ରଦାନ କରାଯାଉଛି। ଆରମ୍ଭରୁ କେବଳ ହୃଦ୍‌ରୋଗ ଚିକିତ୍ସା ପ୍ରଦାନ କରୁଥିବା ଏହି ହସ୍ପିଟାଲ ବର୍ତ୍ତମାନ ମଲ୍ଟିସ୍ପେଶାଲିଟି ହସ୍ପିଟାଲ ଭାବେ ଉଭା ହୋଇଛି। ୨୦୨୭ ଜାନୁଆରୀ ସୁଦ୍ଧା କେୟାର ହସ୍ପିଟାଲରେ ୧୬୦ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ଅଙ୍କୋଲୋଜି ୟୁନିଟ୍ ଖୋଲିବ ବୋଲି ସେ ସୂଚନା ଦେଇଛନ୍ତି। ମୁଖ୍ୟ ଅତିଥି ଭାବେ 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଏବଂ ସମ୍ମାନିତ ଅତିଥି ଭାବେ 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଦ୍ୟାଶା ସତପଥୀ ଯୋଗଦେଇ ହସ୍ପିଟାଲର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା କର୍ମଚାରୀଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ତଥାଗତ କେୟାର ହସ୍ପିଟାଲରେ ତାଙ୍କର ଅନୁଭୂତି ବାଣ୍ଟିଥିଲେ। ହସ୍ପିଟାଲର ଡ଼ାକ୍ତର, ନର୍ସ ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାରକୁ ସେ ପ୍ରଶଂସା କରିଥିଲେ। କର୍ପୋରେଟ ହସ୍ପିଟାଲଗୁଡ଼ିକ ଲୋକଙ୍କୁ ଶୋଷଣ କରୁଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲେ ମଧ୍ୟ କେୟାରରେ ଏହା କେବେ ଅନୁଭବ କରି ନ ଥିବା ସେ ପ୍ରକାଶ କରିଥିଲେ। ଏହାସହ ଉପସ୍ଥିତ ବ୍ୟକ୍ତିବିଶେଷଙ୍କ ଉତ୍ତମସ୍ୱାସ୍ଥ୍ୟ କାମନା କରିଥିଲେ। ସେହିପରି ସ୍ୱାସ୍ଥ୍ୟକର୍ମୀମାନେ ନୈତିକତା ପାଳନ କରିବା ଉପରେ ଆଦ୍ୟାଶା ସତପଥୀ ଗୁରୁତ୍ୱାରୋପ କରିଥିଲେ। ଖବର କାଗଜ ହେଉ କି ସ୍ୱାସ୍ଥ୍ୟ ଅନୁଷ୍ଠାନ, ସମସ୍ତ କର୍ମଚାରୀ ନୈତିକତା ବଜାୟ ରଖିବା ନିତାନ୍ତ ଜରୁରୀ ବୋଲି ସେ କହିଥିଲେ। ହୃଦ୍‌ରୋଗ ବିଭାଗ ମୁଖ୍ୟ ତଥା କ୍ଲିନିକାଲ ନିର୍ଦ୍ଦେଶକ ଡା. ମହେନ୍ଦ୍ର ପ୍ରସାଦ ତ୍ରିପାଠୀ ହସ୍ପିଟାଲରେ ଦୀର୍ଘ ୧୦ ବର୍ଷର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ହସ୍ପିଟାଲର କର୍ପୋରେଟ କମ୍ୟୁନିକେଶନର ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ ଡ. ଲୋକନାଥ ଦାଶ କହିଲେ, ରୋଗୀଙ୍କୁ ଗୁଣାତ୍ମକ ସେବା ଯୋଗାଇଦେବାରେ ଆମେ ପ୍ରତିଶ୍ରୁତିବଦ୍ଧ। ଏକ ଭଡାଘରୁ ଆରମ୍ଭ ହୋଇଥିବା ହସ୍ପିଟାଲ ବର୍ତ୍ତମାନ ନିଜର କାୟା ବିସ୍ତାର କରିବା ସହ ଲୋକଙ୍କୁ ଅତ୍ୟାଧୁନିକ ଚିକିତ୍ସାସେବା ଯୋଗାଇପାରୁଛି। ଏଆଇ ସର୍ଜରୀ ବା ରୋବୋଟିକ୍ ସର୍ଜରୀଠାରୁ ଆରମ୍ଭ କରି ବିଭିନ୍ନ ଅତ୍ୟାଧୁନିକ ଚିକିତ୍ସା କ୍ଷେତ୍ରରେ ହସ୍ପିଟାଲ ଆଗକୁ ବଢ଼ୁଛି। ନିଜର ସ୍ୱତନ୍ତ୍ର ଅଙ୍କୋଲୋଜି ୟୁନିଟ୍ ପ୍ରତିଷ୍ଠା ହେବା ପରେ ଏହି ସେବା ଆହୁରି ତ୍ୱରାନ୍ୱିତ ହେବ ବୋଲି ସେ ଆଶା ରଖିଛନ୍ତି। ଉତ୍ସବରେ ମେଡ଼ିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ସର୍ବଜିତ୍‌ଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



କେୟାର ହସ୍ପିଟାଲର ୧୦ ବର୍ଷ ପୂର୍ତ୍ତି ଉତ୍ସବରେ 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଦ୍ୟାଶା ସତପଥୀ, କେୟାର ହସ୍ପିଟାଲର ଜୋନାଲ ଚିଫ୍ ଅପରେଟିଂ ଅଫିସର କିଶଳୟ ଆନନ୍ଦ ଓ ସୁପରିଣ୍ଟେଣ୍ଡେଣ୍ଟ ଡ. ସର୍ବଜିତ୍।

# ଟିସିସି ଭୁବନେଶ୍ୱର ଫାଇନାଲରେ

**ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

**ଯାଁଳା,୨୦।୨(ବୁଲା ବାରିକ)**

ତମାଣ୍ଡୋ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୮ମ ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଟିସିସି ଭୁବନେଶ୍ୱର ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ସେମିଫାଇନାଲ ମ୍ୟାଚ୍ ଏମ୍‌ଏମ୍‌ସିସି ସମ୍ବଲପୁର ଏବଂ ଟିସିସି ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ଟସ୍ ଜିତି ଟିସିସି ପ୍ରଥମେ ବ୍ୟାଟିଂକରି ୨୦ ଓଭରରେ ୯ ଉଇକେଟ ବିନିମୟରେ ୨୨୯ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ କାଶ୍ୟପ ଏସ୍ ବାଲ୍ ୫୬, ଅଭିଷେକ ଯାଦବ ୪୯ ଏବଂ ଆକାଶ ମହାପାତ୍ର ୪୮ ରନ୍ କରିଥିଲେ। ଏମ୍‌ଏମ୍‌ସିସି ସମ୍ବଲପୁର ବ୍ୟାଟିଂକରି ୧୭.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୮୪ ରନ୍ ସଂଗ୍ରହକରି ପରାଜିତ ହୋଇଥିଲା। ଫଳରେ ଟିସିସି ଭୁବନେଶ୍ୱର ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ତମାଣ୍ଡୋ କ୍ରିକେଟ କ୍ଲବ୍‌ର ବରିଷ୍ଠ ସଦସ୍ୟ ଅନଙ୍ଗ ବିହାରୀ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ବିଜୟୀ ଟିମ୍‌ର ଅଭିଷେକ କୁମାର ଯାଦବଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ସୁମେନ୍ଦ୍ର ପାତ୍ର ଏବଂ ଆଶୁତୋଷ ପାଣି ମ୍ୟାଚ୍ ପରିଚାଳନା କରିଥିଲେ। ଶନିବାର ୟୁବି ରକ୍‌ଷ୍ଟାର ଏବଂ ଆଦିତ୍ୟ ଏକାଦଶ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।




ଅତିଥିଙ୍କଠାରୁ ଅଭିଷେକ କୁମାର ଯାଦବ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

**ନବରଙ୍ଗପୁର, ଫୁଲବାଣୀ, ତାରାତାରିଣୀରେ ନୂଆ ହେଲିପୋର୍ଟ**

ଆଞ୍ଚଳିକ ବିମାନ ସଂଯୋଗୀକରଣକୁ ଅଧିକ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ସତାଭଟା, ଜମାଦାରପାଲି, ଦାଣ୍ଡବୋଷ, ରାଇସୁଆଁ, ତୁଷୁରା, ଅମର୍ଦା ରୋଡ୍ ଏବଂ ଗୋଡମାଠାରେ ନୂତନ ବିମାନ ବନ୍ଦରର ବିକାଶ କାର୍ଯ୍ୟ ହାତକୁ ନେଇଛନ୍ତି। ଏଥିସହିତ ପର୍ଯ୍ୟଟନର ବିକାଶ ଏବଂ ଜରୁରିକାଳୀନ ସେବାକୁ ସହାୟତା କରିବା ପାଇଁ ନବରଙ୍ଗପୁର, ଫୁଲବାଣୀ ଏବଂ ତାରାତାରିଣୀଠାରେ ନୂତନ ହେଲିପୋର୍ଟ ନିର୍ମାଣ କରାଯାଉଛି। ଏଥିନିମନ୍ତେ ୨୦୨୬-୨୭ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ୫୧୧ କୋଟି ଟଙ୍କାର ବଜେଟ ବ୍ୟୟବରାଦ କରିଛନ୍ତି।



# ସ୍ୱାସ୍ଥ୍ୟସେବାରେ ନୈତିକତା ରକ୍ଷା ଜରୁରୀ: ଆଦ୍ୟାଶା

## କେୟାର ହସ୍ପିଟାଲରେ ଖୋଲିବ ଅଙ୍କୋଲୋଜି ୟୁନିଟ୍

### ଚିକିତ୍ସା ସେବା କ୍ଷେତ୍ରରେ ୧୦ବର୍ଷ



କେୟାର ହସ୍ପିଟାଲର ୧୦ ବର୍ଷ ପୂର୍ତ୍ତି ଉତ୍ସବରେ 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଦ୍ୟାଶା ସତପଥୀ, କେୟାର ହସ୍ପିଟାଲର ଜୋନାଲ ଚିଫ୍ ଅପରେଟିଂ ଅଫିସର କିଶଳୟ ଆନନ୍ଦ ଓ ସୁପରିଣ୍ଟେଣ୍ଡେଣ୍ଟ ଡ. ସର୍ବଜିତ୍।

ଭୁବନେଶ୍ୱର,୨୦।୨(ଅନୁରାଧା ମହାରଣା)

ଚିକିତ୍ସା ସେବା କ୍ଷେତ୍ରରେ ୧୦ବର୍ଷର ଅଭିଜ୍ଞତା ସାଉଣ୍ଟିଛି କେୟାର ହସ୍ପିଟାଲ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଗ୍ରାଣ୍ଡ୍ ଲୁମ୍ବିନୀ କନ୍‌ଭେନଶନଠାରେ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା। ଓଡ଼ିଶୀ ନୃତ୍ୟରୁ ଆରମ୍ଭ ହୋଇଥିବା ଏହି ଉତ୍ସବରେ କେୟାର ହସ୍ପିଟାଲର ଜୋନାଲ ଚିଫ୍ ଅପରେଟିଂ ଅଫିସର କିଶଳୟ ଆନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ହସ୍ପିଟାଲର ୧୦ ବର୍ଷର ଯାତ୍ରା ସମ୍ପର୍କରେ ସୂଚନା ଦେଇ ଆନନ୍ଦ କହିଲେ, କମ୍ ଖର୍ଚ୍ଚରେ କେୟାର ହସ୍ପିଟାଲରେ ଅତ୍ୟାଧୁନିକ ଚିକିତ୍ସା ସେବା ପ୍ରଦାନ କରାଯାଉଛି। ଆରମ୍ଭରୁ କେବଳ ହୃଦ୍‌ରୋଗ ଚିକିତ୍ସା ପ୍ରଦାନ କରୁଥିବା ଏହି ହସ୍ପିଟାଲ ବର୍ତ୍ତମାନ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ଭାବେ ଉଭା ହୋଇଛି। ୨୦୨୭ ଜାନୁଆରୀ ସୁଦ୍ଧା କେୟାର ହସ୍ପିଟାଲରେ ୧୬୦ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ଅଙ୍କୋଲୋଜି ୟୁନିଟ୍ ଖୋଲିବ ବୋଲି ସେ ସୂଚନା ଦେଇଛନ୍ତି। ମୁଖ୍ୟ ଅତିଥି ଭାବେ 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଏବଂ ସମ୍ମାନିତ ଅତିଥି ଭାବେ 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଦ୍ୟାଶା ସତପଥୀ ଯୋଗଦେଇ ହସ୍ପିଟାଲର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା କର୍ମଚାରୀଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ତଥାଗତ କେୟାର ହସ୍ପିଟାଲରେ ତାଙ୍କର ଅନୁଭୂତି ବାଣ୍ଟିଥିଲେ। ହସ୍ପିଟାଲର ଡାକ୍ତର, ନର୍ସ ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାରକୁ ସେ ପ୍ରଶଂସା କରିଥିଲେ। କର୍ପୋରେଟ ହସ୍ପିଟାଲଗୁଡ଼ିକ ଲୋକଙ୍କୁ ଶୋଷଣ କରୁଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲେ ମଧ୍ୟ କେୟାରରେ ଏହା କେବେ ଅନୁଭବ କରି ନ ଥିବା ସେ ପ୍ରକାଶ କରିଥିଲେ। ଏହାସହ ଉପସ୍ଥିତ ବ୍ୟକ୍ତିବିଶେଷଙ୍କ ଉତ୍ତମସ୍ୱାସ୍ଥ୍ୟ କାମନା କରିଥିଲେ। ସେହିପରି ସ୍ୱାସ୍ଥ୍ୟକର୍ମୀମାନେ ନୈତିକତା ପାଳନ କରିବା ଉପରେ ଆଦ୍ୟାଶା ସତପଥୀ ଗୁରୁତ୍ୱାରୋପ କରିଥିଲେ। ଖବରକାଗଜ ହେଉ କି ସ୍ୱାସ୍ଥ୍ୟ ଅନୁଷ୍ଠାନ, ସମସ୍ତ କର୍ମଚାରୀ ନୈତିକତା ବଜାୟ ରଖିବା ନିତାନ୍ତ ଜରୁରୀ ବୋଲି ସେ କହିଥିଲେ। ହୃଦ୍‌ରୋଗ ବିଭାଗ ମୁଖ୍ୟ ତଥା କ୍ଲିନିକାଲ ନିର୍ଦ୍ଦେଶକ ଡା. ମହେନ୍ଦ୍ର ପ୍ରସାଦ ତ୍ରିପାଠୀ ହସ୍ପିଟାଲରେ ଦୀର୍ଘ ୧୦ ବର୍ଷର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ହସ୍ପିଟାଲର କର୍ପୋରେଟ କମ୍ୟୁନିକେଶନର ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ ଡ. ଲୋକନାଥ ଦାଶ କହିଲେ, ରୋଗୀଙ୍କୁ ଗୁଣାତ୍ମକ ସେବା ଯୋଗାଇଦେବାରେ ଆମେ ପ୍ରତିଶ୍ରୁତିବଦ୍ଧ। ଏକ ଭଡ଼ାଘରୁ ଆରମ୍ଭ ହୋଇଥିବା ହସ୍ପିଟାଲ ବର୍ତ୍ତମାନ ନିଜର କାୟା ବିସ୍ତାର କରିବା ସହ ଲୋକଙ୍କୁ ଅତ୍ୟାଧୁନିକ ଚିକିତ୍ସାସେବା ଯୋଗାଇପାରୁଛି। ଏଆଇ ସର୍ଜରି ବା ରୋବୋଟିକ୍ ସର୍ଜରିଠାରୁ ଆରମ୍ଭ କରି ବିଭିନ୍ନ ଅତ୍ୟାଧୁନିକ ଚିକିତ୍ସା କ୍ଷେତ୍ରରେ ହସ୍ପିଟାଲ ଆଗକୁ ବଢ଼ୁଛି। ନିଜର ସ୍ୱତନ୍ତ୍ର ଅଙ୍କୋଲୋଜି ୟୁନିଟ୍ ପ୍ରତିଷ୍ଠା ହେବା ପରେ ଏହି ସେବା ଆହୁରି ତ୍ୱରାନ୍ୱିତ ହେବ ବୋଲି ସେ ଆଶା ରଖିଛନ୍ତି। ଉତ୍ସବରେ ମେଡ଼ିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ସର୍ବଜିତ୍‌ଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଲଘୁଚାପ ପାଇଁ ବର୍ଷା ସମ୍ଭାବନା

## ୧୫ ଜିଲାକୁ ବର୍ଷା ସହ ଘଡ଼ଘଡ଼ି, ବିଜୁଳି ନେଇ ୱାର୍ନିଂ

ଭୁବନେଶ୍ୱର, ୨୦।୨ (ବନ୍ଦନା ସେଠୀ)

ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ୪୮ ଘଣ୍ଟାରେ ଏହାର ସ୍ଥିତି ଓ ପ୍ରଭାବ ସ୍ପଷ୍ଟ ହେବ। ଏବେ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିଛି। ଆଗାମୀ ୨ଦିନ ଏଭଳି ସ୍ଥିତି ଲାଗି ରହିବ। ତେବେ ୨୩ ତାରିଖ ସୋମବାର ବେଳକୁ ପାଗ ମୁଖ୍ୟତଃ ମେଘୁଆ ରହିବା ସହ କାଁ ଭାଁ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଏଥିସହ ବିଜୁଳି, ଘଡ଼ଘଡ଼ି ଓ ପବନ ବହିବା ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ଖୋର୍ଦ୍ଧା, କଟକ, ପୁରୀ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରିରେ ବର୍ଷା ସହ ବିଜୁଳି ଘଡ଼ଘଡ଼ି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏଥିସହ ଏହିସବୁ ସ୍ଥାନରେ ବର୍ଷା ସମୟରେ ୩୦ରୁ ୪୦ କି.ମି. ପର୍ଯ୍ୟନ୍ତ ପବନ ବହିବା ନେଇ ସତର୍କ କରାଯାଇଛି। ମଙ୍ଗଳବାର ମୟୂରଭଞ୍ଜ, କଟକ ଏବଂ ଖୋର୍ଦ୍ଧା ଜିଲାରେ ବର୍ଷା ସହ ବିଜୁଳି ଓ ଘଡ଼ଘଡ଼ି ହେବା ସମ୍ଭାବନା ରହିଛି। ଏଥିସହ ୩୦ରୁ ୪୦ କି.ମି. ବେଗରେ ପବନ ବହିବ। ୨୫ ତାରିଖରୁ ପୁଣି ଥରେ ପାଗ ଶୁଖିଲା ରହିବା ସହ ଧୀରେ ଧୀରେ ସର୍ବନିମ୍ନ ତାପମାତ୍ରାରେ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ହେବ। ଗତ ୨୪ ଘଣ୍ଟାରେ ଜି.ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୯.୪ ଡିଗ୍ରୀ ଥିବାବେଳେ ସମତଳ ଅଞ୍ଚଳ ମଧ୍ୟରେ ଫୁଲବାଣୀରେ ତାପମାତ୍ରା ୧୨.୫ ଡିଗ୍ରୀ ରେକର୍ଡ ହୋଇଛି।

# ପରୀକ୍ଷା ଦେଲେନି ୩୨୦୮, ଜଣେ ଏମ୍‌ପି

## ଯୁକ୍ତ ୨ କଳା, ବାଣିଜ୍ୟ ପରୀକ୍ଷା ଆରମ୍ଭ

ଭୁବନେଶ୍ୱର, ୨୦।୨(ସୁଚିସ୍ମିତା ସାହୁ)

ଯୁକ୍ତ୨ କଳା ଓ ବାଣିଜ୍ୟ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୨ଲକ୍ଷ ୬୮ହଜାର ୪୭୨ ଜଣ ଛାତ୍ରୀଛାତ୍ର ମାତୃଭାଷାରେ ପରୀକ୍ଷା ଦେଇଥିଲେ। ତେବେ ୩ହଜାର ୨୦୮ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ରହିଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଜଣାପଡ଼ିଛି। ମାତୃଭାଷା ପରୀକ୍ଷା ସକାଳ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୧ଟା ଯାଏ ଚାଲିଥିଲା। ପୂର୍ବରୁ ପରୀକ୍ଷାର୍ଥୀଙ୍କୁ ସକାଳ ୯ଟା ୩୦ ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ ପରାମର୍ଶ ଦିଆଯାଇଥିଲା। କଳାରେ ୨ଲକ୍ଷ ୬୮ହଜାର ୪୭୨ଜଣ ପରୀକ୍ଷା ଦେଇଥିବା ବେଳେ ବାଣିଜ୍ୟରେ ୧ ହଜାର ୩୫୭ ଜଣ ପରୀକ୍ଷା ଦେଇଥିଲେ। କଳାରେ ୨ହଜାର ୮୯୯ ପିଲା ପରୀକ୍ଷା ଦେଇ ନ ଥିବା ବେଳେ ବାଣିଜ୍ୟରେ ୩୦୯ ଜଣ ପରୀକ୍ଷା ଦେବାକୁ ଯାଇ ନ ଥିଲେ। ମାତୃଭାଷାରେ ଜଣେ ପିଲାଙ୍କୁ ଏମ୍‌ପି କରାଯାଇଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ରାଜ୍ୟରେ ୪ ଲକ୍ଷ ୧ ହଜାର ୬୨୩ ପରୀକ୍ଷାର୍ଥୀ ଯୁକ୍ତ୨ ପରୀକ୍ଷା ଦେବାକୁ ନାମ ପଞ୍ଜୀକରଣ କରିଥିଲେ। କଳାରେ ସର୍ବାଧିକ ୨ ଲକ୍ଷ ୫୬ ହଜାର ୭୦୭ ଜଣ ପରୀକ୍ଷାର୍ଥୀ ରହିଥିବାବେଳେ ବିଜ୍ଞାନରେ ୧ ଲକ୍ଷ ୧୪ ହଜାର ୩୬୩, ବାଣିଜ୍ୟରେ ୨୪ହଜାର ୬୨୧ ଓ ଧନ୍ଦାମୂଳକ ଶିକ୍ଷାରେ ୫ହଜାର ୯୩୨ ଜଣ ଛାତ୍ରୀଛାତ୍ର ରହିଛନ୍ତି। ମୋଟ ୧୩୫୭ଟି ପରୀକ୍ଷା କେନ୍ଦ୍ର କରାଯାଇଥିବାବେଳେ ଆସନ୍ତା ମାର୍ଚ୍ଚ ୨୮ ଯାଏ ପରୀକ୍ଷା ଚାଲିବ।

# ବିଶ୍ୱଜିତ୍‌ଙ୍କ ଏକକ ଚିତ୍ରକଳା ପ୍ରଦର୍ଶନୀ



କଳାପ୍ରେମୀମାନେ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

ଭୁବନେଶ୍ୱର,୨୦।୨ (ସୌମ୍ୟରଞ୍ଜନ ରାଉତ)

ବିଶ୍ୱଜିତ୍ ବେହେରାଙ୍କ ଦ୍ୱାରା ଏକକ ଚିତ୍ରକଳା ପ୍ରଦର୍ଶନୀ ଶୁକ୍ରବାର ସୂଚନା ଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ମନ୍ତ୍ରୀ ଶାରଦା ପ୍ରସାଦ ନାୟକ, ଚିତ୍ରଶିଳ୍ପୀ ମାନସ ଜେନା, ହାସ୍ୟ ଅଭିନେତା ତତ୍ତ୍ୱ ପ୍ରକାଶ ଶତପଥୀ ଓରଫ ପପୁ ପମ୍‌ପମ୍ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଶ୍ୱଜିତ୍ କହିଛନ୍ତି ଏହି ପ୍ରଦର୍ଶନୀରେ ଗ୍ରାଞ୍ଚଳର ପୁରପଲ୍ଲୀର ଦୃଶ୍ୟ ପଟ୍ଟକୁ ସ୍ଥାନିତ କରାଯାଇଛି। ୫ଟି ତୈଳଚିତ୍ର ସହ ୫୦ଟି ଜଳ ରଙ୍ଗକୁ ପ୍ରଦର୍ଶନ କରାଯାଇଛି। ଏହି ପ୍ରଦର୍ଶନୀ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଉର୍ଦ୍ଦୁ, ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ପ୍ରକ୍ରିୟା ଚାଲିଛି: ମନ୍ତ୍ରୀ

ଭୁବନେଶ୍ୱର,୨୦।୨ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ଗତ ୨ବର୍ଷର ପୁରସ୍କାର ପ୍ରଦାନ ପାଇଁ ପ୍ରକ୍ରିୟା ଚାଲିଛି ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଶୁକ୍ରବାର ବିଜେଡ଼ି ବିଧାୟକ ଗୌତମ ବୁଦ୍ଧ ଦାସଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ସଂସ୍କୃତି ବିଭାଗ ଅଧୀନରେ ପରିଚାଳିତ ଓଡ଼ିଶା ସାହିତ୍ୟ ଏକାଡେମୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରସାର ପ୍ରଚାର ଦିଗରେ କାର୍ଯ୍ୟ କରୁଛି। ସରକାରଙ୍କ ପକ୍ଷରୁ ଏହାର ସାଧାରଣ ପରିଷଦ ପୁନର୍ଗଠନ ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କୃତି ପାଇଁ ପ୍ରଦାନ କରାଯାଇଥିବା ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ୨୦୧୭ ମସିହାରୁ ଏପର୍ଯ୍ୟନ୍ତ ପ୍ରଦାନ କରାଯାଇ ନାହିଁ। ସରକାରଙ୍କ ପକ୍ଷରୁ ଏହାର ସାଧାରଣ ପରିଷଦ ପୁନର୍ଗଠନ କରାଯାଇ ଉକ୍ତ କାର୍ଯ୍ୟକାରୀ ପରିଷଦରେ ଅନୁମୋଦନ କରାଯାଇ ପରବର୍ତ୍ତୀ ପୁରସ୍କାର ପାଇଁ ଉଦ୍ଦିଷ୍ଟ ସମସ୍ତ କାର୍ଯ୍ୟପ୍ରକ୍ରିୟା ପର୍ଯ୍ୟାୟକ୍ରମେ ସମ୍ପାଦିତ ହୋଇ ଶ୍ରେଷ୍ଠ ବିବେଚିତ ପୁସ୍ତକର ଲେଖକଙ୍କୁ ପୁରସ୍କୃତ କରାଯିବ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ୨୦୨୩-୨୫ ବର୍ଷ ପାଇଁ ଏକାଡ଼େମୀର ମର୍ଯ୍ୟାଦାଜନକ ସର୍ବୋଚ୍ଚ ସମ୍ମାନ 'କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ', 'ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର', 'ଉପାୟନ' ଏବଂ 'କବିଚନ୍ଦ୍ର କାଳିଚରଣ ଯୁବ ପ୍ରତିଭା ସମ୍ମାନ' ୨୬ ନଭେମ୍ବର ୨୦୨୫ରେ ପ୍ରଦାନ କରାଯାଇଛି। ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ୨୦୨୩ ବର୍ଷ ପର୍ଯ୍ୟନ୍ତ ପୁରସ୍କାର ପ୍ରଦାନ କରାଯାଇଛି। ପରବର୍ତ୍ତୀ ବର୍ଷଗୁଡିକ ପାଇଁ ପୁରସ୍କାର ପ୍ରଦାନ ପ୍ରକ୍ରିୟା ଚାଲୁଅଛି ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସରୋଜିନୀ



@ ରବୀନ୍ଦ୍ର



@ ବାଦଲ



@ ପ୍ରତିମା



@ ଦୀପ୍ତିରଞ୍ଜନ



@ ସଚ୍ଚିକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୪୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିବ ହାରୋ




ଖବରଦାତା ସମ୍ମିଳନୀରେ ହାରୋ କର୍ମକର୍ତ୍ତା ଉତ୍ସବ ସମ୍ପର୍କରେ ସୂଚନା ଦେଉଛନ୍ତି।

ଭୁବନେଶ୍ୱର,୨୦।୨(ଅନୁରାଧା ମହାରଣା)

ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା (ହାରୋ) ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରରେ ସେବା ପୂର୍ତ୍ତି ଉପଲକ୍ଷେ ଏହାର ୪୦ତମ ପ୍ରତିଷ୍ଠା ଦିବସ ଉତ୍ସବ ପାଳନ କରିବାକୁ ଯାଉଛି। ଏହି ଉତ୍ସବ ମାର୍ଚ୍ଚ ୧ରେ ପୁରୀ ହଲିଡେ ରିସର୍ଟରେ ଅନୁଷ୍ଠିତ ହେବ। ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏମ୍‌ପି ସମ୍ବିତ ପାତ୍ର ଏବଂ ବିଧାୟକ ସୁନିଲ ମହାନ୍ତି ଯୋଗଦେବେ ବୋଲି ଶୁକ୍ରବାର ଭୁବନେଶ୍ୱରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ହାରୋ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ହାରୋ ଅଧ୍ୟକ୍ଷ ଜେ.କେ. ମହାନ୍ତି କହିଛନ୍ତି, ୧୯୮୬ରେ ମାତ୍ର ୬ ଜଣ ସଦସ୍ୟଙ୍କ ସହ ଗଠିତ ଏହି ସଂଗଠନ ବର୍ତ୍ତମାନ ୩୮ ହୋଟେଲିୟରଙ୍କ ସମେତ ଏକ ଶକ୍ତିଶାଳୀ ମଞ୍ଚ ଭାବେ ବିକଶିତ ହୋଇଛି। ଏହା ପର୍ଯ୍ୟଟନ ବିଭାଗ ସହ ମିଶି ଓଡ଼ିଶାକୁ ଦେଶର ପ୍ରମୁଖ ପର୍ଯ୍ୟଟନ ଗନ୍ତବ୍ୟ ସ୍ଥଳ ଭାବେ ପ୍ରତିଷ୍ଠିତ କରିବା ପାଇଁ କାମ କରୁଛି। ହାରୋର ପ୍ରମୁଖ ଅବଦାନ ମଧ୍ୟରେ ୧୯୯୨ରେ ପ୍ରଥମ ପୁରୀ ବିଚ୍ ଫେଷ୍ଟିଭାଲ ଆୟୋଜନ, ବିମାନ ସଂଯୋଗ ବୃଦ୍ଧି ବିଶେଷ କରି ଦୁବାଇ, ବ୍ୟାଙ୍କକ, ସିଙ୍ଗାପୁର ଆଦିକୁ ବିମାନ ସେବା, ରେଳ ଓ ସଡ଼କ ସଂଯୋଗ ଉନ୍ନତି, ବୌଦ୍ଧ ଓ ତୀର୍ଥଯାତ୍ରା ପର୍ଯ୍ୟଟନ ପ୍ରୋତ୍ସାହନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଛି।। ଓଡ଼ିଶା ପର୍ଯ୍ୟଟନ (ସଂଶୋଧନ) ନୀତି ୨୦୨୬ରେ ଅନେକ ପ୍ରସ୍ତାବ ଯଥା ଲ୍ୟାଣ୍ଡ ବ୍ୟାଙ୍କ ସୃଷ୍ଟି, ପ୍ରୋଜେକ୍ଟ ମାଇଗ୍ରେସନ, ବିସ୍ତାର ନିୟମ ସହଜୀକରଣ, ଉଚ୍ଚ ସବ୍‌ସିଡି ଆଦି ଗ୍ରହଣ କରାଯାଇଛି। ହାରୋ ରାଜ୍ୟ ସରକାରଙ୍କ ନିକଟରେ ଆହୁରି କିଛି ଦାବି ଉପସ୍ଥାପନ କରିଛି। ହୋଟେଲ ପାଇଁ ଇଣ୍ଡଷ୍ଟ୍ରିଆଲ ବିଦ୍ୟୁତ୍ ଟାରିଫ, ମହାପରିନିର୍ବାଣ ଏକ୍ସପ୍ରେସ ପୁରୀ ପର୍ଯ୍ୟନ୍ତ ବିସ୍ତାର, ବୌଦ୍ଧଗୟା ଆଦି ସ୍ଥାନରୁ ଘରୋଇ ଉଡ଼ାଣ, ପୁରୀରେ ଆନ୍ତର୍ଜାତୀୟ ବିମାନବନ୍ଦର ତ୍ୱରାନ୍ୱିତ କରିବା, ପର୍ଯ୍ୟଟନ ଗନ୍ତବ୍ୟ ପାଇଁ ମାଷ୍ଟର ପ୍ଲାନ, ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତି ଆଦି ଦାବି ରହିଛି। ଉତ୍ସବରେ ପର୍ଯ୍ୟଟନ ବିଭାଗ, ହୋଟେଲ ଶିଳ୍ପ କ୍ଷେତ୍ର ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କ ଏକତ୍ରିତ କରି ଭବିଷ୍ୟତ ରୋଡମ୍ୟାପ ନିର୍ଦ୍ଧାରଣ କରାଯିବ।



ଶତାବ୍ଦୀର କଳାକାର ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଶୁକ୍ରବାର ମଞ୍ଚସ୍ଥ ନାଟକ 'ମହା ସଂଗ୍ରାମର ମହା ନାଟକ'ର ଏକ ଦୃଶ୍ୟ।

# ସ୍ୱାସ୍ଥ୍ୟସେବାରେ ନୈତିକତା ରକ୍ଷା ଜରୁରୀ: ଆଦ୍ୟାଶା

## କେୟାର ହସ୍ପିଟାଲରେ ଖୋଲିବ ଅଙ୍କୋଲୋଜି ୟୁନିଟ୍

### ଚିକିତ୍ସା ସେବା କ୍ଷେତ୍ରରେ ୧୦ବର୍ଷ

ଭୁବନେଶ୍ୱର,୨୦।୨(ଅନୁରାଧା ମହାରଣା)

ଚିକିତ୍ସା ସେବା କ୍ଷେତ୍ରରେ ୧୦ବର୍ଷର ଅଭିଜ୍ଞତା ସାଉଣ୍ଟିଛି କେୟାର ହସ୍ପିଟାଲ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଗ୍ରାଣ୍ଡ୍ ଲୁମ୍ବିନୀ କନ୍‌ଭେନଶନଠାରେ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା। ଓଡ଼ିଶୀ ନୃତ୍ୟରୁ ଆରମ୍ଭ ହୋଇଥିବା ଏହି ଉତ୍ସବରେ କେୟାର ହସ୍ପିଟାଲର ଜୋନାଲ ଚିଫ୍ ଅପରେଟିଂ ଅଫିସର କିଶଳୟ ଆନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ହସ୍ପିଟାଲର ୧୦ ବର୍ଷର ଯାତ୍ରା ସମ୍ପର୍କରେ ସୂଚନା ଦେଇ ଆନନ୍ଦ କହିଲେ, କମ୍ ଖର୍ଚ୍ଚରେ କେୟାର ହସ୍ପିଟାଲରେ ଅତ୍ୟାଧୁନିକ ଚିକିତ୍ସା ସେବା ପ୍ରଦାନ କରାଯାଉଛି। ଆରମ୍ଭରୁ କେବଳ ହୃଦ୍‌ରୋଗ ଚିକିତ୍ସା ପ୍ରଦାନ କରୁଥିବା ଏହି ହସ୍ପିଟାଲ ବର୍ତ୍ତମାନ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ଭାବେ ଉଭା ହୋଇଛି। ୨୦୨୭ ଜାନୁଆରୀ ସୁଦ୍ଧା କେୟାର ହସ୍ପିଟାଲରେ ୧୬୦ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ଅଙ୍କୋଲୋଜି ୟୁନିଟ୍ ଖୋଲିବ ବୋଲି ସେ ସୂଚନା ଦେଇଛନ୍ତି। ମୁଖ୍ୟ ଅତିଥି ଭାବେ 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଏବଂ ସମ୍ମାନିତ ଅତିଥି ଭାବେ 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଦ୍ୟାଶା ସତପଥୀ ଯୋଗଦେଇ ହସ୍ପିଟାଲର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା କର୍ମଚାରୀଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ତଥାଗତ କେୟାର ହସ୍ପିଟାଲରେ ତାଙ୍କର ଅନୁଭୂତି ବାଣ୍ଟିଥିଲେ। ହସ୍ପିଟାଲର ଡ଼ାକ୍ତର, ନର୍ସ ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାରକୁ ସେ ପ୍ରଶଂସା କରିଥିଲେ। କର୍ପୋରେଟ ହସ୍ପିଟାଲଗୁଡ଼ିକ ଲୋକଙ୍କୁ ଶୋଷଣ କରୁଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲେ ମଧ୍ୟ କେୟାରରେ ଏହା କେବେ ଅନୁଭବ କରି ନ ଥିବା ସେ ପ୍ରକାଶ କରିଥିଲେ। ଏହାସହ ଉପସ୍ଥିତ ବ୍ୟକ୍ତିବିଶେଷଙ୍କ ଉତ୍ତମସ୍ୱାସ୍ଥ୍ୟ କାମନା କରିଥିଲେ। ସେହିପରି ସ୍ୱାସ୍ଥ୍ୟକର୍ମୀମାନେ ନୈତିକତା ପାଳନ କରିବା ଉପରେ ଆଦ୍ୟାଶା ସତପଥୀ ଗୁରୁତ୍ୱାରୋପ କରିଥିଲେ। ଖବର କାଗଜ ହେଉ କି ସ୍ୱାସ୍ଥ୍ୟ ଅନୁଷ୍ଠାନ, ସମସ୍ତ କର୍ମଚାରୀ ନୈତିକତା ବଜାୟ ରଖିବା ନିତାନ୍ତ ଜରୁରୀ ବୋଲି ସେ କହିଥିଲେ। ହୃଦ୍‌ରୋଗ ବିଭାଗ ମୁଖ୍ୟ ତଥା କ୍ଲିନିକାଲ ନିର୍ଦ୍ଦେଶକ ଡା. ମହେନ୍ଦ୍ର ପ୍ରସାଦ ତ୍ରିପାଠୀ ହସ୍ପିଟାଲରେ ଦୀର୍ଘ ୧୦ ବର୍ଷର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ହସ୍ପିଟାଲର କର୍ପୋରେଟ କମ୍ୟୁନିକେଶନର ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ ଡ. ଲୋକନାଥ ଦାଶ କହିଲେ, ରୋଗୀଙ୍କୁ ଗୁଣାତ୍ମକ ସେବା ଯୋଗାଇଦେବାରେ ଆମେ ପ୍ରତିଶ୍ରୁତିବଦ୍ଧ। ଏକ ଭଡାଘରୁ ଆରମ୍ଭ ହୋଇଥିବା ହସ୍ପିଟାଲ ବର୍ତ୍ତମାନ ନିଜର କାୟା ବିସ୍ତାର କରିବା ସହ ଲୋକଙ୍କୁ ଅତ୍ୟାଧୁନିକ ଚିକିତ୍ସାସେବା ଯୋଗାଇପାରୁଛି। ଏଆଇ ସର୍ଜରୀ ବା ରୋବୋଟିକ୍ ସର୍ଜରୀଠାରୁ ଆରମ୍ଭ କରି ବିଭିନ୍ନ ଅତ୍ୟାଧୁନିକ ଚିକିତ୍ସା କ୍ଷେତ୍ରରେ ହସ୍ପିଟାଲ ଆଗକୁ ବଢୁଛି। ନିଜର ସ୍ୱତନ୍ତ୍ର ଅଙ୍କୋଲୋଜି ୟୁନିଟ୍ ପ୍ରତିଷ୍ଠା ହେବା ପରେ ଏହି ସେବା ଆହୁରି ତ୍ୱରାନ୍ୱିତ ହେବ ବୋଲି ସେ ଆଶା ରଖିଛନ୍ତି। ଉତ୍ସବରେ ମେଡ଼ିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ସର୍ବଜିତ୍‌ଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



କେୟାର ହସ୍ପିଟାଲର ୧୦ ବର୍ଷ ପୂର୍ତ୍ତି ଉତ୍ସବରେ 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଦ୍ୟାଶା ସତପଥୀ, କେୟାର ହସ୍ପିଟାଲର ଜୋନାଲ ଚିଫ୍ ଅପରେଟିଂ ଅଫିସର କିଶଳୟ ଆନନ୍ଦ ଓ ସୁପରିଣ୍ଟେଣ୍ଡେଣ୍ଟ ଡ. ସର୍ବଜିତ୍।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୨।୨୦୨୬

| ୫,୪୧,୭୦୧ ଟଙ୍କା | |
|---|---|
| ସୁନା | ୯.୫୦୦ ଗ୍ରାମ୍ |
| ରୁପା | ୪୫ ଗ୍ରାମ୍ |

## ସଂକ୍ଷେପରେ

### ଆଇନ ସଚେତନତା ଶିବିର

ପୁରୀ,୨୦।୨(ଅଜିତ୍ କୁମାର ମହାନ୍ତି)

ବ୍ରହ୍ମଗିରି ବ୍ଲକ ଅଧୀନରେ ଥିବା ପଲଙ୍କ ମିଶନ ଶକ୍ତିଗୃହ ଠାରେ ଆଇନ ସେବା ପ୍ରାଧିକରଣ ପକ୍ଷରୁ ପ୍ରବାସୀ ଶ୍ରମିକଙ୍କ ଉପରେ ସୃଷ୍ଟି ହୋଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଏବଂ ତୃଣମୂଳସ୍ତରୀୟ ସୂଚନା ଓ ସ୍ୱଚ୍ଛତା ଉପରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପୁରୀ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀ ଉଦ୍‌ଘାଟନ କରିଥିଲେ। ପ୍ରବାସୀ ଶ୍ରମିକମାନେ ଆଇନ ସମ୍ପର୍କିତ ସହାୟତାରୁ କିଭଳି ବଞ୍ଚିତ ନ ହେବେ ସେଥିପ୍ରତି ଦୃଷ୍ଟିଦେବା ସହ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ରେ ଥିବା ବିଭିନ୍ନ ବିଧିବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ନିଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ, ୧୫୧୦୦ ଏବଂ ସମ୍ମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଯାଇଥିଲା। ଓଡ଼ିଶାରେ ତୃଣମୂଳସ୍ତରୀୟ ସୂଚନା ଓ ସ୍ୱଚ୍ଛତା ଉପରେ ନିଆଯାଇଥିବା ପଦକ୍ଷେପ ଗୁଡ଼ିକ ଯଥା ମୋ ସରକାର, ଆଦି କର୍ମଯୋଗୀ ଅଭିଯାନ, ଭୂଲେଖ, ମିଶନ ଶକ୍ତି ଗୁଡ଼ିକ ଉପରେ ରହିଥିବା ବିଭିନ୍ନ କାର୍ଯକ୍ରମ ଏବଂ ତୃଣମୂଳସ୍ତରୀୟ ସୂଚନା ଓ ସ୍ୱଚ୍ଛତା ଉପରେ ଆଲୋକପାତ କରାଇଥିଲେ। କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ ଲେବର ଅଫିସର୍ ଆଶିଷ କୁମାର ମାଝି ଆଇନଗୁଡ଼ିକ ଉପରେ ଆଲୋଚନା କରିବା ସହ ଅଧିକ ଜନଜାଗରଣର ଆବଶ୍ୟକତା ରହିବା ନିତ୍ୟାନ୍ତ ଆବଶ୍ୟକ ବୋଲି ନିଜ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ।

### ବାଲି ଓ ପଥର ଚୋରା ଚାଲାଣ: ୭ ଗାଡ଼ି ଜବତ

କଣାସ,୨୦।୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଅଞ୍ଚଳରେ ବ୍ୟାପକ ପଥର ଓ ବାଲି ଚୋରାଚାଲାଣ ହେଉଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର କଣାସ ତହସିଲଦାର ହିମାଂଶୁ ଶେଖର ଗିରି ନୂଆ ଜଗନ୍ନାଥ ସଡ଼କର ବକୁ ଛକଠାରେ ଚଢ଼ାଉ କରି ୪ଟି ପଥର ଗାଡ଼ି ଓ ୩ଟି ବାଲି ଗାଡ଼ି ଜବତ କରିଛନ୍ତି। ଫଳରେ ଚୋରା ଚାଲାଣ କରୁଥିବା ଗାଡ଼ିମାଲିକମାନଙ୍କ ମନରେ ଛନକା ପଶିଛି।

# ପୁରୀ ଓକିଲ ସଂଘ ପକ୍ଷରୁ ରାସ୍ତାରୋକୋ



ପୁରୀ,୨୦।୨(ଅଜିତ୍ କୁମାର ମହାନ୍ତି)

ପୁରୀର ଐତିହ୍ୟ କୋର୍ଟକୁ ବାଲୁଖଣ୍ଡ ଅଭୟାରଣ୍ୟକୁ ସ୍ଥାନାନ୍ତର ପ୍ରତିବାଦରେ ପୁରୀ ଓକିଲ ସଂଘ ପକ୍ଷରୁ ଶୁକ୍ରବାର ରାସ୍ତାରୋକୋ କରାଯାଇଥିଲା । ଫଳରେ ଯାତାୟାତ ଠପ୍ ହେବା ସହ ଜନସାଧାରଣ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଓକିଲ ସଂଘର ସତ୍ୟାଗ୍ରହର ୩୬୦ଦିନ ପହଞ୍ଚିଥିବା ବେଳେ କୌଣସି ସମାଧାନ ନ ହେବାରୁ ମାଳତୀପାଟପୁର ଠାରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରୁ ଆଇନଜୀବୀମାନେ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ରାସ୍ତାର ଉଭୟ ପାର୍ଶ୍ୱରେ ଧାରଣାରେ ବସି ରହି କୋର୍ଟ ସ୍ଥାନାନ୍ତରକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ପ୍ରଦର୍ଶନ ଯୋଗୁ ହଜାର ହଜାର ଲୋକଙ୍କ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଥିବା ବେଳେ ଅନେକ ଲୋକ ହାତଯୋଡ଼ି ସେମାନଙ୍କୁ ପୁରୀ ଆଡ଼କୁ ଛାଡିବାକୁ ନେହୁରା ହୋଇଥିଲେ। ଡାକ୍ତରଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକେ, ଦିବ୍ୟାଙ୍ଗମାନେ ମଧ୍ୟ ନାହିଁ ନ ଥିବା ହଇରାଣ ହୋଇଥିବା ଦେଖିବାକୁ ମିଳିଥିଲା। ଆଇନଜୀବୀଙ୍କ ଦାବିକୁ ସରକାର ତୁରନ୍ତ ପୂରଣ ନ କଲେ ଆସନ୍ତା ୨୭ ତାରିଖରେ ପୁରୀ ବନ୍ଦ ଡାକରା ଦିଆଯିବ ବୋଲି ଚେତାବନୀ ଦେଇଛି ଆଇନଜୀବୀ ସଂଘ। କେବଳ ଜରୁରିକାଳୀନ ସେବାକୁ ଛାଡ଼ି ଅନ୍ୟ କାହାକୁ ମଧ୍ୟ ଛଡ଼ାଯାଇ ନ ଥିବାବେଳେ ଖୋଦ୍ ପୁରୀ ଏସପି ପ୍ରତୀକ ସିଂ ବିକ୍ଷୋଭସ୍ଥଳକୁ ଆସି ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଥିଲେ।

କୋର୍ଟ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ହୋଇଥିବା ପ୍ରସ୍ତାବିତ ଜାଗାଟି ମଧୁରଜଳ ସଂରକ୍ଷଣ ଅଞ୍ଚଳରେ ଆସୁଥିବା ବେଳେ ଏହା ମଧ୍ୟ ବାଲୁଖଣ୍ଡ ଅଭୟାରଣ୍ୟ ଅଞ୍ଚଳରେ ଆସୁଛି ଓ ଇଡେସିସି ଆଇନର ମଧ୍ୟ ଉଲ୍ଲଂଘନ କରୁଛି। ତେଣୁ ସରକାର ନିଷ୍ପତ୍ତିର ପୁନର୍ବିଚାର କରି ଐତିହ୍ୟ କୋର୍ଟକୁ ସ୍ଥାନାନ୍ତର ନ କରିବାକୁ ଆଇନଜୀବୀ ସଂଘ ତରଫରୁ କୁହାଯାଇଛି। ଗଞ୍ଜାମ, ଭୁବନେଶ୍ୱର, ହାଇକୋର୍ଟ ବେଳକୁ ସେଇ ପୁରୁଣା କୋର୍ଟ ସ୍ଥାନରେ କିଛି ସରକାରୀ ଅଫିସ ମିଶାଇ କୋର୍ଟକମ୍ପ୍ଲେକ୍ସ କରାଯାଇଛି। କିନ୍ତୁ ପୁରୀ ବେଳକୁ ଚୁପ କାହିଁକି ବୋଲି ସଂଘ ପ୍ରଶ୍ନ କରିଛି। ବର୍ତ୍ତମାନ କୋର୍ଟ ସ୍ଥାନରେ କିଛି ସରକାରୀ ଅଫିସ ଜମି ମିଶାଇ ଦେଲେ ଐତିହ୍ୟ ସୁରକ୍ଷା ହେବ, କୋର୍ଟ କମ୍ପ୍ଲେକ୍ସ ହୋଇପାରିବ ବୋଲି ସଂଘ କହିଛି।

ବିକ୍ଷୋଭ ପ୍ରଦର୍ଶନରେ ସଭାପତି ପ୍ରେମାନନ୍ଦ ମହାନ୍ତି, ସୋମନାଥ ଦାସ, କର୍ଣ୍ଣବୀର ମହାପାତ୍ର, ଭାଗବତ ପ୍ରସାଦ ପଟ୍ଟନାୟକ, ଅନୀଲ ସାହୁ, ବିଶ୍ୱଜିତ୍ ପ୍ରଧାନ, ପ୍ରିୟଦର୍ଶନ ପଟ୍ଟନାୟକ, ସାରଦା ସାମଲ, ବିଭୂତି ତ୍ରିପାଠୀ, ବୈଦ୍ୟନାଥ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ୨୨ରେ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

ପୁରୀ,୨୦।୨(ଅଜିତ୍ କୁମାର ମହାନ୍ତି)

ପୁରୀ ଟାଉନ୍ ହଲ୍‌ଠାରେ ୨୨ ତାରିଖରେ ଅନୁଷ୍ଠିତ ହେବାକୁଯାଉଛି ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା। ପୁରୀର ଅଗ୍ରଣୀ ଅନୁଷ୍ଠାନ ଭବାନୀ ଫିଟ୍‌ନେସ୍ ୦୭ ପକ୍ଷରୁ ବି.ଏଫ୍ ୦୭, ଚାପ୍ଟର ୩ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବଡି ବିଲ୍ଡିଂ ଏବଂ ଫିଟ୍‌ନେସ୍ ପ୍ରତିଯୋଗିତାରେ ୨୦୦ ପ୍ରତିଯୋଗୀ ଭାଗ ନେବେ। ବଡି ବିଲ୍ଡିଂ, ଡେନିମ୍ ଜିନ୍ସ, ମେନ୍ସ ଫିଜିକ୍ ଓ ମହିଳାଙ୍କ ପାଇଁ ଓମେନ୍ ଗ୍ଲାମର ଏବଂ ଓମେନ୍ ସ୍ପୋର୍ଟସ ମଡେଲ ଅନୁଷ୍ଠିତ ହେବ। ବଡି ବିଲ୍ଡିଂରେ ଓଜନ ଅନୁଯାୟୀ ୫ଟି ବର୍ଗ, ଡେନିମ୍ ଜିମ୍‌ରେ ଉଚ୍ଚତା ଅନୁଯାୟୀ ୨ଟି ବର୍ଗ, ମେନ୍ସରେ ଉଚ୍ଚତା ଅନୁଯାୟୀ ୨ଟି ବର୍ଗ, ଓମେନ୍ ଗ୍ଲାମରରେ ୧ଟି ବର୍ଗ ଓ ଓମେନ୍ ସ୍ପୋର୍ଟସ୍ ମଡେଲ୍‌ରେ ୧ଟି ବର୍ଗ, ଏହିପରି ସମୁଦାୟ ୧୧ଟି ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବଡି ବିଲ୍ଡିଂରେ ଚାମ୍ପିୟନ୍ସ ଅଫ୍ ଚମ୍ପିୟନ୍ସଙ୍କୁ ୩୧,୦୦୦ଟଙ୍କା ଅର୍ଥରାଶି, ମେନ୍ସ ଫିଜିକ୍‌ରେ ଚାମ୍ପିୟନଙ୍କୁ ୧୫,୦୦୦ଟଙ୍କା ଅର୍ଥରାଶି, ଡେନିମ୍ ଜିନ୍ସରେ ଚାମ୍ପିଅନ୍‌ଙ୍କୁ ୧୧,୦୦୦ ଟଙ୍କା ଅର୍ଥରାଶି ସହିତ ଟ୍ରଫି, ମେଡାଲ ଓ ପ୍ରମାଣପତ୍ର ପ୍ରଦାନ କରାଯିବ। ୧୧ଟି ବର୍ଗରେ ପ୍ରତ୍ୟେକ ବର୍ଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବିଜେତାଙ୍କୁ ୫୧୦୦, ୩୧୦୦ ଓ ୨୧୦୦ ଟଙ୍କା ଅର୍ଥରାଶି ସହିତ ଟ୍ରଫି, ମେଡାଲ୍ ଓ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଖବରଦାତା ସମ୍ମିଳନୀରେ ଏମ୍‌ପି, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଖବରଦାତା ମଧୁସୂଦନ ମିଶ୍ର, ରାଜେଶ କୁମାର ମହାନ୍ତି, ଭବାନୀ ଶଙ୍କର ସାହୁ, ଆଦର୍ଶ କୁମାର ପ୍ରଧାନ, ଚନ୍ଦନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରୀଷ୍ମ ପ୍ରବାହ ସୁପରିଚାଳନା ଉପରେ ଗୁରୁତ୍ୱ




ପୁରୀ ସଦ୍‌ଭାବନା ଗୃହ ପରିସରରେ ଅନୁଷ୍ଠିତ ଗ୍ରୀଷ୍ମ ପରିଚାଳନା ବୈଠକରେ ଉପସ୍ଥିତ ଅଧିକାରୀମାନେ।

ପୁରୀ,୨୦।୨(ଅଜିତ୍ କୁମାର ମହାନ୍ତି)

ଜିଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଶୁକ୍ରବାର ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମ ପ୍ରବାହ ସମ୍ପର୍କରେ ଲୋକମାନଙ୍କୁ ସଚେତନ ସହ ସବୁ ବିଭାଗ ସେମାନଙ୍କ ପରିଚାଳନାକୁ ସୁଦୃଢ଼ କରିବା ଜରୁରି। ଫଳରେ ଏହି ଗ୍ରୀଷ୍ମ ପ୍ରବାହ କ୍ଷୟକ୍ଷତିକୁ ରୋକାଯାଇପାରିବ ବୋଲି ଜିଲାପାଳ ପରିଡ଼ା କହିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟକୁ ରୋକାଯାଇପାରିବ ନାହିଁ। କିନ୍ତୁ ପୂର୍ବ ପ୍ରସ୍ତୁତି ଦ୍ୱାରା ଧନଜୀବନ ହାନି ଓ କ୍ଷୟକ୍ଷତିକୁ ହ୍ରାସ କରିପାରିବା। ବୈଠକର ନିର୍ଯ୍ୟାସ ଅନୁସାରେ ସମସ୍ତ ବିଭାଗ ସେମାନଙ୍କ ଦାୟିତ୍ୱକୁ ସୁଚାରୁରୂପେ ନିର୍ବାହ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ବ୍ଲକ, ତହସିଲ୍, ଜିଲାସ୍ତର ସହ ସମସ୍ତ ବିଭାଗ ସେମାନଙ୍କ କଣ୍ଟ୍ରୋଲ ରୁମ୍‌କୁ ନିରନ୍ତର ଭାବେ ତୁରନ୍ତ କାର୍ଯ୍ୟକ୍ଷମ କରିବା, ୱାଟ୍‌କୋ ତରଫରୁ ସହରାଞ୍ଚଳରେ ପାନୀୟଜଳ ଯୋଗାଣକୁ ଅଧିକ କ୍ରିୟାଶୀଳ କରିବା, ଆବଶ୍ୟକତା ଅନୁସାରେ ଜଳ ଯୋଗାଇବା, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପାନୀୟଜଳ ଉତ୍ସଗୁଡ଼ିକୁ ନିୟମିତ ବିଶୋଧନ ସହ ଅଧିକ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳଯୋଗାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ବିଡିଓ, ପୌର ଓ ଏନ୍‌ଏସିର ନିର୍ବାହୀ ଅଧିକାରୀମାନେ ଜଳଛତ୍ରର ବ୍ୟବସ୍ଥା କରିବା, ଶ୍ରମିକଙ୍କୁ ପୂର୍ବାହ୍ନ ୧୧ଟାରୁ ୩ଟା ଯାଏ କାମ ନ କରାଇବା, ସେମାନଙ୍କ କାର୍ଯ୍ୟକ୍ଷେତ୍ରରେ ଛାଇ ବ୍ୟବସ୍ଥା, ପଶୁ ସମ୍ପଦ ପାଇଁ ପାନୀୟଜଳ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦେବା, ଶ୍ରୀମନ୍ଦିର ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ଛାଇ ବ୍ୟବସ୍ଥା, ମ୍ୟାଟ୍ ଓ ଜଳ ସିଞ୍ଚନ ବ୍ୟବସ୍ଥା, ସ୍ୱାସ୍ଥ୍ୟ ବ୍ୟବସ୍ଥା, ପାନୀୟ ଜଳ ସହ ଓଆରଏସ୍ ବ୍ୟବସ୍ଥା, ବିଭିନ୍ନ ଆବାସିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ପାନୀୟଜଳ ଓ ସ୍ୱାସ୍ଥ୍ୟ ରକ୍ଷା ବ୍ୟବସ୍ଥା, ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ଅନୁରୂପ ସହାୟତା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା।

ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଏସ୍‌ପି ଦେବୀ ପ୍ରସାଦ ପ୍ରତାପ, ପିକେଡିଏ ସେକ୍ରେଟାରୀ ଦିଲୀପ କୁମାର ମହାରଣା, ଉପଜିଲାପାଳ ରାଜ କିଶୋର ଜେନା ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଜିଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସରୋଜିନୀ



@ ସଚ୍ଚିକାନ୍ତ



@ ରବୀନ୍ଦ୍ର



@ ପ୍ରତିମା



@ ଦୀପ୍ତିରଞ୍ଜନ



@ ବାଦଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବରିଷ୍ଠ ନାଗରିକଙ୍କ ସଂସ୍କାର ସମାଜର ମାର୍ଗଦର୍ଶିକା

ପୁରୀ,୨୦।୨(ଅଜିତ୍ କୁମାର ମହାନ୍ତି)

## ବିଶ୍ୱ ସାମାଜିକ ନ୍ୟାୟ ଦିବସ

ବରିଷ୍ଠ ନାଗରିକଙ୍କ ଅନୁଭବ, ଅଭିଜ୍ଞତା ଓ ସଂସ୍କାର ସମାଜର ମାର୍ଗଦର୍ଶିକା। ସେମାନେ ସମାଜ ପାଇଁ ବୋଝ ନୁହନ୍ତି, ବରଂ ସମ୍ବଳ ବୋଲି କହିଛନ୍ତି ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ। ପୁରୀ ଜିଲା ସଂସ୍କୃତି ଭବନ ଠାରେ ବିଶ୍ୱ ସାମାଜିକ ନ୍ୟାୟ ଦିବସ ଉପଲକ୍ଷେ ବରିଷ୍ଠ ନାଗରିକଙ୍କ ଲାଗି ଏକ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେଠୀ ପୁରାଣ, ଇତିହାସ ଓ ସାମାଜିକ ବାର୍ତ୍ତାର ବିଭିନ୍ନ ଉଦାହରଣ ଦେଇ ବରିଷ୍ଠମାନେ କିପରି ରାଜ୍ୟ, ରାଷ୍ଟ୍ର ଓ ସମାଜ ପାଇଁ ଜଣେ ଜଣେ ସମ୍ପତ୍ତି ଭଳି ତାହାକୁ ଉଲ୍ଲେଖ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପ୍ରତିନିଧି ଡା. ଉତ୍ପଳ କୁମାର ନନ୍ଦୀ, ଜିଲା ବରିଷ୍ଠ ନାଗରିକ କମିଟି ସଦସ୍ୟ ହରିଶଙ୍କର ମିଶ୍ର, ସଦସ୍ୟା ସବିତା ମିଶ୍ର, ଜିଲା ଇ-ଗଭର୍ନାନ୍ସ ପରିଚାଳକ ପୀୟୂଷ ଚକ୍ରବର୍ତ୍ତୀ, ଆରକ୍ଷୀ ନିରୀକ୍ଷକ ପବିତ୍ର କୁମାର ମହାରଣା ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ନିରାପତ୍ତା, ବରିଷ୍ଠ ନାଗରିକ ଭରଣପୋଷଣ ଓ କଲ୍ୟାଣ ଆଇନ, ସାଇବର ଠକେଇରୁ ବର୍ତ୍ତିବା ପାଇଁ ବିବିଧ ସତର୍କତା ଅବଲମ୍ବନ, ସୁସ୍ଥ ରହିବା ପାଇଁ ବିବିଧ ଉପାୟ ଓ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନମିତା ଚାନ୍ଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁରୀ ଜିଲାର ବିଭିନ୍ନ ବ୍ଲକ ତଥା ସହରାଞ୍ଚଳରୁ ବରିଷ୍ଠ ନାଗରିକମାନେ ଉକ୍ତ ସଚେତନତା ଶିବିରରେ ଯୋଗ ଦେଇଥିଲେ। ଦି ବେଲ୍‌ର ମୁଖ୍ୟ ସିଦ୍ଧାର୍ଥ ରାୟ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ପ୍ରାତଃ ୭ଟାରେ ଏକ ଯୋଗ କାର୍ଯ୍ୟକ୍ରମ ସଂସ୍କୃତି ଭବନ ଠାରେ ଆୟୋଜନ କରାଯାଇଥିଲା। ପରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟର ବରିଷ୍ଠ ଡାକ୍ତରମାନେ ଯୋଗଦେଇ ବରିଷ୍ଠ ନାଗରିକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକୀୟ ଔଷଧ ବିତରଣ କରିଥିଲେ।




ଜିଲା ସଂସ୍କୃତି ଭବନରେ ଆୟୋଜିତ ବିଶ୍ୱ ସାମାଜିକ ନ୍ୟାୟ ଦିବସ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

**ଶିବାନନ୍ଦ ଆତ୍ମଜ୍ଞାନ ଆଶ୍ରମରେ ଭାଗବତ ସପ୍ତାହ କାର୍ଯ୍ୟକ୍ରମ**

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାରସ୍ଥିତ ଶିବାନନ୍ଦ ଆତ୍ମଜ୍ଞାନ ଆଶ୍ରମର ୫୩ତମ ପ୍ରତିଷ୍ଠା ଦିବସ ଓ ଭାଗବତ ସପ୍ତାହ କାର୍ଯ୍ୟକ୍ରମ ଶୁକ୍ରବାରରୁ ଆରମ୍ଭ ହୋଇଛି। କପାଳେଶ୍ୱରସ୍ଥିତ ଆଶ୍ରମରେ ଆୟୋଜିତ କାର୍ଯ୍ୟକ୍ରମରେ ଦିବ୍ୟଜୀବନ ସଂଘର ବରିଷ୍ଠ ସନ୍ଥ ସ୍ୱାମୀ ଶିବ ଚିଦାନନ୍ଦ ସରସ୍ୱତୀ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍ଘାଟନ କରିଥିଲେ। ସ୍ୱାମୀଜୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାମୀ ଭାଗବତ ପ୍ରକାଶା ନନ୍ଦ ମହାରାଜ ଅନ୍ୟତମ ଅତିଥି ଭାବେ ଭାଗବତ ଆଲୋଚନା କରିଥିଲେ। ଏହି ଅବସରରେ ସକାଳରୁ ପ୍ରଭାତ ଫେରି, ଦିବ୍ୟଧ୍ୱଜା ଉତ୍ତୋଳନ, ଭାଗବତ ପାରାୟଣ ଓ ପ୍ରବଚନ, ଭଜନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୭ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଆଧାତ୍ମିକ କାର୍ଯ୍ୟକ୍ରମ ଆସନ୍ତା ଗୁରୁବାର ଉଦ୍ଯାପିତ ହେବ।

# ‘ନିର୍ଭରଯୋଗ୍ୟ ପ୍ରତିଷ୍ଠାନରେ ଅର୍ଥ ସଞ୍ଚୟ କରନ୍ତୁ’

କଟକ,୨୦।୨(କାର୍ତ୍ତିକ ସାହୁ)




ଜିଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ କାର୍ଯ୍ୟକ୍ରମରେ ଜିଲାପାଳ ଉଦ୍‌ବୋଧନ ଦେଉଛନ୍ତି।

ଡାକଘର ଓ ବ୍ୟାଙ୍କ ଭଳି ନିର୍ଭରଯୋଗ୍ୟ ପ୍ରତିଷ୍ଠାନରେ ଅର୍ଥ ସଞ୍ଚୟ କରିବାକୁ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳନ ଅବସରରେ ବରିଷ୍ଠ ନାଗରିକମାନଙ୍କୁ ଶୁକ୍ରବାର ପରାମର୍ଶ ଦିଆଯାଇଛି।

ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ନେତାଜୀ ସଂସ୍କୃତି ଭବନଠାରେ ଆୟୋଜିତ ସଚେତନତା ଶିବିରରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇ ସମ୍ବିଧାନରେ ଥିବା ବରିଷ୍ଠ ନାଗରିକମାନଙ୍କ ଅଧିକାର, ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଥିବା ସମସ୍ତ ପ୍ରକାର ସୁବିଧା ବରିଷ୍ଠ ନାଗରିକଙ୍କୁ ଯୋଗାଇଦେବା ଆମର ଲକ୍ଷ୍ୟ ବୋଲି ଜିଲାପାଳ କହିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ରଥ ସ୍ୱାସ୍ଥ୍ୟର ଯତ୍ନ ନେଇ ଜୀବନରେ ଦୁଃଖ ଭିତରେ

**ଜିଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ**

ସୁଖ ଖୋଜି ଶାନ୍ତିରେ ରହିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଏଲ. ଏନ୍. ପାତ୍ର ବରିଷ୍ଠ ନାଗରିକମାନଙ୍କ ପାଇଁ ଥିବା ସ୍ୱାସ୍ଥ୍ୟସେବା ଓ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ପୋଲିସ ଇନ୍ସପେକ୍ଟର ଦେବୀ ପ୍ରକାଶ ସାହୁ ସାଇବର ସୁରକ୍ଷା, ଓଟିପି ଠକେଇ ସମ୍ପର୍କରେ ଆଲୋଚନା କରିବା ସହ କଲ ଓ ମେସେଜ ରିସିଭ କରିବା ସମୟରେ ସତର୍କ ରହିବାକୁ କହିଥିଲେ। ସେଭିଂସ ଆଣ୍ଡ ଫାଇନାନ୍ସିଆଲ ସର୍ଭିସର ସହକାରୀ ନିର୍ଦ୍ଦେଶକ ସନ୍ତୋଷ କୁମାର ରଥ, ଲିଡ ବ୍ୟାଙ୍କ ମ୍ୟାନେଜର ସତ୍ୟ ରଞ୍ଜନ ମହାନ୍ତି, ଡାକ ବିଭାଗର ସହକାରୀ ଅଧୀକ୍ଷକ ସମୀର ସାହୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଡିଏଲଏସ ଆଇନଜୀବୀ ଡ. ଏମ. ପି ସାହୁଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରରେ ଅଂଶଗ୍ରହଣକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଟର୍ଚ୍ଚ ଓ ଟୋପି ବଣ୍ଟନ କରାଯାଇଥିଲା।

## ମାର୍ଚ୍ଚ ୧୪ରେ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ,୨୦।୨(କାର୍ତ୍ତିକ ସାହୁ)

କଟକ ଜିଲା ଆଇନ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ ଆଇନ ସେବା କମିଟି ପରିସରରେ ଆସନ୍ତା ମାର୍ଚ୍ଚ ୧୪ ତାରିଖ (ଶନିବାର) ପୂର୍ବାହ୍ନ ୧୦ ଘଟିକା ସମୟରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରାଧୀନ ମକଦ୍ଦମା ଯଥା ସମାଧାନଯୋଗ୍ୟ ଟ୍ରାଫିକ ଚାଲାଣ, ଦୋଷ ସ୍ୱୀକାର ବୁଝାମଣା, ମୋଟରଯାନ ଜନିତ ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ, ଚେକ୍ ବାଉନ୍ସ, ଦେୱାନୀ ଓ ଫୌଜଦାରି ମାମଲାର ଆପୋସ ସହମତିରେ ସମାଧାନ କରାଯାଇପାରିବ। ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ।

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସରୋଜିନୀ



@ ସଚ୍ଚିକାନ୍ତ



@ ରବୀନ୍ଦ୍ର



@ ପ୍ରତିମା



@ ଦୀପ୍ତିରଞ୍ଜନ



@ ବାଦଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



ପବିତ୍ର ରମ୍‌ଜାନ୍ ମାସ ଆରମ୍ଭରେ ପ୍ରଥମ ଶୁକ୍ରବାର କଟକ ବାରବାଟୀ ଦୁର୍ଗ ପରିସରରେ ଥିବା ମସ୍‌ଜିଦ୍‌ରେ ଅନୁଷ୍ଠିତ ସମୂହ ନମାଜ ପାଠ। (ଫଟୋ: ରାଜକିଶୋର ମହାନ୍ତି)

## ଜଣ୍ଡିସ୍ ସଂକ୍ରମଣ ପାଇଁ ମେୟର-ବିଧାୟିକା ଦୋଷ ଲଦାଲଦି

କଟକ,୨୦।୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମେୟର-ବିଧାୟିକାଙ୍କ କଳି ଏବେ ସର୍ବସମ୍ମୁଖକୁ ଆସିଛି। ଜଣ୍ଡିସକୁ ନେଇ କଟକ ମେୟର ସୁବାସ ସିଂଙ୍କୁ ସିଧା ନିଶାନା କରିଥିଲେ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ। ଏପରିକି ଅପାରଗ ମେୟର କହିବା ସହ ନିଜ ସ୍ୱାର୍ଥପାଇଁ ଗୋଟିଏ ଏଜେନ୍ସିକୁ ବାରମ୍ବାର ଟେଣ୍ଡର ଦେଇ ଦୁର୍ନୀତିରେ ଲିପ୍ତ ରହୁଥିବା ସୋଫିଆ କହିଥିଲେ। ସୋଫିଆଙ୍କ ମନ୍ତବ୍ୟ ଉପରେ ଜବାବ ଦେଇ ମେୟର ସୁବାସ କହିଛନ୍ତି, ଦୁର୍ନୀତିରେ ସେ ଓ ତାଙ୍କ ବାପା ବୁଡ଼ି ରହିଛନ୍ତି। ବାପାଙ୍କ ଭଳି ସେ ଜଣେ ଆକ୍ସିଡେଣ୍ଟାଲ୍ ବିଧାୟିକା। ଜଣ୍ଡିସ ବେଳେ ମାଡମ କେଉଁଠି ଥିଲେ। ହଠାତ୍ ଗଣମାଧ୍ୟମ ସାମ୍ନାକୁ ଆସି କହୁଛନ୍ତି ଜଣ୍ଡିସ ବ୍ୟାପିବା ପାଇଁ ମେୟର ଓ ସିଏମସି ଦାୟୀ। ଆମେ ପ୍ରଭାବିତ ଅଞ୍ଚଳ ବୁଲି ପଦକ୍ଷେପ ନେଇଛୁ। ସେ ବିଧାୟିକା ଭାବରେ କ'ଣ ଦାୟିତ୍ୱ ତୁଲାଇଛନ୍ତି। ବିଧାୟିକା ପାଇଁ ସେ ସମ୍ପୂର୍ଣ୍ଣ ଭାବେ ଅଯୋଗ୍ୟ ବୋଲି ସିଂ କହିଛନ୍ତି।

ସୂଚନାଥାଉକି, କଟକରେ ଜଣ୍ଡିସ ସଂକ୍ରମଣ ଉପରେ ସିଧାସଳଖ ମେୟର ସୁବାସଙ୍କୁ ଦାୟୀ କରି ଗୁରୁବାର ବର୍ଷିଥିଲେ ବିଧାୟିକା ସୋଫିଆ। ସେ କହିଥିଲେ, ନିଜ ଦାୟିତ୍ୱ ତୁଲାଉ ନାହାନ୍ତି ମେୟର। ଦୁର୍ନୀତିରେ ଲିପ୍ତ ରହୁଛନ୍ତି। ନିଜ ସ୍ୱାର୍ଥକୁ ଚରିତାର୍ଥ କରିବା ପାଇଁ ଗୋଟିଏ ଏଜେନ୍ସିକୁ ବାରମ୍ବାର ଟେଣ୍ଡର ଦେଉଛନ୍ତି। ଏପରିକି ଠିକ୍ ଭାବେ ନାଳନର୍ଦ୍ଦମା ସଫା ହେଉନି, ପାନୀୟ ଜଳରେ ମିଶୁଛି ଡ୍ରେନ ପାଣି। ସିଏମ୍‌ସି ଓ ଅପାରଗ ମେୟରଙ୍କ ପାଇଁ କଟକବାସୀ ଦଶା ଭୋଗୁଛନ୍ତି ବୋଲି ସେ କହିଥିଲେ। ତେବେ ମେୟର ଓ ବିଧାୟିକାଙ୍କ ଏଭଳି ତୁତୁ-ମେଁମେଁ ଏବେ କଟକ ରାଜନୀତିକୁ ସରଗରମ କରିଛି।

# ରୋଗୀଙ୍କୁ ଯନ୍ତ୍ରଣା ଦେଉଛି ସିଟିସ୍କାନ୍ ବ୍ୟବସ୍ଥା

କଟକ,୨୦।୨(ଶିଳ୍ପା ପ୍ରିୟଦର୍ଶିନୀ)

**ଏସ୍‌ସିବି ମେଡିକାଲ**

- ରିପୋର୍ଟ ପାଇଁ ୧୫ ଦିନ ହେବ ଧାଉଁଛନ୍ତି ରୋଗୀ, ସମ୍ପର୍କୀୟ
- ବଢ଼ି ଚାଲିଛି କର୍ମଚାରୀଙ୍କ ମନମାନି

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ ସିଟି ସ୍କାନ ବ୍ୟବସ୍ଥା ରୋଗୀଙ୍କ ଯନ୍ତ୍ରଣାକୁ ଦ୍ୱିଗୁଣିତ କରୁଛି। ରୋଗୀ ଡାକ୍ତରଙ୍କୁ ଦେଖାଇବା ପରେ ପରାମର୍ଶ ମୁତାବକ ସିଟିସ୍କାନ କରି ରିପୋର୍ଟ ପାଇବା ପାଇଁ ୧୫ ଦିନ ହେବ ମେଡିକାଲକୁ ଧାଉଁଛନ୍ତି। ରିପୋର୍ଟ ଗୃହ ବା ସହାୟତା କେନ୍ଦ୍ରରେ ଥିବା କର୍ମଚାରୀ ଆଜିକାଲି କହି ରୋଗୀଙ୍କୁ ହଇରାଣ କରୁଛନ୍ତି। ଏପରିକି ରୋଗୀ ଦୂରରୁ ଆସିଥିବା କହି ଅନୁରୋଧ କରିବା ସତ୍ତ୍ୱେ ମଧ୍ୟ କର୍ମଚାରୀ କର୍ଣ୍ଣପାତ କରୁନାହାନ୍ତି। ସୂଚନା ଅନୁଯାୟୀ, ଏସ୍‌ସିବିର ରୁମାଟୋଲୋଜି ବିଭାଗକୁ ବାଲେଶ୍ୱର ଅଞ୍ଚଳର ଛବିରାଣୀ ପଣ୍ଡା ଶରୀର ଅସୁସ୍ଥ ଥିବାରୁ ଗତ ୪ ତାରିଖରେ ରୁମାଟୋଲୋଜି ବିଭାଗକୁ ଡାକ୍ତରଙ୍କୁ ଦେଖାଇବାକୁ ଆସିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ଛବି ନିଦାନକେନ୍ଦ୍ରରେ ସିଟି ସ୍କାନ କରାଇଥିଲେ। ହେଲେ ସ୍କାନିଂ କରାଇବାର ୧୫ ଦିନ ବିତିଥିବାବେଳେ ରିପୋର୍ଟ ତାଙ୍କୁ ମିଳିନାହିଁ। ନିୟମ ମୁତାବକ ମେଡିକାଲରେ ସିଟି ସ୍କାନ ଓ ଏମ୍‌ଆର୍‌ଆଇ କରାଇଲେ ୨୪ ଘଣ୍ଟା ମଧ୍ୟରେ ରୋଗୀଙ୍କୁ ରିପୋର୍ଟ ଦିଆଯିବ। ହେଲେ ଏହି ନିୟମକୁ ମେଡିକାଲ କର୍ମଚାରୀମାନେ ଉଲ୍ଲଂଘନ କରୁଛନ୍ତି। ଫଳରେ ବାଲେଶ୍ୱର ଭଳି ଅଞ୍ଚଳରୁ ରୋଗୀ ଓ ସମ୍ପର୍କୀୟ ୧୫ ଦିନ ହେବ ଦିନେ ଛାଡି ଅନ୍ୟ ଦିନ କଟକ ଏସ୍‌ସିବି ଧାଉଁଛନ୍ତି। ଅନ୍ୟପଟେ ମେଡିକାଲରେ ବାରମ୍ବାର ଏଭଳି କର୍ମଚାରୀଙ୍କ ମନମାନି ବଢ଼ି ଚାଲୁଥିବାବେଳେ କର୍ତ୍ତୃପକ୍ଷ ଏଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ନେଇ ନାନା ପ୍ରଶ୍ନ ଉପୁଜୁଛି। ଏ ସମ୍ପର୍କରେ ମେଡିକାଲ ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଡିସିପିଙ୍କୁ ପୂର୍ବତନ ମନ୍ତ୍ରୀଙ୍କ ସ୍ମାରକପତ୍ର

କଟକ ସଦର,୨୦।୨(ସୁଶାନ୍ତ କୁମାର ଜେନା)

**କଟକ ସଦର ନିର୍ବାଚନମଣ୍ଡଳୀରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ**

କଟକ ସଦର ନିର୍ବାଚନମଣ୍ଡଳୀରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ସାମାନ୍ୟ ଘଟଣାରେ ଗୁଳି ଫୁଟିଛି। ୨୦ ମାସ ମଧ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ଓ ଆପରାଧିକ କାର୍ଯ୍ୟ କଳାପ ବୃଦ୍ଧି ପାଇବା ବିରୋଧରେ ପୂର୍ବତନ ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା ଶୁକ୍ରବାର କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଘଟଣା ଯୋଗୁ ପୋଲିସର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲାଗିଯାଇଛି। ଚୋରା ବାଲି କାରବାରରୁ ମିଳୁଥିବା ଅର୍ଥରେ ଏଭଳି ଆପରାଧିକ ଘଟଣା ଘଟୁଛି ବୋଲି ପୂର୍ବତନ ମନ୍ତ୍ରୀ ବେହେରା କଟକ ଡିସିପିଙ୍କୁ ଅବଗତ କରିଥିଲେ। ପୂର୍ବ ସରକାର ଅମଳରେ ଯେପରି ପୋଲିସ ଅଧିକାରୀମାନେ ସମସ୍ତ ଆପରାଧିମାନଙ୍କୁ ସମୂଳ ବିନାଶ କରିଥିଲେ, ବର୍ତ୍ତମାନ ତାହା ହେଉନାହିଁ ବୋଲି ସେ ଜଣାଇଛନ୍ତି। ପୂର୍ବତନ ମନ୍ତ୍ରୀଙ୍କ ସହ ପ୍ରମୋଦ ମହାପାତ୍ର, ମନୋରଞ୍ଜନ ମହାପାତ୍ର, ସୁଦର୍ଶନ ଜେନାଙ୍କ ସମେତ ବିଜେଡି କର୍ମୀମାନେ ଏହି ପ୍ରତିନିଧି ଦଳରେ ସାମିଲ ହୋଇଥିଲେ।

# ମିଥ୍ୟା ଅପପ୍ରଚାର ନ ଶୁଣିବାକୁ ଅନୁରୋଧ କଲେ ବିଧାୟକ



ଖବରଦାତା ସମ୍ମିଳନୀରେ ନିଆଳି ବିଧାୟକ ଛବି ମଲ୍ଲିକ ସୂଚନା ଦେଇଛନ୍ତି।

କଣ୍ଟାପଡ଼ା,୨୦।୨(ସୁରନାରାୟଣ ସାହୁ)

**ଉନ୍ନୟନ କାମ ସମ୍ପର୍କରେ ସୂଚନା ଦେଲେ**

କଣ୍ଟାପଡା ବ୍ଲକରେ ଗତ ଦୀର୍ଘ ଦେଢ଼ବର୍ଷ ହେବ ଜିପିଡିପି, ବିପିଡିପି, ଜିଆଇଏ, ବିକଶିତ ଗାଁ ବିକଶିତ ଓଡ଼ିଶା, ଆଦର୍ଶ ଗ୍ରାମ ଓ ଅନ୍ୟାନ୍ୟ ଉନ୍ନତି ମୂଳକ କାର୍ଯ୍ୟ ବନ୍ଦ ରହିଛି ବୋଲି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ଏହାକୁ ନେଇ ନିଆଳି ବିଧାୟକ ଛବି ମଲ୍ଲିକ ଆମ୍ରପଲ୍ଲୀ ରିସୋର୍ଟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶୁକ୍ରବାର ମୁହଁ ଖୋଲିଛନ୍ତି। ଗତ ଦେଢ଼ବର୍ଷ ମଧ୍ୟରେ ବ୍ଲକର ୧୪ଟି ଗ୍ରାମପଞ୍ଚାୟତକୁ ବିଭିନ୍ନ ଯୋଜନାରେ ୧୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆସିଥିବା ବେଳେ ସେଥିମଧ୍ୟରୁ ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ବିଧାୟକ କହିଥିଲେ। ଏତଦ ବ୍ୟତୀତ ଫୁଲନଖରାରୁ ନିଆଳି ପର୍ଯ୍ୟନ୍ତ ଚାରି ଥାକିଆ ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିବା ବେଳେ ପ୍ରାଚୀ ପୁନରୁଦ୍ଧାର ପାଇଁ ସରକାରୀସ୍ତରରେ ବ୍ୟବସ୍ଥା ଚାଲିଛି ବୋଲି କହିଥିଲେ। ଯେଉଁମାନେ ଏହି ତଥ୍ୟ ମିଥ୍ୟା ବୋଲି ଅପପ୍ରଚାର ଚଳାଇଛନ୍ତି ସେମାନେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ସଂଗ୍ରହ କରିପାରନ୍ତି ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ଅଶୋକ ରଥ, ଡିମିରି ସରପଞ୍ଚ ଅଭିଷେକ ମହାପାତ୍ର, କଣ୍ଟାପଡ଼ା ସରପଞ୍ଚ ନିର୍ମଳ ସାହୁ, ସମିତି ସଭ୍ୟ ପବିତ୍ର ସ୍ୱାଇଁ ଓ କଣ୍ଟାପଡ଼ା ବ୍ଲକ ଆତ୍ମା ଅଧ୍ୟକ୍ଷ ବିଜୁ ପାତ୍ର ଉପସ୍ଥିତ ଥିଲେ।

## ଭାରସାମ୍ୟ ହରାଇ ଓଲଟିଲା ମକା ବୋଝେଇ ଟ୍ରକ୍

ବାଙ୍କୀ,୨୦।୨(ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ଥାନା ସୁବର୍ଣ୍ଣପୁର ବିଟ୍ ହାଉସ ଅନ୍ତର୍ଗତ ଅଂଶୁପା ରୋଡ୍ କନ୍ତପହଁରା ମୁଖ୍ୟ ରାସ୍ତାରେ ଶୁକ୍ରବାରର ଏକ ମକା ବୋଝେଇ ଗାଡ଼ି ଭାରସାମ୍ୟ ହରାଇବାରୁ ଓଲଟି ପଡ଼ିଛି। ଖବରପାଇ ସୁବର୍ଣ୍ଣପୁର ବିଟ୍ ହାଉସ ଅଧିକାରୀ ସମ୍ମିତ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ। ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରେ ଗାଡ଼ି ଚାଳକଙ୍କ କୌଣସି କ୍ଷୟ କ୍ଷତି ହୋଇ ହୋଇ ନ ଥିଲା। ଅପରପକ୍ଷେ ବାଟରେ ଯାଉଥିବା ଜଣେ ବାଟୋଇ ଏହି ଦୁର୍ଘଟଣାରୁ ରକ୍ଷା ପାଇଯାଇଛନ୍ତି। ମକା ବୋଝେଇ ଗାଡ଼ି ଚାଳକ ଦ୍ରୁତଗତିରେ ଗାଡ଼ି ଚଲାଉଥିବା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ଆଲୋଚନା ହେଉଛି। ଉକ୍ତ ଗାଡ଼ିଟି ଖୋର୍ଦ୍ଧା ଅଭିମୁଖେ ଯାଉଥିବା ସୁବର୍ଣ୍ଣପୁର ବିଟ୍ ହାଉସ ଅଧିକାରୀ ସ୍ୱାଇଁ ସୂଚନା ଦେଇଛନ୍ତି।



ଓଲଟି ପଡ଼ିଥିବା ମକା ବୋଝେଇ ଟ୍ରକ୍।

# ସ୍ୱାସ୍ଥ୍ୟସେବାରେ ନୈତିକତା ରକ୍ଷା ଜରୁରୀ: ଆଦ୍ୟାଶା

ଭୁବନେଶ୍ୱର,୨୦।୨(ଅନୁରାଧା ମହାରଣା)



କେୟାର ହସ୍ପିଟାଲର ୧୦ ବର୍ଷ ପୂର୍ତ୍ତି ଉତ୍ସବରେ ‘ଧରିତ୍ରୀ’ ଏବଂ ‘ଓଡ଼ିଶାପୋଷ୍ଟ’ର ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଦ୍ୟାଶା ସତପଥୀ, କେୟାର ହସ୍ପିଟାଲର ଜୋନାଲ ଚିଫ୍ ଅପରେଟିଂ ଅଫିସର କିଶଳୟ ଆନନ୍ଦ ଓ ସୁପରିଣ୍ଟେଣ୍ଡେଣ୍ଟ ଡ. ସର୍ବଜିତ୍।

**କେୟାର ହସ୍ପିଟାଲରେ ଖୋଲିବ ଅଙ୍କୋଲୋଜି ୟୁନିଟ୍**

**ଚିକିତ୍ସା ସେବା କ୍ଷେତ୍ରରେ ୧୦ବର୍ଷ**

ଚିକିତ୍ସା ସେବା କ୍ଷେତ୍ରରେ ୧୦ବର୍ଷର ଅଭିଜ୍ଞତା ସାଉଣ୍ଟିଛି କେୟାର ହସ୍ପିଟାଲ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଗ୍ରାଣ୍ଡ ଲୁମ୍ବିନୀ କନ୍‌ଭେନଶନଠାରେ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା। ଓଡ଼ିଶୀ ନୃତ୍ୟରୁ ଆରମ୍ଭ ହୋଇଥିବା ଏହି ଉତ୍ସବରେ କେୟାର ହସ୍ପିଟାଲର ଜୋନାଲ ଚିଫ୍ ଅପରେଟିଂ ଅଫିସର କିଶଳୟ ଆନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ହସ୍ପିଟାଲର ୧୦ ବର୍ଷର ଯାତ୍ରା ସମ୍ପର୍କରେ ସୂଚନା ଦେଇ ଆନନ୍ଦ କହିଲେ, କମ୍ ଖର୍ଚ୍ଚରେ କେୟାର ହସ୍ପିଟାଲରେ ଅତ୍ୟାଧୁନିକ ଚିକିତ୍ସା ସେବା ପ୍ରଦାନ କରାଯାଉଛି। ଆରମ୍ଭରୁ କେବଳ ହୃଦ୍‌ରୋଗ ଚିକିତ୍ସା ପ୍ରଦାନ କରୁଥିବା ଏହି ହସ୍ପିଟାଲ ବର୍ତ୍ତମାନ ମଲ୍ଟିସ୍ପେଶାଲିଟି ହସ୍ପିଟାଲ ଭାବେ ଉଭା ହୋଇଛି। ୨୦୨୭ ଜାନୁଆରୀ ସୁଦ୍ଧା କେୟାର ହସ୍ପିଟାଲରେ ୧୬୦ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ଅଙ୍କୋଲୋଜି ୟୁନିଟ୍ ଖୋଲିବ ବୋଲି ସେ ସୂଚନା ଦେଇଛନ୍ତି। ମୁଖ୍ୟ ଅତିଥି ଭାବେ ‘ଧରିତ୍ରୀ’ ଏବଂ ‘ଓଡ଼ିଶାପୋଷ୍ଟ’ର ସମ୍ପାଦକ ତଥାଗତ ସତପଥୀ ଏବଂ ସମ୍ମାନିତ ଅତିଥି ଭାବେ ‘ଧରିତ୍ରୀ’ ଏବଂ ‘ଓଡ଼ିଶାପୋଷ୍ଟ’ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଦ୍ୟାଶା ସତପଥୀ ଯୋଗଦେଇ ହସ୍ପିଟାଲର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା କର୍ମଚାରୀଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ତଥାଗତ କେୟାର ହସ୍ପିଟାଲରେ ତାଙ୍କର ଅନୁଭୂତି ବାଣ୍ଟିଥିଲେ। ହସ୍ପିଟାଲର ଡ଼ାକ୍ତର, ନର୍ସ ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାରକୁ ସେ ପ୍ରଶଂସା କରିଥିଲେ। କର୍ପୋରେଟ ହସ୍ପିଟାଲଗୁଡ଼ିକ ଲୋକଙ୍କୁ ଶୋଷଣ କରୁଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲେ ମଧ୍ୟ କେୟାରରେ ଏହା କେବେ ଅନୁଭବ କରି ନ ଥିବା ସେ ପ୍ରକାଶ କରିଥିଲେ। ଏହାସହ ଉପସ୍ଥିତ ବ୍ୟକ୍ତିବିଶେଷଙ୍କ ଉତ୍ତମସ୍ୱାସ୍ଥ୍ୟ କାମନା କରିଥିଲେ। ସେହିପରି ସ୍ୱାସ୍ଥ୍ୟକର୍ମୀମାନେ ନୈତିକତା ପାଳନ କରିବା ଉପରେ ଆଦ୍ୟାଶା ସତପଥୀ ଗୁରୁତ୍ୱାରୋପ କରିଥିଲେ। ଖବର କାଗଜ ହେଉ କି ସ୍ୱାସ୍ଥ୍ୟ ଅନୁଷ୍ଠାନ, ସମସ୍ତ କର୍ମଚାରୀ ନୈତିକତା ବଜାୟ ରଖିବା ନିତାନ୍ତ ଜରୁରୀ ବୋଲି ସେ କହିଥିଲେ। ହୃଦ୍‌ରୋଗ ବିଭାଗ ମୁଖ୍ୟ ତଥା କ୍ଲିନିକାଲ ନିର୍ଦ୍ଦେଶକ ଡା. ମହେନ୍ଦ୍ର ପ୍ରସାଦ ତ୍ରିପାଠୀ ହସ୍ପିଟାଲରେ ଦୀର୍ଘ ୧୦ ବର୍ଷର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ହସ୍ପିଟାଲର କର୍ପୋରେଟ କମ୍ୟୁନିକେଶନର ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ ଡ. ଲୋକନାଥ ଦାଶ କହିଲେ, ରୋଗୀଙ୍କୁ ଗୁଣାତ୍ମକ ସେବା ଯୋଗାଇଦେବାରେ ଆମେ ପ୍ରତିଶ୍ରୁତିବଦ୍ଧ। ଏକ ଭଡାଘରୁ ଆରମ୍ଭ ହୋଇଥିବା ହସ୍ପିଟାଲ ବର୍ତ୍ତମାନ ନିଜର କାୟା ବିସ୍ତାର କରିବା ସହ ଲୋକଙ୍କୁ ଅତ୍ୟାଧୁନିକ ଚିକିତ୍ସାସେବା ଯୋଗାଇପାରୁଛି। ଏଆଇ ସର୍ଜରୀ ବା ରୋବୋଟିକ୍ ସର୍ଜରୀଠାରୁ ଆରମ୍ଭ କରି ବିଭିନ୍ନ ଅତ୍ୟାଧୁନିକ ଚିକିତ୍ସା କ୍ଷେତ୍ରରେ ହସ୍ପିଟାଲ ଆଗକୁ ବଢ଼ୁଛି। ନିଜର ସ୍ୱତନ୍ତ୍ର ଅଙ୍କୋଲୋଜି ୟୁନିଟ୍ ପ୍ରତିଷ୍ଠା ହେବା ପରେ ଏହି ସେବା ଆହୁରି ତ୍ୱରାନ୍ୱିତ ହେବ ବୋଲି ସେ ଆଶା ରଖିଛନ୍ତି। ଉତ୍ସବରେ ମେଡ଼ିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ସର୍ବଜିତ୍‌ଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

**୩୯ ଶିକାରୀ ଗିରଫ, ୯ ବନ୍ଧୁକ ଜବତ**

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ): ଶିମିଳିପାଳ ଜାତୀୟ ଉଦ୍ୟାନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନରେ ଖଞ୍ଜାଯାଇଥିବା କୃତ୍ରିମ ବୁଦ୍ଧିମତ୍ତା(ଏଆଇ) କ୍ୟାମେରା ଅଖଣ୍ଡ ଶିକାର ରୋକିବାରେ ସାହାଯ୍ୟ କରିଛି। ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ଜଙ୍ଗଲ ମଧ୍ୟକୁ ପ୍ରବେଶ କରିଥିବା ଶିକାରୀଙ୍କ ଚିତ୍ର ଉତ୍ତୋଳନକରି ଏହି କ୍ୟାମେରା କଣ୍ଟ୍ରୋଲ ରୁମ୍‌କୁ ପଠାଇବା ପରେ ବନ ବିଭାଗର କର୍ମଚାରୀ ଚଢ଼ାଉକରି ଏହି ସଫଳତା ହାସଲ କରିଛନ୍ତି। ଘେରାବନ୍ଦୀରେ ରହିଥିବା ୩୯ ଶିକାରୀ ବନ ବିଭାଗ ନିକଟରେ ଆତ୍ମସମର୍ପଣ କରିଥିବାବେଳେ ସେମାନଙ୍କଠାରୁ ୯ଟି ଦେଶୀ ବନ୍ଧୁକ, ୨୦ଟି ଧନୁ, ତୀର, ବାରୁଦ ଓ ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

# ନାଣ୍ଟୁ ଆଣିଥିଲେ ବନ୍ଧୁକ, ଚଳାଇଲେ ଉତ୍କଳ କେଶରୀ

**ନୂଆପଡ଼ା ଗୁଳିକାଣ୍ଡ ମାମଲା: ବନ୍ଧା ହେଲେ ୫ ଅଭିଯୁକ୍ତ**



ଗିରଫ ୫ ଅଭିଯୁକ୍ତ ଏବଂ ଜବତ ବିଭିନ୍ନ ସାମଗ୍ରୀ।

**କଟକ,୨୦।୨(କାର୍ତ୍ତିକ ସାହୁ)**

କଟକ ମଧୁପାଟଣା ଥାନା ଅନ୍ତର୍ଗତ ନୂଆପଡ଼ା ଗୁଳିକାଣ୍ଡ ମାମଲାରେ କମିଶନରେଟ ପୋଲିସ ୫ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ହୁକୁ ଓରଫ ଉତ୍କଳ କେଶରୀ ପଶାୟତ (୩୦), ନାଣ୍ଟୁ ଓରଫ ଅଭିଜିତ ମହାନ୍ତି (୨୫), ପୋଡ଼ା ଓରଫ ଗୁଡ୍ଡୁ ଓରଫ ପ୍ରିୟବ୍ରତ ତ୍ରିପାଠୀ (୨୫), ବାଉଁ ଓରଫ ହିମାଂଶୁ ଶେଖର ନାୟକ (୩୦) ଏବଂ ଓମ୍ ଓରଫ ରୁଦ୍ର ପ୍ରସାଦ ଚାନ୍ଦ(୨୨)। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଦୁଇଟି ଜୀବନ୍ତ ଗୁଳି, ଗୋଟିଏ ଖାଲି କ୍ୟାଟ୍ରିଜ୍, ଗୋଟିଏ କାର୍ (ନଂ. ଓଡି୦୫-ଏମ-୮୬୦୬), ଗୋଟିଏ ସ୍କୁଟର (ନଂ. ଓଡି୦୫-ଏମ-୬୭୫୪), ଗୋଟିଏ ମୋଟରସାଇକେଲ (ନଂ.ଓଡି୦୫-ଏସ୍-୮୬୮୨) ଏବଂ ୪ଟି ମୋବାଇଲ ଫୋନ୍ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ନୂଆପଡ଼ା ଅଞ୍ଚଳର ବାସିନ୍ଦା। ତେବେ ନାଣ୍ଟୁ ହତ୍ୟାକାରୀ ବୋଲି ପୂର୍ବରୁ ଚର୍ଚ୍ଚା ହେଉଥିବା କଥାକୁ ପୋଲିସ ତଦନ୍ତ ପରେ ସତ ବାହାରିଛି। ଅଭିଯୁକ୍ତ ନାଣ୍ଟୁ ଗୁଳି ଭର୍ତ୍ତି ବନ୍ଧୁକ ଆଣିଥିଲେ ଓ ମଦ ନିଶାରେ ବଚସାରୁ ହୁକୁ ଓରଫ ଉତ୍କଳ କେଶରୀ ଗୁଳି ଚଳାଇଛନ୍ତି ବୋଲି ପୋଲିସ ସ୍ପଷ୍ଟ କରିଛି।

ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ମଧୁପାଟଣା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦେଇଥିବା ସୂଚନା ଅନୁଯାୟୀ, ଗତ ବୁଧବାର ଅପରାହ୍ନରେ ମୃତକ ସୌମ୍ୟରଞ୍ଜନ ଜେନା ଓରଫ ରିଙ୍କୁ ଏବଂ ଗିରଫ ଅଭିଯୁକ୍ତମାନେ ମିଳିତ ଭାବେ ଭୋଜି କରିଥିଲେ। ତେବେ ମଦ ନିଶାରେ ପରସ୍ପର ମଧ୍ୟରେ ଯୁକ୍ତିତର୍କ ଲାଗି ଏଭଳି କାଣ୍ଡ ହୋଇଥିଲା। ଅଭିଯୁକ୍ତ ନାଣ୍ଟୁ ଭୁବନେଶ୍ୱରରେ ଏକ ମାମଲାରେ ୱାଣ୍ଟେଡ୍ ଥିଲେ। ସେଠାରୁ ସେ ଖସି ଆସି ନୂଆପଡ଼ା ଅଞ୍ଚଳରେ ଥିବା ନିଜ ଘରେ ଲୁଚି ରହୁଥିଲେ। କୌଣସି

**■ଦେଶୀ ବନ୍ଧୁକ, ଜୀବନ୍ତ ଗୁଳି, ଖାଲି କ୍ୟାଟ୍ରିଜ୍, କାର, ସ୍କୁଟର, ମୋଟରସାଇକେଲ, ୪ ମୋବାଇଲ ଫୋନ୍ ଜବତ**

ମୋବାଇଲ ବ୍ୟବହାର କରୁ ନ ଥିଲେ। ଅନ୍ୟତମ ଅଭିଯୁକ୍ତମାନେ ନାଣ୍ଟୁଙ୍କ ସାଙ୍ଗ ଭାବେ ପରସ୍ପର ସହ ମିଳାମିଶା କରନ୍ତି। ଘଟଣା ଦିନ ସମସ୍ତେ ମଦ ପିଇବା ପାଇଁ ପ୍ରେସ୍ କଲୋନୀର ପରିତ୍ୟକ୍ତ କ୍ୱାର୍ଟର୍ସରେ ଏକାଠି ହୋଇଥିଲେ। ନାଣ୍ଟୁ ତାଙ୍କ ଘରୁ ବନ୍ଧୁକ ଆଣି ସେଠାରେ ପହଞ୍ଚିଥିଲେ। ଅଭିଯୁକ୍ତ ହୁକୁ ବନ୍ଧୁକଟିକୁ ନାଣ୍ଟୁଠାରୁ ନେଇ ମୁଁ ଟିକେ ବାହାରୁ ବୁଲିଆସୁଛି ବୋଲି କହିଥିଲେ। ସେ ଏବଂ ବାଉଁ ସାଙ୍ଗ ହୋଇ ଲକ୍ଷେଶ୍ୱର ମନ୍ଦିର ଆଡ଼ୁ ବୁଲିଆସି ସେଠାରେ ପହଞ୍ଚିଥିଲେ। ଅପରାହ୍ନ ସମୟ ଥିଲା। ସେମାନେ ପହଞ୍ଚିଲା ପରେ ରିଙ୍କୁ ଏବଂ ଓମ୍ ତାଙ୍କୁ କହିଲେ, ବନ୍ଧୁକ ଖାଲି ଧରି ବୁଲୁଛୁ ନା ଚଳାଇବାର କିଛି ସାହସ ଅଛି। ଏହାକୁ ନେଇ ପରସ୍ପର ମଧ୍ୟରେ ଥଟ୍ଟାମଜା ହୋଇଥିଲା। ମୃତ ରିଙ୍କୁ ହସୁଥିବା ଦେଖି ହୁକୁ କହିଥିଲେ, ତୁ ତ ହସୁଛୁ। ଏତେ ବଡ଼ ହେଲୁଣି, ବାହାଘର ହେଉନାହିଁ ଆଦି ବିଭିନ୍ନ କଥା କହି କମେଣ୍ଟ ମାରିଥିଲେ। ରିଙ୍କୁ ପ୍ରତ୍ୟୁତ୍ତରରେ ତମେ ବାହା ହୋଇ ବାପାଙ୍କ ପଇସାରେ ଚଳୁଛ ବୋଲି ଆକ୍ଷେପ କରି କହିଥିଲେ। ଏଭଳି ବାର୍ତ୍ତାଳାପ ଧୀରେ ଧୀରେ ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ପରସ୍ପର ମଧ୍ୟରେ ଥଟ୍ଟାମଜାରୁ ଏକ ଉତ୍ତେଜନାପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଥିଲା। ସମସ୍ତେ ମଦ ନିଶାରେ ଚୁର ଥିଲେ। ଏତିକି ବେଳେ ବାଉଁ ଆଉ ଓମ୍ କହିଲେ, ଦମ୍ ଅଛିତ ଗୁଳି ଚଳାଇକି ଦେଖା। ଏଭଳି କଥାରେ ପ୍ରଭାବିତ ହୋଇ ହୁକୁ ବନ୍ଧୁକର ଟ୍ରିଗର ଚିପି ଦେଇଥିଲେ। ସଙ୍ଗେ ସଙ୍ଗେ ରିଙ୍କୁଙ୍କ ଛାତିରେ ଗୁଳି ବାଜି ସେ ରକ୍ତ ଜୁଡୁବୁଡୁ ହୋଇଯାଇଥିଲେ। ସେମାନେ ସଙ୍ଗେସଙ୍ଗେ ତାଙ୍କୁ ମେଡିକାଲ ନ ନେଇ ଖସିବାକୁ ଯୋଜନା କରିଥିଲେ। ନାଣ୍ଟୁ ଗୁଳିକାଣ୍ଡର ଦୋଷ ନିଜ ଉପରକୁ ନେବାକୁ ସେମାନେ କହିଥିଲେ। ସେ ବେଲ୍‌ରେ ଆସିବା ପାଇଁ ଯାହା ପଇସା ଖର୍ଚ୍ଚ ହେବେ ଅନ୍ୟମାନେ ଦେବେ ବୋଲି ପ୍ରସ୍ତାବ ଦେଇଥିଲେ। ସେମାନେ ଭାବିଥିଲେ ମେଡିକାଲ ନେଇଯିବା ପରେ ରିଙ୍କୁ ବଞ୍ଚିଯିବେ। ଏଭଳି ଯୋଜନା କରୁଥିବା ବେଳେ ବହୁତ ଡେରି ହୋଇଯାଇଥିଲା। ତେବେ ଅଭିଯୁକ୍ତ ଓମ୍ ଏବଂ ନାଣ୍ଟୁ ପ୍ରଥମେ ରିଙ୍କୁଙ୍କୁ ସ୍ଥାନୀୟ ଏକ ହସ୍ପିଟାଲକୁ ସ୍କୁଟରରେ ନେଇଥିଲେ। ସେଠାରେ ହୁକୁ ଓ ବାଉଁ ପହଞ୍ଚିଥିଲେ। ପରେ ରିଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିଲେ। ଏହାପରେ ନାଣ୍ଟୁ ଓ ପୋଡ଼ା ଘଟଣାସ୍ଥଳକୁ ଫେରିଆସିଥିଲେ। ସେଠାରେ ବନ୍ଧୁକରୁ ଜୀବନ୍ତ ଗୁଳି ବାହାର କରିଦେଇଥିଲେ। ଖାଲି କ୍ୟାଟ୍ରିଜ୍‌କୁ ସଂଗ୍ରହ କରିଥିଲେ। ସେଠାରୁ ସେ ନିଜ ଘର ୪୨ ମୌଜାକୁ ପଳାଇଥିଲେ। ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ସେ ସେଠାରେ ବନ୍ଧୁକ, ଗୁଳି, ଖାଲି କ୍ୟାଟ୍ରିଜ୍‌କୁ ଲୁଚାଇ ଦେଇଥିଲେ। ସମସ୍ତେ ଫେରାର ହୋଇଯାଇଥିଲେ। ପୋଲିସର ତଦନ୍ତକାରୀ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରି ଶୁକ୍ରବାର ଅପରାହ୍ନରେ ନିଜ କବ୍‌ଜାକୁ ନେଇଥିଲା ବୋଲି ସୂଚନା ଦିଆଯାଇଛି।

## କିସ୍‌ରେ +୨ ଛାତ୍ରଙ୍କ ମୃତଦେହ ଜବତ

**ଭୁବନେଶ୍ୱର,୨୦।୨(ତ୍ରିନାଥ ମହାନ୍ତି)**

ଇନ୍‌ଫୋସିଟି ଥାନା ଅନ୍ତର୍ଗତ କିସ୍(କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ)ରେ ଜଣେ ଛାତ୍ରଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଛାତ୍ର ହେଲେ ଚନ୍ଦନ ସବର। ତାଙ୍କ ଘର ନୂଆପଡ଼ାରେ ହୋଇଥିବାବେଳେ ସେ କିସ୍‌ରେ ଯୁକ୍ତ ୨ କଳାରେ ପାଠ ପଢୁଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ବ୍ୟକ୍ତିଗତ କାରଣ ପାଇଁ ସେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ଛାତ୍ର ମୃତ୍ୟୁ ଘଟଣାରେ ଡିସିପି ଜଗମୋହନ ମୀନା ନିଜେ ତଦାରଖ କରୁଛନ୍ତି। କିଭଳି ଏବଂ କେଉଁ ପରିସ୍ଥିତିରେ ଛାତ୍ରଙ୍କ ମୃତ୍ୟୁ ଘଟିଲା ଖୋଳତାଡ଼ କରାଯାଉଛି। ଆହୁରି ମଧ୍ୟ ମୃତ ଛାତ୍ରଙ୍କ ସହ ହଷ୍ଟେଲରେ ରହୁଥିବା ଅନ୍ୟ ପିଲାଙ୍କୁ ମଧ୍ୟ ପଚରାଉଚରା କରାଯାଉଛି।

ମିଳିଥିବା ସୂଚନା ଅନୁସାରେ, ଚନ୍ଦନ ଗତ କିଛି ଦିନ ହେବ ମାନସିକ ଚିନ୍ତାରେ ରହୁଥିଲେ। ସେ କାହାସହ କଥା ହେଉ ନ ଥିବାବେଳେ ସବୁବେଳେ ଗୁମ୍‌ସୁମ୍ ହୋଇ ରହୁଥିଲେ। ଶୁକ୍ରବାର ଅପରାହ୍ନରେ ହଷ୍ଟେଲ ରୁମ୍‌ରେ କେହି ନ ଥିବା ସମୟରେ ଚନ୍ଦନ ହଷ୍ଟେଲ ଭିତରେ ଝୁଲିପଡ଼ିଥିଲେ। ସନ୍ଧ୍ୟାରେ ସହପାଠୀ ହଷ୍ଟେଲକୁ ଫେରିବା ପରେ କବାଟ ଖୋଲିବାକୁ କହିଥିଲେ। ହେଲେ ସେ ନ ଖୋଲିବାରୁ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। କର୍ତ୍ତୃପକ୍ଷ ପୋଲିସକୁ ଫୋନ୍ କରିବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏନେଇ ଥାନା ଅଧିକାରୀ ମହେନ୍ଦ୍ର କୁମାର ସାହୁ କହିଛନ୍ତି ଯେ, ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି। ଆମେ ଏହାକୁ ଗୁରୁତର ସହ ନେଇ ତଦନ୍ତ କରୁଛୁ। କିଭଳି ଏବଂ କାହିଁକି ଛାତ୍ର ଆତ୍ମହତ୍ୟା କଲେ ତାହାର ତଦନ୍ତ କରାଯାଉଛି। ସୂଚନାଯୋଗ୍ୟ, ୨୦୨୫ ଫେବୃଆରୀ ୧୬ରେ କିଟ୍‌ରେ ଜଣେ ନେପାଳି ବିଟେକ୍ ଛାତ୍ରୀ ହଷ୍ଟେଲ ରୁମ୍‌ରେ ଆତ୍ମହତ୍ୟା କରିଥିବାବେଳେ ୨୦୨୫ ମେ ୧ରେ ଆଉ ଜଣେ ନେପାଳୀ ବିଟେକ୍ ଛାତ୍ର ଆତ୍ମହତ୍ୟା କରିଥିଲେ। ସେହିପରି ୨୦୨୫ ଡିସେମ୍ବର ୧ରେ ଛତିଶଗଡ଼ର ଜଣେ ବିଟେକ୍ ଛାତ୍ର ଆତ୍ମହତ୍ୟା କରିଥିବାବେଳେ ଡିସେମ୍ବର ଶେଷ ଆଡକୁ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅନ୍ୟ ଛାତ୍ରମାନେ ଟର୍ଚ୍ଚିପି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା।

## ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଲେ ପିଇଓ

**ମଙ୍ଗୁଳି-ଜଗତପୁର,୨୦।୨(ମାନସ ସାମଲ)**



ପିଇଓ ଭରତ ଭୂଷଣ ମିଶ୍ର।

କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଭଟିମୁଣ୍ଡା ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଭରତ ଭୂଷଣ ମିଶ୍ର ପାଣି ପମ୍ପ ମେକାନିକଙ୍କ ବକେୟା ଅର୍ଥ ପ୍ରଦାନ ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଶୁକ୍ରବାର ଭିଜିଲାନ୍ସ ବିଭାଗ ଗିରଫ କରି ତାଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ, ଭଟିମୁଣ୍ଡା ପଞ୍ଚାୟତରେ ବସୁଧା ପାନୀୟ ଜଳ ଯୋଗାଣ ପାଇଁ ନିୟୋଜିତ ଥିବା ପାଣିପମ୍ପ ମେକାନିକଙ୍କ ଦୀର୍ଘ ବର୍ଷ ହେବ ଦରମା ବନ୍ଦ ରହିଥିଲା। ଏ ସଂକ୍ରାନ୍ତରେ ସେ ପିଇଓ ଭରତଙ୍କୁ ଜଣାଇଥିଲେ। ପିଇଓ ତାଙ୍କୁ ସହଯୋଗ କରିବା ପରିବର୍ତ୍ତେ ୫ ହଜାର ଟଙ୍କା ଲାଞ୍ଚ ଦେଲେ ତାଙ୍କ ଅଭିଯୋଗ ଶୁଣିବେ ବୋଲି କହିଥିଲେ। ମେକାନିକ ଜଣଙ୍କ ନିରୁପାୟ ହୋଇ ଶେଷରେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ଶୁକ୍ରବାର ସେ ଲାଞ୍ଚ ଟଙ୍କା ଗ୍ରହଣ କରିବା ସମୟରେ ପୂର୍ବରୁ ଜଗିରହିଥିବା ଭିଜିଲାନ୍ସ ବିଭାଗ ଅଧିକାରୀମାନେ ପିଇଓଙ୍କୁ ଗିରଫ କରିଥିଲେ।

## ଗଞ୍ଜେଇ ଚାଲାଣ ଅଭିଯୋଗରେ ମହିଳାଙ୍କ ସମେତ ୪ ଗିରଫ

**ଭୁବନେଶ୍ୱର,୨୦।୨(ତ୍ରିନାଥ ମହାନ୍ତି)**

ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ଅଭିଯୋଗରେ ଜଣେ ମହିଳାଙ୍କ ସମେତ ୪ଜଣଙ୍କୁ ମୈତ୍ରୀବିହାର ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ହଳଦୀପଡ଼ିଆ ବସ୍ତିର ବିଜୟ କୁମାର ଶର୍ମା, ତାରା ଶର୍ମା, ସାଲିଆସାହି କାବୁଲି ବେହେରା ଏବଂ ଜିତେନ୍ଦ୍ର ବେହେରା। ସେମାନଙ୍କ ନିକଟରୁ ୨୩ କେଜିର ଗଞ୍ଜେଇ ଏବଂ ଏକ ଅଟୋ ଜବତ କରାଯାଇଛି। ମୈତ୍ରୀବିହାର ଥାନାର ଏକ ସ୍ପେଶାଲ ଟିମ୍ ସଦଳବଳେ ହାତିଆଗୁଣି ଛକ ନିକଟରେ ଅଚାନକ ଚଢ଼ାଉ କରିଥିଲେ। ସାଲିଆ ସାହି ଅଞ୍ଚଳରୁ ଏକ ଅଟୋ ଯୋଗେ ହାତିଆଗୁଣି ଅଭିମୁଖେ ବେଆଇନ ଗଞ୍ଜେଇ ଚାଲାଣ କରୁଥିବା ଜଣେ ମହିଳାଙ୍କ ସମେତ ୪ଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଛାନ୍‌ଭିନ୍ ସମୟରେ ପୋଲିସ ଅଭିଯୁକ୍ତଙ୍କ ହେପାଜତରୁ ମୋଟ ୨୩ କେଜି ଗଞ୍ଜେଇ, ଏକ ଅଟୋ ଏବଂ କିଛି ଟଙ୍କା ଜବତ କରିଥିଲା। ପଚରାଉଚରାବେଳେ ଅଭିଯୁକ୍ତମାନେ ଏହି ଗଞ୍ଜେଇକୁ ନୟାଗଡ଼ ଅଞ୍ଚଳରୁ ସଂଗ୍ରହ କରି ଆଣି ହାତିଆଗୁଣି ଅଞ୍ଚଳରେ ବିକ୍ରୟ କରିବାକୁ ଯୋଜନା କରିଥିବା ସ୍ୱୀକାର କରିଥିଲେ।

# ଚାଇନିଜ୍ ଠକଙ୍କ ଲିଙ୍କ୍‌ରେ ଭୁବନେଶ୍ୱର ଏଜେଣ୍ଟ

**ଭୁବନେଶ୍ୱର,୨୦।୨(ତ୍ରିନାଥ ମହାନ୍ତି)**



ଜବତ ବିଭିନ୍ନ ସାମଗ୍ରୀ ସହ ଗିରଫ ଅଭିଯୁକ୍ତ।

ଚାଇନା, ତାଇୱାନ୍ ଏବଂ ଦୁବାଇ ସାଇବର ଠକଙ୍କ ଏଜେଣ୍ଟ ସାଜିଥିଲେ ଭୁବନେଶ୍ୱରର କେତେଜଣ ବ୍ୟକ୍ତି। ସେମାନେ ଗରିବ ଏବଂ ବସ୍ତି ଲୋକଙ୍କୁ ସରକାରୀ ସ୍କିମ୍ ମିଳିବ କହି ଆକାଉଣ୍ଟ ଖୋଲୁଥିଲେ। ଆଉ ସେହି ଆକାଉଣ୍ଟରେ ଠକେଇ ଟଙ୍କା ଆସିବା ପରେ ଦୁବାଇ ଏବଂ ଚାଇନାକୁ ଚାଲାଣ କରାଯାଉଥିଲା। ରାଜଧାନୀର ବସ୍ତିରେ ରହୁଥିବା ଲୋକମାନେ ଏହି ଏଜେଣ୍ଟଙ୍କ ଟାର୍ଗେଟରେ ଥିଲେ। ବସ୍ତିର ଲୋକମାନେ କିଛି ଜାଣି ନ ଥିବାରୁ ତାଙ୍କର ସମସ୍ତ ତଥ୍ୟ ନେଇ ଆକାଉଣ୍ଟ ଖୋଲି ଠକେଇ ଟଙ୍କା ରଖୁଥିଲେ। ଏ ସମ୍ପର୍କରେ ଜାଣିବା ପରେ କମିଶନରେଟ୍ ପୋଲିସ ନିଜଆଡ଼ୁ ଏକ ମାମଲା ରୁଜୁ କରି ୧୦ ସାଇବର ଠକଙ୍କୁ ଗିରଫ କରିଛି। ସାଇବର ଥାନାରେ ଦୁଇଟି ମାମଲା ହୋଇଥିବାବେଳେ ଲକ୍ଷ୍ମୀସାଗର ଥାନାରେ ଗୋଟିଏ ମାମଲା ହୋଇଥିବା ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି। ଗିରଫ ହୋଇଥିବା ସାଇବର ଠକ ହେଲେ ବାପୁଜୀନଗରର କାର୍ତ୍ତିକ ନାୟମ, ୟୁନିଟ୍-୩ ଏସ୍.କେ ଏମିର ହୁସେନ୍, ୟୁନିଟ୍-୩ର ଦେବାଶିଷ ପଟ୍ଟନାୟକ, ଭୀମପୁରର ସୁମୀତ କୁମାର ପାଢୀ, ମୋହନା ଅଜିତ କୁମାର ପ୍ରଧାନ, ଫରେଷ୍ଟ ପାର୍କରେ ରାଜେଶ କୁମାର ନାୟକ, ଝାଡ଼ଖଣ୍ଡର ମୟଙ୍କ କୁମାର ସାହୁ, ତୋଷାଳି ଭବନର ରଞ୍ଜନ କୁମାର ସାହୁ, ପୁରୀର ନିଶିକାନ୍ତ କର ଏବଂ ଯଦୁପୁରର ଏମ୍‌ଡି ସାଦିକ ରାଜ ଖାନାଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ପୋଲିସ ୧୧ ସିମ୍‌କାର୍ଡ, ୭ ମୋବାଇଲ୍ ଫୋନ୍, ୪ ପାସ୍‌ବୁକ୍, ୧୦ ଚେକ୍‌ବୁକ୍, ୨୧ ଡେବିଟ୍ କାର୍ଡ, ଆଧାରକାର୍ଡ, ପାନକାର୍ଡ, ଏକ ପ୍ରିଣ୍ଟର ଏବଂ ୪ଟି ଦାମୀ ଗାଡିକୁ ପୋଲିସ ଜବତ କରିଛି।

**■ ୧୦ ଏଜେଣ୍ଟଙ୍କୁ ଗିରଫ କଲା କମିଶନରେଟ୍ ପୋଲିସ**

**■ ମ୍ୟୁଲ୍ ଆକାଉଣ୍ଟ ଖୋଲି ଦେଶ ବାହାର ଠକଙ୍କୁ ଦେଉଥିଲେ**

ଦେବାଶିଷ ୨୦୨୨ରେ ପଶ୍ଚିମବଙ୍ଗ ଯାଇ ସେଠାରେ କେତେ ଜଣ ସାଇବର ଠକଙ୍କ ଲିଙ୍କ୍‌ରେ ଆସିଥିଲେ। ସେମାନଙ୍କୁ ଦେବାଶିଷ ମ୍ୟୁଲ୍ ଆକାଉଣ୍ଟ ଯୋଗାଇ ୧୦ ହଜାରରୁ ୧.୫ ଲକ୍ଷ ଟଙ୍କାର କମିଶନ ପାଉଥିଲେ। ଆହୁରି ମଧ୍ୟ ଦେବାଶିଷ ବିଭିନ୍ନ ଲୋନ୍ ପ୍ରଦାନ ସଂସ୍ଥା ସହ ଜଡ଼ିତ ଥିବାରୁ ଲୋକଙ୍କୁ ଲୋନ୍ କରାଇଦେବାକୁ କହି ସେମାନଙ୍କର ତଥ୍ୟ ନେଇ ମଧ୍ୟ ମ୍ୟୁଲ୍ ଆକାଉଣ୍ଟ ଖୋଲୁଥିଲେ। ସେହିପରି ଗିରଫ ହୋଇଥିବା ସୁମିତ ଠକେଇ ଟଙ୍କାକୁ କ୍ରିପ୍ଟୋ ଏବଂ ବିଭିନ୍ନ ଟ୍ରେଡିଂରେ ବିନିଯୋଗ କରନ୍ତି। ସେଥିରୁ ମିଳୁଥିବା ଠକେଇ ଟଙ୍କା ବିଭିନ୍ନ ରାଜ୍ୟରେ ଖୋଲିଥିବା ମ୍ୟୁଲ୍ ଆକାଉଣ୍ଟକୁ ଆସିଥାଏ। ଏହିଭଳି କେରଳ, ୟୁପି ଆଦି ରାଜ୍ୟରେ ସୁମିତଙ୍କ ନାମରେ ମାମଲା ରହିଛି। ଏହି ଠକମାନେ ମ୍ୟୁଲ୍ ଆକାଉଣ୍ଟ ରାଜ୍ୟ ବାହାରର ଠକଙ୍କୁ ଦେବା ପରେ ଠକେଇ ଟଙ୍କା ଏହି ଆକାଉଣ୍ଟକୁ ଆସେ। ତାହାକୁ କ୍ରିପ୍ଟୋ, ଗେମ୍ ଆପ୍ ଏବଂ ଟ୍ରେଡିଂରେ ଲଗାଯାଏ। ସେଠାରୁ ଠକେଇ ଟଙ୍କା ଏହି ମ୍ୟୁଲ୍ ଆକାଉଣ୍ଟକୁ ପଠାଏ। ଏହାପରେ ଏହି ଟଙ୍କା ସିଧା ଡଲାରକୁ ପରିବର୍ତ୍ତନ କରି ଚାଇନା, ତାଇୱାନ୍ ଏବଂ ଦୁବାଇ ଯାଏ। ଦୁଇବାରୁ କେତେକ ଦେଶ ବାହାର ଠକ ଗୋଆ ଆସି କେତେ ଏଜେଣ୍ଟଙ୍କୁ ଭେଟିଥିଲେ। କିଭଳି ଠକେଇ ର୍‍ୟାକେଟ୍ ଚାଲିବ ତାହା ମଧ୍ୟ ଟ୍ରେନିଂ ଦେଇ ଯାଇଥିବା ପୋଲିସ ଗିରଫ ଅଭିଯୁକ୍ତଙ୍କୁ ପଚରାଉଚରା ବେଳେ ଜାଣିବାକୁ ପାଇଛି। ଏହି ର୍‍ୟାକେଟ୍‌ର ଚେନ୍ ଭାଙ୍ଗିବାକୁ ପୋଲିସ ଉଦ୍ୟମ ଜାରି ରଖିବ ବୋଲି ପୋଲିସ କମିଶନର କହିଛନ୍ତି।

## ଭିଜିଲାନ୍ସ ଜାଲରେ କୋଟିପତି ଫରେଷ୍ଟର

**ଭବାନୀପାଟଣା,୨୦।୨(ଉତ୍ତମ କୁମାର ଦାଶ)**

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ**



ଫରେଷ୍ଟର ଭାଗବତ ଭୂଷଣ ବେହେରା।

କଳାହାଣ୍ଡି ଜିଲା ଭବାନୀପାଟଣା ରେଞ୍ଜ ଅନ୍ତର୍ଗତ ଭଟାଙ୍ଗପଦର ଫରେଷ୍ଟର ଭାଗବତ ଭୂଷଣ ବେହେରା ଶୁକ୍ରବାର ଭିଜିଲାନ୍ସ ଜାଲରେ ଧରାପଡିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭବାନୀପାଟଣା ସ୍ପେଶାଲ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ଆଧାରରେ ଭିଜିଲାନ୍ସ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ସକାଳ ପ୍ରାୟ ୬ଟାରୁ ଭିଜିଲାନ୍ସର ୩ଟି ଟିମ୍ ଭବାନୀପାଟଣା ହିଲ ଟାଉନରେ ଥିବା ଫରେଷ୍ଟରଙ୍କ ତିନି ମହଲା ବାସଭବନ, ଜୁନାଗଡ଼ ଥାନା ଅନ୍ତର୍ଗତ ଦେଉଣ୍ଡି ଗାଁରେ ଥିବା ପୈତୃକ ବାସଭବନ ଓ ଭଟାଙ୍ଗପଦର ସେକ୍ସନର ଫରେଷ୍ଟରଙ୍କ ସରକାରୀ କାର୍ଯ୍ୟାଳୟରେ ଚଢ଼ାଉ କରିଥିଲେ। ଏହି ସମୟରେ ଫରେଷ୍ଟର ବେହେରାଙ୍କ ସମସ୍ତ ବ୍ୟାଙ୍କ ଆକାଉଣ୍ଟ, ସୁନାଗହଣା ଓ ଜମିବାଡ଼ି ସମ୍ପର୍କିତ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ହିଲ ଟାଉନରେ ଥିବା ୫୩ ଶହ ସ୍କୋୟାରଫୁଟ୍‌ର ଏକ ମଲ୍ଟି ଷ୍ଟୋରେଡ଼ କୋଠା, ଭବାନୀପାଟଣା ସହର ମଧ୍ୟରେ ଥିବା ୯ଟି ପ୍ଲଟ, ୨୧୦ ଗ୍ରାମ ସୁନା, ୨ଟି ହାର୍‌ଭେଷ୍ଟର (ଧାନକଟା ମେସିନ), ଗୋଟିଏ ଚାରିଚକିଆ ଗାଡ଼ି, ୪ଟି ବେନାମୀ ଟ୍ରାକ୍ଟର ଓ ବୋଲେରୋ ସମେତ ବ୍ୟାଙ୍କ, ପୋଷ୍ଟାଲ ଜମା, ଜୀବନ ବୀମା ପଲିସି ଆଦି ମିଳିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି। ସେହିପରି ଭବାନୀପାଟଣା ସେଣ୍ଟ୍ରାଲ ବ୍ୟାଙ୍କରେ ତାଙ୍କ ନାମରେ ଏକ ଲକର ଖୋଲାଯାଇଥିବାବେଳେ ସେ ଏହାକୁ ପରିଚାଳନା କରୁଥିବା ଭିଜିଲାନ୍ସ ବିଭାଗ ଜାଣିପାରିଛି। ଖବର ଲେଖାହେବା ସୁଦ୍ଧା ଚଢ଼ାଉ ଜାରି ରହିଛି। ତେବେ ଜବତ ସମ୍ପତ୍ତି ପରିମାଣ ୩ କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଚଢ଼ାଉ ଶେଷହେବା ପରେ ଏହାର ପରିମାଣ ଆହୁରି ବଢ଼ିପାରେ ବୋଲି ଅନୁମାନ କରାଯାଉଛି। ଭିଜିଲାନ୍ସ ବିଭାଗ ଫରେଷ୍ଟର ବେହେରାଙ୍କୁ ଗିରଫ କରି ଅଧିକ ଖୋଳତାଡ଼ କରୁଛି। ଏହି ଚଢ଼ାଉରେ କୋରାପୁଟ ଭିଜିଲାନ୍ସ ଡିଭିଜନ ଅଧୀନ କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି, ନୂଆପଡ଼ା ଆଦି ଜିଲାର ୪ ଜଣ ଡିଏସ୍‌ପି, ୭ ଜଣ ଇନ୍ସପେକ୍ଟର, ୪ ଜଣ ଏଏସ୍‌ଆଇଓଅନ୍ୟକର୍ମଚାରୀସାମିଲଅଛନ୍ତି।

## ଟଙ୍କା କାରବାରକୁ ନେଇ ହତ୍ୟା

**ସିମୁଳିଆ, ୨୦।୨(ସନ୍ତୋଷ ନାୟକ)**

**ହୋଟେଲ ମାଲିକଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ**

ବାଲେଶ୍ୱର ଜିଲା ସିମୁଳିଆ ଥାନା ଜାମୁଝାଡ଼ି ନିକଟସ୍ଥ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଜୟ ମା' ଦୁର୍ଗା ହୋଟେଲ ମାଲିକ ଗଜେନ୍ଦ୍ର ପଣ୍ଡାଙ୍କୁ ହତ୍ୟା ଘଟଣାର ପୋଲିସ ପର୍ଦ୍ଦାଫାଶ୍ କରିଛି। ଉଭୟଙ୍କ ମଧ୍ୟରେ ଟଙ୍କା କାରବାର ହତ୍ୟାର କାରଣ ବୋଲି ପୋଲିସ ସ୍ପଷ୍ଟ କରିଛି। ଘଟଣାର ୫ଦିନ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ଗୁଆଗଡ଼ିଆ ଅଞ୍ଚଳର ସୂର୍ଯ୍ୟକାନ୍ତ ବେହେରା ଓରଫ ମୁନା(୩୬)।

## କମ୍ପାନୀ ମେସ୍‌ରେ ଛୁରି ଭୁସି ଶ୍ରମିକଙ୍କୁ ହତ୍ୟା: ଛୁରି ଜବତ, ଅଭିଯୁକ୍ତ ଅଟକ

**ବାଘମାରୀ,୨୦।୨(ମିହିର ରଞ୍ଜନ ମହାପାତ୍ର)**

ଖୋର୍ଦ୍ଧା ଜିଲା ବାଘମାରୀ ଥାନା ସାରୁଅ ଶିଳ୍ପାଞ୍ଚଳରେ ଥିବା ନ୍ୟୁ ଲକ୍ଷ୍ମୀ ଷ୍ଟିଲ୍ କମ୍ପାନୀ ମେସ୍‌ରେ ଶୁକ୍ରବାର ଜଣେ ଶ୍ରମିକଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ମୃତକ ହେଲେ ଭଦ୍ରକ ଅଞ୍ଚଳର ମନୋଜ ତରାଇ(୪୨)। ବିହାରୀ ଶ୍ରମିକ ସୁନୀଲ ମିଶ୍ରା ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା(ନଂ.୫୨/୨୬) ରୁଜୁ କରିବା ସହ ଅଭିଯୁକ୍ତ ସୁନୀଲଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ହତ୍ୟାରେ ବ୍ୟବହୃତ ଛୁରି ଜବତ କରାଯାଇଛି। ତଦନ୍ତ ପରେ କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ସୁଚିତ୍ରା ଜେନା କହିଛନ୍ତି। ସୂଚନା ମୁତାବକ, କମ୍ପାନୀ ପରିସରରେ ଥିବା ଏକ ମେସ୍‌ରେ ମନୋଜ, ସୁନୀଲଙ୍କ ସହ ଅନ୍ୟମାନେ ରୁହନ୍ତି। ଶୁକ୍ରବାର ମଧ୍ୟାହ୍ନ ୧୨ଟା ୩୦ରେ କୌଣସି କାରଣକୁ ନେଇ ମନୋଜ ଏବଂ ସୁନୀଲଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସୁନୀଲ ଏକ ଛୁରିରେ ମନୋଜଙ୍କ ପେଟକୁ ଭୁସି ଦେଇଥିଲେ। ମନୋଜଙ୍କ ଚିତ୍କାର ଶୁଣି ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମନୋଜଙ୍କୁ କମ୍ପାନୀ ଆମ୍ବୁଲାନ୍ସରେ ଖୋର୍ଦ୍ଧା ମେଡିକାଲକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଜମିବାଡ଼ି ବିବାଦରୁ ଭାଇଙ୍କ ଜୀବନ ନେଲେ ଭାଇ

**ଛେଣ୍ଡିପଦା ଥାନା କୋଶଳା ବହିଆଲିସାହିରେ ହତ୍ୟାକାଣ୍ଡ**

**ଛେଣ୍ଡିପଦା,୨୦।୨(ଅଜିତ ଧଳ)**



ହତ୍ୟାକାଣ୍ଡ ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରୁଛି।

ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଭାଇଙ୍କ ଜୀବନ ନେଇଛନ୍ତି ଭାଇ। ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କୋଶଳା ବହିଆଲିସାହିରେ ଶୁକ୍ରବାର ଘଟିଛି ଏହି ହତ୍ୟାକାଣ୍ଡ। ବହିଆଲିସାହିର ସୁଗ୍ରୀବ ପ୍ରଧାନଙ୍କୁ ତାଙ୍କ ଦାଦାପୁଅ ଭାଇ ସୁଶାନ୍ତ ପ୍ରଧାନ ପିଟି ପିଟି ହତ୍ୟା କରିଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ସୁଗ୍ରୀବଙ୍କ ମାମୁ ପୁଅ ଭାଇଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ. ୭୩/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସୁଶାନ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ପୋଲିସ ସୂତ୍ରରୁ ପ୍ରକାଶ, କୋଶଳା ବହିଆଲିସାହିର ସୁଗ୍ରୀବ ଓ ଦାଦା ପୁଅ ସୁଶାନ୍ତଙ୍କ ମଧ୍ୟରେ ଗୁରୁବାର ରାତିରେ ଜମିବାଡ଼ି ଭାଗବଣ୍ଟାକୁ ନେଇ ତୀବ୍ର ବଚସା ସହିତ ମାରପିଟ ହୋଇଥିଲା। ସକାଳେ ସୁଗ୍ରୀବଙ୍କ ମୃତଦେହ ଘର ବାରଣ୍ଡାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପରେ ସୁଗ୍ରୀବଙ୍କ ମାମୁ ପୁଅ ଭାଇ ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଦେବା ସହ ଘଟଣାର ତଦନ୍ତ ଚଳାଇଛି। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିବାବେଳେ ମାରପିଟ ହୋଇଥିବା ସ୍ଥାନର ସିସିଟିଭି ଫୁଟେଜ ପୋଲିସ ଯାଞ୍ଚ କରୁଛି। ଅଭିଯୁକ୍ତ ସୁଶାନ୍ତଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଓ ସାଇଣ୍ଟିଫିକ ଟିମ୍‌ର ରିପୋର୍ଟ ଆସିବା ପରେ ଘଟଣା ଉପରୁ ପରଦା ହଟାଯିବ ବୋଲି ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ ପ୍ରକାଶ କରିଛନ୍ତି।

# ଆଉଟ୍ ପୋଷ୍ଟରେ ଅସାମାଜିକଙ୍କ ଆଡ୍ଡା

**ଭୁବନେଶ୍ୱର,୨୦।୨(ତ୍ରିନାଥ ମହାନ୍ତି)**



ଟ୍ରାଫିକ୍ ପୋଲିସ ନିମନ୍ତେ ସୁବିଧା ଏବଂ ବିଭିନ୍ନ ଅଞ୍ଚଳରେ ପୋଲିସର ଉପସ୍ଥିତି ଜାହିର କରିବା ପାଇଁ ଆଉଟ୍ ପୋଷ୍ଟ କରାଯାଇଛି। ସହରର ବିଭିନ୍ନ ଛକରେ ୪୦ରୁ ଅଧିକ ଆଉଟ୍ ପୋଷ୍ଟ କରାଯାଇଛି। ଦିନରେ ଏହି ଆଉଟ୍ ପୋଷ୍ଟରେ ପୋଲିସ ବସାଉଠା କରୁଥିବାବେଳେ ରାତି ହେଲେ କୌଣସି ପୋଲିସ ଅଧିକାରୀ ରହୁ ନ ଥିବାରୁ ତାହା ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଅସାମାଜିକ ତତ୍ତ୍ୱମାନେ ଆଉଟ ପୋଷ୍ଟରେ ନିଶା ସେବନ କରି ସେଠାରେ ଲାଗିଥିବା ଫ୍ୟାନ୍, ଲାଇଟ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଉଛନ୍ତି। ଏପରି କି ଆଉଟ୍ ପୋଷ୍ଟର କବାଟ, ଝରକା ତାଡ଼ି ମଧ୍ୟ ଦୁର୍ବୃତ୍ତମାନେ ନେଇଯାଇଛନ୍ତି। ରାଜଧାନୀର ୨୦ରୁ ଅଧିକ ଆଉଟ୍ ପୋଷ୍ଟରୁ ଏଭଳି ଭାବେ ଚୋରି ହୋଇଥିବା ଦେଖିବାକୁ ମିଳିଛି। ୫ଦିନ ତଳେ ରେଡ୍‌କ୍ରସ ସମ୍ମୁଖରେ ଥିବା ଆଉଟ୍ ପୋଷ୍ଟ, କ୍ୟାପିଟାଲ ହସ୍ପିଟାଲ ଛକରେ ଥିବା ଆଉଟ୍ ପୋଷ୍ଟ, ରସୁଲଗଡ଼ ଏବଂ ବାଣୀବିହାର ଆଉଟ୍ ପୋଷ୍ଟରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିଲେ ସୁଦ୍ଧା ଏନେଇ ଥାନାରେ ଅଭିଯୋଗ ହୋଇନାହିଁ। ଆଶ୍ଚର୍ଯ୍ୟର କଥା ସକାଳୁ ଯେଉଁମାନେ ଟ୍ରାଫିକ୍ ପୋଷ୍ଟକୁ ଡ୍ୟୁଟି କରିବାକୁ ଆସୁଛନ୍ତି, ସେମାନେ କିଭଳି ସ୍ଥାନୀୟ ପୋଲିସକୁ ଅବଗତ କରୁନାହାନ୍ତି, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ମାର୍ଟ ସିଟି ଲଗାଇଥିବା ସିସିଟିଭିରେ ଲୁଟେରାଙ୍କ କାରନାମା କଏଦ ହେଉଥିବା ସତ୍ତ୍ୱେ ପୋଲିସ କିଭଳି ଜାଣିପାରୁ ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି।

**■ ୨୦ ଆଉଟ୍ ପୋଷ୍ଟରୁ ତାଡ଼ି ନେଲେଣି ଲାଇଟ୍, ଫ୍ୟାନ୍, କବାଟ**

**■ ଚୋରି ସତ୍ତ୍ୱେ ହେଉନି ଅଭିଯୋଗ**

ରାଜଧାନୀ ଭୁବନେଶ୍ୱରରେ ଟ୍ରାଫିକ୍ ପୋଲିସ ଏବଂ ଭିଭିଆଇପି ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀଙ୍କ ସୁବିଧା ପାଇଁ ସହରର ବିଭିନ୍ନ ଛକରେ ୪୦ରୁ ଅଧିକ ଆଉଟ୍ ପୋଷ୍ଟ କରାଯାଇଛି। ଏହି ଆଉଟ ପୋଷ୍ଟ ଭିତରେ କବାଟ, ଝରକା ସହ ଫ୍ୟାନ୍, ଲାଇଟ୍ ଏବଂ ଚେୟାର ପଡ଼ିଛି। ସେହିପରି ଭିଭିଆଇପି ଡ୍ୟୁଟିରେ ଥିବା ବ୍ୟକ୍ତି ଏହି ପୋଷ୍ଟରେ ଟିଫିନ୍ କରିବା ଏବଂ ରେଷ୍ଟ ନେବା ପାଇଁ ସୁବିଧା ରହିଛି। କିନ୍ତୁ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣା କରାଯାଉ ନ ଥିବାରୁ ଦୁର୍ବୃତ୍ତମାନେ ରାତିରେ କବାଟ ଠାରୁ ଆରମ୍ଭ କରି ଝରକା ତାଡ଼ି ନେଇଗଲେଣି। ବଡ଼ କଥା ହେଲା ରାତି ହେଲେ ଅସାମାଜିକ ଯୁବକମାନେ ସେଠାରେ ଆଡ୍ଡା କରୁଛନ୍ତି। ଏକାଧିକ ଯୁବକ ଏକାଠି ହୋଇ ଉକ୍ତ ଆଉଟ୍ ପୋଷ୍ଟରେ ମଦ୍ୟ ପାନ, ଗଞ୍ଜେଇ ଟାଣୁଛନ୍ତି। ଏବେ ସହରରେ ଥିବା ଏକାଧିକ ଆଉଟ୍ ପୋଷ୍ଟ ଯାଞ୍ଚ କଲେ ତାହା ଭିତରୁ ମଦ ବୋତଲ, ଗଞ୍ଜେଇ ଚିଲମ ଆଦି ମିଳିବ। ଅସାମାଜିକ ଯୁବକ ରାତିରେ ଖଟି କରୁଥିଲେ ମଧ୍ୟ ଅନେକ ଲୋକ ପୋଲିସ ଷ୍ଟାଫ୍ ଭାବି ନିକଟ ଥାନାକୁ ଜଣାଉ ନ ଥିବା କୁହାଯାଉଛି। ଏହା ସତ୍ତ୍ୱେ ରାତିରେ ପାଟ୍ରୋଲିଂ କରୁଥିବା ପିସିଆର ନଜରରେ ତାହା କିଭଳି ପଡୁନାହିଁ ବୋଲି ଅଭିଯୋଗ ହେଉଛି। ଏନେଇ ଡିସିପି ଜଗମୋହନ ମୀନା କହିଛନ୍ତି, ଆଉଟ୍ ପୋଷ୍ଟରୁ ଚୋରି ହେଉଥିବା ନେଇ ତାଙ୍କ ନିକଟରେ କୌଣସି ଖବର ନାହିଁ। ଏବେ ସବୁ ଥାନାକୁ ଏଦିଗରେ ନଜର ଦେବାକୁ ନିର୍ଦ୍ଦେଶ ଦେବି। ଯେଉଁ ଥାନା ଅଞ୍ଚଳରେ ଏଭଳି ଚୋରି ହୋଇଛି, ସିସିଟିଭି ଯାଞ୍ଚ କରାଯାଇ ଅଭିଯୁକ୍ତଙ୍କୁ ଧରିବା ସହ ମାମଲା କରି ତଦନ୍ତ କରିବାକୁ କୁହାଯିବ ବୋଲି ଡିସିପି କହିଛନ୍ତି।

# ଗୋଆ ଏଫ୍‌ସିର ପ୍ରଥମ ବିଜୟ

କୋଲକାତା, ୨୦।୨ (ପି.ଟି.)



ମହମ୍ମଡ଼ାନ ସ୍ପୋର୍ଟିଂ ବିପକ୍ଷରେ ଗୋଲ୍ ସ୍କୋର ପରେ ଗୋଆ ଖେଳାଳିମାନେ ଖୁସି ମନାଉଛନ୍ତି।

ସ୍ଥାନୀୟ କିଶୋର ଭାରତୀ କ୍ରୀଡ଼ାଙ୍ଗନରେ ଶୁକ୍ରବାର ଖେଳାଯାଇଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ) ସିଜନ ୨୦୨୫-୨୬ର ଏକ ମ୍ୟାଚରେ ଏଫ୍‌ସି ଗୋଆ ୨-୦ ଗୋଲ୍‌ରେ ମହମ୍ମଡ଼ାନ ସ୍ପୋର୍ଟିଂକୁ ହରାଇ ଦେଇଛି। ଚଳିତ ସିଜନରେ ଦଳର

**ଆଇଏସ୍ଏଲ**

ଏହା ହେଉଛି ପ୍ରଥମ ବିଜୟ। ଦଳ ପକ୍ଷରୁ ପ୍ରଥମ ଗୋଲ୍ ପଲ୍ ମୋରେନୋ ଖେଳର ୪ର୍ଥ ମିନିଟ୍‌ରେ ସ୍କୋର କରିଥିବା ବେଳେ ୩୨ ତମ ମିନିଟ୍‌ରେ ଡିଜାନ ଡ୍ରାଜିକ୍ ଏକ ପେନାଲ୍ଟିକୁ ଗୋଲରେ ପରିଣତ କରିଥିଲେ। ପଲ୍ ମୋରେନୋ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶୁକ୍ରବାର ଏହି ବିଜୟ ଦ୍ୱାରା ଏଫ୍‌ସି ଗୋଆ ଦୁଇଟି ମ୍ୟାଚରୁ ୪ପଏଣ୍ଟ ଅର୍ଜନ କରି ଟେବୁଲ ଟପର ହୋଇଛି। ଅନ୍ୟପକ୍ଷରେ ମହମ୍ମଡ଼ାନ ଦଳ ଏପର୍ଯ୍ୟନ୍ତ ଖେଳିଥିବା ଦୁଇଟି ମ୍ୟାଚରେ ଗୋଟିଏ ହେଲେ ଗୋଲ୍ ସ୍କୋର କରିବାରେ ସମର୍ଥ ହୋଇପାରିନି।

## ଉଦ୍‌ଘାଟନୀ ଉତ୍ସବ ବର୍ଜନ କରିବ ୟୁକ୍ରେନ୍

କିଭ୍,୨୦।୨(ୟୁକ୍ରେନ୍)

ୟୁକ୍ରେନ୍ ଆଥ୍‌ଲେଟ୍‌ମାନେ ମାର୍ଚ୍ଚ ୬ରେ ଭେରୋନାଠାରେ ହେବାକୁଥିବା ପାରାଲିମ୍ପିକ୍ ଗେମ୍ସର ଉଦ୍‌ଘାଟନୀ ଉତ୍ସବକୁ ବର୍ଜନ କରିବେ। ଇଣ୍ଟରନ୍ୟାଶନାଲ ପାରାଲିମ୍ପିକ୍ କମିଟିକୁ ୟୁକ୍ରେନ୍‌ର ନ୍ୟାଶନାଲ ପାରାଲିମ୍ପିକ୍ କମିଟି ଏ ବିଷୟରେ ଅବଗତ କରାଇଛି। ଉଦ୍‌ଘାଟନୀ ଉତ୍ସବରେ ୟୁକ୍ରେନ୍ ପତାକା ବ୍ୟବହାର ନ କରିବାକୁ କମିଟି ଅନୁରୋଧ କରିଛି। ରୁଷୀୟ ଆଥ୍‌ଲେଟ୍‌ମାନଙ୍କୁ ସେମାନଙ୍କ ଜାତୀୟ ପତାକା ସହ ପ୍ରତିଯୋଗିତାରେ ଭାଗନେବାକୁ ଅନୁମତି ଦିଆଯାଇଥିବାରୁ ପ୍ରତିବାଦସ୍ୱରୂପ ୟୁକ୍ରେନ୍ ପାରାଲିମ୍ପିକ୍ କମିଟି ଏହି ନିଷ୍ପତ୍ତି ନେଇଛି। ରୁଷିଆର ୬ ଏବଂ ବେଲାରୁଷ୍‌ର ୪ ଜଣ ଆଥ୍‌ଲେଟ୍‌ଙ୍କୁ ସେମାନଙ୍କ ଦେଶର ପତାକା ସହ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯାଇଛି।

# ଟି୨୦ ବିଶ୍ୱକପ୍: ଆଜିଠୁ ସୁପର-୮




କଲମ୍ବୋ, ୨୦।୨

ଚଳିତ ଟି୨୦ କ୍ରିକେଟ୍ ବିଶ୍ୱକପ୍‌ର ସୁପର-୮ ପର୍ଯ୍ୟାୟ ଶନିବାର ଆରମ୍ଭ ହେବ। କଲମ୍ବୋର ପ୍ରେମଦାସା ଷ୍ଟାଡିୟମରେ ପରସ୍ପରର ସମ୍ମୁଖୀନ ହେବେ ନ୍ୟୁଜିଲାଣ୍ଡ ଓ ପାକିସ୍ତାନ। ନ୍ୟୁଜିଲାଣ୍ଡ ବ୍ୟାଟିଂ ୟୁନିଟ୍ ଏପର୍ଯ୍ୟନ୍ତ ସ୍ଥିର ପ୍ରଦର୍ଶନ କରିପାରିନାହିଁ। ଅନ୍ୟପକ୍ଷରେ ପାକିସ୍ତାନ ସ୍ପିନ୍ ୟୁନିଟ୍‌ରେ ବିବିଧତା ରହିଛି। ତେଣୁ ଆଗାମୀ ମ୍ୟାଚ୍ ବେଶ୍ ରୋଚକ ହେବା ଆଶା ରହିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ନ୍ୟୁଜିଲାଣ୍ଡ ୪ ମ୍ୟାଚ୍‌ରୁ ୩ ବିଜୟ ଓ ୧ ପରାଜୟ ସହ ୬ ପଏଣ୍ଟ ପାଇ ଗ୍ରୁପ୍ 'ଡି'ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଆଫଗାନିସ୍ତାନ, ୟୁନାଇଟେଡ୍ ଆରବ ଏମିରେଟ୍ସ ଓ କାନାଡ଼ାକୁ ହରାଇଥିବାବେଳେ ଦକ୍ଷିଣ ଆଫ୍ରିକା ନିକଟରୁ ପରାଜିତ ହୋଇଥିଲା। ସେହିପରି ପାକିସ୍ତାନ ଗ୍ରୁପ୍‌'ଏ'ରେ ୪ ମ୍ୟାଚ୍‌ରୁ ୩ ବିଜୟ ଓ ୧ ପରାଜୟ ସହିତ ୬ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ନିକଟରୁ ପରାଜିତ ହୋଇଥିବାବେଳେ ନେଦରଲାଣ୍ଡ୍ସ, ଆମେରିକା ଓ ନାମ୍ବିଆକୁ ପରାସ୍ତ କରିଥିଲା। ସୁପର-୮ର ଗ୍ରୁପ୍-୨ରେ ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ବ୍ୟତୀତ ଇଂଲଣ୍ଡ ଓ ଶ୍ରୀଲଙ୍କା ରହିଛି। ତେଣୁ ପ୍ରତି ଦଳ ଲାଗି ପ୍ରଥମ ମ୍ୟାଚ୍ ବହୁ ଗୁରୁତ୍ୱପୂର୍ଣ୍ଣ ରହିବ।

**ନ୍ୟୁଜିଲାଣ୍ଡକୁ ଭେଟିବ ପାକିସ୍ତାନ**

ଟିମ୍ ସିଫର୍ଟ ଓ ଫିନ୍ ଆଲେନ୍‌ଙ୍କୁ ଛାଡ଼ିଦେଲେ ଅନ୍ୟ ବ୍ୟାଟରମାନେ ଏପର୍ଯ୍ୟନ୍ତ ଧମାକାଦାର ପ୍ରଦର୍ଶନ କରିପାରିନାହାନ୍ତି। ମିଡଲ ଅର୍ଡରରେ ଥିବା ଗ୍ଲେନ୍ ଫିଲିପ୍ସ, ରାଚିନ ରବୀନ୍ଦ୍ର, ମାର୍କ ଚାପ୍‌ମାନ ଓ ଡାରିଲ ମିଚେଲ ସ୍ଥିର ପ୍ରଦର୍ଶନ ଦେବାକୁ ସଂଘର୍ଷ କରୁଛନ୍ତି। ଫିଲିପ୍ସ ଓ ରବୀନ୍ଦ୍ର ଯଦିଓ ଗୋଟିଏ ଲେଖାଏ ଅର୍ଦ୍ଧଶତକ ହାସଲ କରିଛନ୍ତି ତଥାପି ଓଭରଅଲ୍ ଆଶାନୁରୂପ ଖେଳ ଦେଖାଇପାରିନାହାନ୍ତି। ରବୀନ୍ଦ୍ର କାନାଡ଼ା ବିପକ୍ଷରେ ୫୯ ରନ୍ କରିଥିଲେ ହେଁ ମୋଟ୍ ୪ ମ୍ୟାଚ୍‌ରୁ ୭୨ ରନ୍ ସଂଗ୍ରହ କରିଛନ୍ତି। ଏହା ବ୍ୟତୀତ ଚଳିତ ଟୁର୍ନାମେଣ୍ଟରେ ଏହି ଦଳ ପ୍ରଥମଥର ପାଇଁ କଲମ୍ବୋରେ ଖେଳିବାକୁ ଯାଉଛି। ତେଣୁ ପରିବେଶ ସହିତ ଖାପ ଖୁଆଇବାକୁ ସମୟ ନେଇପାରେ। କଲମ୍ବୋର ସ୍ଲୋ ପିଚ୍‌ରେ ସ୍ପିନର ମିଚେଲ ସାଣ୍ଟନର, ଇଶ୍ ସୋଧି ଏବଂ ପାର୍ଟ ଟାଇମର ରବୀନ୍ଦ୍ର କିମ୍ବା ଫିଲିପ୍ସ ଉପଯୋଗୀ ହୋଇପାରନ୍ତି।

ଅନ୍ୟପକ୍ଷରେ ବିଶ୍ୱକପ୍ ଆରମ୍ଭରୁ ପାକିସ୍ତାନ କଲମ୍ବୋରେ ଖେଳିଆସୁଛି। ପ୍ରେମଦାସାରେ ୨ଟି ମ୍ୟାଚ୍ ଖେଳିସାରିଛି। ତେଣୁ ପିଚ୍ ସହିତ ଏହାର ବୋଲରମାନେ ବେଶ୍ ଅଭ୍ୟସ୍ତ ଅଛନ୍ତି। ଉସ୍‌ମାନ ତାରିକ, ଆବ୍ରାର ଅହମଦ, ସାଇମ ଆୟୁବ, ମହମ୍ମଦ ନୱାଜ ଓ ଶଦାବ ଖାଁଙ୍କୁ ନେଇ ପାକିସ୍ତାନ ସ୍ପିନ୍ ୟୁନିଟ୍ ବେଶ୍ ଦୃଢ଼ ଥିଲେ ହେଁ ବ୍ୟାଟିଂକୁ ନେଇ ଏହି ଦଳର ଚିନ୍ତା ରହିଛି। ଶାହିବଜାଦା ଫର୍‌ହାନ ଭଲ ଫର୍ମରେ ଅଛନ୍ତି। ସେ ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ବ୍ୟକ୍ତିଗତ ସର୍ବାଧିକ ୨୨୦ ରନ୍ ସଂଗ୍ରହ କରିଛନ୍ତି। ତେବେ ନ୍ୟୁଜିଲାଣ୍ଡ ପରି ଏକ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ବିପକ୍ଷରେ ପାକିସ୍ତାନ ବ୍ୟାଟରଙ୍କୁ ଦଳଗତଭାବେ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ଦଳର ସବୁଠାରୁ ଅଭିଜ୍ଞ ବ୍ୟାଟର ବାବର ଆଜମ ଏପର୍ଯ୍ୟନ୍ତ ୪ ମ୍ୟାଚ୍‌ରୁ ୬୬ ରନ୍ ସଂଗ୍ରହ କରିଛନ୍ତି। ଏହି ପୂର୍ବତନ ଅଧିନାୟକ ସଂଘର୍ଷ କରୁଥିବାରୁ ତାଙ୍କ ସ୍ଥାନରେ ଟିମ୍ ମ୍ୟାନେଜମେଣ୍ଟ ଫଖର ଜମାନଙ୍କୁ ନେବାକୁ ଚିନ୍ତା କରିପାରେ। ସେ ଏପର୍ଯ୍ୟନ୍ତ ଗୋଟିଏହେଲେ ମ୍ୟାଚ୍ ଖେଳିବାର ସୁଯୋଗ ପାଇନାହାନ୍ତି। ଅଭିଜ୍ଞ ବୋଲର ଶାହିନ୍‌ଶାହା ଆଫ୍ରିଦୀଙ୍କ ପ୍ରଦର୍ଶନ ମଧ୍ୟ ଦଳ ଲାଗି ଚିନ୍ତାଜନକ ରହିଛି। ସେ ୩ ମ୍ୟାଚ୍‌ରୁ ୩ ଉଇକେଟ ନେଇଥିବାରୁ ନାମ୍ବିଆ ବିପକ୍ଷ ନିଶ୍ଚିତ ବିଜୟ ଆବଶ୍ୟକ ମ୍ୟାଚ୍‌ରୁ ବାଦ୍ ପଡ଼ିଥିଲେ।

# ଭାରତ ଆଜି ସ୍ପେନ୍‌କୁ ଭେଟିବ

ହୋବାର୍ଟ, ୨୦।୨(ପି.ଟି.)



ଅଧିନାୟକ ହାର୍ଦ୍ଦିକ ସିଂ।

ଘରୋଇ ପରିବେଶରେ ରାଉରକେଲାରେ ସମ୍ପୂର୍ଣ୍ଣ ଆଉଟ୍‌ପ୍ଲେଡ୍ ହୋଇଥିବା ଭାରତୀୟ ପୁରୁଷ ହକି ଦଳ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ବାହାର ପରିବେଶରେ ଶନିବାରଠାରୁ ଅଭିଯାନ ଆରମ୍ଭ କରିବାକୁ ଯାଉଛି। ହୋବାର୍ଟଠାରେ ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେବ ସ୍ପେନ୍। ନୂଆ ଅଧିନାୟକ ହାର୍ଦ୍ଦିକ୍ ସିଂଙ୍କ ନେତୃତ୍ୱରେ ଦଳ ଏଠାରେ ପ୍ରଭାବୀ ପ୍ରଦର୍ଶନ କରିବାକୁ ଆଶା ରଖିଛି। ପ୍ରୋ ଲିଗ୍‌ର ହୋବାର୍ଟ ଲେଗ୍(ଚରଣ) ତାସ୍‌ମାନିଆ ହକି ସେଣ୍ଟରରେ ୨୫ ତାରିଖ ପର୍ଯ୍ୟନ୍ତ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

ଚାଲିବ। ଭାରତ ଓ ସ୍ପେନ୍ ବ୍ୟତୀତ ଏଥିରେ ତୃତୀୟ ପ୍ରତିଦ୍ୱନ୍ଦ୍ୱୀଭାବେ ଘରୋଇ ଅଷ୍ଟ୍ରେଲିଆ ଅଂଶଗ୍ରହଣ କରିବ। ଭାରତ-ଅଷ୍ଟ୍ରେଲିଆ ମୁକାବିଲା ରବିବାର ଅନୁଷ୍ଠିତ ହେବ। ଏହାପରେ ଭାରତ ୨୪ରେ ସ୍ପେନ୍ ଏବଂ ୨୫ରେ ଅଷ୍ଟ୍ରେଲିଆକୁ ଭେଟି ଅଭିଯାନ ଶେଷ କରିବ।

ରାଉରକେଲାରେ ଭାରତୀୟ ଦଳ ଅତି ନିମ୍ନମାନର ପ୍ରଦର୍ଶନ କରି ଆର୍ଜେଣ୍ଟିନା ଓ ବେଲଜିୟମଠାରୁ ଦୟନୀୟ ଭାବେ ହାରିଥିଲା। ଭାରତୀୟ ଦଳର ନିୟମିତ ଅଧିନାୟକ ହରମନପ୍ରୀତ ସିଂ ଦ୍ୱିତୀୟ ସନ୍ତାନର ଜନକ ହେବାକୁ ଯାଉଥିବାରୁ ବ୍ରେକ୍ ନେଇଛନ୍ତି। ଫଳରେ ହାର୍ଦ୍ଦିକ୍‌ଙ୍କ ଉପରେ ନେତୃତ୍ୱଭାର ପଡ଼ିଛି। ରେକର୍ଡ ଦେଖିବାକୁ ଗଲେ ଭାରତ ଓ ସ୍ପେନ୍ ମଧ୍ୟରେ ଗତ ୧୦ ମୁକାବିଲା ମଧ୍ୟରେ ଉଭୟ ଦଳ ୪ଟି ଲେଖାଏ ବିଜୟୀ ହୋଇଛନ୍ତି। ଅବଶିଷ୍ଟ ୨ଟି ମ୍ୟାଚ ଶୁଟ୍‌ଆଉଟରେ ମୀମାଂସା ହୋଇଥିବାବେଳେ ଏଥିରେ ଭାରତ ବାଜି ମାରିଛି। ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍ ହାଇସ୍କୋରିଂ ବିଶିଷ୍ଟ ହୋଇପାରେ। ଉଭୟ ଦଳ ମଧ୍ୟରେ ଅନୁଷ୍ଠିତ ଶେଷ ୧୦ ମୁକାବିଲା ମଧ୍ୟରୁ ଅଷ୍ଟ୍ରେଲିଆ ୬ଟି ଜିତିଥିବାବେଳେ ଭାରତ ମାତ୍ର ୨ଟିରେ ବିଜୟ ହାସଲ କରିଛି। ଦୁଇଥର ଅଲିମ୍ପିକ୍ ବ୍ରୋଞ୍ଜ୍ ମେଡାଲିଷ୍ଟ ହାର୍ଦ୍ଦିକ୍‌ଙ୍କ ନେତୃତ୍ୱରେ ଏଥର ଖେଳିବାକୁ ଯାଉଥିବା ଭାରତୀୟ ଦଳରେ ଅମନଦୀପ ଲାକ୍ରା ଓ ମନମିତ ସିଂଙ୍କ ପରି ଯୁବ ଖେଳାଳି ରହିଛନ୍ତି। ନିକଟରେ ଦୁହେଁ ସିନିୟରସ୍ତରରେ ଡେବ୍ୟୁ କରିଥିଲେ। "ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ପରି ସମ୍ମାନ୍‌ଜନକ ଟୁର୍ନାମେଣ୍ଟରେ ଭାରତର ନେତୃତ୍ୱ ନେବା ବହୁତ ବଡ଼ ସମ୍ମାନ ସଦୃଶ। ଆମେ ନିଶ୍ଚିତ ହରମନପ୍ରୀତ ସିଂଙ୍କ ଅନୁପସ୍ଥିତି ଅନୁଭବ କରିବୁ। ତେବେ ତାଙ୍କ ଅନୁପସ୍ଥିତିରେ ଯୁବ ଖେଳାଳିମାନେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ ଲାଗି ବହୁତ ବଡ଼ ସୁଯୋଗ ପାଇବେ" ବୋଲି ହାର୍ଦ୍ଦିକ୍ ପ୍ରକାଶ କରିଛନ୍ତି।

# ବଟ୍ଟଙ୍କ ଉପରୁ ବାସନ୍ଦ ଦଣ୍ଡ ହଟିଲା

ଲାହୋର, ୨୦।୨(ପି.ଟି.)

ପାକିସ୍ତାନ ସରକାର ଶୁକ୍ରବାର ଜାତୀୟ ପୁରୁଷ ହକି ଦଳର ଅଧିନାୟକ ଅମାଦ ଶକିଲ ବଟ୍ଟଙ୍କ ଉପରେ ଜାତୀୟ ମହାସଂଘ (ପିଏଚ୍ଏଫ୍) ଦ୍ୱାରା ଲାଗୁ କରାଯାଇଥିବା ୨ ବର୍ଷ ବାସନ୍ଦ ଦଣ୍ଡକୁ ପ୍ରତ୍ୟାହାର କରିନେଇଛନ୍ତି। ଏହି ପଦକ୍ଷେପକୁ ସେ ଅବୈଧ ଓ ଅସାମ୍ବିଧାନିକ ବୋଲି କହିଛନ୍ତି। ଗୁରୁବାର ପାକିସ୍ତାନ ହକି ମହାସଂଘ ସଭାପତି ପଦରୁ ଇସ୍ତଫା ଦେବା ପୂର୍ବରୁ ନିକଟରେ ଅଷ୍ଟ୍ରେଲିଆ ଟୁର୍ ବେଳେ ପରିଚାଳନାଗତ ତ୍ରୁଟି ପାଇଁ ଖୋଲାଖୋଲି ଭାବେ ପିଏଚ୍ଏଫ୍‌କୁ ସମାଲୋଚନା ପରେ ବୁଗତି ତାଙ୍କୁ ୨ ବର୍ଷ ପାଇଁ ବାସନ୍ଦ କରିଥିଲେ ଏବଂ ନିଜେ ଗୁରୁବାର ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ। ପିଏଚ୍ଏଫ୍‌ର ପାଟ୍ରନ୍ ଇନ୍ ଚିଫ୍ ତଥା ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ତୁରନ୍ତ ମୁହ୍ୟୁଦ୍ଦିନ ଅହମଦ ୱାନିଙ୍କୁ ପିଏଚ୍ଏଫ୍‌ର କାମଚଳା ସଭାପତି ଭାବେ ନିଯୁକ୍ତି ଦେଇଥିଲେ। ମୁହ୍ୟୁଦ୍ଦିନ ଦାୟିତ୍ୱ ଗ୍ରହଣ କରିବା ପରେ ବୁଗତି ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ସଙ୍ଗେସଙ୍ଗେ ଏହା ଅବୈଧ ଓ ଅସାମ୍ବିଧାନିକ ବୋଲି ଦର୍ଶାଇଥିଲେ। ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ପାକିସ୍ତାନ ଦଳର ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। ଟୁର୍ନାମେଣ୍ଟ ପାଇଁ ସରକାରଙ୍କ ଦ୍ୱାରା ପରିଚାଳିତ ପାକିସ୍ତାନ ସ୍ପୋର୍ଟ୍ସ ବୋର୍ଡ(ପିଏସ୍‌ବି) ଖେଳାଳିମାନଙ୍କ ଲାଗି କାନବେରାରେ ଏକ ୫ ତାରକା ହୋଟେଲରେ ରହଣି ପାଇଁ ୧୦ ନିୟୁତ ଟଙ୍କା ମଞ୍ଜୁର କରାଯାଇଥିଲା। ମାତ୍ର ସେଠାରେ ଖେଳାଳିମାନଙ୍କୁ ଦୟନୀୟ ସ୍ଥିତିର ସାମ୍ନା କରିବାକୁ ପଡ଼ିଥିଲା।

# ଶ୍ୟାମ ଇଲେଭେନ୍ ଆଜମାନ୍ ଚାମ୍ପିୟନ

କଟକ,୨୦।୨(କୁମାରଶ୍ରୀ)

ଶାରଜା ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଓଡ଼ିଶା ପ୍ରିମିୟର୍ ଲିଗ୍(ଓପିଏଲ)ର ପ୍ରଥମ ସଂସ୍କରଣ ସମାପ୍ତ ହୋଇଛି। ଏଥି ସହିତ ଓଡ଼ିଶା କ୍ରିକେଟ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି। ଶାରଜା ଗ୍ରାଉଣ୍ଡରେ ଆୟୋଜିତ ଫାଇନାଲ ମୁକାବିଲାରେ ଉତ୍କଳ ରାଇଜିଂ ଷ୍ଟାର୍ସକୁ ହରାଇ ଶ୍ୟାମ

**ଶାରଜାରେ ଓଡ଼ିଶା ପ୍ରିମିୟର ଲିଗ୍**

ଇଲେଭେନ୍ ଆଜମାନ୍ ପ୍ରଥମ ସଂସ୍କରଣର ଟାଇଟଲ୍ ହାସଲ କରିଛି। ୩୧ ବଲରୁ ଦ୍ରୁତ ୫୪ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିବା ବିଜୟୀ ଦଳର ଇମ୍ରାନ ଖାନ୍‌ଙ୍କୁ ପ୍ଲେୟାର ଅଫ ଦି ଫାଇନାଲ ଏବଂ ବେଷ୍ଟ ବ୍ୟାଟ୍ସମ୍ୟାନ ଅଫ୍ ସିଜନ ଭାବେ ପୁରସ୍କୃତ କରାଯାଇଥିଲା। ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ସଞ୍ଜୟ ରାଉଳ, ଅଭିନେତ୍ରୀ ସ୍ୱପ୍ନା ପ୍ରିୟଦର୍ଶନୀ, ୟୁଏଇ ଓଡ଼ିଆ ସମାଜର ଅଧ୍ୟକ୍ଷ ଅମୀୟ ମିଶ୍ର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଆ ସମାଜର ସଦସ୍ୟ ଶୁଭ୍ରାଂଶୁ ଜେନା, ସୁରେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ, ମୋଟ ୧୨ଟି ଦଳକୁ ନେଇ ଓଡ଼ିଶା ପ୍ରିମିୟର ଲିଗ୍ ଆୟୋଜନ ହୋଇଥିଲା। ଫାଇନାଲ୍ ମ୍ୟାଚ ଦେଖିବା ପାଇଁ ୧୦୦୦ ରୁ ଅଧିକ ଓଡ଼ିଆ ଦର୍ଶକ ଶାରଜା ଗ୍ରାଉଣ୍ଡରେ ଉପସ୍ଥିତ ଥିଲେ। ପ୍ରଥମଥର ବିଦେଶୀ ରାଷ୍ଟ୍ରର ଅନ୍ତର୍ଜାତୀୟ ଭେନ୍ୟୁରେ ଓଡ଼ିଶାର କ୍ରିକେଟ ଟୁର୍ନମେଣ୍ଟ ଆୟୋଜନ କରାଯିବାକୁନେଇ ଚର୍ଚ୍ଚା ଜୋର୍‌ଧରିଛି।

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**
ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପ୍‌ଲୋଡ କରାଯାଇଛି।
ସଂ. MCS/Stores/E-Procure/Tender Notice/Must Change Kit/72, ତା.17.02.2026
ଟେଣ୍ଡର ସଂ. 92265124
ବିବରଣୀ : (1) LHB EOG (ପାୱାର କାର) କୋଚ M36/SS-II ସିଡ୍ୟୁଲ ଇତ୍ୟାଦିର ଆକ୍ସଲ ମାଉଣ୍ଟେଡ୍ ଡିସ୍କ ବ୍ରେକ୍ ସିଷ୍ଟମର ମଷ୍ଟ ଚେଞ୍ଜ (Must Change) କିଟ୍, (2) LHB EOG (ପାୱାର କାର) କୋଚ M72/SS-III ସିଡ୍ୟୁଲ ଇତ୍ୟାଦିର ଆକ୍ସଲ ମାଉଣ୍ଟେଡ୍ ଡିସ୍କ ବ୍ରେକ୍ ସିଷ୍ଟମ ନିମନ୍ତେ ମଷ୍ଟ ଚେଞ୍ଜ (Must Change) କିଟ୍, (3) LHB EOG (ଏସି ଓ ନନ୍-ଏସି) କୋଚ M36/SS-II ଇତ୍ୟାଦିର ଆକ୍ସଲ ମାଉଣ୍ଟେଡ୍ ଡିସ୍କ ବ୍ରେକ୍ ସିଷ୍ଟମ ନିମନ୍ତେ ମଷ୍ଟ ଚେଞ୍ଜ (Must Change) କିଟ୍, (4) M72 / SS-III ସିଡ୍ୟୁଲ ଇତ୍ୟାଦି ନିମନ୍ତେ, ପରିମାଣ : 104 CSET, ୱାରେଣ୍ଟି ଅବଧି : ଡେଲିଭରୀ ତାରିଖ ପର ଠାରୁ 30 ମାସ, ଯାଞ୍ଚ ଏଜେନ୍ସି : TPI।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.03.2026ରିଖ, 1500 ଘଟିକାରେ।
ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/CRW/ମଞ୍ଚେଶ୍ୱର
PR-1153/Q/25-26

**OFFICE OF THE MUNICIPAL COUNCIL, BHAWANIPATNA, DIST.-KALAHANDI, PIN-766001**

**'e' Procurement NOTICE**

**Bid Identification No. BPM/07/2025-26**

**Bid Identification No. BPM /475/2025-26 Dt.18.02.2026**

**No.13001/332/2526** : The Executive Officer on behalf of Bhawanipatna Municipality invites tenders in Single Cover System. Bid documents consisting of specification, the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

1. Number of Civil works : **41 (Fourty One) numbers**
2. Estimated Costs : **2.25 lakhs to 25.57 lakhs**
3. Period of completion : As per NIT
4. Date and time of availability of the bid documents in the portal : **From 02.00 P.M. of 19.02.2026 to 05.00 P.M. of 05.03.2026**
5. Last Date/Time for receipt of bids in the portal : **05.00 P.M. of 05.03.2026**
6. Bids will be opened on : **5.30 P.M. of Dt.05.03.2026**
7. Name and address of the officer inviting bid : **Executive Officer, Bhawanipatna Municipality.**

**Sd./- Executive Officer**
**Bhawanipatna Municipality**
**OIPR-13001/13100/1/25-26/0016**

**OFFICE OF THE NOTIFIED AREA COUNCIL, ASKA (GANJAM)**

(Email : askanac@gmail.com, Ph No. : 06822-273068)

**Letter No.-497 Date : 12.02.2026**

**Quotation Call Notice (Short Form)**

**No.13001/335/2526** : Sealed quotations are invited from the Registered Suppliers for supply of following sanitation materials to N.A.C., Aska. The rate of goods should be quotated with excluding all taxes.

Tender paper cost of Rs.7080/- (Rupees two thousand three hundread sixty only) and EMD of Rs.12,000/- (Twelve thousand only).

**Sale of tender paper - 13.02.2026 to 21.02.2026.**

**Last date of submission of Tender Paper - 23.02.226 up to 12.00 Noon**

**Date of Opening of Tender Paper - 23.02.2026 at 5.00 P.M.**

| Sl. No. | Description of items | Unit |
|---|---|---|
| 1 | BLEACHING POWDER | 1 PKt (25 Kg) |
| 2 | LIME POWDER | 1 PKt (25 Kg) |
| 3 | WHITE PHENYLE | 1 LTR |
| 4 | BLACK PHENYLE | 1 LTR |
| 5 | MOSQUITO OIL | 1 LTR |
| 6 | KING FOG | 1 LTR |

**Sd./- Executive Officer**
**NAC, Aska**
**OIPR-13001/13181/1/25-26/0018**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
**No.25001/198/2526**
E-Mail : rw_rourkela@yahoo.co.in
**TENDER CALL NOTICE**
**BID IDENTIFICATION NO. ONLINE-EERKL-30 of 2025-26**

1. Name of the work : Building Work, 2. Total No. of work : 01 (One) No., 3. Estimated Cost : Rs.7.64 Lakhs, 4. Class of Contractor : "D" & "C" Class, 5. Period of Completion : 03 (Three) Calendar months, 6. Type of Tender : Single Cover, 7. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 7 |
| Executive Engineer, Rural Works Division-II, Sundargarh | Online - EERKL-30 of 2025-26 | 24.02.2026 from 10.00 AM | 05.03.2026 upto 05.00 PM | 04.03.2026 upto 05.00 PM | 06.03.2026 at 11.00 AM |

Further details can be seen from the website : www.tendersorissa.gov.in.

**Sd./- Executive Engineer**
**RW Division-II, Sundargarh**
**OIPR-25001/25193/1/25-26/0030**

**ଟେଣ୍ଡର ଇସ୍ତାହାର**

**ରାଷ୍ଟ୍ରୀୟ ପରୀକ୍ଷା ଏଜେନ୍ସି**

(ଉଚ୍ଚଶିକ୍ଷା ବିଭାଗ, ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ଏକ ସ୍ୱୟଂଶାସିତ ସଂଗଠନ), ପ୍ରଥମ ମହଲା, ଏନ୍ଏସ୍ଆଇସି-ଏମ୍‌ଡିବିପି ବିଲ୍ଡିଂ, ଓଖ୍‌ଲା ଇଣ୍ଡଷ୍ଟ୍ରିଆଲ ଏରିଆ, ନୂଆଦିଲ୍ଲୀ ୧୧୦୦୨୦, ଫୋନ୍: ୦୧୧ ୬୯୦୯୫୨୫୦, ୱେବ୍‌ସାଇଟ୍: www.nta.ac.in, ମେଲ୍: procurement@nta.ac.in

ଆଗାମୀ ଏନ୍ଇଇଟି (ୟୁଜି) ୨୦୨୬ ପରୀକ୍ଷା ସହ ସମ୍ବନ୍ଧିତ ନିମ୍ନଲିଖିତ ବିବିଧ ଗତିବିଧି ପାଇଁ ଯୋଗ୍ୟ ତଥା ଅଭିଜ୍ଞ ଏଜେନ୍ସି/ପିଏସ୍ୟୁ/ଫାର୍ମଗୁଡ଼ିକଠାରୁ ଏନ୍‌ଟିଏ ତରଫରୁ ଦୁଇ ବିଡ୍ ପ୍ରଣାଳୀ (ବୈଷୟିକ ଓ ଆର୍ଥିକ)ରେ ଟେଣ୍ଡର ଆହ୍ୱାନ କରାଯାଉଛି।

| କ୍ର. ସଂ. | ଟେଣ୍ଡର ସଂ. | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ (ଟ.) | ଅମାନତ ରାଶି (ଇଏମ୍‌ଡି) (ଟ.) | ଦାଖଲର ଶେଷ ତାରିଖ |
|---|---|---|---|---|---|
| ୧ | ଜିଇଏମ୍/୨୦୨୬/ବି/୭୨୩୮୬୦୮ | ସିସିଟିଭି ସର୍ଭେଲାନ୍ସ | ଟ.୨୫.୦୦ କୋଟି | ଟ.୨୫ ଲକ୍ଷ | ୬ ମାର୍ଚ୍ଚ, ୨୦୨୬ |
| ୨ | ଜିଇଏମ୍/୨୦୨୬/ବି/୭୨୪୦୮୮୧ | ଯାଞ୍ଚ ଓ ଭିଡ଼ ନିୟନ୍ତ୍ରଣ | ଟ.୭.୦୦ କୋଟି | ଟ.୭ ଲକ୍ଷ | ୭ ମାର୍ଚ୍ଚ ୨୦୨୬ |
| ୩ | ଜିଇଏମ୍/୨୦୨୬/ବି/୭୨୩୮୬୮୩ | ବାୟୋମେଟ୍ରିକ୍ (ଆଧାର ଭିତ୍ତିକ) | ଟ.୧୫ କୋଟି | ଟ.୧୫ ଲକ୍ଷ | ୭ ମାର୍ଚ୍ଚ ୨୦୨୬ |

ଟେଣ୍ଡର ଫର୍ମ www.gem.gov.inରେ ଉପଲବ୍ଧ ଏବଂ ଲିଙ୍କ୍ ଏନ୍‌ଟିଏ ୱେବ୍‌ସାଇଟ୍ www.nta.ac.in ରେ ଉପଲବ୍ଧ। ଦାଖଲ କେବଳ ଜିଇଏମ୍ ପୋର୍ଟାଲରେ ଇ-ଟେଣ୍ଡରିଂ ଜରିଆରେ କରାଯିବ।

cbc 21354/12/0009/2526 ସ୍ୱା./- ନିର୍ଦ୍ଦେଶକ (ପ୍ରୋକ୍ୟୋରମେଣ୍ଟ)

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DEOGARH**
E-mail Id :- eerw_deogarh@yahoo.co.in
No.25001/202/2526
**E-Procurement Notice**
**BID IDENTIFICATION NO. SERWDGH-Online-18/2025-26**

1. **No. of Building work** : (08 Nos)
2. **Estimated Cost** : Approx Rs.25.21 Lakhs to 33.61 Lakhs.
3. **Mode of submission of Tender** : Tender shall be submitted online in www.tendersodisha.gov.in
4. **Availability of tender for online bidding : 23.02.2026, 10.00 A.M. to 05.03.2026 up to 5.00 P.M.**
5. **Date and time of opening of tender : 06.03.2026, 11.00 A.M.**
6. Other details can be seen from the website www.tendersodisha.gov.in
7. Corrigendum / Addendum if any shall only be published in the above website.

**Sd./- Superintending Engineer**
**R.W. Division, Deogarh**
**OIPR-25001/25087/1/25-26/0013**

**Odisha Livelihoods Mission**
**Department of Mission Shakti, Government of Odisha**
SIRD & PR Campus, Unit-VIII, Bhubaneswar-751012, Odisha Tel: (0674) 2560166/2560126, E-mail: smmu.olm@gmail.com
**EOI No : 240/26** **Date : 19.02.2026**
No.48001/1/2526
**Request for Expression of Interest**

1. The Odisha Livelihoods Mission under Department of Mission Shakti now invites eligible Consultant to indicate their interest in providing the service of **Financial Inclusion Consultant (State)**.
2. Interested Consultant should provide information demonstrating that they have the required qualifications and relevant experience to perform the Services in the prescribed format at Annexure-A (ToR)
3. Further information can be obtained at the address given below during office hours (10:00 to 17:30 hours). The detailed Terms of Reference (ToR) can be viewed and downloaded from the website https://missionshakti.odisha.gov.in with effect from **20.02.2026**.
4. In case of any Addendum/Clarification/Corrigendum/Extension regarding this EOI, the same will be published in the above websites only.
5. Expressions of interest in sealed envelope Superscribed as "**Expression of Interest for Financial Inclusion Consultant (State)** must be delivered in a written form to the State Mission Director, Odisha Livelihoods Mission, SIRD & PR Campus, Unit-VIII, Bhubaneswar, 751012, (post/courier) latest by **Dt 13.03.2026,5.30 pm**.
6. Authority reserves the right to accept or reject any application, and to cancel the procurement process and reject all application, at any time prior to the selection, without assigning any reason thereof.
**Contact Person** : Shri Rabi Prasad Mishra, Dy CEO (Admin & Procurement), OLM **Contact No** :9937462008

**Sd./- State Mission Director -cum CEO**
**Odisha Livelihoods Mission**
**OIPR-48001/48002/1/25-26/0001**

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Odisha Coal and Power Limited (OCPL)
Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664

**NOTICE INVITING TENDER**

**NIT No: OCPL/SER-226/2026** **Date: 21/02/2026**

Sealed bids in prescribed format are invited from Companies / firms / agencies for the following work :

| Sl. No. | Name of the work | Cost of Tender Paper | Issue of Tender Document | Last date of Download of Tender Document | Last date of Submission / Opening of bid |
|---|---|---|---|---|---|
| 1 | Providing Pest Control Service at OCPL Corporate Office, Bhubaneswar, Manoharpur Mine Office (Samanwaya Bhawan) and Manoharpur Township Complex, Manoharpur, Sundargarh | Rs.1,180/- (Rupees One Thousand One Hundred and Eighty only) including GST. | 21/02/2026 | 07/03/2026 | 03:00 PM / 03:30 PM on 07/03/2026 |

For further details, bidders shall visit Tender Odisha Portal (Odisha Govt. e-Procurement System) i.e., www.tendersodisha.gov.in or may refer our website i.e. www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.

**Sd./- Chief Operating Officer**

# ଭାରତ ୧୦ ଉଇକେଟରେ ବିଜୟୀ

**ଏସିଆ କପ୍ ବଧିର କ୍ରିକେଟ**

କଟକ,୨୦।୨(କୁମାରଶ୍ରୀ)

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଏସିଆ କପ୍ ବଧିର କ୍ରିକେଟ ଟୁର୍ନାମେଣ୍ଟରେ ଘରୋଇ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଉଦ୍‌ଘାଟନୀ ମୁକାବିଲାରେ ଶ୍ରୀଲଙ୍କାକୁ ପରାସ୍ତ କରିବା ପରେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ଲିଗ୍‌ରେ ଦଳ ୧୦ ଉଇକେଟରେ ନେପାଳକୁ ପରାସ୍ତ କରିଛି। ୧୩ ରନ୍ ବ୍ୟୟକରି ୫ ଉଇକେଟ ସଫଳତା ସହ ନେପାଳର ବ୍ୟାଟିଂ ଲାଇନ୍‌ଅପ୍‌କୁ ଭୁଶୁଡ଼ାଇ ଦେଇଥିବା ଭାରତର



ଜିଗର ଠାକ୍କରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

ଜିଗର ଠାକ୍କରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଶନିବାର ଏଠାରେ ଶ୍ରୀଲଙ୍କା ଏବଂ ନେପାଳ ମୁହାଁମୁହିଁ ହେବେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନେପାଳ ପ୍ରାରମ୍ଭରୁ ଧିମା ଗତିରେ ରନ୍ ସଂଗ୍ରହ କରିଥିଲା। ପାୱାର ପ୍ଲେ ୬ ଓଭରରେ ଦଳ ୨ ଉଇକେଟ ହରାଇ ମାତ୍ର ୧୭ ରନ୍ କରିଥିଲା। ଡାହାଣହାତୀ ଅଫ୍‌ସ୍ପିନର ଜିଗର ନେପାଳର ମଧ୍ୟକ୍ରମ ବ୍ୟାଟରଙ୍କୁ ସହଜରେ ଆଉଟ କରିବା ଯୋଗୁ ନେପାଳର ଦଳୀୟ ସ୍କୋର ୫୭ ରନ୍‌ରେ ସୀମିତ ରହିଯାଇଥିଲା। ଦୁଇ ଓପ୍‌ନରଙ୍କ ସହଯୋଗରେ ଭାରତ ୫.୨ ଓଭରରେ ସହଜ ବିଜୟ ହାସଲ କରିଥିଲା। ସନିଥ ଶେଟ୍ଟି ୨୬ ଏବଂ ଉଇକେଟ୍‌କିପର ଦୀପକ ଲାମ୍ବା ୨୮ରନ୍‌ର ଅପରାଜିତ ରହିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା କ୍ରିକେଟ ଆସୋସିଏଶନ ସିଇଓ ସୁବ୍ରତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏସିଆନ୍ ବଧିର କ୍ରିକେଟ ସଂଘ(ଏଡିସିଏ) ସଭାପତି ସୁମିତ ଜୈନ, ଓଡ଼ିଶା ବଧିର କ୍ରିକେଟ ସଂଘ ସମ୍ପାଦକ ସାଗରକାନ୍ତ ସେନାପତି ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ।

## ସିଭିଲ ସର୍ଭିସ୍ ଚେସ୍: ଓଡ଼ିଶା ମହିଳା ଦଳକୁ ବ୍ରୋଞ୍ଜ୍

**ଭୁବନେଶ୍ୱର, ୨୦।୨(ତପନ ସ୍ୱାଇଁ):** ନୂଆଦିଲ୍ଲୀରେ ଅନୁଷ୍ଠିତ ସର୍ବଭାରତୀୟ ସିଭିଲ ସର୍ଭିସ୍ ଚେସ୍‌ରେ ଓଡ଼ିଶା ମହିଳା ଦଳ ବ୍ରୋଞ୍ଜ୍ ପଦକ ହାସଲ କରିଛି। ମଞ୍ଜୁଳା କୁମାରୀ ମହାରଣା, ଅଭିଷିକ୍ତା ପଟ୍ଟନାୟକ, କବିତାରାଣୀ ନାଏକ, ଉର୍ମିଳା ମାଝି ଓ ସଙ୍ଗୀତା ନାଏକଙ୍କୁ ନେଇ ଗଠିତ ଓଡ଼ିଶା ଦଳ ୬ ରାଉଣ୍ଡରୁ ମୋଟ ୧୩.୫ ପଏଣ୍ଟ ପାଇ ତୃତୀୟ ସ୍ଥାନ ଅଧିକାର କରିଛି। ଆରଏସ୍‌ବି ଚେନ୍ନାଇ(୧୮.୫) ଓ କେରଳ(୧୯.୫) ଦଳ ପ୍ରଥମ ଦୁଇସ୍ଥାନ ଅଧିକାର କରିଛନ୍ତି। ପୁରୁଷ ବର୍ଗରେ ଆରଏସ୍‌ବି ଭୁବନେଶ୍ୱର ଦଳକୁ ୯ମ ଏବଂ ଓଡ଼ିଶା ଦଳକୁ ୨୩ତମ ସ୍ଥାନ ମିଳିଛି।

# ଭାରତୀୟ ଦଳରେ ପଦ୍ମିନୀ, ଆକାଶ

**ଏସିଆ ଓସେନିଆ ଦୃଷ୍ଟିବାଧିତ ଫୁଟ୍‌ବଲ**

ଭୁବନେଶ୍ୱର, ୨୦।୨(ତପନ ସ୍ୱାଇଁ)

ଦିଲ୍ଲୀର ନିଜାମୁଦ୍ଦିନ୍‌ଠାରେ ମହିଳା ଦୃଷ୍ଟିବାଧିତ ଫୁଟ୍‌ବଲ ଦଳ ଏବଂ କେରଳର କୋଚିଠାରେ ପୁରୁଷ ଦୃଷ୍ଟିବାଧିତ ଫୁଟ୍‌ବଲ ଦଳର ଜାତୀୟ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଓଡ଼ିଶାରୁ ପଦ୍ମିନୀ ଟୁଡୁ, ସୁମିତ୍ରା ସିଂ ଓ ଆକାଶ ପଡ଼ିଆମୀ ବ୍ଲୁସ୍ୱାଇ ଅନୁଷ୍ଠାନ ପକ୍ଷରୁ ଭାଗ ନେଇଥିଲେ। ଏଥିରେ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରି ପଦ୍ମିନୀ ଓ ଆକାଶ ଭାରତୀୟ ଦଳରେ ସ୍ଥାନ ପାଇବା ସହ ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି ବୋଲି



ଆକାଶ ପଡ଼ିଆମୀ



ପଦ୍ମିନୀ ଟୁଡୁ

ବ୍ଲୁସ୍ୱାଇର ଅଧକ୍ଷ ତ୍ରିଲୋଚନ ବେଉରା ପ୍ରକାଶ କରିଛନ୍ତି। ଏପ୍ରିଲରେ ଜାପାନରେ ହେବାକୁଥିବା ଏସିଆ ଓସେନିଆ ଦୃଷ୍ଟିବାଧିତ ଫୁଟ୍‌ବଲ ଚାମ୍ପିୟନଶିପ୍ ପାଇଁ ଏହି ଚୟନ ଶିବିର ଆଇବିଏସ୍‌ଏ ତରଫରୁ ଆୟୋଜିତ ହୋଇଥିଲା। ଓଡ଼ିଶା ଦୃଷ୍ଟିବାଧିତ ଫୁଟ୍‌ବଲ ଦଳର ସମସ୍ତ କର୍ମକର୍ତ୍ତା ପଦ୍ମିନୀ ଓ ଆକାଶଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଭାରତ 'ଏ' ଫାଇନାଲରେ

**ଓମେନ୍ସ ରାଇଜିଂ ଷ୍ଟାର୍ସ ଏସିଆ କପ୍**

**ରାଧା ଯାଦବଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ**

ବ୍ୟାଙ୍କକ୍, ୨୦।୨(ପି.ଟି.)

ଅଧିନାୟିକା ରାଧା ଯାଦବଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଭାରତ'ଏ' ୫ ଉଇକେଟରେ ଶ୍ରୀଲଙ୍କା'ଏ'କୁ ପରାସ୍ତକରି ଏଠାରେ ଚାଲିଥିବା ମହିଳା ରାଇଜିଂ ଷ୍ଟାର୍ସ ଟି୨୦ ଏସିଆ କପ୍ ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଏହା ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ରାଧାଙ୍କ ନେତୃତ୍ୱରେ ଭାରତୀୟ ବୋଲିଂ ବାହିନୀ ଶ୍ରୀଲଙ୍କାର ବ୍ୟାଟିଂ ଲାଇନ୍ ଅପ୍‌କୁ ଭୁଶୁଡ଼ାଇ ଦେଇଥିଲା। ଶ୍ରୀଲଙ୍କା ମାତ୍ର ୧୧୮ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ବାମହାତୀ ସ୍ପିନର ରାଧା ମାତ୍ର ୧୯ ରନ୍ ବିନିମୟରେ ୪ ଉଇକେଟ ଅକ୍ତିଆର କରିନେଇଥିଲେ। ଅନ୍ୟ ବାମହାତୀ ସ୍ପିନର ତନୁଜା



ଉଇକେଟ ନେବାପରେ ରାଧା ଯାଦବଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

କନ୍‌ୱାର(୨/୨୦) ଓ ଲେଗ୍ ସ୍ପିନର ପ୍ରେମା ରାଓ୍ୱତ(୨/୯)ଙ୍କଠାରୁ ତାଙ୍କୁ ଉପଯୁକ୍ତ ସହାୟତା ମିଳିଥିଲା। ଶ୍ରୀଲଙ୍କାର ଟପ୍ ସ୍କୋରର ସଞ୍ଜନା କାଭିନ୍ଦି ୩୫ ବଲ୍‌ରେ ୩୧ ରନ୍ କରିଥିଲେ। ମ୍ୟାଚ୍‌ରେ ଏକଦା ୧୦ ଓଭରରେ ୨ ଉଇକେଟ ହରାଇ ୭୧ ରନ୍ କରିଥିବା ଶ୍ରୀଲଙ୍କା ୪୭ ରନ୍‌ରେ ଏହାର ଅବଶିଷ୍ଟ ଉଇକେଟ ହରାଇ ବସିଥିଲା। ଭାରତ'ଏ' ପାଇଁ ଯଦିଓ ସହଜସାଧ ବିଜୟଲକ୍ଷ୍ୟ ଥିଲା ତଥାପି ଦଳ ଏକଦା ଟପ୍ ସ୍କୋରର ବ୍ରିନ୍ଦା ଦିନେଶ (୪୨ ରନ)ଙ୍କ ସମେତ ୩ଟି ଉଇକେଟ ୨୧ ରନ୍‌ରେ ହରାଇ ବସିଥିଲା। ମାତ୍ର ରାଧା ଯାଦବ ୭ ଚୌକା ସହ ୧୮ ବଲ୍‌ରେ ୩୧ ରନ୍ ସଂଗ୍ରହକରି ଭାରତକୁ ୧୩.୩ ଓଭରରେ ବିଜୟୀ କରାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା'ଏ' ମହିଳା ଦଳ: ୧୯.୪ ଓଭରରେ ୧୧୮/ଅଲ୍‌ଆଉଟ (ସଞ୍ଜନା କାଭିନ୍ଦି-୩୧; ରାଧା ଯାଦବ-୪/୧୯, ପ୍ରେମା ରାଓ୍ୱତ-୨/୯, ତନୁଜା କନ୍‌ୱାର(୨/୨୦)। ଭାରତ'ଏ' ମହିଳା ଦଳ: ୧୩.୩ ଓଭରରେ ୧୧୯/୫ (ବ୍ରିନ୍ଦା ଦିନେଶ-୪୨, ରାଧା ଯାଦବ-୩୧*; ଶାସିନୀ ଜିମ୍ହାନି-୨/୩୩)।

## ଶେଷ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ବିଜୟୀ

ପାଲିକେଲେ, ୨୦।୨

ଚଳିତ ଟି୨୦ କ୍ରିକେଟ ବିଶ୍ୱକପର ଲିଗ୍ ପର୍ଯ୍ୟାୟ ଶୁକ୍ରବାର ଶେଷ ହୋଇଛି। ଟୁର୍ନାମେଣ୍ଟର ନକ୍‌ଆଉଟରେ ପ୍ରବେଶରେ ବିଫଳ ହୋଇଥିବା ଅଷ୍ଟ୍ରେଲିଆ ବିଜୟ ସହ ଏହାର ଅଭିଯାନ ଶେଷ କରିଛି। କେବଳ ଔପଚାରିକା ଦୃଷ୍ଟିରୁ ଖେଳାଯାଇଥିବା ଅନ୍ତିମ ଲିଗ୍ ମ୍ୟାଚରେ ଏହି ଦଳ ୯ ଉଇକେଟରେ ଓମାନକୁ ପରାସ୍ତ କରିଛି। ଓମାନ ୧୬.୨ ଓଭରରେ ୧୦୪ ରନରେ ଅଲ୍‌ଆଉଟ ହୋଇଥିଲା। ୱାସିମ ଅଲୀ ସର୍ବାଧିକ ୩୨ ରନ କରିଥିଲେ। ଅଷ୍ଟ୍ରେଲିଆର ଆଡାମ ଜାମ୍ପା ୪ଟି, ଗ୍ଲେନ ମ୍ୟାକ୍ସୱେଲ ଓ ଜାଭିଏର ବ୍ରେଟଲେଟ ୨ଟି ଲେଖାଏ ଏବଂ ମାର୍କୁସ ଷ୍ଟୋଇନିସ ଓ ନାଥାନ ଏଲିସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୧ ଉଇକେଟ ହରାଇ ବିଜୟ ଲକ୍ଷ ହାସଲ କରି ନେଇଥିଲା। ଟ୍ରାଭିସ ହେଡ୍ ୩୨ ରନକରି ଆଉଟ ହୋଇଥିବାବେଳେ ଅଧିନାୟକ ମିଚେଲ ମାର୍ଶ ୬୪ ଓ ଜୋଶ୍ ଇଙ୍ଗଲିଶ ୧୨ ରନରେ ଅପରାଜିତ ରହିଥିଲେ।

**ଟି୨୦ ବିଶ୍ୱକପ୍**
(ଆଜିର ମ୍ୟାଚ୍)
**ନ୍ୟୁଜିଲାଣ୍ଡ ବନାମ ପାକିସ୍ତାନ**
ସ୍ଥାନ: କଲମ୍ବୋ
ସମୟ: ସନ୍ଧ୍ୟା ୭ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

## ପଶ୍ଚିମବଙ୍ଗଠାରୁ ହାରିଲା ଓଡ଼ିଶା

କଟକ,୨୦।୨(କୁମାରଶ୍ରୀ)

ଝାଡ଼ଖଣ୍ଡରେ ଶୁକ୍ରବାର ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ ପୁରୁଷ ଟ୍ରାଇବାଲ ଗେମ୍ସରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍‌ରେ ପରାଜୟ ବରଣ କରିଛି। ରାଞ୍ଚିର ମୋରାବାଦି ଫୁଟ୍‌ବଲ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୦-୨ ଗୋଲ୍‌ରେ ପଶ୍ଚିମବଙ୍ଗଠାରୁ ପରାସ୍ତ ହୋଇଛି। ପ୍ରକାଶଥାଉ କି, ଓଡ଼ିଶା ସମେତ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଆଣ୍ଡାମାନ ନିକୋବର ଗ୍ରୁପ୍-ଡି'ରେ ସ୍ଥାନ ପାଇଛନ୍ତି। ଆସନ୍ତା ୨୨ ତାରିଖରେ ଝାଡ଼ଖଣ୍ଡ ବିପକ୍ଷରେ ଦଳ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବ।







# ୧୯ ଫୁଟ୍‌ବଲପ୍ରେମୀଙ୍କୁ ଜେଲଦଣ୍ଡ ଓ ଜରିମାନା

ରାବାତ(ମରକ୍କୋ), ୨୦।୨(ଏପି)

ମରକ୍କୋ ଓ ସେନେଗାଲ ମଧ୍ୟରେ ଆଫ୍ରିକା କପ୍ ଅଫ୍ ନେଶନ୍ସ ଫାଇନାଲ ମ୍ୟାଚ୍ ବେଳେ ସମର୍ଥକମାନେ ପଡ଼ିଆ ଭିତରକୁ ପ୍ରବେଶ କରିବା ଲାଗି ଚେଷ୍ଟା କରିବା ଏବଂ ଗୁଣ୍ଡାଗିରି କରିବା ଅଭିଯୋଗରେ ମରକ୍କୋର ଏକ କୋର୍ଟ ୧୨ ଜଣ ଫୁଟ୍‌ବଲପ୍ରେମୀଙ୍କୁ ଜେଲଦଣ୍ଡ ସହ ଆର୍ଥିକ ଜରିମାନା ପ୍ରଦାନ କରିଛନ୍ତି। ବିଚାରପତି ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଶୁଣାଣି କରିବା ପରେ ରାୟ ଶୁଣାଇଥିଲେ। ଗଣ୍ଡଗୋଳକାରୀଙ୍କ ମଧ୍ୟରେ ୧୮ ଜଣ ସିଂହଳି ଏବଂ ଜଣେ ଫ୍ରେଞ୍ଚ୍ ରହିଥିଲେ। ସେମାନଙ୍କ ବିରୋଧରେ କ୍ରୀଡ଼ା ଇଭେଣ୍ଟ ବେଳେ ହିଂସାତ୍ମକ କାର୍ଯ୍ୟକଳାପରେ ଲିପ୍ତ ରହିବା ଏବଂ ଭଙ୍ଗାରୁଜା କରିବା ଆଦି ୬ରୁ ଅଧିକ ଅଭିଯୋଗ ଅଣାଯାଇଥିବାରୁ ଦୋଷୀ ସାବ୍ୟସ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୧ଜଣଙ୍କୁ ବର୍ଷେ ଲେଖାଏ ଜେଲଦଣ୍ଡ ବ୍ୟତୀତ ୫୫୦ ଡଲାର ଜରିମାନା କରାଯାଇଛି। ୪ ଜଣଙ୍କୁ ୬ ମାସ ଜେଲଦଣ୍ଡ ସହ ୨୧୮ ଡଲାର ଜରିମାନା ହୋଇଛି। ଅବଶିଷ୍ଟ ୪ଜଣଙ୍କୁ ୩ ମାସ ଜେଲଦଣ୍ଡ ବ୍ୟତୀତ ୧୩୦ ଡଲାର ଜରିମାନା ହୋଇଛି। ଆଇନଜୀବୀ ନାଇମା ଏଲ୍ ଗ୍ୟୁଲେଫା ଏହି ସୂଚନା ଦେଇଛନ୍ତି।

## ମହାବୀର, କିଶୋର କ୍ଲବ୍ ବିଜୟୀ

**ବିହାରୀଲାଲ୍ କ୍ରିକେଟ**

ପୁରୁଣା ଭୁବନେଶ୍ୱର, ୨୦।୨
(ସୁବାସ ଚନ୍ଦ୍ର ପ୍ରଧାନ)

ପୋଖରୀପୁଟସ୍ଥିତ ବିହାରୀଲାଲ୍ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଚାଲିଥିବା ୨୭ତମ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ଶୁକ୍ରବାର ମୋଟ୍ ୪ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ପ୍ରଥମ ମ୍ୟାଚ୍‌ରେ ପୁରୀର ମହାବୀର କ୍ଲବ ୫ ରନ୍‌ରେ ଜାଗୃତି କ୍ଲବ୍‌କୁ ହରାଇଥିବାବେଳେ ଦ୍ୱିତୀୟ ମ୍ୟାଚ୍‌ରେ କିଶୋର କ୍ଲବ୍ ୧୧ ରନ୍‌ରେ ସହିଦ୍ ସ୍ପୋର୍ଟିଂକୁ ପରାସ୍ତ କରିଛି। ସେହିପରି ଭେଟେରାନ୍ ବର୍ଗରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ କିଶୋର କ୍ଲବ୍ ୨୮ ରନ୍‌ରେ ମହାବୀର କ୍ଲବ୍‌କୁ ଏବଂ ବିହାରୀଲାଲ୍ କ୍ଲବ୍ ୮ ଉଇକେଟରେ ନିମାପଡ଼ା ଦଳକୁ ହରାଇ ଦେଇଛି। ଶ୍ରୀବସ୍ତ ବଲ୍ଲଭ ସାମନ୍ତରାୟ, କେଦାରନାଥ ରଣସିଂ, ମନୋଜ ବିଶ୍ୱାଳ, ଅକ୍ଷୟ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିଥିଲେ। ବିହାରୀଲାଲ୍ ସ୍ପୋର୍ଟ୍ସ ଟ୍ରଷ୍ଟ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି।

## ଆର୍ଜେଣ୍ଟିନା ଫୁଟ୍‌ବଲ ସଭାପତିଙ୍କୁ ଦେଶ ଛାଡ଼ିବାକୁ ବାରଣ

ବୁଏନସ୍ ଏୟାର୍ସ,୨୦।୨(ଏପି)

ଆର୍ଜେଣ୍ଟିନାରେ ଜଣେ ବିଚାରପତି ଆର୍ଜେଣ୍ଟାଇନ୍ ଫୁଟ୍‌ବଲ ଆସୋସିଏଶନର ସଭାପତି ଏବଂ ଅନ୍ୟ ୪ ଅଫିସିଆଲଙ୍କ ପ୍ରତି କଟକଣା ଜାରି କରିଛନ୍ତି। ସେମାନେ ବର୍ତ୍ତମାନ ଦେଶ ବାହାରକୁ ଯାଇ ପାରିବେ ନାହିଁ। ସାମାଜିକ ସୁରକ୍ଷା ଅବଦାନର ଅପବ୍ୟବହାର ନେଇ ହୋଇଥିବା ଅଭିଯୋଗ ଉପରେ ସାକ୍ଷ୍ୟ ପ୍ରଦାନ ଲାଗି ସେମାନଙ୍କୁ କୋର୍ଟ ତରଫରୁ ସମନ କରାଯାଇଛି। ଆର୍ଜେଣ୍ଟିନା ଫୁଟ୍‌ବଲ ଆସୋସିଏଶନର ଜଣେ ଉଚ୍ଚ ପଦାଧିକାରୀ କ୍ଲାଉଡିଓ ଟାପିଆ ଆଇନଗତ କାର୍ଯ୍ୟାନୁଷ୍ଠାନ ସମ୍ମୁଖୀନ ହୋଇଛନ୍ତି। ତାଙ୍କ ନାମରେ ଆର୍ଥିକ ପରିଚାଳନାରେ ଚଞ୍ଚକତା ଏବଂ ବେଆଇନ ଭାବେ ବିପୁଳ ବହିର୍ଭୂତ ସମ୍ପତ୍ତି ଠୁଳ ଆଦି ସଙ୍ଗିନ ଅଭିଯୋଗମାନ ଆସିଛି।




| PARAMETER | VICTORIS S-CNG | COMPETITION MID SUV DIESEL | BENEFIT OF VICTORIS S-CNG OVER DIESEL CARS |
|---|---|---|---|
| Running Cost/km | ₹4 | ~ ₹6.1 | ✓ More savings per km |
| Lower Maintenance Cost | ✓ | ✗ | ✓ Easy on pocket |
| Reduced Emission | ✓ | ✗ | ✓ Good for environment |
| Recovery Period# | ~3.8 Yrs | ~11.1 Yrs | ✓ Faster recovery |

Applicable T&C available at your nearest dealership. Creative visualization. Car colour may vary due to printing on paper. Images used are for illustration purposes only. Features may vary by model/conditions. For details on functioning of safety features including airbags, kindly refer to the Owner's Manual. #Considered average daily drive of 35 km. Fuel Cost calculation done basis fuel prices in Delhi as of 11th Feb 2026 and considered 70% delivery of ARAI tested Mileage. **The loyalty reward scheme is subject to terms and conditions. For more details visit authorised dealership. The offer is valid only on Victoris. *As certified by Test Agency under Rule 115 (G) of Central Motor Vehicles Rules 1989.

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଧରିତ୍ରୀ 52 Years
ପୃଷ୍ଠା–୧୨+୮
ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୧/୨୦୨୬ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 21/2026 Page 20 ₹ 7.00
୫୨ଶ ଭାଗ ୮୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 89 ମୂଲ୍ୟ₹୭/-

KHIMJI TRUST SINCE 1936

KHIMJI®
JEWELLERS SINCE 1936




90 YEARS
TRUST IS TIMELESS

BHUBANESWAR: • JANPATH • CHANDRASEKHARPUR • SAMANTARAPUR • SOUBHAGYA NAGAR
SHOWROOMS ALSO AT: ANGUL | BERHAMPUR | CUTTACK | JAJPUR ROAD | JHARSUGUDA | PURI | ROURKELA | SAMBALPUR (Opening Shortly)

100% BIS Hallmarked HUID Pure Gold Jewellery | Fair Price Policy | Tested And Certified Diamonds | Lifetime Buyback Guarantee | 100% Exchange Of Old Gold | Free Insurance On Diamonds | Safe Gold Purchase Scheme

Khimjijewellers.com 1800 3131 777 FOLLOW US ON:

SCAN TO KNOW MORE



# ସ୍ୱାସ୍ଥ୍ୟସେବା: ବଢ଼ିବ ୫,୦୦୦ ଆଇପିଡି ଶଯ୍ୟା

## ୨୩,୧୮୨ କୋଟିର ବ୍ୟୟବରାଦ

'ଆରୋଗ୍ୟମ ପରମମ୍ ଧନମ୍ - ସୁସ୍ଥ ଓଡ଼ିଶା, ବିକଶିତ ଓଡ଼ିଶା' ହେଉଛି ରାଜ୍ୟ ସରକାରଙ୍କ ମାର୍ଗଦର୍ଶକ ନୀତି। ଏହି ଦୂରଦୃଷ୍ଟି ଦ୍ୱାରା ଅନୁପ୍ରାଣିତ ହୋଇ ଆମେ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିଗରେ ଦୃଢ଼ ଭାବରେ ଅଗ୍ରସର ହେଉଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ୍ ଉପସ୍ଥାପନ ବେଳେ କହିଛନ୍ତି। ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ନିମନ୍ତେ ୨୩,୧୮୨ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ କରିଛନ୍ତି। ଏଥିରେ କାର୍ଯ୍ୟକ୍ରମ ବ୍ୟୟ ଅଧୀନରେ ୧୭,୭୩୭ କୋଟି ଟଙ୍କା ଅନ୍ତର୍ଭୁକ୍ତ। ସେଥିରେ 'ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ' ପାଇଁ ୫୦୦୮କୋଟି ଟଙ୍କାର ବ୍ୟୟବରାଦ କରଯାଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରସ୍ତାବିତ ଏହି ବ୍ୟୟ ମୋଟ ବଜେଟ ଆକାରର ୭.୫%ରୁ ଅଧିକ, ଯାହା ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା, ଉଦ୍ଦେଶ୍ୟ ଏବଂ କାର୍ଯ୍ୟାନୁଷ୍ଠାନକୁ ପ୍ରତିଫଳିତ କରେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବୃଦ୍ଧି ପାଉଥିବା ରୋଗୀଙ୍କ ସଂଖ୍ୟା ଏବଂ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ସରକାର ସାରା ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷମତାର ଏକ ବ୍ୟାପକ ସମ୍ପ୍ରସାରଣ ଆରମ୍ଭ କରିଛନ୍ତି। ମେଡିକାଲ କଲେଜ, ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ୫,୦୦୦ ଆଇପିଡି ଶଯ୍ୟା ସଂଯୋଗ କରିବୁ। କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲରେ ୧,୮୦୦ ଶଯ୍ୟା ବିଶିଷ୍ଟ ସୁବିଧା ସୃଷ୍ଟି କରାଯିବ। କେହି ଯେପରି ଜୀବନ ରକ୍ଷାକାରୀ ସହାୟତାରୁ ବଞ୍ଚିତ ନ ହୁଅନ୍ତି, ତାହା ନିଶ୍ଚିତ କରିବା ପାଇଁ ଭେଣ୍ଟିଲେଟର ଏବଂ କେନ୍ଦ୍ରୀଭୂତ ମନିଟରିଂ ସୁବିଧା ଥିବା ୧,୦୦୦ଟି ଅତ୍ୟାଧୁନିକ ଆଇସିୟୁ ଶଯ୍ୟା ସହିତ ବିଶେଷ ଗୁରୁତର ଚିକିତ୍ସା ପାଇଁ ୫୦୦ଟି ହାଇ ଡିପେଣ୍ଡେନ୍ସି ୟୁନିଟ୍ (ଏଚ୍‌ଡିୟୁ) ଶଯ୍ୟା ସ୍ଥାପନ କରିବାକୁ ମୁଖ୍ୟମନ୍ତ୍ରୀ ବଜେଟରେ ଘୋଷଣା କରିଛନ୍ତି। ଏହି ୟୁନିଟ୍‌ଗୁଡ଼ିକୁ ସଚଳ କରିବା ପାଇଁ ଆବଶ୍ୟକ ବିଶେଷଜ୍ଞ ଡାକ୍ତର, ନର୍ସ ଏବଂ ଟେକ୍ନିସିଆନମାନଙ୍କୁ ମଧ୍ୟ ନିଯୁକ୍ତି ଦିଆଯିବ।

### ଉନ୍ନତ କର୍କଟ ଚିକିତ୍ସା: ୩୧୧ କୋଟି

'ଓଡ଼ିଶା କର୍କଟ ଚିକିତ୍ସା ଯୋଜନା'କୁ 'ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା ଅଭିଯାନ' ଭାବରେ ନବୀକରଣ କରିବା ପାଇଁ ବଜେଟରେ ଉଲ୍ଲେଖ କରାଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ ବ୍ୟାପକ ଜନସଚେତନତା, ଗ୍ରାମ ସ୍ତରରେ ତ୍ରିପାକ୍ଷିକ ଯାଞ୍ଚ ଏବଂ ମୋବାଇଲ କ୍ୟାମ୍ପ, କ୍ୟାନ୍‌ସର ରେଜିଷ୍ଟ୍ରି, ଶୀଘ୍ର ଚିକିତ୍ସା ପାଇଁ ଏକ ଡିଜିଟାଲ ହବ୍-ଆଣ୍ଡ-ସ୍ପୋକ ମଡେଲ ଏବଂ ମାଗଣା ରୋଗୀ ପରିବହନ ସେବା ପାଇଁ ମୁଖ୍ୟମନ୍ତ୍ରୀ ୩୧୧ କୋଟି ଟଙ୍କାର ବ୍ୟୟବରାଦ କହିଛନ୍ତି।

### ଏନ୍‌ଏଚ୍‌ଏମ୍-୧୯୫୮ କୋଟି, ନିରାମୟ- ୭୮୬ କୋଟି




ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍) ଅଧୀନରେ ରାଜ୍ୟ ସରକାର ମାଗଣା ଔଷଧ, ରୋଗ ନିରୂପଣ, ଡାଏଲିସିସ୍, ରକ୍ତ ଏବଂ ଆମ୍ବୁଲାନ୍ସ ସେବାର ସମ୍ପ୍ରସାରଣ କରି ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରୁଛନ୍ତି। ଏହା ସହିତ, 'ନିରାମୟ' ଯୋଜନାରେ ଔଷଧ ବିତରଣ କେନ୍ଦ୍ରଗୁଡ଼ିକର ଏକ ବ୍ୟାପକ ନେଟୱର୍କ ମାଧ୍ୟମରେ ମାଗଣା ଔଷଧ, ଅସ୍ତ୍ରୋପଚାର ଓ ସିଲେଇ ସାମଗ୍ରୀ, ଟିକା, କର୍କଟ ରୋଗ ବିରୋଧୀ ଔଷଧ ଏବଂ ରକ୍ତ ସମ୍ବନ୍ଧୀୟ ସାମଗ୍ରୀ ପ୍ରଦାନକରାଯାଉଛି। ୨୦୨୬-୨୭ପାଇଁମୁଖ୍ୟମନ୍ତ୍ରୀଏନ୍‌ଏଚ୍‌ଏମ୍‌ଅଧୀନରେ୧,୯୫୮ କୋଟିଟଙ୍କା ଏବଂ 'ନିରାମୟ' ଅଧୀନରେ ୭୮୬ କୋଟିଟଙ୍କାର ବ୍ୟୟବରାଦ କରିଛନ୍ତି।

### ନିଦାନ ପାଇଁ ୩୭୧ କୋଟି

'ନିଦାନ' ଯୋଜନା ରେ ମାଗଣା ରୋଗ ନିରୂପଣ ଏବଂ ଡାଏଲିସିସ୍ ସେବା ପ୍ରଦାନ କରାଯାଉଛି। ଏଥିରେ ସିଟି ସ୍କାନ୍, ଏମ୍‌ଆର୍‌ଆଇ ଏବଂ ଏକ୍ସ-ରେ ଭଳି ଉଚ୍ଚମାନର ପରୀକ୍ଷାଗୁଡ଼ିକ ପାଇଁ ଉପଭୋକ୍ତା ଶୁଳ୍କ ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ 'ନିଦାନ' ଯୋଜନା ନିମନ୍ତେ ୩୭୧ କୋଟି ଟଙ୍କା, ଜରୁରିକାଳୀନ ମେଡିକାଲ ଆମ୍ବୁଲାନ୍ସ ସେବା ପାଇଁ ୧୯୮ କୋଟି ଟଙ୍କା ଏବଂ ଆଶାକର୍ମୀଙ୍କ କଲ୍ୟାଣ ନିମନ୍ତେ 'ସ୍ୱାସ୍ଥ୍ୟ ସହାୟ' ପାଇଁ ୧୮୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

### ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ୪,୨୭୯ କୋଟି




ରାଜ୍ୟ ସରକାର ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜିଜେଏୱାଇ) ଏବଂ ଆୟୁଷ୍ମାନଭାରତପ୍ରଧାନମନ୍ତ୍ରୀଜନଆରୋଗ୍ୟଯୋଜନା(ଏବିପିଏମ୍‌ଜେଏୱାଇ)ର ସମନ୍ୱିତ କାର୍ଯ୍ୟାନ୍ୱୟନ ମାଧ୍ୟମରେ ଦେଶବ୍ୟାପୀ ୨୯,୦୦୦ରୁ ଅଧିକ ପଞ୍ଜୀକୃତ ସରକାରୀ ଏବଂ ବେସରକାରୀ ଡାକ୍ତରଖାନା ଜରିଆରେ ୧.୦୩ କୋଟି ପରିବାରର ପ୍ରାୟ ୩.୪୬ କୋଟି ବ୍ୟକ୍ତିଙ୍କୁ ସୁନିଶ୍ଚିତ ଏବଂ କ୍ୟାସଲେସ୍ (ନଗଦ ବିହୀନ) ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି। ୨୦୨୬-୨୭ ପାଇଁ ମୁଖ୍ୟମନ୍ତ୍ରୀ ଏହି ଯୋଜନାଗୁଡ଼ିକ ନିମନ୍ତେ ୪,୨୭୯ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି।

### ୨ ବର୍ଷରେ ବଢ଼ିବ ୫୦୦ ମେଡିକାଲ ପିଜି ସିଟ୍

ସମସ୍ତ ଜିଲା ଏବଂ ମେଡିକାଲ କଲେଜଗୁଡ଼ିକରେ ବିଶେଷଜ୍ଞ ସେବା ଉପଲବ୍ଧ କରାଇବା ପାଇଁ ରାଜ୍ୟ ସରକାର ସ୍ନାତକୋତ୍ତର (ପିଜି) ଚିକିତ୍ସା ଶିକ୍ଷାକୁ ଯଥେଷ୍ଟ ସୁଦୃଢ଼ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଆଗାମୀ ଦୁଇ ବର୍ଷ ମଧ୍ୟରେ ୫୦୦ଟି ପିଜି ସିଟ୍ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି। ଏହା ବ୍ୟତୀତ ଯେଉଁ ଜିଲାଗୁଡ଼ିକରେ ସରକାରୀ ସୁବିଧା ଉପଲବ୍ଧ ନାହିଁ, ସେଠାରେ ନର୍ସିଂ, ପାରାମେଡିକାଲ ଏବଂ ଆନୁଷଙ୍ଗିକ ସ୍ୱାସ୍ଥ୍ୟ ପାଠ୍ୟକ୍ରମ ଆରମ୍ଭ କରିବାକୁ ମଧ୍ୟ ସେ ବଜେଟରେ ପ୍ରସ୍ତାବ ଦେଇଛନ୍ତି।

### ନୂଆ ଯୋଜନା: 'ଅଟଳ ରକ୍ତ ଦାନ ଅଭିଯାନ'

ମୁଖ୍ୟମନ୍ତ୍ରୀ ନୂତନ ଯୋଜନା ଭାବେ 'ଅଟଳ ରକ୍ତ ଦାନ ଅଭିଯାନ' ଆରମ୍ଭ କରିବାକୁ ବଜେଟରେ ପ୍ରସ୍ତାବ ଦେଇଛନ୍ତି। ଏହା ଅଧୀନରେ ରାଜ୍ୟର ସମସ୍ତ ମେଡିକାଲ କଲେଜରେ ରକ୍ତ ଭଣ୍ଡାର ପ୍ରତିଷ୍ଠା, ରାଜ୍ୟର ସମସ୍ତ ରକ୍ତ ଭଣ୍ଡାରର ଉନ୍ନତୀକରଣ ଓ ଆଧୁନିକୀକରଣ, ୫୦ଟି ମୋବାଇଲ ରକ୍ତ ସଂଗ୍ରହ ୟୁନିଟ୍‌ର ବ୍ୟବସ୍ଥା ଏବଂ ପ୍ଲାଜ୍‌ମା ଫ୍ରାକ୍ସନେସନ କେନ୍ଦ୍ର ପ୍ରତିଷ୍ଠା କରାଯିବ।



# ପୁରୀ: ୫୦୦ କୋଟିରେ 'ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲ'

### କେନ୍ଦ୍ରାପଡ଼ାରେ ମେଗା ଜାହାଜ ନିର୍ମାଣ କ୍ଲଷ୍ଟର

### ବାହୁଦା ମୁହାଣରେ ହେବ ସାଟେଲାଇଟ୍ ବନ୍ଦର

ଓଡ଼ିଶା ମ୍ୟାରିଟାଇମ୍ ବୋର୍ଡ ଏବଂ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ସହଭାଗିତାରେ କେନ୍ଦ୍ରାପଡ଼ାଠାରେ ୨୨,୭୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗରେ ଏକ 'ଜାତୀୟ ମେଗା ଜାହାଜ ନିର୍ମାଣ କ୍ଲଷ୍ଟର' ପ୍ରତିଷ୍ଠା ହେବାକୁ ଯାଉଛି। ଗଞ୍ଜାମର ବାହୁଦା ମୁହାଣଠାରେ ସାଗରମାଳା ଫାଇନାନ୍ସ କର୍ପୋରେଶନ ଲିମିଟେଡ୍‌ର ୨୧,୫୦୦ କୋଟି ଟଙ୍କା ସହାୟତାରେ ଏକ ବାରମାସୀ ସାଟେଲାଇଟ ବନ୍ଦର ନିର୍ମାଣ କରାଯାଉଛି। ଅନ୍ତର୍ଦେଶୀୟ କାର୍ଗୋ ପରିବହନରେ ଉନ୍ନତି ଆଣିବା ପାଇଁ ୧୨,୨୦୦ କୋଟି ଟଙ୍କାର ବିନିଯୋଗ ସହିତ 'ଜାତୀୟ ଜଳପଥ-୫'କୁ କାର୍ଯ୍ୟକ୍ଷମ କରାଯିବ। ପୁରୀଠାରେ ୫୦୦ କୋଟି ଟଙ୍କା ବ୍ୟୟରେ ଏକ 'ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲ' ପର୍ଯ୍ୟଟନ ଏବଂ ବିଶ୍ୱସ୍ତରୀୟ ସଂଯୋଗୀକରଣକୁ ବୃଦ୍ଧି କରିବ।

### ନୂଆ ଯୋଜନା ସିଏମ୍ ସମ୍ପଦ

ଖଣି ପ୍ରଭାବିତ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ପାଇ ଅଭିନବ ପଦକ୍ଷେପ ଭାବେ ମୁଖ୍ୟମନ୍ତ୍ରୀ 'ସିଏମ୍-ସମ୍ପଦ' ନାମରେ ଏକ ନୂଆ ଯୋଜନା ବଜେଟରେ ଘୋଷଣା କରିଛନ୍ତି। ଏଥିରେ ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ଭଳି ଅତିରିକ୍ତ ବଜେଟ ସମ୍ବଳରୁ ପାଣ୍ଠି ବିନିଯୋଗ କରାଯିବ। ଏହା ବର୍ତ୍ତମାନର ସାମାଜିକ ସୁବିଧାଗୁଡ଼ିକର ୧୦୦% ପରିପୂର୍ଣ୍ଣତା ହାସଲ କରିବାରେ ସହାୟକ ହେବ। ଏକ ରିଅଲ-ଟାଇମ୍ ଡ୍ୟାସ୍‌ବୋର୍ଡ ଏବଂ ବହୁସ୍ତରୀୟ ସମୀକ୍ଷା ବ୍ୟବସ୍ଥା ଦ୍ୱାରା ଏହା ଅସହାୟ ଗୋଷ୍ଠୀଙ୍କୁ ସ୍ୱାସ୍ଥ୍ୟସେବା, ସ୍ୱଚ୍ଛ ପାଣି ଏବଂ ଶିକ୍ଷା ଭଳି ଅତ୍ୟାବଶ୍ୟକ ସେବାଗୁଡ଼ିକ ଯୋଗାଇବ।

### ଭୁବନେଶ୍ୱରରେ ୫ ନୂଆ ସରକାରୀ କୋଠା

ବିକଶିତ ଓଡ଼ିଶା ଦୂରଦୃଷ୍ଟି ଅଧୀନରେ ରାଜ୍ୟ ସରକାର ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଆମେରିକୀୟ ଡଲାର ଅର୍ଥନୀତିରେ ରୂପାନ୍ତରିତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଆଗାମୀ ପିଢ଼ିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ନିମ୍ନଲିଖିତ ନୂତନ ସରକାରୀ ଅଟ୍ଟାଳିକା ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଉଛନ୍ତି। ସେଥିମଧ୍ୟରୁ ଗୋଟିଏ ହେଲା ଜନ ଆଶ୍ରୟ ଭବନ, ଯାହା କେତେକ କାର୍ଯ୍ୟରେ ରାଜ୍ୟ ରାଜଧାନୀକୁ ଆସୁଥିବା ବିଭିନ୍ନ ଜିଲାର ଲୋକଙ୍କ ଆବଶ୍ୟକତା ପୂରଣ କରିପାରି। ଅନ୍ୟ କୋଠାଗୁଡ଼ିକ ହେଲା, ନୂତନ ବିଧାନସଭା ସୌଧ, ରାଜ୍ୟ ସଚିବାଳୟ, ବିଶ୍ୱସ୍ତରୀୟ ସଂଗ୍ରହାଳୟ ଏବଂ ଓଡ଼ିଶା ମଣ୍ଡପ ସମ୍ମିଳନୀ କେନ୍ଦ୍ର।



### ଉତ୍କର୍ଷ ଆଇଟିଆଇ: ୧୦୦ କୋଟି

ରାଜ୍ୟ ସରକାର ୨୦୨୫-୨୬ରୁ ୨୦୨୭-୨୮ ପର୍ଯ୍ୟନ୍ତ ତିନି ବର୍ଷ ପାଇଁ ମୋଟ ୫୦୦ କୋଟି ଟଙ୍କାର ବ୍ୟୟବରାଦ ସହିତ 'ଉତ୍କର୍ଷ ଆଇଟିଆଇ ଯୋଜନା'କୁ ଅନୁମୋଦନ କରିଛନ୍ତି। ଏହି ଯୋଜନା ଅଧୀନରେ ରାଜ୍ୟର ୫ଟି ବିଦ୍ୟମାନ ସରକାରୀ ଆଇଟିଆଇକୁ 'ଉତ୍କର୍ଷ ଆଇଟିଆଇ' ଭାବରେ ଉନ୍ନତୀକରଣ କରାଯିବ। ଉଦୀୟମାନ ବ୍ୟବସାୟିକ କ୍ଷେତ୍ରରେ ଅଧିକ ଛାତ୍ରୀଛାତ୍ରଙ୍କୁ ଅନ୍ତର୍ଭୁକ୍ତ କରିବା, ସୁଦୃଢ଼ ଶିଳ୍ପ ଭାଗିଦାରି, ଉତ୍କର୍ଷ କେନ୍ଦ୍ର ଏବଂ ଅତ୍ୟାଧୁନିକ ଭିତ୍ତିଭୂମି ନିର୍ମାଣ ପାଇଁ ପ୍ରତି ଆଇଟିଆଇ ପିଛା ପ୍ରାୟ ୧୦୦ କୋଟି ଟଙ୍କା ନିବେଶ କରାଯିବ।

### ୨ ଆୟୁର୍ବେଦିକ, ୩ ହୋମିଓପାଥି ମେଡିକାଲ କଲେଜ ପ୍ରତିଷ୍ଠା ହେବ

ଗୁଣାତ୍ମକ ଚିକିତ୍ସା ଶିକ୍ଷାର ସମ୍ପ୍ରସାରଣ ଏବଂ ଆୟୁଷ ପରିସଂସ୍ଥାକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗଜପତି, ମାଲକାନଗିରି ଏବଂ ରାୟଗଡ଼ାଠାରେ ୩ଟି ନୂତନ ଆୟୁର୍ବେଦିକ ମେଡିକାଲ କଲେଜ ଏବଂ ନୟାଗଡ଼ ଓ ନୂଆପଡ଼ାଠାରେ ୨ଟି ନୂତନ ହୋମିଓପାଥି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଘୋଷଣା କରିଛନ୍ତି। ଏଥିପାଇଁ ୧୪୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏଥିସହ ପ୍ରାଥମିକ ସ୍ୱାସ୍ଥ୍ୟସେବାକୁ ଅଧିକ ବ୍ୟାପକ କରିବା ପାଇଁ ରାଜ୍ୟରେ ୧,୮୦୭ଟି ଅତିରିକ୍ତ ସ୍ୱାସ୍ଥ୍ୟ ଉପ-କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ମୁଖ୍ୟମନ୍ତ୍ରୀ ୧୭୬ କୋଟି ଟଙ୍କାର ପ୍ରସ୍ତାବ ଦେଇଛନ୍ତି।

### ୫ ହସ୍ପିଟାଲରେ ହେବ ସ୍ୱତନ୍ତ୍ର ବର୍ନ ୟୁନିଟ୍

ପୁରୀ, ବୁର୍ଲା, କୋରାପୁଟ, ବ୍ରହ୍ମପୁର ଏବଂ କ୍ୟାପିଟାଲ ହସ୍ପିଟାଲଠାରେ ସ୍ୱତନ୍ତ୍ର 'ବର୍ନ ୟୁନିଟ' ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି। ଏଥିପାଇଁ ବଜେଟରେ ୨୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିପରି ଅଗ୍ନି ନିରାପତ୍ତା ଏବଂ ସୌର ଶକ୍ତି ସ୍ଥାପନ ପାଇଁ ୪୭୩ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଛି।




### ଏସ୍‌ସିବି ମେଡିକାଲର ବିକାଶ ପାଇଁ ୧୦୦୦ କୋଟି

ଆର୍ଥିକ ବର୍ଷ ୨୦୨୬-୨୭ର ନୂତନ ଏବଂ ପ୍ରମୁଖ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ରାଜ୍ୟର ତୃତୀୟ ପର୍ଯ୍ୟାୟ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବ୍ୟାପକ ଉନ୍ନତୀକରଣ ଉପରେ ଏକ ଦୃଢ଼ ଏବଂ ରଣନୈତିକ ଗୁରୁତ୍ୱ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜର ପୁନର୍ବିକାଶ ପାଇଁ ୧,୦୦୦ କୋଟି ଟଙ୍କା ଏବଂ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ ଓ ବୁର୍ଲାର ଭିମ୍‌ସାର ପୁନର୍ବିକାଶ ପାଇଁ ୬୦୦ କୋଟି ଟଙ୍କାର ବ୍ୟବସ୍ଥା ପ୍ରସ୍ତାବ କରୁଛି।

# 'ସମୃଦ୍ଧ କୃଷକ' ପାଇଁ ୬,୦୮୮ କୋଟି



### ବଜେଟରେ କୃଷି ଓ କୃଷକଙ୍କୁ ସରକାରଙ୍କ ଗୁରୁତ୍ୱ

- ୫ ହଜାର କୋଟିର ଆବର୍ତ୍ତନ ପାଣ୍ଠି
- ମୟୂରଭଞ୍ଜରେ ୨୦ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେବ କୃଷି କଲେଜ
- ଚିପିଲିମାଠାରେ ପ୍ରାଣୀ ବିଜ୍ଞାନ ମହାବିଦ୍ୟାଳୟ, ବଲାଙ୍ଗୀରରେ କୃଷି ମହାବିଦ୍ୟାଳୟ ଓ ସୋନପୁରରେ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ

ଭୁବନେଶ୍ୱର,୨୦।୨(ରବିନାରାୟଣ ଜେନା)

ଓଡ଼ିଶାରେ କୃଷି କେବଳ ଏକ ବୃତ୍ତି ନୁହେଁ, ଏହା ହେଉଛି ରାଜ୍ୟର ପରିଚୟ। ଚାଷ ଓଡ଼ିଶାର ପରମ୍ପରା ଓ ଅନେକ ଲକ୍ଷ କୃଷକ ପରିବାରର ଜୀବନରେଖା ହୋଇଥିବାରୁ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟରେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ସରକାର ଏହି କ୍ଷେତ୍ରରେ ଅନେକ ନୂଆ ପଦକ୍ଷେପ ନେବା ସହ କୃଷକଙ୍କ ଆୟ ବୃଦ୍ଧି ଲକ୍ଷ୍ୟରେ ବିବିଧ ଯୋଜନା ଓ ପ୍ରକଳ୍ପ ସକାଶେ ଆବଣ୍ଟନ କରିଛନ୍ତି। ଏହି କ୍ରମେ ମୟୂରଭଞ୍ଜରେ ୨୦ କୋଟି ଟଙ୍କା ବ୍ୟୟରେ ଏକ ନୂତନ କୃଷି କଲେଜ ନିର୍ମାଣ କରାଯିବ। ସେହିପରି ସମ୍ବଲପୁର ଜିଲା ଚିପିଲିମାଠାରେ ପ୍ରାଣୀ ବିଜ୍ଞାନ ମହାବିଦ୍ୟାଳୟ, ବଲାଙ୍ଗୀରରେ କୃଷି ମହାବିଦ୍ୟାଳୟ ଓ ସୋନପୁରରେ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯିବା ନେଇ ପ୍ରସ୍ତାବ ରହିଛି। ଏହି କୃଷିଭିତ୍ତିକ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ନିର୍ମାଣ ପାଇଁ ମୋଟ ୩୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ବିଧାନସଭାରେ ବଜେଟ ଉପସ୍ଥାପନ ବେଳେ ଗୃହକୁ ଅବଗତ କରାଇଛନ୍ତି। ମୁଖ୍ୟମନ୍ତ୍ରୀ ତୃତୀୟ ଥର ବଜେଟ ଉପସ୍ଥାପନ କରି ନିଜ ଅଭିଭାଷଣରେ କୃଷକମାନଙ୍କ ଆର୍ଥିକ ମେରୁଦଣ୍ଡକୁ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, କୃଷକମାନେ ଅନେକ ଆଶା ଆକାଂକ୍ଷା ନେଇ କୃଷିକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥାନ୍ତି। ସେମାନେ ପାରମ୍ପରିକ ଜ୍ଞାନକୌଶଳ ସହ ଜଳବାୟୁ ଅନୁକୂଳ ବିଜ୍ଞାନଭିତ୍ତିକ ଚାଷ ପଦ୍ଧତିକୁ ଆପଣାଇ ଦେଶର ଖାଦ୍ୟ ଭଣ୍ଡାରକୁ ପରିପୂର୍ଣ୍ଣ କରିପାରିଛନ୍ତି। କୃଷକମାନେ 'ଜୟ ଯବାନ, ଜୟ କିଷାନ, ଜୟ ବିଜ୍ଞାନ' ଭାବନାରେ ପରିଚାଳିତ ହୋଇ ୬୧ ଲକ୍ଷ ୮୦ ହଜାର ହେକ୍ଟର ଜମିରେ ଚାଷ କରି ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି।

**୨୦୨୬-୨୭ ଆର୍ଥିକବର୍ଷର ବଜେଟରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପାଇଁ ୧୪,୭୦୧.୩୯ କୋଟି ଟଙ୍କା ଧାର୍ଯ୍ୟ ହୋଇଛି। ସେଥିମଧ୍ୟରୁ ୧,୧୦୯.୨୨ କୋଟି ପ୍ରଶାସନିକ ବ୍ୟୟ ବାବଦକୁ ଅଟକଳ କରାଯାଇଥିବାବେଳେ ୧୩,୫୯୨.୧୭ କୋଟି ଟଙ୍କା ବ୍ୟୟ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥର କୃଷି ଓ ଆନୁଷଙ୍ଗିକ କ୍ଷେତ୍ରକୁ ମୋଟ ୩୭,୮୩୮ କୋଟି ଟଙ୍କା ଆବଣ୍ଟନ କରାଯାଇଛି, ଯାହାକି ପୂର୍ବ ଆର୍ଥିକବର୍ଷ ତୁଳନାରେ ୧୨% ଅଧିକ।**

### ସମୃଦ୍ଧ କୃଷକ ଯୋଜନା

କୃଷକଙ୍କ ଆୟ ବୃଦ୍ଧି ଘଟାଇ ସେମାନଙ୍କୁ ଅର୍ଥନୀତିର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟ ସରକାର ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି। ତାହା ହେଉଛି 'ସମୃଦ୍ଧ କୃଷକ' ଯୋଜନା। ଏହି ଯୋଜନା ଅଧୀନରେ ଧାନ କୁଇଣ୍ଟାଲ ପିଛା ୩,୧୦୦ ଟଙ୍କାରେ କିଣାଯାଉଛି। ଏହି ଆର୍ଥିକ ସଂସ୍କାରମୂଳକ ପଦକ୍ଷେପକୁ ଆହୁରି ମଜଭୁତ କରିବା ପାଇଁ ସରକାର ୨୦୨୬-୨୭ ଆର୍ଥିକବର୍ଷରେ ୬,୦୮୮ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ଦେଇଛନ୍ତି। ଚାଷୀଙ୍କ ଧାନ କ୍ରୟ ପରେ ସେମାନଙ୍କୁ ଉଚିତ ଦେୟ ପଇଠ ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନର ଏକ ଆବର୍ତ୍ତନ ପାଣ୍ଠି (Revolving Fund) ଗଠନ କରାଯିବା ନେଇ ପ୍ରସ୍ତାବ ରହିଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।




କେନ୍ଦ୍ରର ପ୍ରଧାନମନ୍ତ୍ରୀ କିଷାନ ଯୋଜନାକୁ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ କିଷାନ ଯୋଜନାରେ ପରିବର୍ତ୍ତିତ କରିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ଗ୍ରାମାଞ୍ଚଳ, ସହରାଞ୍ଚଳର ଚାଷୀ, ଜମି ମାଲିକ, ଭୂମିହୀନ ପରିବାର ଓ ସମ୍ବେଦନଶୀଳ ଜନଜାତିଙ୍କୁ ଅତିରିକ୍ତ ସହାୟତା ପ୍ରଦାନ କରାଯାଇଥିବାବେଳେ ଏହାକୁ ଆହୁରି ପ୍ରଭାବଶାଳୀ କରିବା ଲାଗି ଆସନ୍ତା ଆର୍ଥିକବର୍ଷରେ ୨,୦୩୦ ଟଙ୍କାର ବ୍ୟୟବରାଦ କରାଯାଇଛି।

## ଶ୍ରୀ ଅନ୍ନ ଅଭିଯାନରେ ୪୦୦ କୋଟି



ମାଣ୍ଡିଆ ଭଳି ଜଳବାୟୁ ସହନଶୀଳ ତଥା ପୁଷ୍ଟିକର ଶସ୍ୟକୁ ସୁରକ୍ଷା ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କ 'ଶ୍ରୀ ଅନ୍ନ ଅଭିଯାନ'କୁ ୨୦୨୬-୨୭ ଆର୍ଥିକବର୍ଷରେ ୪୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ସେହିପରି ଧାନ ଉପରେ ଅତ୍ୟଧିକ ନିର୍ଭରଶୀଳତା ହ୍ରାସ ଉଦ୍ଦେଶ୍ୟରେ ବିଭିନ୍ନ କିସମର ଡାଲି, ତୈଳବୀଜ ଓ ଦେଶୀ ଧାନକୁ ପ୍ରୋତ୍ସାହନ ଦିଆଯାଉଛି। ଏଥିପାଇଁ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳରେ ଫସଲ ବିବିଧକରଣ ଓ ଅମଳ ପରବର୍ତ୍ତୀ ଧାନ ପଡ଼ିଆ ପରିଚାଳନା ଲାଗି ୪୬୯ କୋଟି ଟଙ୍କା ଖର୍ଚ୍ଚ କରାଯିବ। ୬ ଜିଲାରେ କଫି ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ୧୫୦ କୋଟି ଟଙ୍କାର ପ୍ରସ୍ତାବ ରହିଥିବାବେଳେ ପ୍ରଯୁକ୍ତି ଜରିଆରେ ଉନ୍ନତ ଆଖୁ ଚାଷ ନିମନ୍ତେ ୨୭ କୋଟି ଏବଂ ବଳଭଦ୍ର ଜୈବିକ ଚାଷ ମିଶନକୁ ୨୮ କୋଟି ଟଙ୍କା ପ୍ରଦାନ ବ୍ୟବସ୍ଥା କରାଯାଇଥିବା ମୁଖ୍ୟମନ୍ତ୍ରୀ ବିଧାନସଭାରେ ସୂଚନା ଦେଇଛନ୍ତି।



## ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ଲକ୍ଷ୍ୟ

ରାଜ୍ୟ ସରକାର ଚାଷଜମିକୁ ଆବଶ୍ୟକ ଜଳସେଚନ ବ୍ୟବସ୍ଥା ପାଇଁ ଉପସ୍ଥାପିତ ବଜେଟରେ ବ୍ୟାପକ ପଦକ୍ଷେପ ନେଇଛନ୍ତି। ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ପାଇଁ ୧୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବାବେଳେ ବନ୍ୟା ପରିଚାଳନା ପାଇଁ ୫୩୦ କୋଟିର ବ୍ୟବସ୍ଥା କରାଯାଇଛି। ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର ପ୍ରୋଗ୍ରାମ ଯୋଜନାରେ ୧,୦୦୦ କୋଟି, ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନାରେ ୧୮୦ କୋଟି, ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ନିର୍ମାଣ ପାଇଁ ୨୮୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମାଝୀ ସୂଚନା ଦେଇଛନ୍ତି। ୨୦୨୯ ସୁଦ୍ଧା ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ପ୍ରଦାନର ଲକ୍ଷ୍ୟ ରଖାଯାଇଛି। ସେହିପରି ଆୟକଟର ସ୍ଥିରୀକରଣ ଓ ଉଦ୍ୟାନ କୃଷିକୁ ଜଳସେଚନ ପାଇଁ ଯଥାକ୍ରମେ ୮୦ କୋଟି ଏବଂ ୫୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଜଳସେଚନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଓ ଭିତ୍ତିଭୂମି ପୁନରୁଦ୍ଧାର ପାଇଁ ୨,୦୨୯ କୋଟି ଟଙ୍କାର ସମନ୍ୱିତ ବଜେଟ ବ୍ୟବସ୍ଥା ରହିଛି।

### ୧୧ ଲକ୍ଷ ମେଟ୍ରିକ୍ ଟନ୍ ବିଶିଷ୍ଟ ଗୋଦାମ

ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ହେଉଥିବା କ୍ଷତିକୁ ହ୍ରାସ କରି ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ବୈଜ୍ଞାନିକ ଉପାୟରେ ଭଣ୍ଡାରଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆସନ୍ତା ୩ ବର୍ଷ ମଧ୍ୟରେ ୧୧ ଲକ୍ଷ ମେଟ୍ରିକ୍ ଟନ୍ ବିଶିଷ୍ଟ ଆଧୁନିକ ଗୋଦାମ ନିର୍ମାଣ କରିବେ।

## ଉଦ୍ୟାନ କୃଷିକୁ ପ୍ରୋତ୍ସାହନ



ଉଦ୍ୟାନ କୃଷିରେ ଫସଲ ନିର୍ଦ୍ଦିଷ୍ଟ କ୍ଲଷ୍ଟରଗୁଡ଼ିକୁ ପ୍ରୋତ୍ସାହନ ଦେବା ପାଇଁ ସ୍ୱତନ୍ତ୍ର ଉଦ୍ୟାନ କୃଷି ଫସଲ ନିର୍ଦ୍ଦିଷ୍ଟ ଯୋଜନା, ମସଲା ମିଶନ ସମେତ ଆଳୁ ଚାଷର ଉନ୍ନୟନ ଓ ଉଦ୍ୟାନ କୃଷି ମିଶନ ପ୍ଲସ୍ କ୍ଷେତ୍ରଫଳ ବିସ୍ତାର, ମୂଲ୍ୟ ଶୃଙ୍ଖଳର ସୁଦୃଢ଼ୀକରଣ, ଅମଳ ପରବର୍ତ୍ତୀ ପରିଚାଳନା ଓ ବଜାର ସଂଯୋଗକୁ ବୃଦ୍ଧି କରାଯାଉଛି। ଏଥିସକାଶେ ସରକାର ୫୪୪ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି।

### କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ବିକାଶକୁ ପ୍ରାଥମିକତା



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଆଗତ କରିଥିବା ବଜେଟ୍‌ରେ ଶକ୍ତି କ୍ଷେତ୍ର ଲାଗି ୪୫୦୫ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏହାଦ୍ୱାରା ବିଦ୍ୟୁତ୍ ବିତରଣ ବ୍ୟବସ୍ଥା ଶକ୍ତିଶାଳୀ ହେବା ସହିତ ବିଭିନ୍ନ ପ୍ରକଳ୍ପ ଜରିଆରେ ଲୋକେ ଉପକୃତ ହେବେ। ଜୟ ଜବାନ, ଜୟ କିଷାନ ଏବଂ ଜୟ ବିଜ୍ଞାନ ଭାବନାରେ ଓଡିଶାର କୃଷି ବଜେଟ୍ ଅଣାଯାଇଛି। ପୁଷ୍ଟିଶସ୍ୟର ଚାଷ ଓ ବ୍ୟବହାରକୁ ବୃଦ୍ଧି କରିବା ସହିତ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରି ଓଡ଼ିଶାର ପ୍ରତିଟି ପରିବାରକୁ ଏକ ସମୃଦ୍ଧ ଓ ଆତ୍ମନିର୍ଭରଶୀଳ ଭବିଷ୍ୟତ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ବିକାଶକୁ ପ୍ରାଥମିକତା ଦିଆଯାଇଛି।

**-କନକ ବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ**

### ସବ୍‌କା ସାଥ୍, ସବ୍‌କା ବିକାଶ ଓ ସବ୍‌କା ବିଶ୍ୱାସ ପ୍ରତିଫଳିତ



ମୁଖ୍ୟମନ୍ତ୍ରୀ ସମସ୍ତ କ୍ଷେତ୍ର ଓ ସବୁ ବର୍ଗକୁ ଗୁରୁତ୍ୱ ଦେଇ ଐତିହାସିକ ବଜେଟ୍ ଉପସ୍ଥାପନ କରିଛନ୍ତି। ଏଥିରେ ସବ୍‌କା ସାଥ ସବ୍‌କା ବିକାଶ ଏବଂ ସବ୍‌କା ବିଶ୍ୱାସ ପ୍ରତିଫଳିତ ହୋଇଛି। ୧୦୦୦ କୋଟି ଟଙ୍କା ବ୍ୟୟରେ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାର ନିର୍ମାଣ ଆଧ୍ୟାତ୍ମିକ ଅଭିଳାଷ ପୂରଣ କରିବ। ମହିଳାମାନଙ୍କ ବିକାଶ ପାଇଁ ନୂଆ ଯୋଜନା ଅଣାଯାଇଛି। ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଭୂମି ଆବଶ୍ୟକତା ପୂରଣ ଲକ୍ଷ୍ୟ ନେଇ ପର୍ଯ୍ୟଟନ ଲ୍ୟାଣ୍ଡ ବ୍ୟାଙ୍କ ଏବଂ ଇକୋ ଟୁରିଜିମ୍‌କୁ ପ୍ରୋତ୍ସାହନ, ପର୍ଯ୍ୟଟନ କ୍ଷେତ୍ରର ସମୃଦ୍ଧି ଦିଗରେ ପ୍ରଶଂସନୀୟ ପଦକ୍ଷେପ ନିଶ୍ଚୟ। ନିରନ୍ତର ପ୍ରଗତି ପାଇଁ ମାର୍ଗଦର୍ଶିକା ସାଜିବାକୁ ଥିବା ଏଭଳି ଐତିହାସିକ ତଥା ଜନକଲ୍ୟାଣକାରୀ ବଜେଟ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ।

**-ପ୍ରଭାତୀ ପରିଡ଼ା, ଉପମୁଖ୍ୟମନ୍ତ୍ରୀ**

### ଖାଲି ରୋଷେଇ ଘରେ ଲମ୍ବା ଖାଦ୍ୟ ତାଲିକା



ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଆଣିଥିବା ବଜେଟରେ କିଛି ନାହିଁ। ଗୋଟିଏ ଖାଲି ରୋଷେଇ ଘରେ ଖାଦ୍ୟର ଲମ୍ବା ତାଲିକା ରହିଲା ଭଳି ମନେହେଲା। ଡବଲ ଇଞ୍ଜିନ ସରକାର ରାଜ୍ୟବାସୀଙ୍କୁ ବିକାଶର ବିପରୀତ ଦିଗରେ ନେଉଛନ୍ତି। ଏବେ ରାଜ୍ୟର ନବଜନ୍ମିତଙ୍କ ମୁଣ୍ଡ ପିଛା ଋଣ ୩୦ ହଜାର ଟଙ୍କା ରହିଛି। ଆର୍ଥିକ ପରିଚାଳନାରେ ସବୁଠାରୁ ଭଲ ପ୍ରଦର୍ଶନ କରୁଥିବା ରାଜ୍ୟ ବିଜେଡି ଶାସନ ସମୟରେ ଥିଲା। କିନ୍ତୁ ଭାଜପା ସରକାର ଓଡ଼ିଶାକୁ ଖୁବଶୀଘ୍ର ଦେବାଳିଆ ରାଜ୍ୟରେ ପରିଣତ କରିଦେବେ।

**-ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା**

### ସରକାରଙ୍କ ପ୍ରତିବଦ୍ଧତା ପ୍ରତିଫଳିତ



ସମୁଦାୟ ବଜେଟ୍‌ରେ ସମୃଦ୍ଧ ଓଡ଼ିଶା, ବିକଶିତ ଓଡ଼ିଶାକୁ ଗୁରୁତ୍ୱ ଦିଆଯାଇଛି। ବଜେଟରେ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଭାଜପା ସରକାରଙ୍କ ପ୍ରତିବଦ୍ଧତା ସ୍ପଷ୍ଟ ପ୍ରତିଫଳିତ ହେଉଛି। ଚଳିତ ବଜେଟରେ ୧୬ଟି ନୂତନ ଜନକଲ୍ୟାଣକାରୀ ଯୋଜନା ରଖାଯାଇଛି। ରାଜ୍ୟର ସାମଗ୍ରିକ ବିକାଶ ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ବଜେଟ ସବୁ ବର୍ଗଙ୍କୁ ଚଳିତ ସନ୍ତୋଷ କରିଛି। ଡବଲ ଇଞ୍ଜିନ ସରକାରରେ ରାଜ୍ୟର ସାମଗ୍ରିକ ବିକାଶକୁ ପ୍ରାଥମିକତା ଦିଆଯାଇଛି।

**-ମନମୋହନ ସାମଲ, ଭାଜପା ରାଜ୍ୟ ସଭାପତି**

### ହାତୀ ଭଳି ବଜେଟ, ପିମ୍ପୁଡି ପରାଏ ଖର୍ଚ୍ଚ



ଖାଲି ବଜେଟର କଳେବର ବୃଦ୍ଧି କଲେ ଚଳିବନାହିଁ। ଯେଉଁ ସରକାର ଚଳିତ ଆର୍ଥିକ ବର୍ଷର ପ୍ରଥମ ୧୦ ମାସରେ ମୋଟ ବ୍ୟୟବରାଦର ମାତ୍ର ୫୮ ପ୍ରତିଶତ ଖର୍ଚ୍ଚ କରିପାରି ନାହାନ୍ତି, ସେ ସରକାର ଏ ଥର ଆସନ୍ତା ଆର୍ଥିକ ବର୍ଷ ପାଇଁ ୨୦ ହଜାର କୋଟିର ଅଧିକ ବ୍ୟୟବରାଦ କଲେ ରାଜ୍ୟର କିଛି ବିକାଶ ହେବନାହିଁ। ହାତୀ ଭଳି ବଜେଟ, ପିମ୍ପୁଡି ଭଳି ଖର୍ଚ୍ଚ କରିବାର ଅର୍ଥ କିଛି ନାହିଁ । ମାତ୍ର ୨ଟି ବଜେଟରେ ଯେଉଁ ସରକାର ରାଜ୍ୟର ଋଣଭାରକୁ ୯୧ ହଜାର କୋଟି ଟଙ୍କାରେ ପହଞ୍ଚାଇଲେଣି ସେହି ସରକାରଙ୍କ ହାତରେ ରାଜ୍ୟବାସୀ କେତେ ସୁରକ୍ଷିତ ତାହା ସମସ୍ତଙ୍କୁ ଜଣା। ସେ କହିଛନ୍ତି, ୨୦୨୬-୨୦୨୭ ବର୍ଷର ବଜେଟ୍ ଏକ ନୈରାଶଜନକ ବଜେଟ୍ । ବେକାରୀ ସମସ୍ୟାର ସମାଧାନ ପାଇଁ କୌଣସି ସଙ୍କେତ ନାହିଁ। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଦେଶରେ ସବୁଠାରୁ ଖରାପ ଥିବାବେଳେ ଏଥର ବଜେଟରେ ଗୁରୁତ୍ୱ ଦିଆଯାଇନାହିଁ।

**-ଭକ୍ତ ଚରଣ ଦାସ, ପିସିସି ସଭାପତି**

### କୃଷକଙ୍କୁ ଲଲିପପ୍ ଦେଖାଇ ଠକି ଦେଇଛନ୍ତି



ଓଡ଼ିଶା ଏକ କୃଷିଭିତ୍ତିକ ରାଜ୍ୟ। ରାଜ୍ୟ ଅର୍ଥନୀତିର ସିଂହଭାଗ କୃଷି ଉପରେ ନିର୍ଭର କରେ। ତେଣୁ କୃଷି କ୍ଷେତ୍ରର ଉନ୍ନତି ପାଇଁ ରାଜ୍ୟ ସରକାର ବିଶେଷ ଗୁରୁତ୍ୱ ଦେବା ଦରକାର। ମାତ୍ର ପ୍ରତି ଥର ପରି ଏଥର ମଧ୍ୟ ସରକାର ବଜେଟରେ କୃଷକଙ୍କୁ ଲଲିପପ୍ ଦେଖାଇ ଠକିଦେଇଛନ୍ତି। ପଶ୍ଚିମ ଓଡ଼ିଶାରେ ପ୍ରଚୁର କପା ଚାଷ ହେଉଥିଲେ ହେଁ କଟନ୍ ଇଣ୍ଡଷ୍ଟ୍ରି କରିବା ପାଇଁ ସେପରି କିଛି ବ୍ୟବସ୍ଥା ନାହିଁ। ସେହିପରି ବନ୍ଦ ପଡିଥିବା ୮ଟି ଚିନିକଳକୁ ଖୋଲିବା ପାଇଁ ମଧ୍ୟ କିଛି ଘୋଷଣା ନାହିଁ। ବଜେଟରେ ନୂତନ କୃଷକ ସୃଷ୍ଟି ପାଇଁ କୌଣସି ବ୍ୟବସ୍ଥା ନାହିଁ। ତେଣୁ ଯୁବପିଢ଼ି ଚାଷଠାରୁ ମୁହଁ ଫେରାଉଛନ୍ତି।

**-ସଚିନ୍ ମହାପାତ୍ର, ରାଜ୍ୟ ସଭାପତି, କିଷାନ୍ ମଜଦୁର ମହାସଂଘ**

### ଭଲ ବଜେଟ, ସ୍ୱାସ୍ଥ୍ୟ କ୍ଷେତ୍ରକୁ ପ୍ରାଧାନ୍ୟ ସ୍ୱାଗତଯୋଗ୍ୟ



ଚଳିତ ରାଜ୍ୟ ବଜେଟ ମୋଟାମୋଟି ଭାବେ ଖୁବ୍ ଭଲ ବଜେଟ। ଏଥିରେ ସବୁ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। ସ୍ୱାସ୍ଥ୍ୟକ୍ଷେତ୍ରକୁ ସରକାର ପ୍ରାଧାନ୍ୟ ଦେଇଥିବାରୁ ସବୁ ବର୍ଗର ଲୋକେ ଉନ୍ନତ ଚିକିତ୍ସା ସୁବିଧା ପାଇପାରିବେ। ଜାତୀୟ ସ୍ୱାସ୍ଥ୍ୟ ମିଶନ୍, ନିରାମୟ ଯୋଜନା, ନିଦାନ, ଜରୁରିକାଳୀନ ଚିକିତ୍ସା ଆମ୍ବୁଲାନ୍ସ ସେବା, ସ୍ୱାସ୍ଥ୍ୟ ସହାୟ ସହିତ ଏସ୍‌ସିବି ମେଡିକାଲ କଲେଜ, ଏମ୍‌କେସିଜି ଏବଂ ଭିମ୍‌ସାର୍‌ର ପୁନର୍ବିକାଶ, ନୂତନ ଆୟୁର୍ବେଦିକ ଓ ହୋମିଓପାଥି ମେଡିକାଲ କଲେଜ ପାଇଁ ମଧ୍ୟ ବଜେଟରେ ବ୍ୟୟବରାଦ କରାଯାଇଛି, ଯାହାକି ସ୍ୱାଗତଯୋଗ୍ୟ ପଦକ୍ଷେପ।

**-ଅମରେଶ ସେଠୀ, କର୍ମଜୀବି**

### ବଜେଟ ଠିକ୍ ଭାବେ କାର୍ଯ୍ୟକାରୀ ହେବା ଦରକାର



ବଜେଟରେ ସମସ୍ତ ଦିଗକୁ ଦୃଷ୍ଟି ଦିଆଯାଇଛି। ତେବେ ଏହା ଠିକ୍ ଭାବେ କାର୍ଯ୍ୟକାରୀ ହେବା ଦରକାର। ବଜେଟରେ ଶ୍ରୀ ଜଗନ୍ନାଥ ସଂଗ୍ରହାଳୟ ପ୍ରତିଷ୍ଠା ଓ ବିଶ୍ୱର ସର୍ବବୃହତ୍ ଶସ୍ୟ ଗଚ୍ଛିତ କେନ୍ଦ୍ର ନିର୍ମାଣ ପାଇଁ ବ୍ୟବସ୍ଥା ଅଛି। ମାତ୍ର ଠିକ୍ ସମୟରେ ଶୀତଳଭଣ୍ଡାର ନିର୍ମାଣ ହୋଇ ଆଳୁ, ମାଛ ଓ ବିଲାତିବାଇଗଣକୁ ଗଚ୍ଛିତ କରିପାରିଲେ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡିବ ନାହିଁ। ଖାଉଟି କମ୍ ଦାମରେ ଏସବୁ ପାଇ ପାରିବ। ସେହିଭଳି ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ଯୋଜନା ଭଳି ସହରାଞ୍ଚଳ ଡ୍ରେନ ସଂଯୋଗୀକରଣ ଯୋଜନା ହେବା ଦରକାର। ସ୍ୱେଚ୍ଛାକୃତ ରକ୍ତଦାନ ଉପରେ ବଜେଟରେ ବ୍ୟବସ୍ଥା ରହିବା ଭଲ ପଦକ୍ଷେପ।

**-ଦିଲୀପ ଦାଶଶର୍ମା, ଆଇନଜୀବୀ**

### ନୈରାଶ୍ୟଜନକ ବଜେଟ



ବଜେଟରେ ରାଜ୍ୟର ଅଣସଂଗଠିତ ଶ୍ରମିକ, ଯୁବକ ଏବଂ କୃଷକଙ୍କ ମୌଳିକ ସମସ୍ୟାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ଲକ୍ଷ ଲକ୍ଷ ଅଣସଂଗଠିତ ଶ୍ରମିକଙ୍କ ପାଇଁ ବଜେଟରେ କୌଣସି ଆଖିଦୃଶିଆ ବ୍ୟବସ୍ଥା ବା ପାଣ୍ଠି ପ୍ରଦାନ କରାଯାଇ ନାହିଁ। ସେମାନଙ୍କ ସାମାଜିକ ନିରାପତ୍ତା ପୁଣି ଅନିଶ୍ଚିତତା ଭିତରେ ରହିଯିବ। ରାଜ୍ୟର ଶିକ୍ଷିତ ଯୁବପିଢ଼ିଙ୍କ ପାଇଁ ନୂତନ ସରକାରୀ ନିଯୁକ୍ତି ସମ୍ବନ୍ଧରେ ବଜେଟରେ କୌଣସି ଘୋଷଣା କରାଯାଇ ନାହିଁ। ଚାଷୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ମଣ୍ଡି ବ୍ୟବସ୍ଥାର ସଂସ୍କାର ଏବଂ ଭିବି ଜି ରାମଜୀ ଯୋଜନା ପାଇଁ ବଜେଟରେ ଖୁବ୍ କମ୍ ବ୍ୟୟବରାଦ କରାଯାଇଛି, ଯାହା ଶ୍ରମିକ ଓ କୃଷକଙ୍କ ପାଇଁ ବଡ଼ ଧକ୍କା।

**-ରାଧାକାନ୍ତ ସେଠୀ, ରାଜ୍ୟ ସଭାପତି, ଏଆଇସିସିଟିୟୁ**

### ଛାତ୍ରୀଛାତ୍ର, ରୋଗୀଙ୍କୁ ନିରାଶ କରିଛି



ରାଜ୍ୟ ସରକାରଙ୍କ ଦ୍ୱାରା ଉପସ୍ଥାପିତ ବଜେଟ ଓଡିଶାବାସୀଙ୍କୁ ନିହାତି ଭାବେ ଉତ୍ସାହିତ କରିଛି। କିନ୍ତୁ ଛାତ୍ରୀଛାତ୍ର ଓ ରୋଗୀଙ୍କୁ ନିରାଶ କରିଛି। ରାଜ୍ୟରେ ଛାତ୍ରୀଛାତ୍ର ଏବଂ ରୋଗୀ ସଂଖ୍ୟା ବୃଦ୍ଧି ପାଉଛି। ବିଦ୍ୟାଳୟ ଓ ଡାକ୍ତରଖାନାର କଳେବର ବୃଦ୍ଧି ତଥା ଉନ୍ନତି ନିମନ୍ତେ କୌଣସି ଆଖି ଦୃଶିଆ ପଦକ୍ଷେପ ନିଆଯାଇନାହିଁ। ରାଜ୍ୟ ବାହାରେ ଓଡ଼ିଶା ଭବନ ନିର୍ମାଣ ପାଇଁ ୬୫ କୋଟି ବ୍ୟୟ ଯୋଜନାର ସୁଫଳ କିଏ ପାଇବ? ସାଧାରଣ ଲୋକଙ୍କ ପଇସା ଏହି ସରକାର ମାଟିରେ ପକାଉଛନ୍ତି। ସେହି ଟଙ୍କା ଡାକ୍ତରଖାନା ପାଇଁ ଖର୍ଚ୍ଚ କରିଥିଲେ ସାଧାରଣ ରୋଗୀ ଲାଭବାନ୍ ହୋଇଥାନ୍ତା। ବଜେଟରେ ସ୍ୱପ୍ନ ଅଧିକ। ପ୍ରକୃତ କାର୍ଯ୍ୟକାରିତା ପରେ ହିଁ ଏହା ସଫଳ ହୋଇପାରିବ।

**-ନଳିନୀ ପାତ୍ର, ଶିକ୍ଷାବିତ୍**

### ବଜେଟ ଲାଭ ସିଧାସଳଖ ମଧ୍ୟମ ଓ ଗରିବ ଶ୍ରେଣୀଙ୍କ ପାଖରେ ପହଞ୍ଚୁ



ଚଳିତ ବଜେଟରେ ସରକାର କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗ୍ରାମ ଉନ୍ନତିକୁ ଗୁରୁତ୍ୱ ଦେଇଛନ୍ତି। ରାସ୍ତା, ପାନୀୟ ଜଳ ଯୋଗାଣ, କୃଷକଙ୍କୁ ସହାୟତା, ଯୁବକଙ୍କ ପାଇଁ ରୋଜଗାର ସୃଷ୍ଟି ଓ ମହିଳା କଲ୍ୟାଣ ଯୋଜନା ଉପରେ ଆବଣ୍ଟନ ବଢ଼ାଇବା ସକାରାତ୍ମକ ପଦକ୍ଷେପ। ବଜେଟର ଲାଭ ସିଧାସଳଖ ଭାବେ ଗ୍ରାମ ଓ ସହରର ମଧ୍ୟମ ଓ ଗରିବ ଶ୍ରେଣୀଙ୍କ ପାଖରେ ପହଞ୍ଚୁ। କୃଷକଙ୍କୁ ଠିକ୍ ସମୟରେ ସହାୟତା ମିଳିବା ସହିତ ଯୁବକମାନେ ଠିକ ସମୟରେ ଚାକିରି ପାଇବା ଦରକାର।

**-ସୁରଜ କୁମାର ବେହେରା, କର୍ମଜୀବୀ**

### ଝିଅଙ୍କ ପାଇଁ ବିଭିନ୍ନ ଯୋଜନା ସ୍ୱାଗତଯୋଗ୍ୟ



ରାଜ୍ୟ ସରକାର ମହିଳାଙ୍କ ପାଇଁ ବଜେଟରେ ବିଭିନ୍ନ ପ୍ରକାରର ଯୋଜନା ରଖିଛନ୍ତି। ବିଶେଷକରି ଗରିବ ଝିଅଙ୍କ ପାଇଁ ପାଠପଢ଼ାଠାରୁ ଆରମ୍ଭ କରି ବିବାହ ପର୍ଯ୍ୟନ୍ତ ଯୋଜନା କରାଯାଇଛି। ଝିଅମାନେ ଯେପରି ଉଚ୍ଚ ଶିକ୍ଷାରୁ ବଞ୍ଚିତ ନ ହେବେ, ସେଥିପାଇଁ ସ୍ନାତକ ପଢ଼ିସାରିବା ପରେ ତାଙ୍କୁ ରାଜ୍ୟ ସରକାର ଲକ୍ଷେ ଟଙ୍କା ପ୍ରଦାନ କରିବେ, ଯାହା ତାଙ୍କୁ ଉଚ୍ଚଶିକ୍ଷା ଲାଭ କରିବାରେ ସହଯୋଗ କରିବ। ସେହିପରି ଗରିବ ଝିଅଙ୍କ ନାଁରେ ୨୦ ହଜାର ଟଙ୍କା ସଞ୍ଚୟ ପାଇଁ ସରକାର ବ୍ୟବସ୍ଥା କରିଛନ୍ତି।

**-ଲକ୍ଷ୍ମୀପ୍ରିୟା ସାହୁ, ଗୃହିଣୀ**

### ନାରୀ ଶିକ୍ଷାକୁ ସରକାରଙ୍କ ଗୁରୁତ୍ୱ



ରାଜ୍ୟ ବଜେଟରେ ନାରୀ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଥିବାରୁ ଖୁସି ଲାଗୁଛି। ଗରିବ ଶ୍ରେଣୀର ନବଜନ୍ମିତ କନ୍ୟା ସନ୍ତାନଙ୍କ ପାଇଁ ସରକାର ୨୦ହଜାର ଟଙ୍କା ଦେବେ ଓ ସ୍ନାତକ ପାଠପଢ଼ା ଶେଷ ହେବା ପରେ ୧ଲକ୍ଷ ଟଙ୍କା ପ୍ରଦାନ କରିବେ। ସେହିପରି ଉଚ୍ଚଶିକ୍ଷା ଅଧ୍ୟୟନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୪ଟି ନୂଆ ବିଦ୍ୟାଳୟ ପାଇଁ ବଜେଟରେ ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ପିଲାମାନେ ଦୂରଦୂରାନ୍ତକୁ ଆଉ ଯିବାକୁ ପଡ଼ିବ ନାହିଁ।

**-ସ୍ମୃତିରେଖା ବେହେରା, ଛାତ୍ରୀ**

### ବିକାଶମୁଖୀ, ଆର୍ଥିକ ଶୃଙ୍ଖଳାପୂର୍ଣ୍ଣ ବଜେଟ



ଓଡ଼ିଶା ବଜେଟ ୨୦୨୬-୨୭ ଏକ ସମତୁଲ, ବିକାଶମୁଖୀ ଏବଂ ଆର୍ଥିକ ଶୃଙ୍ଖଳାପୂର୍ଣ୍ଣ ବଜେଟ। ସରକାର ରେଭେନ୍ୟୁ ସରପ୍ଲସ୍‌କୁ ଅବିକଳ ରଖିବା ସହିତ ମୂଳ ପୁଞ୍ଜି ନିବେଶକୁ ଦ୍ରୁତ ଭାବେ ବୃଦ୍ଧି କରିଛନ୍ତି, ଯାହା ଦୀର୍ଘକାଳୀନ ଅର୍ଥନୈତିକ ଅଭିବୃଦ୍ଧି, ଭିତ୍ତିଭୂମି ଉନ୍ନତି ଏବଂ ରୋଜଗାର ସୃଷ୍ଟି ପାଇଁ ସକାରାତ୍ମକ ସଙ୍କେତ ସୃଷ୍ଟି କରିଛି। ଆର୍ଥିକ ଏବଂ ବିନିଯୋଗ ଦୃଷ୍ଟିକୋଣରୁ ଦେଖିଲେ, ଓଡ଼ିଶା ଦୃଢ଼ ଆର୍ଥିକ ଭିତ୍ତିଭୂମି ସହିତ ମୂଳଧନ ନିବେଶ ଚାଳିତ ରାଜ୍ୟ ଅର୍ଥନୀତି ଭାବେ ନିଜକୁ ପରିଚିତ କରାଇବାକୁ ବଜେଟରେ ଉଦ୍ୟମ ହୋଇଛି।

**-ତ୍ରିନାଥ ଲେଙ୍କା, ଅର୍ଥନୈତିକ ବିଶେଷଜ୍ଞ**

### ଶିକ୍ଷା, ସ୍ୱାସ୍ଥ୍ୟ, କୃଷିକୁ ପ୍ରାଥମିକତା



ସମୃଦ୍ଧ ଓ ବିକଶିତ ଓଡ଼ିଶା-୨୦୩୬କୁ ଦୃଷ୍ଟିରେ ରଖି ସବୁବର୍ଗର ଜନସାଧାରଣଙ୍କ ବିକାଶ ନିମନ୍ତେ ତଥା ଏକ ଆତ୍ମନିର୍ଭରଶୀଳ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାର ଏହି ବଜେଟ୍ ମାଧ୍ୟମରେ ଯଥାସାଧ୍ୟ ପ୍ରୟାସ କରିଛନ୍ତି। କୃଷି, ଜଳସେଚନ, ଶିକ୍ଷା, ଶିଳ୍ପ, ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦିଆଯାଇଥିବା ବେଳେ ନୂତନ ବିଶ୍ୱବିଦ୍ୟାଳୟ, ଭେଷଜ ମହାବିଦ୍ୟାଳୟ, ବୈଷୟିକ ମହାବିଦ୍ୟାଳୟ ପ୍ରତିଷ୍ଠା ଦିଗରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଅମହିଳା ସଶକ୍ତୀକରଣ ଓ ଶିଶୁ ବିକାଶ, ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଭିତ୍ତିଭୂମି, ପୁଞ୍ଜିନିବେଶ ଭଳି କ୍ଷେତ୍ର ଉପରେ ଅଗ୍ରାଧିକାର ଦିଆଯାଇଛି।

**-ଶୁଭେନ୍ଦୁ ମହାନ୍ତି, ଅତିରିକ୍ତ ନିର୍ଦ୍ଦେଶକ(ଛାତ୍ର ବ୍ୟାପାର), କିସ୍ ବିଶ୍ୱବିଦ୍ୟାଳୟ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..........................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନୟାଗଡ଼- ଜଖପୁରା ସେକ୍ସନର ନିରୀକ୍ଷଣ କଲେ ଫୁଙ୍କୱାଲ

**ଭୁବନେଶ୍ୱର,୨୦।୨(ଅନୁରାଧା ମହାରଣା)**

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ପ୍ରମୁଖ ରେଳ ସ୍ଥାପନଗୁଡ଼ିକରେ ସୁରକ୍ଷା ମାନଦଣ୍ଡ, ଭିତ୍ତିଭୂମି ସ୍ଥିତି ଏବଂ କାର୍ଯ୍ୟକ୍ଷମ ଦକ୍ଷତା ସମୀକ୍ଷାକରିବା ପାଇଁ ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ନୟାଗଡ଼ – ଜଖପୁରା ସେକ୍ସନର ଏକ ବ୍ୟାପକ ସୁରକ୍ଷା ଯାଞ୍ଚ କରିଥିଲେ। ତାଙ୍କ ସହ ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀ, ମୁଖ୍ୟାଳୟର ପ୍ରମୁଖ ବିଭାଗ ମୁଖ୍ୟ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ନିରୀକ୍ଷଣ ନୟାଗଡ଼ ରେଳ ଷ୍ଟେଶନରୁ ଆରମ୍ଭ ହୋଇଥିଲା, ଯେଉଁଠାରେ ମହାପ୍ରବନ୍ଧକ ପ୍ଲାଟ୍‌ଫର୍ମ, ପରିଚାଳନା ବ୍ୟବସ୍ଥା ଏବଂ ଯାତ୍ରୀ ସୁବିଧା ସମେତ ଷ୍ଟେଶନ ଏବଂ ୟାର୍ଡର ବିଭିନ୍ନ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ସେ ଆହୁରି ମଧ କ୍ରୁ ଲବି, ସ୍ୱାସ୍ଥ୍ୟ ୟୁନିଟ୍ ଏବଂ ରନିଂ ରୁମ୍, ରେଳପଥ କଲୋନି ଏବଂ ଶିଶୁ ଉଦ୍ୟାନ ଏବଂ ସେକ୍ସନର ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେଶନ ଯଥା କେନ୍ଦୁଝରଗଡ଼, ହରିଚନ୍ଦନପୁର ରେଳ ଷ୍ଟେଶନରେ ଯାତ୍ରୀ ସୁବିଧା ଓ ଅନ୍ୟାନ୍ୟ ବ୍ୟବସ୍ଥାର ମଧ ଯାଞ୍ଚ କରିଥିଲେ। ଫ୍ରଣ୍ଟଲାଇନ କର୍ମଚାରୀ ଏବଂ ଗ୍ୟାଙ୍ଗ୍‌ମ୍ୟାନଙ୍କ ସହ ଆଲୋଚନାରେ ମହାପ୍ରବନ୍ଧକ ସେମାନଙ୍କର କାର୍ଯ୍ୟଜ୍ଞାନ, ସୁରକ୍ଷା ସଚେତନତା ଏବଂ କାର୍ଯ୍ୟକ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ଚ୍ୟାଲେଞ୍ଜ ଉପରେ ଖୋଲା ମତାମତ ଦେବାକୁ ଉତ୍ସାହିତ କରିଥିଲେ। ସୁରକ୍ଷା ଯାଞ୍ଚର ଅନ୍ୟ ପ୍ରମୁଖ ଅଂଶଗୁଡ଼ିକ ଥିଲା ଲେଭଲ କ୍ରସିଂ ଗେଟ୍, ଟାୱାର ୱାଗନ ସେଡ୍, ଟ୍ରାକ୍ସନ ସବ୍ ଷ୍ଟେଶନ, ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପାମାର୍ଗ, କର୍ଭ ଓ ସେତୁମାନଙ୍କୁ ପରିଦର୍ଶନ କରାଯାଇଥିଲା।



# ଆଇସିଏଆଇର ନୂତନ ପ୍ରାର୍ଥୀ ଚୟନ

**ଭୁବନେଶ୍ୱର,୨୦।୨(ଅନୁରାଧା ମହାରଣା)**

ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଶାଖାରେ ଅନୁଷ୍ଠିତ ବୈଠକରେ ୨୦୨୬-୨୭ ବର୍ଷ ପାଇଁ ନୂତନ ପ୍ରାର୍ଥୀ ଚୟନ ହୋଇଛି। ନୂତନ ପ୍ରାର୍ଥୀ ଭାବେ ଅଧ୍ୟକ୍ଷ ସିଏ ଗୌତମ ଲେଙ୍କା, ଉପାଧ୍ୟକ୍ଷ ତଥା ଛାତ୍ର ସଂଗଠନ ଅଧ୍ୟକ୍ଷ ସିଏ ପୃଥ୍ୱୀରଞ୍ଜନ ପାଢ଼ୀ , ସଚିବ ଏବଂ କୋଷାଧ୍ୟକ୍ଷ ସିଏ ସୌମ୍ୟ ସୁନୀଲ ସାହୁ, ପରିଚାଳନା କମିଟି ସଦସ୍ୟ ସିଏ ଗଗନ ବିହାରୀ ଦାସ, ସିଏ ଶାଶ୍ୱତ ତ୍ରିପାଠୀ, ସିଏ ପ୍ରଣବ କିଶୋର ଦାସ ଏବଂ ସିଏ ମହେନ୍ଦ୍ର କୁମାର ସାହୁ ମନୋନୀତ ହୋଇଛନ୍ତି। ସଦସ୍ୟମାନେ ସେମାନଙ୍କର କର୍ତ୍ତବ୍ୟ ଏବଂ ଦାୟିତ୍ୱ ନିର୍ବାହ କରିବାରେ ସର୍ବୋତ୍ତମ ପ୍ରୟାସ ଜାରି ରଖିବାକୁ ସଂକଳ୍ପ ନେଇଥିଲେ। ବୃତ୍ତିଗତ ଉତ୍କର୍ଷର ଅର୍ଥପୂର୍ଣ୍ଣ ଅବଦାନ ରାଷ୍ଟ୍ର ନିର୍ମାଣକୁ ସୁଦୃଢ଼ କରିପାରିବା ଉପରେ କମିଟିର ପଦକ୍ଷେପକୁ ସୁନିଶ୍ଚିତ କରାଯାଇଥିଲା।

# ରେନୋ ଡଷ୍ଟରର ପ୍ରିଭ୍ୟୁ ଜାରି




**ଭୁବନେଶ୍ୱର,୨୦।୨(ଅନୁରାଧା ମହାରଣା)**

ରେନୋ ଇଣ୍ଡିଆ ନୂଆ ୨୦୨୬ ମଡେଲ ଡଷ୍ଟରକୁ ଦେଶବ୍ୟାପୀ ଡିଲର ଶୋ'ରୁମ୍‌ରେ ପ୍ରଦର୍ଶନ ପାଇଁ ପଠାଇବା ଆରମ୍ଭ କରିଛି। ଅଫିସିଆଲ ଲଞ୍ଚ ପୂର୍ବରୁ ଗ୍ରାହକମାନେ ଏହି ନୂଆ ଜେନେରେଶନ ଏସ୍‌ୟୁଭିକୁ ଦେଖିପାରିବେ। କମ୍ପାନୀ ଏକ ରୋଟେଶନାଲ ଡିସ୍‌ପ୍ଲେ କରୁଛି, ଯେଉଁଥିରେ ପ୍ରତ୍ୟେକ ଡିଲରଶିପରେ ୨-୩ ଦିନ ପାଇଁ ଡଷ୍ଟର ରହିବ। ନୟାପଲ୍ଲୀସ୍ଥିତ ରେନୋଲ୍ଟ ଭୁବନେଶ୍ୱରରେ ୨୨ ତାରିଖରେ ଏବଂ ପାହାଲସ୍ଥିତ ରେନୋଲ୍ଟ ଭୁବନେଶ୍ୱର ସେଣ୍ଟ୍ରାଲରେ ୨୩ ତାରିଖରେ ଏହା ପ୍ରଦର୍ଶିତ ହେବ। ତେଣୁ ଆଗ୍ରହୀ ଗ୍ରାହକମାନେ ନିକଟତମ ରେନୋ ଡିଲରଙ୍କୁ ଯୋଗାଯୋଗ କରି ସକାଳ ୯ଟାରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଏହାର ପରିଦର୍ଶନ କରିପାରିବେ। ଏହାସହ ପ୍ରି-ବୁକିଂ ଜାନୁଆରୀ ୨୬ରୁ ଖୋଲାଯାଇଛି (ଟୋକନ ମୂଲ୍ୟ ୨୧,୦୦୦ଟଙ୍କା)। ଟର୍ବୋ ପେଟ୍ରୋଲ ଭାରିଆଣ୍ଟର ଡେଲିଭରି ଏପ୍ରିଲରୁ ଆରମ୍ଭ ହେବ। ଏହାର ଷ୍ଟ୍ରଙ୍ଗ୍ ହାଇବ୍ରିଡ୍ ଭର୍ସନ ଦୀପାବଳି ସମୟରେ ଆସିବ। ମୂଲ୍ୟ ଘୋଷଣା ମାର୍ଚ୍ଚରେ ହେବାର ଆଶା ରହିଛି। ନୂଆ ଡଷ୍ଟର ଆଧୁନିକ ଡିଜାଇନ, ଡୁଆଲ ସ୍କ୍ରିନ୍, ଉନ୍ନତ ଫିଚର୍ସ ଓ ଶକ୍ତିଶାଳୀ ଇଞ୍ଜିନ ସହ ଆସୁଛି। ଏହି ଏସ୍‌ୟୁଭି ପୂର୍ବରୁ ଭାରତରେ ମିଡ୍-ସାଇଜ ଏସ୍‌ୟୁଭି ସେଗ୍‌ମେଣ୍ଟ ଆରମ୍ଭ କରିଥିଲା।

# ସାମଲ ଅଟୋ ଇଣ୍ଡିଆର ନୂଆ ଶୋ'ରୁମ୍ ଉଦ୍‌ଘାଟିତ



**ବାରିପଦା,୨୦।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ମଞ୍ଚାବନ୍ଧା ଅଞ୍ଚଳରେ ଶୁକ୍ରବାର ସାମଲ ଅଟୋ ଇଣ୍ଡିଆର ଆଧୁନିକ ସୁବିଧା ସମ୍ପନ୍ନ ଶୋ' ରୁମ୍ ଓ ସର୍ଭିସ୍ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ମୟୂରଭଞ୍ଜ ଜିଲା ସମେତ ଆଖପାଖ ଅଞ୍ଚଳର ଟାଟା ଟ୍ରକ୍ ଗ୍ରାହକମାନେ ଏହା ଦ୍ୱାରା ବିଶେଷ ଉପକୃତ ହେବେ ବୋଲି ଆଶା କରାଯାଉଛି। ଏଠାରେ ଗାଡ଼ି ବିକ୍ରି, ଅସଲି ଯନ୍ତ୍ରାଂଶ ଉପଲବ୍ଧତା, ନିୟମିତ ମେଣ୍ଟେନାନ୍ସ ଓ ବିକ୍ରି ପରବର୍ତ୍ତୀ ସମ୍ପୂର୍ଣ୍ଣ ସର୍ଭିସ୍ ସୁବିଧା ଗୋଟିଏ ସ୍ଥାନରେ ମିଳିବାର ବ୍ୟବସ୍ଥା ହୋଇଛି । ପୂର୍ବରୁ କେନ୍ଦୁଝର, ବଡ଼ବିଲ, ଯୋଡ଼ା, ଭଦ୍ରକ, ବାଲେଶ୍ୱର, ଅନୁଗୋଳ ଓ ତାଳଚେର ଭଳି ଅଞ୍ଚଳରେ ସାମଲ ଅଟୋ ଟାଟା ଟ୍ରକ୍‌ର ଅଧିକୃତ ବିକ୍ରେତା ଭାବେ କାର୍ଯ୍ୟ କରୁଛି। ସାମଲ ଅଟୋ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଗଙ୍ଗାଧର ସାମଲ, ଟାଟା ମୋଟର୍ସର ଜୋନାଲ ମ୍ୟାନେଜର (ଇଷ୍ଟ) ରଣବୀର ସିଂ କନୱାର, ଆର୍‌ଏମ୍ (ଓଡ଼ିଶା ଓ ପଶ୍ଚିମବଙ୍ଗ) ପୀୟୂଷ ମିତ୍ର, ଆରଏସ୍‌ଏମ୍ ଅର୍ଣ୍ଣବ ନନ୍ଦନ ଓ ଷ୍ଟେଟ ପ୍ରଡକ୍ଟ ମ୍ୟାନେଜର ଈଶ୍ୱର ଯାଦବ ଉପସ୍ଥିତ ଥିଲେ। ସାମଲ ଅଟୋ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଗଙ୍ଗାଧର ସାମଲ, ନିର୍ଦ୍ଦେଶକ ଡ. ଅବିନାଶ ସାମଲ, ସିଇଓ ରାଜେଶ ମହାନ୍ତି, ଜିଏମ୍ ମନୋଜ ମିଶ୍ର, ଜିଏମ୍ (ସର୍ଭିସ୍) ରାଜେଶ ଦୁବେ ଓ ଶାଖା ପରିଚାଳକ ସୁଦୀପ୍ତ ମହାନ୍ତି, ଚିଫ ଫାଇନାନସିଆଲ ଅଫିସର ଶରତ ସ୍ୱାଇଁ, ସୁଶାନ୍ତ ରାଉତ, ରାଜେଶ ସିଂ, ରାଜରତନ ସେଠୀ, ରାଜେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ନାରାୟଣୀ ମୋଟର୍ସରେ ମାରୁତି ଇ-ଭିଟାରା ଅନାବରଣ




**ଭୁବନେଶ୍ୱର,୨୦।୨(ଅନୁରାଧା ମହାରଣା)**

ଭୁବନେଶ୍ୱର ସୂର୍ଯ୍ୟନଗରସ୍ଥିତ ମାରୁତି ସୁଜୁକି ପ୍ରାଧିକୃତ ଡିଲର ନାରାୟଣୀ ମୋଟର୍ସ ପକ୍ଷରୁ ମାରୁତି ଇ-ଭିଟାରା ଏସ୍‌ୟୁଭି କାର୍‌ର ଶୁକ୍ରବାର ବଜାର ପ୍ରବେଶ କରାଯାଇଛି। ଏସ୍‌ବିଆଇ ଡିଜିଏମ୍ ପ୍ରଶାନ୍ତ କୁମାର, ଏସ୍‌ବିଆଇ ଆର୍‌ଏମ୍ ଅନୀଲ ମିଶ୍ର, ଏମ୍‌ଏସ୍‌ଆଇଏଲ୍‌ର ରିଜିଓନାଲ ମ୍ୟାନେଜର ଗୌରବ ଦାବେ, ଟିଏସ୍‌ଏମ୍ ସୌରଭ ୟାଡୁ, ଡିଲର ପ୍ରିନ୍ସିପାଲ ତଥା ନାରାୟଣୀ ମୋଟର୍ସର ମ୍ୟାନେଜିଂ ଡାଇରେକ୍ଟର ପୁରୁଷୋତ୍ତମ ବୁଦ୍ଧରାଜ ଏବଂ ଜିଏମ୍ ବିଭୁଦତ୍ତ ପଣ୍ଡା ଯୋଗଦେଇ ଏହାର ଅନାବରଣ କରିଥିଲେ। ଏହି ଯାନଟି ବ୍ୟାଟେରି-ଆଜ୍-ଏ-ସର୍ଭିସ୍ (ବାସ୍) ମଡେଲ ଅଧୀନରେ ୧୦.୯୯ ଲକ୍ଷ ଟଙ୍କାରୁ ଆରମ୍ଭ ମୂଲ୍ୟରେ ଉପଲବ୍ଧ ହେବ। ପ୍ରତି କିଲୋମିଟର ପାଇଁ ୩.୯୯ ଟଙ୍କା ପୃଥକ୍ ଭାବରେ ବ୍ୟାଟେରି ବ୍ୟବହାର ପାଇଁ ଚାର୍ଜ କରାଯିବ। କମ୍ପାନୀ ପକ୍ଷରୁ କୁହାଯାଇଛି, ଏହି କାର୍ ୫୪୩ କିଲୋମିଟରରୁ ଅଧିକ ଏକ ଡ୍ରାଇଭିଂ ରେଞ୍ଜ ପ୍ରଦାନ କରୁଛି ଯାହା ଇ ଫର୍ ମି ଚାର୍ଜିଂ ଇକୋସିଷ୍ଟମ ଦ୍ୱାରା ସମର୍ଥିତ। ଇ ଭିଟାରା ୬୧ କିଲୋୱାର୍ଟ ଏବଂ ୪୯ କିଲୋୱାର୍ଟ ବ୍ୟାଟେରି ପ୍ୟାକ୍ ବିକଳ୍ପ ସହ ଉପଲବ୍ଧ ରହିଥିବା ବେଳେ ୱାରେଣ୍ଟି ୮ ବର୍ଷ ରହୁଛି। ଯାନର ୩ ବର୍ଷ ୱାରେଣ୍ଟି କମ୍ପାନୀ ତରଫରୁ ଦିଆଯାଇଥିବା ବେଳେ ଏହା ୮ ବର୍ଷକୁ ବୃଦ୍ଧି କରିବାର ବିକଳ୍ପ ରହିଛି। ଏଥିରେ ଉନ୍ନତ ଡ୍ରାଇଭର ସହାୟତା ସିଷ୍ଟମ ଅନୁକୂଳ କ୍ରୁଜ୍ ନିୟନ୍ତ୍ରଣ, ଲେନ୍ କିପ୍ ଆସିଷ୍ଟ, ବ୍ଲାଇଣ୍ଡ ସ୍ପଟ୍ ମନିଟରିଂ, ସ୍ୱୟଂଚାଳିତ ଜରୁରିକାଳୀନ ବ୍ରେକିଂ ସୁବିଧା ରହିଛି। ଏଥିରେ ୭ଟି ଏୟାରବ୍ୟାଗ୍ ସୁରକ୍ଷା ମାନକ ଉପକରଣ ଭାବରେ ପ୍ରଦାନ କରାଯାଇଛି। ଏହାର ଭିତର ଇଣ୍ଟେରିୟରର ମଧ ଷ୍ଟାଇଲିଶ ରହିଛି। ଭାରତ ଏନ୍‌ସିଏପି ସୁରକ୍ଷା ରେଟିଂରେ ଏହା ୫ ଷ୍ଟାର ପାଇଥିବା ବେଳେ ଆଡଭାନ୍ସଡ୍ ବ୍ୟାଟେରି ପ୍ରୋଟେକ୍ସନ ସିଷ୍ଟମ ଗ୍ରାହକଙ୍କୁ ସୁହାଇବ ବୋଲି କମ୍ପାନୀ ତରଫରୁ କୁହାଯାଇଛି।

# ଭିଆଇଟି ଉପାଧ୍ୟକ୍ଷଙ୍କୁ ଥାଇଲାଣ୍ଡ ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡକ୍ଟରେଟ୍



**ଭୁବନେଶ୍ୱର,୨୦।୨**

ଭେଲୋର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଭିଆଇଟି)ର ଉପାଧ୍ୟକ୍ଷ ଶଙ୍କର ବିଶ୍ୱନାଥନଙ୍କୁ ଥାଇଲାଣ୍ଡର ରାଜାମାଙ୍ଗଲା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି କ୍ରୁଙ୍ଗ୍‌ଥେପ୍ ଦ୍ୱାରା ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି ମ୍ୟାନେଜମେଣ୍ଟରେ ସମ୍ମାନସୂଚକ ଡକ୍ଟର ଅଫ୍ ଫିଲୋସଫି ଡିଗ୍ରୀ ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟ ପରିଷଦର ଅନୁମୋଦନ ପରେ ଜାନୁଆରୀ ୮ରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ସମ୍ମାନ ଶଙ୍କରଙ୍କର ଅସାଧାରଣ ନେତୃତ୍ୱ, ବୃତ୍ତିଗତ ସଫଳତା ଏବଂ ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି ମ୍ୟାନେଜମେଣ୍ଟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ମାନ୍ୟତା ଦେଉଛି। ଥାଇଲାଣ୍ଡର ପ୍ରିଭି କାଉନସିଲର ପାଲାକୋର୍ନ ସୁୱାନରାଥ ଏବଂ ଆର୍‌ଏମ୍‌ୟୁଟିକେର ଅଧ୍ୟକ୍ଷ ଡ. ପିଚାଇ ଜାନମାନିଏ ଏହି ଡିଗ୍ରୀ ପ୍ରଦାନ କରିଥିଲେ। ଏହି ଅବସରରେ ଡକ୍ଟର ଶଙ୍କର ଭାରତ ଓ ଥାଇଲାଣ୍ଡର ସାଧାରଣ ସଂସ୍କୃତି ଓ ଜ୍ଞାନ ବ୍ୟବସ୍ଥାକୁ ଉଲ୍ଲେଖକରି ୨ ଦେଶ ମଧ୍ୟରେ ଅଧିକ ସକ୍ରିୟ ଶିକ୍ଷାଗତ ସହଯୋଗ ପାଇଁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନରେ ଭିଆଇଟି ଚାନ୍ସେଲର ଜି. ବିଶ୍ୱନାଥନ, ଆସିଷ୍ଟାଣ୍ଟ ଭାଇସ୍ ପ୍ରେସିଡେଣ୍ଟ ରମଣୀ ବାଲସୁନ୍ଦରମ, କଧମ୍ବରୀ ଏସ୍. ବିଶ୍ୱନାଥନ ଏବଂ ଡ. ଶ୍ରବଣ କୃଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ।

# 'ଷ୍ଟାର୍ ଇନ୍‌ଫ୍ଲୁଏନ୍ସର ଅଫ୍ ଓଡ଼ିଶା ୨୦୨୫' ଉଦ୍‌ଯାପିତ

## ଅରୁନ୍ଧତୀ ଜୁଏଲର୍ସର ନୂଆ ବ୍ରାଣ୍ଡ ଆମ୍ବାସାଡର ହେଲେ ଶିବାନୀ

**ଭୁବନେଶ୍ୱର,୨୦।୨(ଅନୁରାଧା ମହାରଣା)**

'ଅରୁନ୍ଧତୀ ଜୁଏଲର୍ସ' ପକ୍ଷରୁ ଗତ ୧ ମାସ ଧରି ଚାଲିଥିବା ଡିଜିଟାଲ ପ୍ରତିଯୋଗିତା 'ଷ୍ଟାର୍ ଇନ୍‌ଫ୍ଲୁଏନ୍ସର ଅଫ୍ ଓଡ଼ିଶା ୨୦୨୫' ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସର ବର୍ତ୍ତମାନର ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ସାହୁଙ୍କ ଉପସ୍ଥିତିରେ ଓଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ଶିବାନୀ ସଙ୍ଗୀତାଙ୍କୁ ଅରୁନ୍ଧତୀ ଜୁଏଲର୍ସର ନୂତନ 'ବ୍ରାଣ୍ଡ ଆମ୍ବାସାଡର' ଭାବେ ଘୋଷଣା କରାଯାଇଛି। ଅର୍ଚ୍ଚିତାଙ୍କ ସହ ଯୋଡ଼ିହୋଇ ଏବେ ଶିବାନୀ ଅରୁନ୍ଧତୀର ପ୍ରଚାର ପ୍ରସାର କରିବେ। ଅରୁନ୍ଧତୀ ପକ୍ଷରୁ ଅନୁଷ୍ଠିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୫୩୮ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ମୋଟ ୫୨ ଜଣ ଇନ୍‌ଫ୍ଲୁଏନ୍ସର ପ୍ରତିଯୋଗିତାର ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲେ। ବିଚାରକ ମଣ୍ଡଳୀରେ ଓଲିଉଡ୍ ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ଗୀତିକାର ଅରୁଣ ମନ୍ତ୍ରୀ ଏବଂ ଆଙ୍କର ଶୋଭନା ମିଶ୍ର ଯୋଗଦେଇ ବିଜେତା ଚୟନ କରିଥିଲେ। ଅଂଶଗ୍ରହଣ କରିଥିବା ସମସ୍ତ ଇନ୍‌ଫ୍ଲୁଏନ୍ସରଙ୍କୁ ସେମାନଙ୍କର କଣ୍ଟେଣ୍ଟ ପାଇଁ ସମ୍ବର୍ଦ୍ଧିତ କରାଯାଇଛି । ଅଭିଷେକ ଦାସ ନିଜର ଚମତ୍କାର ପ୍ରଦର୍ଶନ ପାଇଁ ପ୍ରଥମ ବିଜେତା ଭାବେ ୧ଲକ୍ଷ ଟଙ୍କାର ପୁରସ୍କାର ରାଶି ହାସଲ କରିଥିବା ବେଳେ ଶ୍ରଦ୍ଧା ବ୍ଲଗ୍ସ ୨ୟ ସ୍ଥାନ ସହ ୬୦ ହଜାର ଟଙ୍କା ଏବଂ ଡ. ମୟୀ ମାହେଶ୍ୱରୀ ୩ୟ ବିଜେତା ଭାବେ ୪୦ ହଜାର ଟଙ୍କା ଜିତିଛନ୍ତି। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଥିଲେ, ଓଡ଼ିଶାର ପ୍ରତିଭାବାନ୍ ଯୁବପିଢ଼ିଙ୍କୁ ଏକ ଉପଯୁକ୍ତ ପ୍ଲାଟ୍‌ଫର୍ମ ପ୍ରଦାନ କରିବା ଆମର ମୁଖ୍ୟ ଲକ୍ଷ୍ୟ ଥିଲା। ଏହି ପ୍ରତିଯୋଗିତା ମାଧ୍ୟମରେ ଆମେ ଡିଜିଟାଲ ପ୍ଲାଟ୍‌ଫର୍ମରେ ୨୦ ମିଲିୟନରୁ ଅଧିକ ଭ୍ୟୁଜ୍ ପାଇ ଏକ ନୂତନ ରେକର୍ଡ ସୃଷ୍ଟି କରିଛୁ।




# ଅନୁଗୋଳରେ କାରାଟ୍‌ଲେନ୍‌ର ୩୬୬ତମ ଷ୍ଟୋର

**ଅନୁଗୋଳ,୨୦।୨(ମାନସ ବିଶ୍ୱାଳ)**

ଅନୁଗୋଳ ସହର ଶଙ୍କର ସିନେମା ରୋଡ୍‌ରେ ଗହଣା ବ୍ରାଣ୍ଡ କାରାଟ୍‌ଲେନ୍‌ର ପ୍ରଥମ ଷ୍ଟୋର ଶୁକ୍ରବାର ଉଦ୍‌ଘାଟନ ହୋଇଛି। ଏହାକୁ କାରାଟ୍‌ଲେନ୍‌ର ବିଜ୍‌ନେସ୍ ପାର୍ଟନର ପ୍ରଦୀପ ଗୁପ୍ତାଙ୍କ ମା' ଗୀତାଦେବୀ ଗୁପ୍ତା ଉଦ୍‌ଘାଟନ କରିଥିଲେ। କାରାଟ୍‌ଲେନ୍‌ର ଅନ୍ୟତମ ପାର୍ଟନର ଅବିନାଶ ଛାପୋଲିଆ, ରିଜିଓନାଲ ମ୍ୟାନେଜର ଅର୍ପିତା ଦତ୍ତ, ରିଜିଓନାଲ ମାର୍କେଟିଂ ମ୍ୟାନେଜର ଆୟୁଷ୍ମାନ୍ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ସାରା ଦେଶରେ ଏହା କାରାଟ୍‌ଲେନ୍‌ର ୩୬୬ତମ ଷ୍ଟୋର। କାରାଟ୍‌ଲେନ୍ ମ୍ୟାନେଜିଂ ଡାଇରେକ୍ଟର ସୌମେନ ଭୌମିକ କହିଛନ୍ତି, ଅନୁଗୋଳ ଷ୍ଟୋରରେ ଗ୍ରାହକମାନେ ସୁନ୍ଦର ଓ ସୁବିଧାଜନକ ପରିବେଶରେ ଡିଜାଇନ ଗୁଡ଼ିକୁ ଛୁଇଁ ଅନୁଭବ କରିବା ଓ ପିନ୍ଧି ଦେଖିବାର ସୁଯୋଗ ପାଇବେ। ଅନ୍ୟତମ ପାର୍ଟନର ଅବିନାଶ ଛାପୋଲିଆ କହିଛନ୍ତି, ଏହି ନୂତନ ଷ୍ଟୋରରେ ଗ୍ରାହକମାନଙ୍କ ପାଇଁ ଷ୍ଟଡେଡ୍ ଓ ଅନ୍‌ଷ୍ଟଡେଡ୍ ଡିଜାଇନର ସ୍ୱତନ୍ତ୍ର ସଂଗ୍ରହ ରହିଛି। ଏଥିରେ ବ୍ରାଣ୍ଡର ପ୍ରସିଦ୍ଧ କଲେକ୍ସନଗୁଡ଼ିକ ବଟରଫ୍ଲାଇ, ଆରଣ୍ୟା ଓ ଓମ୍ବ୍ରେ ରହିଛି। ଏଫ୍‌ଆର୍‌ଆଇଇଏନ୍‌ଡିଏସ୍ ଡିଜ୍‌ନି, ହ୍ୟାରି ପୋଟର ଓ ପେପା ପିଗ୍ କଲେକ୍ସନ ମଧ ଉପଲବ୍ଧ, ଯାହା ସ୍ମୃତିମୟ ଅନୁଭୂତିକୁ ଜୀବନ୍ତକରେ। ଏହି ଷ୍ଟୋରରେ ଆଧୁନିକ ମଙ୍ଗଳସୂତ୍ର, ନିତ୍ୟ ବ୍ୟବହାର୍ଯ୍ୟ କାନଫୁଲ ଓ କକ୍‌ଟେଲ୍ ରିଙ୍ଗ୍‌ସ ସହ ବିଭିନ୍ନ ଗହଣା ମଧ ରହିଛି।


# Classified Everyday

**0674-2580101, 9692975378**



**REAL ESTATE**

**SALE**

ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537. D-3215

Land for sale/make construction on sharing basis by a Government employee on his litigation free land in Bhubaneswar area. Contact directly- 9861336970/ 9861304988. D-3438

2BHKand3BHKavailable at Gangotrinagar, near Samantarapur, 6370641665. D-3436



**CONSTRUCTION**

Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469. D-3190

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com




2 Office space- 1. 2150 sqft. in 1st floor, 2. 780 sqft. in 2nd floor fully furnished office, at 5- Janpath, Unit- 3, Kharvelnagar behind Kalsi Petrol Pump, Bhubaneswar, Odisha- 751001. Readily available to operate. Contact: 9437001845/ 7504050186. D-3413

**HEALTH CARE**

All types of physiotherapy and massage contact 9556924059 / 7656969134. D-3416

**LOST**

ମୁଁ, ଶ୍ରୀମତୀ ସୁଭାଶ୍ରୀ ଦାସ, ପିତା- ଶ୍ରୀ ରବୀନ୍ଦ୍ରନାଥ ଦାସ, ସ୍ୱାମୀ- ଶ୍ରୀ ରାଜେନ୍ଦ୍ର ନାରାୟଣ ବେହେରା, ବସବାସୀ- ପ୍ଲଟ୍ ୩୪୧, ଅମରାଉଳ, ନମାରୋ, ଅସ୍ତରଙ୍ଗ, ପୁରୀ, ଓଡ଼ିଶା- ୭୫୨୧୦୯, ସାଧାରଣ ଲୋକଙ୍କୁ ଏହିମାଧ୍ୟମରେ ସୂଚନା ଦେଉଛି ଯେ ମୂଳ ଲିଙ୍କଡ୍ ସେଲ୍ ଡିଡ୍ ନଂ. ୧୧୧୨୧୦୦୧୭୪୦, ତାରିଖ ୧୬.୦୮.୨୦୧୦, ଯାହା ପ୍ଲଟ୍ ନଂ. ୬୦୯, ଖାତା ନଂ ୧୦୩, ମୌଜା- ଦୁର୍ଗାପୁର, ତହସିଲ- ଜଟଣୀ, ଖୋର୍ଦ୍ଧା, ଓଡ଼ିଶା ସମ୍ବନ୍ଧୀୟ, ସେହି ଦଲିଲ ହଜିଯାଇଛି ଏବଂ ଅନେକ ଖୋଜିଲେ ମଧ ମିଳୁନାହିଁ। ଏହି ଦଲିଲ ସମ୍ବନ୍ଧିତ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ରେକର୍ଡ ରହିଛି ଏବଂ ଏହା ଏକ ମୂଲ୍ୟବାନ ମାଲିକାନା ପତ୍ର। ଏହା ସମ୍ବନ୍ଧରେ ବଡଗଡ ପୋଲିସ୍ ଷ୍ଟେସନ୍, ଭୁବନେଶ୍ୱରରେ ଅଭିଯୋଗ ନଂ. ୦୧୪, ତାରିଖ ୧୧.୦୨.୨୦୨୬ ରେ ଦାଖଲ କରାଯାଇଛ। କେହି ଏହି ମୂଳ ଦଲିଲ ପାଇଥିଲେ କିମ୍ବା ନିଜ ଅଧୀନରେ ରଖିଥିଲେ, ପ୍ରକାଶନ ତାରିଖରୁ ୧୫ ଦିନ ମଧ୍ୟରେ ନିମ୍ନୋକ୍ତ ଠିକଣାରେ ଫେରାଇବାକୁ ଅନୁରୋଧ କରାଯାଉଛି। ଏହି ସମ୍ପତ୍ତି ସମ୍ବନ୍ଧରେ କାହାରି କୌଣସି ଦାବିଥିଲେ, ୧୫ ଦିନ ମଧ୍ୟରେ ଲିଖିତ ଭାବେ ଜଣାଇବେ, ନହେଲେ ପରବର୍ତ୍ତୀ ସମୟରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ। ଯୋଗାଯୋଗ: ୯୭୬୯୯୮୯୬୦।

ଶ୍ରୀମତୀ ସୁଭାଶ୍ରୀ ଦାସ
ଧ-୩୪୩୫

**AFFIDAVIT**

By virtue of an affidavit dtd.- 20.02.2026 sworn before Executive Magistrate, Bhadrak, I, Somesh Bilas, S/o.- Rabindra Bilas, Vill.- Tarafraipur P.O.- Raipur, P.S.- Bansada, Dist.- Bhadrak, Odisha, PIN- 756129, Odisha declare that I have changed my name from Saumesha Bilas to Somesh Bilas. Henceforth, I shall be known as Somesh Bilas for all purposes. D-3437

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଁ ଅନ୍ନପୂର୍ଣ୍ଣା ସାହୁ**

ଆବିର୍ଭାବ: ୨୬।୦୩।୧୯୫୪
ତିରୋଧାନ: ୧୧।୦୨।୨୦୨୬

ବୋଉ, ଚାହୁଁ ଚାହୁଁ ୧୧ ଦିନ ବିତିଗଲା। ମନେ ପଡେ ତୁମର ସେହି ହସ ହସ ମୁହଁ, ସ୍ନେହ, ଆଦର୍ଶ ଓ ଅନ୍ୟକୁ ସ୍ନେହ ପ୍ରେମରେ ବାନ୍ଧିରଖିବାର ମଣିଷପଣିଆ। ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-
ପୁଅ, ବୋହୂ, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୩୪୩୩

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଁ ନୃସିଂହ ଚରଣ ପଟ୍ଟନାୟକ**

ଆବିର୍ଭାବ : ୦୬।୦୪।୧୯୫୬
ତିରୋଧାନ : ୧୦।୦୨।୨୦୨୬

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-
ଧର୍ମପତ୍ନୀ- ପ୍ରତିଭା ପଟ୍ଟନାୟକ, ଝିଅ- ଆଦ୍ୟାଶା ପଟ୍ଟନାୟକ, ପୁତ୍ର- ଅମିତ କୁମାର ପଟ୍ଟନାୟକ, ବନ୍ଧୁ ଓ ପରିବାରବର୍ଗ।
ଧ-୩୪୩୪

# ଜୀବନ

**ଗଳ୍ପ**

**ଶୁଭେନ୍ଦୁ କୁମାର ମହାପାତ୍ର**

ସେ ଦିନ ଅଫିସ୍ ଛୁଟିଥାଏ। ପ୍ରତାପ ଟିକେ ଡେରିରେ ଶଯ୍ୟାତ୍ୟାଗ କଲେ। ସ୍ତ୍ରୀ ପ୍ରଜ୍ଞା ଚା କପ୍‌ଟି ବଢ଼େଇ ଦେଇ ଭିତରକୁ ଚାଲିଗଲେ। ପ୍ରତାପ ଚା ପିଇସାରି ପ୍ରଜ୍ଞାଙ୍କୁ ଡାକି ପଚାରିଲେ ବଜାରରୁ କିଛି ଆସିବ କି? ହଁ, ତୁମର ଯାହା ଖାଇବାକୁ ଇଚ୍ଛା ଆଣିବ ମୁଁ କରିବାକୁ ପ୍ରସ୍ତୁତ ଅଛି। ହଉ ବ୍ୟାଗ୍‌ଟା ଦିଅ, ପ୍ରଜ୍ଞା ବ୍ୟାଗ୍ ବଢ଼େଇ ଦେଇ କହିଲେ– ବାପା ସକାଳୁ ଫୋନ୍ କରିଥିଲେ। ପ୍ରଶ୍ନିଳ ଦୃଷ୍ଟିରେ ସ୍ତ୍ରୀଙ୍କ ମୁହଁକୁ ଚାହିଁଲେ ପ୍ରତାପ। ଜାଣିବାକୁ ଚାହୁଁଥିଲେ କେଉଁ ବାପା, ଅର୍ଥାତ୍ ପ୍ରଜ୍ଞାଙ୍କ ବାପା କି ପ୍ରତାପଙ୍କ ବାପା। ଅବଶ୍ୟ ପ୍ରଜ୍ଞାଙ୍କ ମୁଖମଣ୍ଡଳରୁ ସ୍ପଷ୍ଟ ଅନୁମାନ କରିହେଉଥିଲା ତାଙ୍କ ବାପା ଫୋନ୍ କରିଥିଲେ।

ହଁ ମୋ' ବାପା ଫୋନ୍ କରିଥିଲେ। କ'ଣ କହୁଥିଲେ?

ପୁପୁନର ବାହାଘର କଥା କହୁଥିଲେ। ଆଉ ମାତ୍ର ଦଶଦିନ ରହିଲା, ଏବେଠାରୁ ଯିବାକୁ ବାପା କହୁଛନ୍ତି।

ମୁହଁରେ କୃତ୍ରିମ ହସ ହସି ପ୍ରତାପ କହିଲେ ନିହାତି ଯିବାକଥା, ଗୋଟିଏ ବୋଲି ଭାଇ, ଛଅଟା ନା ନଅଟା, ତୁମେ ବଡ଼ ଭଉଣୀ; କ'ଣ ଆଜି ଯିବ? ମୋ' ପାଇଁ ଆଦୌ ବ୍ୟସ୍ତ ହେବାର କିଛି ନାହିଁ, ମୁଁ ଆଡ୍‌ଜଷ୍ଟ କରିନେବି। ତୁମେ କାଲି ବସ୍‌ରେ ଚାଲିଯାଅ, ପୁଅକୁ ବି ସାଙ୍ଗରେ ନେଇଯାଅ, ମୁଁ ବାହାଘର ପୂର୍ବଦିନ ସନ୍ଧ୍ୟାରେ ପହଞ୍ଚିବି। ଆଉ ବେଭାର ଯାହା ଦବାକଥା ଆଜି ଚାରିଟାବେଳେ କିଣି ଆଣିବା, ତୁମେ ତାକୁ ସାଙ୍ଗରେ ନେଇଯିବ।

ପ୍ରଜ୍ଞା ଟିକେ ଗେହ୍ଲେଇ ହୋଇ କହିଲେ, ମୁଁ କ'ଣ କହୁଥିଲି କି ଘରକୁ କେତେ ବନ୍ଧୁବାନ୍ଧବ ଆସିବେ। ସେହି ପୁରୁଣା ଲୁଗାଗୁଡ଼ା ବ୍ୟତୀତ ନୂଆ ଶାଢ଼ି ଖଣ୍ଡେ ନାହିଁ, ଗୋଟେ ଲାଲ୍‌ଖଇରୀ ରଙ୍ଗର ପାଟଶାଢ଼ି କିଣିଥାଆନ୍ତି। ପ୍ରତାପ ଭିତରେ ଭିତରେ ଟିକେ ଚିହିଁକି ଉଠିଲେ, ତଥାପି ନିଜକୁ ପ୍ରକୃତିସ୍ଥ କରିନେଇ କହିଲେ ଠିକ୍‌ଅଛି, ଆଜି ସବୁ କିଣିଆଣିବା। କାରଣ ପ୍ରତାପ ଜାଣିଥିଲେ ବିନା ସୂଚନାରେ ବରଷିଯିବା ଅଭ୍ୟାସଟା ପ୍ରଜ୍ଞାଙ୍କର ଅଛି। ପ୍ରତାପଙ୍କ ଆଖି ଆଗରେ ସୁଦୀର୍ଘ ଛାୟାପଥଟିଏ, କାରଣ ସେ ଜଣେ ସ୍ୱଳ୍ପ ବେତନଭୋଗୀ କର୍ମଚାରୀ।

ମାସକୁ ମାସ ମା'ବାପାଙ୍କ ପାଇଁ ଖର୍ଚ୍ଚ ଦେବାକୁ ହୁଏ। ଏଠି ପୁଅର ପଢ଼ାଖର୍ଚ୍ଚ, ଘରଖର୍ଚ୍ଚ, ପୁଣି ଶଳାର ବାହାଘର, ସେଥିରେ ପତ୍ନୀଙ୍କର ଫର୍ମାଇସ ପାଟଶାଢ଼ି। କେଉଁ ଖର୍ଚ୍ଚ କାଟି କେଉଁଟିକୁ ରଖିବେ। ବିବାହ ବେଳେ ପାଟଶାଢ଼ି ପିନ୍ଧି ଆସିଥିଲେ ଯେ ଆଜିଯାଏ ଆଟାଚି ଭିତରେ ବିବାହର ସ୍ୱାକ୍ଷର ବହନ କରି ସାଇତା ହୋଇଛି। ଅପରାହ୍ଣରେ ପ୍ରତାପ ପ୍ରଜ୍ଞାଙ୍କୁ ବାହାରିବାକୁ କହିବାଇକ୍ ବାହାର କଲେ। ଠିକ୍‌ସମୟରେ ପୁଅକୁ ସାଥିରେ ଧରି ବାହାରିଗଲେ।

ବଜାର ଆଡ଼େ ଯିବା ବଦଳରେ ପ୍ରତାପ ମେଡିକାଲ ରାସ୍ତାରେ ଗାଡ଼ି ନେବାରୁ ପ୍ରଜ୍ଞା କହିଲେ ଇଆଡ଼େ କୁଆଡ଼େ?

ପ୍ରତାପ କହିଲେ, କଥା କ'ଣ କି ମୋର ଜଣେ ସାଙ୍ଗ ଅସୁସ୍ଥତା କାରଣରୁ ଏଠାରେ ଆଡ୍‌ମିଟ ହୋଇଛି, ତାକୁ ଟିକେ ଦେଖାକରି ଯିବା। ଶଲ୍ୟ ଚିକିତ୍ସା ବିଭାଗର ଦ୍ୱିତୀୟ ମହଲାରେ ଥିବା ସାଙ୍ଗ ପାଖରେ ପହଞ୍ଚି ପ୍ରତାପ ପଚାରିଲା– ଆରେ କେମିତି ଅଛୁ?

ହଁରେ ସାଙ୍ଗ, ଜୀବନ ଆଉ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ଜଣେ ରୋଗୀ କେମିତି ଥାଆନ୍ତା? ଗୋଡ଼ଟା ଥରେ କଟା ସରିବା ପରେ ଉପରକୁ ପୁଣି ପଚିବାକୁ ଲାଗିଛି। କେତେବେଳେ ଯେ ସମ୍ପୂର୍ଣ୍ଣ ଶରୀର ଖଣ୍ଡ ଖଣ୍ଡ ହୋଇ କଟା ହୋଇଯିବ ତାହା ବିଶ୍ୱନିୟନ୍ତା ହିଁ କହିପାରିବେ। ଆଖିକୋଣରେ ଲୁହ ଜକେଇ ଆସିଲା, ପ୍ରତାପ ପକେଟରୁ ରୁମାଲ କାଢ଼ି ସାଙ୍ଗ ଆଖିରୁ ଲୁହ ପୋଛିଦେଲା। ହଁରେ ସାଙ୍ଗ ଯାହା ବିଧିନିର୍ଦ୍ଦିଷ୍ଟ ତାହା ହିଁ ତ ନିଶ୍ଚୟ ହେବ, କିନ୍ତୁ ଆଉ ଟିକେ ଉନ୍ନତମାନର ଚିକିତ୍ସା ପାଇଁ ଆମେ ତତେ ହାଇଦ୍ରାବାଦ ନେବାକୁ ବ୍ୟବସ୍ଥା କରୁଛୁ, ତୁ ସେହି ପରମପିତାଙ୍କ ଉପରେ ଭରସା ରଖ, ସେ ଚାହିଁଲେ ସବୁ ଠିକ୍ ହୋଇଯିବ। ତୁମମାନଙ୍କ ପାଇଁ ଆଜିଯାଏ ବଞ୍ଚିଛି। ସାଙ୍ଗ ମୁଣ୍ଡରେ ହାତବୁଲେଇ ପ୍ରତାପ କହିଲା, ହଉ ସାଙ୍ଗ ମୁଁ ଆଜି ଟିକେ ବ୍ୟସ୍ତ ଅଛି, କାଲି ଆସେ ତୋ' ପାଖରେ ବସିବି, ଢେର୍‌ସାରା ଗପିବା। ବୁଲିପଡ଼ି ପ୍ରଜ୍ଞାଙ୍କୁ କହିଲେ– ଚାଲଯିବା। ପ୍ରତାପ ଠିକ୍ ଦେଖିପାରିଲେ ପ୍ରଜ୍ଞାଙ୍କ ଆଖିରୁ ଦୁଇବୁନ୍ଦା ଲୁହ ନିଗିଡ଼ି ପଡ଼ିଲା। ପୁଅ ପଚାରିଲା, ବାବା ଅଙ୍କଲଙ୍କର କ'ଣ ହୋଇଛି? ଚାଲ୍ କହୁଛି, ସମସ୍ତେ ଫେରିଲେ।

ସାଙ୍ଗ ସହିତ ପ୍ରଗାଢ଼ ଆତ୍ମୀୟତା ଦେଖି ବିମୁଗ୍ଧ ହୋଇପଡ଼ିଥିଲେ ପ୍ରଜ୍ଞା। ନିଜକୁ ଧିକ୍କାର କଲେ ପ୍ରଜ୍ଞା, ତୁଚ୍ଛାଟାରେ ଦୈନିକ ଅଫିସରୁ ଫେରିବା ଡେରି ପାଇଁ କେତେ ଯେ ଅରୁଚିକର କଟୁ ମନ୍ତବ୍ୟ ଦେଇଛନ୍ତି ତା'ର ହିସାବ ନାହିଁ। ଆଜି ମର୍ମେମର୍ମେ ଅନୁତାପ କରୁଥିଲେ ପ୍ରଜ୍ଞା। ପ୍ରତାପଙ୍କ ଜଞ୍ଜାଳର ଗଭୀରତାକୁ ମାପୁଥିଲେ। ସତରେ ଜଣେ ସାଙ୍ଗକୁ ନିଃସର୍ତ୍ତ ଭଲପାଇବା ଏକ ଦିବ୍ୟ ଚେତନାର ଉତ୍ତରଣ ନୁହେଁ ତ ଆଉ କ'ଣ?

ଶିଡ଼ିରୁ ଓହ୍ଲାଇବା ବେଳେ ପଚାରିଲେ, ଏମିତି କେମିତି ହେଲା? ପ୍ରତାପ କହିଲା, ସାଙ୍ଗଟା ମୋର ଦୁଃଖୀଟିଏ, ଦୀର୍ଘଦିନ ହେବ ମଧୁମେହ ରୋଗରେ ପୀଡ଼ିତ। ବାଇକ୍ ଧକ୍କାରେ ଗୋଡ଼ରେ ଗୋଟେ ଛୋଟିଆ କ୍ଷତ ହୋଇଥିଲା, ଯେତେ ଚିକିତ୍ସା କଲେ ମଧ ଶୁଖିଲା ନାହିଁ। ଗୋଡ଼ଟା ପଚିବାକୁ ଲାଗିଲା, ଡାକ୍ତରଙ୍କ ପରାମର୍ଶକ୍ରମେ ଗୋଡ଼ଟି ଆଣ୍ଠୁତଳକୁ ଥରେ କଟା ସରିବା ପରେ ପୁନର୍ବାର ପଚୁଛି। ଆଉ ସବୁଠାରୁ ଦୁଃଖର କଥା, ତା'ର ସେବା ଯତ୍ନ କରିବାକୁ ତା' ପାଖରେ ନିଜର ବୋଲି କେହି ନାହାନ୍ତି। କାରଣ କିଛି ବର୍ଷ ପୂର୍ବରୁ ସ୍ତ୍ରୀ କର୍କଟରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ବୁଢ଼ା ମା'ବାପା ଦୁଇଜଣ ଗାଁରେ ରୁହନ୍ତି। ତାଙ୍କରି ପାଖରେ ରହି ତା'ର ଏକମାତ୍ର ଝିଅ ଗାଁ ବିଦ୍ୟାଳୟରେ ପାଠ ପଢୁଛି। ଭଗବାନ୍ ତାକୁ ଏଭଳି ଦାରୁଣ ଦୁଃଖ ଦେଲେ କାହିଁକି କେଜାଣି? ଅଫିସ୍‌ରୁ ଅଧା ଦରମା କଟିଯାଉଛି, ଅବଶିଷ୍ଟ ଯାହା ମିଳେ ତା' ଚିକିତ୍ସା ଖର୍ଚ୍ଚକୁ ନିଅଣ୍ଟ। ଆମେ ସାଙ୍ଗମାନେ କିଛିକିଛି ନିଜ ଖର୍ଚ୍ଚ କାଟି ଦେଇଥାଉ। ଆଉ ପ୍ରତିଦିନ ତା' ପାଖରେ କିଛି ସମୟ କଟାଇଥାଉ, ଯାହାଫଳରେ ତା'ର ଟିକେ ଦୁଃଖ ଲାଘବ ହୁଏ।

ଏଥର ପ୍ରଜ୍ଞା ବୁଝିସାରିଥିଲେ ଜୀବନର ଅର୍ଥ କ'ଣ? ପ୍ରତାପ ବାଇକ୍ ଷ୍ଟାର୍ଟ କରି ବଜାରଆଡ଼େ ଚାଲିଲେ, ପ୍ରଜ୍ଞା କହିଲେ– ନାଇଁ ଘରକୁ ଚାଲ। ମୁଁ ସେହି ପୁରୁଣା ଶାଢ଼ିରେ ଭାଇ ବାହାଘର ଚଳେଇଦେବି। ମୋ' ପାଇଁ ଶାଢ଼ିକିଣା ଟଙ୍କାଟା ତୁମ ସାଙ୍ଗକୁ ଦେଇଦେବ। ଆଉ ତୁମେ ମଧ୍ୟ ତୁମର ସାମର୍ଥ୍ୟ ଅନୁସାରେ ସବୁପ୍ରକାର ସାହାଯ୍ୟ ସାଙ୍ଗକୁ କର, ତା'ପରେ ସାଙ୍ଗକୁ କହି ତାଙ୍କ ଝିଅଟିକୁ ନେଇଆସ ଆମ ପାଖରେ ରହି ପଢ଼ିବ। ହଁ ଶୁଣ, ରାତିରେ ଫେରିବା ତ ଦୂରର କଥା, ଆଦୌ ନ ଆସି ତୁମ ସାଙ୍ଗ ପାଖରେ ମେଡିକାଲରେ ରହିଲେ ମୋର କୌଣସି ଆପତ୍ତି ନାହିଁ। ଭଗବାନଙ୍କୁ ଏତିକି ପ୍ରାର୍ଥନା, ତୁମ ସାଙ୍ଗ ଖୁବ୍‌ଶୀଘ୍ର ଆରୋଗ୍ୟ ଲାଭ କରନ୍ତୁ! ଏଥର ପ୍ରତାପଙ୍କ ମୁଖମଣ୍ଡଳରେ ପ୍ରସନ୍ନଭାବ ଉକୁଟି ଉଠିଲା।

– ସତ୍ୟବିହାର, ପଳାଶୁଣି, ଭୁବନେଶ୍ୱର
ମୋ: ୯୪୩୮୦୬୪୯୦୮



## ପୁସ୍ତକ ପରିଚୟ

### ବିଦାୟ




**କବି:** କନିଷ୍କ
**ପ୍ରକାଶକ:** ପାଇନ୍ ବୁକ୍‌ସ, ତୁଳସୀପୁର, କଟକ
**ପ୍ରଥମ ପ୍ରକାଶ:** ୨୦୨୫,
**ମୂଲ୍ୟ:** ଟ.୧୫୦/–

ଆଲୋଚ୍ୟ କବିତାଗ୍ରନ୍ଥଟି ୫୧ଟି ଏପରି କବିତାର ଏକୀକରଣ, ଯାହା ସମକାଳୀନ ସମୟ ଓ ସମାଜର ବିସଂଗତି ପ୍ରତି କବିଙ୍କର ଉପ୍ରୋଧହୀନ ଚପେଟାଘାତ। ବହିରେ ଥିବା କବିତାଗୁଡ଼ିକ ପଢ଼ିଲେ ଯେତିକି ଆମୋଦଦାୟକ ମନେହୁଏ, ପରିବେଷଣ ତରିକାରୁ ସେତିକି ବିନ୍ଧେ ଭ୍ରଷ୍ଟାଚାର, ଅପଶାସନ ଓ ଅପସଂସ୍କୃତିରେ ଲିପ୍ତ ବାଚହୁଡ଼ା ଅମଣିଷମାନଙ୍କୁ। କେତୋଟି ଉଦାହରଣ ନେବା– ୧. ''ଦଳେ ଶୃଗାଳ... ବିଚିତ୍ର ଶୃଗାଳ/ ଖାଇଯା'ନ୍ତି ବିଷ୍ଠା/ ଫସଲ ଓ ପୁରସ୍କାର।''(ସାହିତ୍ୟ, ପୃ:୧୮), ୨. ''କିଏ ଲେଖେ ଆବର୍ଜନା/ କାଢ଼େ କାଗଜ/ ଚଲାଏ ଚ୍ୟାନେଲ୍/ x x କରେ ରକ୍ତପାତ/ ଠୁଂକେ ଲାଲସଲାମ୍? x x/ ଇଏ ମହାମ୍ଳେଚ୍ଛ/ ଅର୍ବାନ୍ ନକ୍‌ସଲ'' (ଅର୍ବାନ୍ ନକ୍ସଲ, ପୃ:୨୩), ୩. ''ଏକ ନମ୍ବର ମାଙ୍କଡ଼/ ଶୁଣେ ଆଉ କହେ/ କିଛି ଦେଖେନା/ ଦୁଇ ନମ୍ବର ମାଙ୍କଡ଼/ ଦେଖେ ଆଉ କହେ/ କିଛି ଶୁଣେନା/ ତିନି ନମ୍ବର ମାଙ୍କଡ଼/ ଶୁଣେ ଆଉ ଦେଖେ/ କିଛି କହେନା/ ମୁଁ କୋଉ ନମ୍ବରରେ ଯାଏ ହୋ?'' (ତିନି ମାଙ୍କଡ଼, ପୃ:୪୪), ୪. ''ନଅଙ୍କ ଦୁର୍ଭିକ୍ଷ/ ମାର୍ ଗୁଳି... ମାର୍ ଗୁଳି/ ଲକ୍ଷେ ଟନ୍ ଚାଉଳ ଗଲା/ ବିଲାତ ଗଲା/ କିଏ ଖାଇଲା/ ମାର୍ ଗୁଳି... ମାର୍ ଗୁଳି/ ମଲେ ଯୋଉ ୩୦ ଲକ୍ଷ/ ମାର୍ ଗୁଳି... ମାର୍ ଗୁଳି'' (ରେଭେନ୍‌ଶା... ହେଭେନ୍‌ଶା, ପୃ:୬୪)। ଏ ସବୁ ଉଦ୍ଧୃତିରୁ ଗ୍ରନ୍ଥସ୍ଥ କବିତାଗୁଡ଼ିକର ତିର୍ଯ୍ୟକ୍ ଉପସ୍ଥାପନା ଓ ବିଷୟ–ସଂଘାତକୁ ଲକ୍ଷ୍ୟ କରାଯାଇପାରେ। ''ପୁସ୍ତକଟି ହେଉଛି ଅବକ୍ଷୟଗ୍ରସ୍ତ ସମାଜ ସଂସ୍କୃତି, ପତନମୁଖୀ ମାନବୀୟ ମୂଲ୍ୟବୋଧର ନିଚ୍ଛକ ନିଟୋଳଚିତ୍ର'' ବୋଲି 'ପ୍ରଚ୍ଛଦ–ଲେଖ'ରେ ଯାହା କୁହାଯାଇଛି, ତାହା ନିରାଧାର ନୁହେଁ।

### ଅସମାପ୍ତ କାବ୍ୟ




**ଅନୁବାଦକ:** ଜୟକୃଷ୍ଣ ସାମଲ
**ପ୍ରକାଶକ:** ବାଣୀ ବିକାଶ, ମର୍କତ ନଗର, କଟକ
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୬୦/–

ଏହି ଅନୁବାଦ ଗ୍ରନ୍ଥରେ କୋଡ଼ିଏଟି ବଙ୍ଗଳା ଗଳ୍ପ ଓଡ଼ିଆକୁ ଭାଷାନ୍ତରିତ ହୋଇ ସ୍ଥାନିତ ହୋଇଛି। ଏଥିରେ ଯେଉଁ ବହୁ ବିଦିତ କଥାକାରମାନଙ୍କୁ ସାମିଲ କରାଯାଇଛି, ସେମାନଙ୍କ ମଧ୍ୟରେ ଅଛନ୍ତି ଶୀର୍ଷେନ୍ଦୁ ମୁଖୋପାଧ୍ୟାୟ, ବନଫୁଲ, ସୁନୀଲ ଗଙ୍ଗୋପାଧ୍ୟାୟ, ଡ. ଦୀପକଚନ୍ଦ୍ର, ତିଲୋତ୍ତମା ମଜୁମ୍‌ଦାର, ସମରେଶ ମଜୁମ୍‌ଦାର ଓ ପ୍ରମଥନାଥ ବିଶି ପ୍ରମୁଖ। 'ନିଜକଥା'ରେ ଅନୁବାଦକ ଲେଖିଛନ୍ତି: ''ସଂକଳନରେ ସନ୍ନିବେଶିତ ସମସ୍ତ ଗଳ୍ପରେ ଏକ ଗଭୀର ଅନ୍ତଃସ୍ୱର ନିହିତ। ଏହି ଅନ୍ତଃସ୍ୱର ମାନବିକ ନିର୍ଯାସରେ ଋଦ୍ଧିମନ୍ତ। ପ୍ରେମ, ଅସୂୟା, ଦୁର୍ବଳତା, ମିଳନ, ବିଚ୍ଛେଦ, ସମ୍ବେଦନଶୀଳତା, କାରୁଣ୍ୟ ଆଦି ମାନବିକ ଆଚରଣ ଗଳ୍ପଗୁଡ଼ିକରେ ପରିଲକ୍ଷିତ।'' ପୁସ୍ତକର ଶେଷ ଗଳ୍ପଟିକୁ ଶୀର୍ଷକ କରାଯାଇଛି ଓ ଏ ସମ୍ପର୍କରେ କୁହାଯାଇଛି: ''ଗଳ୍ପଟିର ସ୍ରଷ୍ଟା ବଙ୍ଗଳା ସାହିତ୍ୟର ପ୍ରଥିତଯଶା କଥାକାର ପ୍ରମଥନାଥ ବିଶି। ଗଳ୍ପଟି କବି କାଳିଦାସ ଓ ତାଙ୍କ କାବ୍ୟଗ୍ରନ୍ଥ 'କୁମାରସମ୍ଭବମ୍'କୁ ନେଇ। ମହାରାଜା ବିକ୍ରମାଦିତ୍ୟ ଏକ କୁଚକ୍ରୀ ଗୋଷ୍ଠୀର ପ୍ରରୋଚନାରେ ମହାକବି କାଳିଦାସଙ୍କୁ ନିର୍ବାସନ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସେ ମହାକାଳ ମନ୍ଦିରର ପ୍ରଧାନ ଦେବଦାସୀ ଶିଳାବତୀ ଓ କବିବନ୍ଧୁ ରିତୁଳଙ୍କଠାରୁ ବିଦାୟ ନେଇ ଉଜ୍ଜୟିନୀ ପରିତ୍ୟାଗ ପୂର୍ବକ ରାମଗିରି ଗମନ କରିଛନ୍ତି। ଗଳ୍ପଟି ଖୁବ୍ ହୃଦୟସ୍ପର୍ଶୀ ଓ ମନୋମୁଗ୍ଧକର।'' ଦୁଇ ଶହରୁ ଉର୍ଦ୍ଧ୍ୱ ପୃଷ୍ଠାର ଏହି ବହିଟି ଅନୁରାଗୀ ପାଠିକାପାଠକଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଆଶା।

### ଅସ୍ପର୍ଶୀ

**ଶୁଭସ୍ମିତା ତ୍ରିପାଠୀ**

ତୋ ଆଖିପତାରେ
ରାତିଏ ଗାଢ଼ ନିଦ ହେଇ
ମୁଁ ସେମିତି ଲାଖିଥିବି
ଯେମିତି ଘାସ ଉପରୁ ଝରୁ ନଥିବା କାକର,
ଖରା ହେଇ ସେମିତି ବିଞ୍ଚିଯିବି ତୋ ମୁହଁସାରା
ଯେମିତି ଅରଖ ଫୁଲଙ୍କ ଉପରେ
ଗାଢ଼ ରାତିର ଅନ୍ଧାର!

ତୁ ଆଇନାରେ ଦେଖିଲାବେଳେ ମୁହଁ
କାଚକାନ୍ଥର ସେପାଖରେ ମୁଁ
ହେଇଥିବି ତୋଅରି ହିଁ ହଳେ ଆଖି,
ତୁ ଗହିରେଇ ରୋଇଲା ବେଳେ ଧାନକେଣ୍ଡା
ହେଇଥିବି ଗୀତ ଗାଉଥିବା
ତୋ ପ୍ରିୟ ରଙ୍ଗର ପକ୍ଷୀ

କେବେଦିନେ ତୁ
ଫେରି ଆସୁଥିବୁ ଦେଉଳ ବେଢ଼ାରୁ
ମୁଁ, ଧୂପବାସ୍ନା ହେଇ ଥରେ ଥରେ
ମୁଦି ଦେଉଥିବି ତୋ ପତା,
ବେସୁରା ଗାଇଲା ବେଳେ ତୁ
ଭୁଲିଗଲେ କେଉଁ ଧାଡ଼ି,
ସେମିତି ସବୁଥର ହେଉଥିବି
ତୋ ପିଞ୍ଜରାରେ ଅଟକିଥିବା ଦଲକାଏ ନିଃଶ୍ୱାସ,
ତୋ ଛାତି ଭିତରର ଆକାଶେ ଶୂନ୍ୟତା!

ତୁ ଚୁପ୍‌ଚାପ୍ ଫେରି ଆସିଲାବେଳେ ସମୁଦ୍ର କୂଳରୁ
କେଉଁ ମୌସୁମୀର ଓଜନିଆ ଆଖିଝରା
ଧାରେ ଶୁଖିଲା ଲୁହ ହେଇ ଲାଖିଥିବି ତୋ ପାପୁଲିରେ;
ଦୂର ମେଘର ଅତରରେ
ତୋ ପାଇଁ ସଜ ହେଲାବେଳେ ନଈ,
ମୁଁ ଜିଉଥିବି ତୋ ସ୍ମିତହସର ଘନନୀଳ ରହସ୍ୟରେ

ତୁ ଆକାଶରେ ଲେଖିବୁ 'ଜହ୍ନ'
ଅନେକ କଇଁ ଶିହରି ଯିବେ ପୃଥିବୀର,
ଦୁଇ ପାହାଡ଼ ମଝିରେ ଲେଖିବୁ 'ଇନ୍ଦ୍ରଧନୁ'
ପକ୍ଷୀମାନେ ବାଛିନେବେ ପ୍ରିୟ ରଙ୍ଗ ନିଜ ନିଜର
ଧୂସର ମାଟିରେ ଲେଖିବୁ 'ଲାଲ ଗୋଲାପ'
ପତ୍ରେଇ ଯିବେ ଅନେକ ଶୁଖିଲା ଡାଳ ଓ ଡେମ୍ଫ

ପବନରେ ଲେଖିଲେ 'ଫାଲ୍‌ଗୁନ'
ଅୟୁତେ ଶିହରଣରେ ଭିଜିବେ ଋତୁ
କେଉଁ ଝରା ଶେଫାଳିର ଅଗଣାରେ
ମୁଁ ଲେଖୁଥିବି କବିତା,
ଦୂର ନୀଳ ନକ୍ଷତ୍ରରୁ ଠିକ୍ ଶୁଣିପାରୁଥିବି ବଂଶୀ,
ମୁଁ ବି ଥିବି ଅପହଞ୍ଚତାରେ ମେଘଙ୍କର,
ଆଉ କେଉଁଠି
କେଉଁ ଅପରିଚିତା ଝିଅର ବାଲ୍‌କୋନିରେ
ଜହ୍ନ ଭାଙ୍ଗୁଥିବ ଅଳସ, ସେତେବେଳେ
ତୁ ଶୁଣେଇଲା ବେଳେ ଜହ୍ନ
ସମୁଦ୍ରରେ ବୁଡୁଥିବାର ଗୀତ, ମୋ କବିତା ଖାତାର
ତୋ ପ୍ରିୟତମା ଓଠରେ ଲାଖି ରହିଥିବ
ବର୍ଷାରେ ଛାଡୁନଥିବା ସେଇ ଝିଲ୍‌ମିଲ୍ ଧାରେ ହସ!

ମୋ: ୮୪୮୦୮୬୭୧୯୦

**କବିତା**

### ନିଷିଦ୍ଧ ପୃଥିବୀ

**କୃଷ୍ଣା ମିଶ୍ର**

ଅନ୍ତହୀନ ଅନ୍ତରୀକ୍ଷ,
ସୀମାହୀନ ମହାଶୂନ୍ୟ
ଅଜଣା ଅଚିହ୍ନା ଏକ ନାମହୀନ ଗ୍ରହ
ଜଣାଥିବା ଗ୍ରହଠାରୁ ସୁନ୍ଦର ତା' ବର୍ଣ୍ଣଛଟା
ଦିଶୁଥିଲା ଅତିବେଶୀ କମନୀୟ ଆଉ ଲୋଭନୀୟ

ଜାଣିବାର ଇଚ୍ଛା ନେଇ ପଚାରିଲି
କାହା ମହା ଆକର୍ଷଣେ ବନ୍ଧା ତୁମେ
ନିର୍ଦ୍ଧାରିତ ତୁମ କକ୍ଷପଥ,
କାହା ଆଲୁଅରେ ତମେ ଝଟକୁଛ ହୀରା ଭଳି
କହିବ କି କିଏ ସେ ନକ୍ଷତ୍ର?

ପୃଥିବୀ ପରି କି ଅଛି ତମର ବି ଛାତି ତଳେ
ଜୀବନ୍ତ ଆଗ୍ନେୟଗିରି
ଟକମକ ଫୁଟୁଥିବା ତରଳ ତା' ଲାଭା
ବସନ୍ତ ହସାଏ କିବା ଫୁଲର ଫସଲ ସେଠି
ବରଷା ନିଖାରିଦିଏ ସବୁଜିମା ଶୋଭା?

କିଛିକ୍ଷଣ ନୀରବତା, ଧୀରେ ସେ ଉତ୍ତର ଦେଲା
ଜାଣିନାହିଁ ନିଜ ନାଁ, ଆପଣାର ପରିଚୟ,
ଅକ୍ଷ, କକ୍ଷ, ଇତିହାସ, ଭୂଗୋଳ ବା କେମିତି କହିବି?
ଜାଣିବାର ଇଚ୍ଛା ଯଦି ଏତିକି ହିଁ ମନେରଖ,
ତମ ପାଇଁ ମୁଁ ଏକ ନିଷିଦ୍ଧ ପୃଥିବୀ!

ମୋ: ୯୮୫୩୩୭୫୭୩୪

**ଗୀତି–କବିତା**

### ଏହା ମୋ' ଅନ୍ତର କଥା

**ବିଷ୍ଣୁମୋହନ**

କେ କହିପାରିବ କେବେ ଆସିଯିବ
ଜୁଇକୁ ଯିବାର ବେଳ
ପାଇ ଏ ଖବର ନିଶ୍ଚେ ତୁମର
ଆଖି ହେବ ଛଳଛଳ।

ତୁମେ ପ୍ରିୟା ମୋର ସୁଖ, ଦୁଃଖର
ସାଥୀଟିଏ ଚିରଦିନ
ଚାଲିଗଲେ ମୁହିଁ ଆକାଶକୁ ଚାହିଁ
ହୋଇଯିବ ବିଷଣ୍ଣ।

ଅଫେରା ରାଇଜେ ତୁମକୁ ଛାଡ଼ିକି
ଯେବେ ଗଲି ମୁହିଁ ଚାଲି
ରୂପ ବସନ୍ତ ଦେହେ ମଣ୍ଡିତ
ପାରିବିନି କେବେ ଭୁଲି।

ମୋ' ଜୁଇ ଜଳିବା ଥାନଟିକୁ ଯାଇ
ଫୁଲଟିଏ ହାତେ ଦେବ
ଜୋଛନା ପ୍ଲାବିତ ଆଲୋକରେ ମୋର
ଛବିଟିକୁ ଦେଖିନେବ।

ମୋ: ୭୨୦୫୭୫୮୨୫୫

**କାଳକାଳକୁ**



**''କବିର ଆଉ ଯାହା ପରିଚୟ ଥାଉ ନା କାହିଁକି, ଆଗ ସେ ଭାଷାକୁ ଭଲପାଉଥିବା ଜଣେ ବ୍ୟକ୍ତି।''**
**– ଡବ୍ଲ୍ୟୁ. ଏଚ୍. ଅଡେନ୍**

**ଡବ୍ଲ୍ୟୁ. ଏଚ୍. ଅଡେନ୍‌ଙ୍କ** ଜନ୍ମ ୨୧ ଫେବୃଆରୀ ୧୯୦୭ରେ ଇଂଲଣ୍ଡର ୟୋର୍କରେ ଓ ପରଲୋକ ୨୯ ସେପ୍ଟେମ୍ବରରେ ଅଷ୍ଟ୍ରିଆର ଭିଏନାରେ। ବିଷୟବସ୍ତୁ ଓ ଅବତାରଣା କୌଶଳରେ ବିବିଧତା ହେଉଛି ଏହି ବ୍ରିଟିଶ୍–ଆମେରିକୀୟ କବିଙ୍କର ପ୍ରଧାନ ବୈଶିଷ୍ଟ୍ୟ। ପ୍ରେମକୁ ନେଇ ରଚିତ 'Funeral Blues', ସମାଜକୁ ନେଇ ରଚିତ 'The Shield of Achilles' ଓ ସଂସ୍କୃତିକୁ ନେଇ ରଚିତ 'The Age of Anxiety' କବିତା ପାଇଁ ସେ ବିଶ୍ୱପ୍ରସିଦ୍ଧ। ବିଶ୍ୱ କବିତାକୁ ବୈଶିଷ୍ଟ୍ୟପୂର୍ଣ୍ଣ ଅବଦାନ ପାଇଁ ୧୯୪୮ରେ 'ପୁଲିଜର ପୁରସ୍କାର' ଦ୍ୱାରା ସେ ସମ୍ମାନିତ। କବି କହନ୍ତି: ''ପ୍ରେମ ବିନା ସହସ୍ରେ ଲୋକ ବଞ୍ଚିପାରନ୍ତି, କିନ୍ତୁ ପାଣି ବିନା ଜଣେ ବି ନୁହେଁ।''

# ଇଚ୍ଛା ଥିଲେ

**ଅନୁବାଦ ଗଳ୍ପ**

**ମୂଳ ରଚନା: ସୁଧା ମୂର୍ତ୍ତି**
**ଅନୁସୃଜନ: ଡ. ସୂଚନା ପାଢ଼ୀ**

ଅଳ୍ପଦିନ ପୂର୍ବେ ମୁଁ ଗୋଟିଏ କଲେଜକୁ ଯାଇଥିଲି। ସେଦିନର ଅତିଥି ଭାବେ ମୋତେ ଡାକିଥିଲେ ଅଧ୍ୟକ୍ଷ। ଉଦ୍‌ଘାଟନୀ ଉତ୍ସବ। ଦେଖିଲି, ଅଡିଟୋରିୟମ୍ ବେଶୀ ବଡ଼ ନ ହେଲେ ବି ସାଜସଜ୍ଜା ଖୁବ୍ ସୁନ୍ଦର ଥିଲା। ସୁନ୍ଦର ଡିଜାଇନ୍‌ରେ ତିଆରି ହୋଇଥିଲା। ଲୋକଗହଳିରେ ପରିପୂର୍ଣ୍ଣ ଅଡିଟୋରିୟମ୍‌ଟିରେ କେଉଁଠି ହେଲେ ସୋରିଷ ପକାଇବାକୁ ଜାଗା ନ ଥିଲା। ସେଠାର କାନ୍ଥଗୁଡ଼ିକରେ ଗ୍ରାନାଇଟ୍ ଲଗାଯାଇଥିଲା। ପ୍ରତ୍ୟେକ ଗ୍ରାନାଇଟ୍ ଖଣ୍ଡରେ ଦାନ ଦେଇଥିବା ଦାତାଙ୍କ ନାମ, କେତେ ଟଙ୍କା ଦେଇଛନ୍ତି ଖୋଦିତ ହୋଇଥିଲା। କାନ୍ଥରେ ଧାଡ଼ି ଧାଡ଼ି ହୋଇ ଫଟୋଗୁଡ଼ିକ ଝୁଲୁଥିଲା। ସେଥିପାଇଁ ମୋତେ ଟିକିଏ ଅବାଗିଆ ଲାଗିଲା।

ମୋ' ମନକଥା ବୁଝିପାରି କର୍ତ୍ତୃପକ୍ଷ କହିଲେ– ଆମେ ଡୋନେଶନ୍ ଦେବା ଲୋକଙ୍କୁ ଫଟୋ ଦେବା ପାଇଁ କହିଥିଲୁ, କିନ୍ତୁ ଅଳ୍ପଲୋକ ରାଜି ହୋଇଥିଲେ। ତା'ପରେ ଘୋଷଣା କଲୁ, ଯିଏ ହଜାରେ ଟଙ୍କାରୁ ଅଧିକ ଦେବ, ତା' ନାଁ ମାର୍ବଲ ପଥରରେ ଲେଖାହେବ।

ମୁଁ ପଚାରିଲି– ଯୋଉମାନେ ଦଶ ହଜାର ଟଙ୍କାରୁ ବେଶୀ ଦେବେ, ସେମାନଙ୍କୁ!

ସେ କହିଲେ, ଯୋଉମାନେ ବେଶୀ ଟଙ୍କା ଦେବେ, ତାଙ୍କ ନାଁ ସ୍ୱତନ୍ତ୍ର ମାର୍ବଲ୍‌ରେ ଲେଖାହେବ। ଆମର ଘୋଷଣା ଶୁଣି ଅନେକ ଲୋକ ଦାନ ଦେଇଥିଲେ। ଆମେ ବିଚାର କରି ସେହି ମାର୍ବଲ ପଥରକୁ କଲେଜର ପ୍ରବେଶ ପଥରେ ରଖିଥିଲୁ। ଏହାପରେ ଦେଖିଲୁ, ଯୋଉମାନେ ହଜାରେ ଟଙ୍କା ଦେଇଥିଲେ, ସେମାନେ ଥର ଥର କରି ପାଞ୍ଚ ହଜାର ଟଙ୍କାର ସମ୍ମାନ ପାଇବାକୁ ବ୍ୟାକୁଳ ହୋଇପଡ଼ିଲେ। ସ୍ଲାବ୍ ଉପରେ ନାଁ ଲେଖାହେବ ନା!

ଏ କଥା ସତ ଯେ, ଯେଉଁମାନଙ୍କ ପାଖରେ କଷ୍ଟାର୍ଜିତ ଧନ ଥିବ, ସେମାନେ କଦାପି ଏତେଟଙ୍କା ଦେଇପାରିବେ ନାହିଁ।

ବହୁ ବର୍ଷ ପୂର୍ବର ଗୋଟିଏ ଘଟଣା ମୋ' ମନକୁ ଆସିଲା। ମାରିଆପା ନାମକ ଜଣେ ଖ୍ୟାତନାମା ବ୍ୟବସାୟୀ ୧୯୧୪ ମସିହାରେ ଏମିତି ଏକ ଆୟୋଜନ କରିଥିଲେ। ଅବଶ୍ୟ ସେ ବେଶୀ ପାଠ ପଢ଼ିନଥିଲେ। ଅଥଚ ଗରିବ ପିଲାଙ୍କୁ ପାଠ ପଢ଼ିବା ପାଇଁ ଅକୁଣ୍ଠ ଚିତ୍ତରେ ଦାନ ଦେଇ ଆନନ୍ଦ ପାଉଥିଲେ। ସେହି ପିଲାଙ୍କୁ ଘରେ ରଖି ସେମାନଙ୍କୁ ଖାଇବା, ପିଇବା, ଲୁଗାପଟା ଦେଇ ସବୁପ୍ରକାର ଯତ୍ନ ନେଉଥିଲେ। ସେମାନଙ୍କର କଲେଜ ଫି' ମଧ୍ୟ ଦେଉଥିଲେ।

ସେହି ଭଦ୍ରଲୋକଙ୍କର ୧୯୧୪ ମାର୍ଚ୍ଚରେ ପରଲୋକ ହୋଇଥିଲା। ମୃତ୍ୟୁର ଆଠଦିନ ପୂର୍ବରୁ ସେ ତାଙ୍କ ସମ୍ପତ୍ତିର ଉଇଲ୍ କରିଥିଲେ, ସ୍ତ୍ରୀଙ୍କ ପାଇଁ ପେନ୍‌ସନ ବ୍ୟବସ୍ଥା ମଧ କରିଥିଲେ। ଦମ୍ପତି ନିଃସନ୍ତାନ ଥିଲେ। ସେମାନେ କଲେଜର ପୂଜାପୂଜି ସମୟରେ ଅନେକ ପୂଜା ସାମଗ୍ରୀ ଦେଉଥିଲେ। ଲୋକହିତକର କାମରେ ଟଙ୍କା ଖର୍ଚ୍ଚ କରିବାକୁ ତିଳେମାତ୍ର କୁଣ୍ଠିତ ନ ଥିଲେ। ତାଙ୍କର ଏ ପ୍ରକାର କାର୍ଯ୍ୟକଳାପ ପ୍ରଚାର ନ ହେଉ, ସେ କଥା ତାଙ୍କ ବ୍ୟବହାରରୁ ଜଣାପଡୁଥିଲା। ସେ କହନ୍ତି– ଡାହାଣ ହାତର ଦାନ ବାମହାତ ମଧ୍ୟ ଜାଣିବା ଅନୁଚିତ।

ପ୍ରାୟ ସାତବର୍ଷ ପର୍ଯ୍ୟନ୍ତ ମାରିଆପାଙ୍କ କାର୍ଯ୍ୟକଳାପ ଚାଲୁଥିଲା। ସେ ପ୍ରାୟ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିଲେ। ଅବଶ୍ୟ ସେତେବେଳେ ଟଙ୍କାର ମୂଲ୍ୟ ବହୁତ ଥିଲା। ତାଙ୍କ ଦାନର ଅର୍ଦ୍ଧେକ ହଷ୍ଟେଲ କରିବାରେ ବିନିଯୋଗ ହେଉଥିଲା। ମହୀଶୂରରେ ନୂଆ ବ୍ୟାଙ୍କ ଖୋଲିବା ପରେ ସେ ସେଠାରେ ଟଙ୍କା ଜମା କରୁଥିଲେ। ମାରିଆପା ଯେଉଁ ହଷ୍ଟେଲ ତିଆରି କରିଥିଲେ, ସେଇଟା ୧୯୨୧ ମସିହାରେ ଉନ୍ମୋଚନ ହୋଇଥିଲା। ବିଭିନ୍ନ ଅଞ୍ଚଳରୁ ଛାତ୍ରମାନେ ଆସି ସେଠାରେ ରହୁଥିଲେ। ସେ ତିଆରି କରିଥିବା ଟ୍ରଷ୍ଟକୁ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ପରିଚାଳନା କରୁଥିଲେ।



ମାରିଆପାଙ୍କ ନିର୍ମିତ ହଷ୍ଟେଲ୍ ଆଜି ତା'ର ଶତବାର୍ଷିକୀ ପାଳନ କରୁଛି, ତେଣୁ ମୋତେ ଅତିଥି ଭାବରେ ଉନ୍ମୋଚନ କରିବାକୁ ଡାକିଥିଲେ। ଗରିବ ପିଲାଙ୍କୁ ମାଗଣା ଶିକ୍ଷା ଦେଇ ସେ ସମାଜର ଯୋଉ ଉପକାର କରିଥିଲେ, ସେଥିପାଇଁ ଅମର ହୋଇ ରହିବେ। ତାଙ୍କ ମୃତ୍ୟୁ ପରେ ସେ ଦାୟିତ୍ୱ ବୁଝିବାକୁ କେହି ଆଗ୍ରହୀ ହୋଇ ନ ଥିବେ ବୋଲି ମୋର ଧାରଣା ହେଲା। ଏତେ କଷ୍ଟ! କିଏ ସହିବ? ଏତେ ବଡ଼ ଦାୟିତ୍ୱ କିଏ ନେବ?

ବ୍ରହ୍ମପୁର,
ମୋ: ୭୦୦୮୨୯୧୦୪୦

ଯୋଗାଯୋଗ: E-mail:dharitrisahityayana@gmail.com

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ